# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୦/୨୦୨୦ (୨୦ ପୃଷ୍ଠା) | Bhubaneswar, Monday, January 20/2020 | ★★★★★★

୪୬ଶ ଭାଗ ୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ୪ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କଲା ଶ୍ରୀଲଙ୍କା ନୌସେନା

ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ତାମିଲନାଡୁର ୪ ଜଣ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କା ନୌସେନା ଉଦ୍ଧାର କରିଛି। ରବିବାର ସେମାନେ ଶ୍ରୀଲଙ୍କା ନିକଟବର୍ତ୍ତୀ ସମୁଦ୍ରରେ ଥିବାବେଳେ ପ୍ରବଳ ବେଗରେ ପବନ ବହିବାରୁ ସେମାନଙ୍କ ବୋଟ୍ ବୁଡ଼ିଯାଇଥିଲା। ସେତେବେଳେ ସେମାନେ ଶ୍ରୀଲଙ୍କାଠାରୁ ୩୨ ନଟିକାଲ ମାଇଲ ଦୂର ନେଦୁନ୍ତିଭୁଠାରେ ମାଛ ଧରୁଥିଲେ। ବୋଟ୍ ବୁଡ଼ିଯାଉଥିବା ଦେଖି ଶ୍ରୀଲଙ୍କା ନୌସେନାର ପାଟ୍ରୋଲ ଟିମ୍ ସେମାନଙ୍କୁ ଉଦ୍ଧାର କରିବାକୁ ଧାଇଁ ଆସିଥିଲେ।

# ସିଏଏ ଅନାବଶ୍ୟକ, କିନ୍ତୁ ...

ଦୁବାଇ,୧୯।୧(ପି.ଟି.)



'ନାଗରିକତ୍ୱ ଆଇନ ଭାରତର ଆଭ୍ୟନ୍ତରୀଣ ବ୍ୟାପାର।
-ଶେଖ୍ ହାସିନା, ବାଂଲାଦେଶ ପ୍ରଧାନମନ୍ତ୍ରୀ


ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) ଭାରତର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କହିଛନ୍ତି। ତେବେ ଏଭଳି ଆଇନର ଆବଶ୍ୟକତା ନ ଥିଲା ବୋଲି ସେ ମତ ଦେଇଛନ୍ତି। ସିଏଏ ଅନୁଯାୟୀ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନରୁ ଆସିଥିବା ସଂଖ୍ୟାଲଘୁ ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ। ଏହି ବିବାଦୀୟ ଆଇନକୁ ଦେଇ ସାରା ଦେଶରେ ଆନ୍ଦୋଳନ ଜାରି ରହିଛି।

ଗଲ୍ଫ ନ୍ୟୁଜ୍‌କୁ ସାକ୍ଷାତ୍‌କାର ଦେଇ ହାସିନା କହିଛନ୍ତି, ଭାରତ ସରକାର କ'ଣ ପାଇଁ ଏଭଳି ଆଇନ ଆଣିଲେ ତାହା ସେ ବୁଝିପାରୁନାହାନ୍ତି। ଏହାର କୌଣସି ଆବଶ୍ୟକତା ନ ଥିଲା। ପୂର୍ବରୁ ବାଂଲାଦେଶର ବହିର୍ବ୍ୟାପାର ମନ୍ତ୍ରୀ ଏ.କେ. ଅବଦୁଲ ମୋମେନ ମଧ୍ୟ ସିଏଏ ଏବଂ ଏନ୍ଆର୍‌ସିକୁ ଭାରତର ଆଭ୍ୟନ୍ତରୀଣ ବ୍ୟାପାର କହିଥିଲେ। ତେବେ ଭାରତରେ ଏହାକୁ ନେଇ ଅନିଶ୍ଚିତତା ଦେଖାଦେଲେ ପଡୋଶୀ ଦେଶ ପ୍ରଭାବିତ ହେବେ ବୋଲି ସେ ଚିନ୍ତା ପ୍ରକଟ କରିଥିଲେ। ବାଂଲାଦେଶର ୧୬ କୋଟି ଲୋକଙ୍କ ମଧ୍ୟରୁ ୧୦.୭ ପ୍ରତିଶତ ହିନ୍ଦୁ ଓ ୦.୬ ପ୍ରତିଶତ ବୌଦ୍ଧ। ଧର୍ମୀୟ ବିଦ୍ୱେଷକୁ ନେଇ କୌଣସି ସଂଖ୍ୟାଲଘୁ ଭାରତ ଯାଇନାହାନ୍ତି। ସେହିପରି ଭାରତ ଯାଇଥିବା କୌଣସି ଶରଣାର୍ଥୀ ଫେରି ନ ଥିବା ବାଂଲାଦେଶ ପକ୍ଷରୁ କୁହାଯାଇଛି। ତେବେ ଭାରତରେ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ସତ୍ତ୍ୱେ ସିଏଏ ଏବଂ ଏନ୍ଆର୍‌ସି ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି ହାସିନା ସ୍ପଷ୍ଟ କରିଦେଇଛନ୍ତି। ଭାରତ ଓ ବାଂଲାଦେଶ ମଧ୍ୟରେ ସମ୍ପର୍କ ବର୍ତ୍ତମାନ ବହୁତ ଭଲ ରହିଛି। ବିଭିନ୍ନ କ୍ଷେତ୍ରରେ ଉଭୟ ପରସ୍ପରକୁ ସହଯୋଗ କରୁଥିବା ହାସିନା କହିଛନ୍ତି।

## କେରଳ ସରକାରଙ୍କୁ ରିପୋର୍ଟ ମାଗିଲେ ରାଜ୍ୟପାଳ

ଥିରୁଭାନନ୍ତପୁରମ୍,୧୯।୧(ପି.ଟି.)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ କେରଳର



'ନୀରବ ଦର୍ଶକ ନ ସାଜି ନାଗରିକତ୍ୱ ଆଇନକୁ ରାଜ୍ୟରେ କାର୍ଯ୍ୟକାରୀ କରିବି।
- ଅରିଫ ମହମ୍ମଦ ଖାନ

ବାମସାମ୍ମୁଖ୍ୟ ସରକାର ଏବଂ ରାଜ୍ୟପାଳ ଅରିଫ ମହମ୍ମଦ ଖାନ୍‌ଙ୍କ ମଧ୍ୟରେ ବିବାଦ ଅଧିକ ତୀବ୍ର ହୋଇଛି। କେରଳ ସରକାର ସିଏଏ ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିବାବେଳେ ରାଜ୍ୟପାଳ ଏନେଇ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ସେ ନୀରବ ଦର୍ଶକ ନ ହୋଇ ରାଜ୍ୟରେ ଆଇନକୁ କାର୍ଯ୍ୟକାରୀ କରିବେ ବୋଲି ରାଜ୍ୟପାଳ କହିଛନ୍ତି। ସମ୍ବିଧାନକୁ ବଜାୟ ରଖିବାକୁ ହେବ। ଏହା ବ୍ୟକ୍ତିଗତ ସଂଘର୍ଷ ନୁହେଁ ବୋଲି ବେଙ୍ଗାଲୁରୁଠାରେ ରାଜ୍ୟପାଳ ଖାନ୍ ଖବରଦାତାମାନଙ୍କୁ କହିଛନ୍ତି। ରାଜ୍ୟ ସରକାର ତାଙ୍କ ସହ ପରାମର୍ଶ ନ କରି ସୁପ୍ରିମକୋର୍ଟ ଯାଇଥିବାରୁ ସେ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ମାଗିଛନ୍ତି।

## କେଜ୍‌ରିୱାଲଙ୍କ ଗ୍ୟାରେଣ୍ଟି କାର୍ଡ




ନୂଆଦିଲ୍ଲୀ,୧୯।୧(ପି.ଟି.)

### ଦିଲ୍ଲୀ ଭୋଟରଙ୍କୁ ୧୦ ପ୍ରତିଶ୍ରୁତି

ଦିଲ୍ଲୀ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ଦଳ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ଜାରି କରିଛନ୍ତି। ବିଧାନସଭା ନିର୍ବାଚନ ଜିତି ଏଏପି ପୁଣିଥରେ କ୍ଷମତାକୁ ଆସିଲେ ଛାତ୍ରୀଛାତ୍ରଙ୍କୁ ମାଗଣା ବସ୍ ସେବା, ମହିଳାମାନଙ୍କ ନିରାପତ୍ତା ପାଇଁ ମହଲ୍ଲା ମାର୍ଶାଲ ନିଯୁକ୍ତ ହେବା ସମେତ ୧୦ଟି ପ୍ରତିଶ୍ରୁତି ଏହି ଗ୍ୟାରେଣ୍ଟି କାର୍ଡରେ ଦିଆଯାଇଛି। ଏଥିସହିତ ବର୍ତ୍ତମାନ ପ୍ରଚଳିତ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଜନା, ମାଗଣା ସ୍ୱାସ୍ଥ୍ୟସେବା, ଦିଲ୍ଲୀରେ ଦୁଇକୋଟି ଚାରାରୋପଣ, ଯମୁନା ନଦୀ ସଫେଇ କାର୍ଯ୍ୟ ସହିତ ଦିଲ୍ଲୀ ପ୍ରଦୂଷଣ ହ୍ରାସ ପାଇଁ ଆଗାମୀ ୫ ବର୍ଷରେ ଉଦ୍ୟମ ଜାରି ରହିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।


ଦିଲ୍ଲୀବାସୀଙ୍କୁ ତାଙ୍କ ସରକାରଙ୍କ ପକ୍ଷରୁ ୧୦ଟି ଗ୍ୟାରେଣ୍ଟି ଦିଆଯାଉଛି। ଏହା ନିର୍ବାଚନୀ ଇସ୍ତାହାର ନୁହେଁ। ଇସ୍ତାହାର ଆଗାମୀ ୭ରୁ ୧୦ ଦିନ ମଧ୍ୟରେ ପ୍ରକାଶ ପାଇବ ବୋଲି କେଜ୍‌ରିୱାଲ କହିଥିଲେ। ଆମ ଯୋଜନା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି। ସେଥିପାଇଁ ଯୋଜନା ୫ ବର୍ଷ ପର୍ଯ୍ୟନ୍ତ ଜାରି ରହିବା ନେଇ ଗ୍ୟାରେଣ୍ଟି ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## 'ସାମ୍ବିଧାନିକ ଘୋଷଣା ହେଲେ ସିଏଏକୁ ରାଜ୍ୟ ବିରୋଧ କରିବା ସମସ୍ୟା ହେବ'

ନୂଆଦିଲ୍ଲୀ,୧୯।୧(ପି.ଟି.)

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ପ୍ରତ୍ୟାହାର ପାଇଁ ସଂକଳ୍ପନାମା ଗୃହୀତ କରାଇବା ପ୍ରତି ରାଜ୍ୟ ବିଧାନସଭାର ସାମ୍ବିଧାନିକ

### ମତ ବଦଳାଇଲେ କପିଲ ଶିବଲ



ଅଧିକାର। ତେବେ ଯଦି ସୁପ୍ରିମକୋର୍ଟ ଏହି ଆଇନକୁ ସାମ୍ବିଧାନିକ ଘୋଷଣା କରନ୍ତି ତେବେ ଏହାକୁ ବିରୋଧ କରିବା ରାଜ୍ୟଗୁଡ଼ିକ ପାଇଁ ସମସ୍ୟା ହେବ ବୋଲି ବରିଷ୍ଠ କଂଗ୍ରେସ ନେତା କପିଲ ଶିବଲ କହିଛନ୍ତି। ସିଏଏ ପାର୍ଲାମେଣ୍ଟରେ ଗୃହୀତ ହୋଇସାରିଥିବାରୁ ଏହାକୁ କାର୍ଯ୍ୟକାରୀ କରିବା ବ୍ୟତୀତ ରାଜ୍ୟଗୁଡ଼ିକ ପାଖରେ ଅନ୍ୟ ବିକଳ୍ପ ନାହିଁ ବୋଲି ଦିନକ ପୂର୍ବରୁ ଶିବଲ କହିଥିଲେ। ଏହି ଆଇନ ଅସାମ୍ବିଧାନିକ ବୋଲି ତାଙ୍କର ବିଶ୍ୱାସ ରହିଛି। ତେଣୁ ରାଜ୍ୟ ବିଧାନସଭା ସିଏଏ ବିରୋଧରେ ପ୍ରସ୍ତାବ ଗୃହୀତ କରାଇ ଏହାକୁ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିପାରିବେ। ଯେତେବେଳେ ଏବଂ ଯଦି ସିଏଏକୁ ସର୍ବୋଚ୍ଚ ଅଦାଲତ ସାମ୍ବିଧାନିକ ଘୋଷଣା କରିବେ, ସେତେବେଳେ ଏହାକୁ ବିରୋଧ କରିବା ସମସ୍ୟା ହେବ। ତେବେ ବିରୋଧ ଜାରି ରହିବା ଆବଶ୍ୟକ ବୋଲି କଂଗ୍ରେସ ନେତା ଟୁଇଟ୍ କରିଛନ୍ତି।

ଶନିବାର କେରଳ ସାହିତ୍ୟ ଉତ୍ସବ (କେଏଲ୍ଏଫ୍)ରେ ଶିବଲଙ୍କ ମନ୍ତବ୍ୟକୁ ନେଇ କେରଳ, ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ସମେତ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଫଳରେ ସେ ରବିବାର ତାଙ୍କ ମତ ବଦଳାଇଥିବା କୁହାଯାଉଛି।

## ୬ ବର୍ଷରେ ନାଗରିକତ୍ୱ ପାଇଛନ୍ତି ୨୮୩୮ ପାକିସ୍ତାନୀ ଶରଣାର୍ଥୀ

ଚେନ୍ନାଇ,୧୯।୧

ସିଏଏକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଥିବାବେଳେ ଗତ ୬ ବର୍ଷ ମଧ୍ୟରେ ପାକିସ୍ତାନରୁ ଆସିଥିବା ୨୮୩୮ ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯାଇଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ସେହି ସମୟ ମଧ୍ୟରେ ୯୧୪ ଜଣ ଆଫଗାନ ଓ ୧୭୨ ଜଣ ବାଂଲାଦେଶୀ ଶରଣାର୍ଥୀଙ୍କୁ ମଧ୍ୟ ନାଗରିକତ୍ୱ ଦିଆଯାଇଛି। ସେହିପରି ୧୯୬୪ରୁ ୨୦୦୮ ମଧ୍ୟରେ ଶ୍ରୀଲଙ୍କାରୁ ଆସିଥିବା ୪ ଲକ୍ଷରୁ ଊର୍ଦ୍ଧ୍ୱ ତାମିଲଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯାଇଥିବା ସୀତାରାମନ୍ ସୂଚନା ଦେଇଛନ୍ତି। ୨୦୧୪ରୁ ଇତିମଧ୍ୟରେ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଆସିଥିବା ୫୬୬ରୁ ଊର୍ଦ୍ଧ୍ୱ ମୁସଲମାନ ଭାରତୀୟ ନାଗରିକତ୍ୱ ହାସଲ କରିଛନ୍ତି। ୨୦୧୬ରେ ଆଦନାନ ସାମିଙ୍କୁ



ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବା ତାହାର ଏକ ଉଦାହରଣ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ପୂର୍ବ ପାକିସ୍ତାନରୁ ଯେଉଁମାନେ ଭାରତ ପଳାଇଆସିଥିଲେ ସେମାନେ ବିଭିନ୍ନ କ୍ୟାମ୍ପରେ ଥଇଥାନ ହୋଇଛନ୍ତି। ସେହିପରି ଶ୍ରୀଲଙ୍କାରୁ ଆସିଥିବା ଶରଣାର୍ଥୀମାନେ କ୍ୟାମ୍ପରେ ବିଭିନ୍ନ ସମସ୍ୟା ମଧ୍ୟରେ ରହୁଛନ୍ତି। ସେମାନଙ୍କୁ ମୌଳିକ ସୁବିଧା ସୁଯୋଗ ମିଳୁନାହିଁ। ସେହି ଲୋକମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ନୂଆ ଆଇନର ଲକ୍ଷ୍ୟ, କାହାର ନାଗରିକତ୍ୱ ଛଡ଼ାଇନେବା ପାଇଁ ନୁହେଁ ବୋଲି ସୀତାରାମନ କହିଥିଲେ।

## ଅଶ୍ଳୀଳ ଫିଲ୍ମ ଦେଖୁଛନ୍ତି କଶ୍ମୀରୀ

ଅହମଦାବାଦ,୧୯।୧(ପି.ଟି.)

### ନୀତି ଆୟୋଗ ସଦସ୍ୟଙ୍କ ବିବାଦୀୟ ମନ୍ତବ୍ୟ




ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ସେଠାରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଥିଲା। ଏହାକୁ ନୀତି ଆୟୋଗ ସଦସ୍ୟ ଭି.କେ. ସାରସ୍ୱତ ସମର୍ଥନ ଜଣାଇଛନ୍ତି। ଇଣ୍ଟରନେଟ ସଂଯୋଗ ବିଚ୍ଛିନ୍ନ କରାଯିବା ଦ୍ୱାରା ଦେଶର ଅର୍ଥନୀତି ଉପରେ ବିଶେଷ ପ୍ରଭାବ ପଡିନାହିଁ। ଇଣ୍ଟରନେଟ ସଂଯୋଗ ବିଚ୍ଛିନ୍ନ ହୋଇ ନ ଥିଲେ ଲୋକେ ଗୁଜବ ସୃଷ୍ଟି କରି ଆଇନଶୃଙ୍ଖଳା ସ୍ଥିତିରେ ବିପର୍ଯ୍ୟୟ ସୃଷ୍ଟି କରିଥାନ୍ତେ। ସେଠାର ଲୋକମାନେ ଅନ୍‌ଲାଇନରେ ଅଶ୍ଳୀଳ ଚଳଚ୍ଚିତ୍ର ଦେଖିବା ବ୍ୟତୀତ ଅନ୍ୟ କିଛି କରି ନ ଥାନ୍ତି ବୋଲି ସାରସ୍ୱତ କହିଛନ୍ତି।

ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରୁ ବିରୋଧ କରାଯାଇଛି। କଶ୍ମୀର ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (କେସିସିଆଇ) ସାରସ୍ୱତଙ୍କ ମନ୍ତବ୍ୟକୁ ନିନ୍ଦାକରିବା ସହ ତାଙ୍କୁ ନୀତି ଆୟୋଗରୁ ବହିଷ୍କାର କରିବା ପାଇଁ ଦାବି କରିଛି। ଜମ୍ମୁ-କଶ୍ମୀର ଲୋକଙ୍କ ବିଷୟରେ ଏଭଳି କହିବାକୁ ତାଙ୍କୁ କିଏ ଅନୁମତି ଦେଲା ବୋଲି କେସିସିଆଇ ପ୍ରଶ୍ନ କରିଛି।

## ରାଜକୀୟ ଦାୟିତ୍ୱରୁ ମୁକ୍ତହେଲେ ହ୍ୟାରି, ମେଘାନ

ଲଣ୍ଡନ,୧୯।୧(ପି.ଟି.)

ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ନାତି ପ୍ରିନ୍ସ ହ୍ୟାରି ଓ ତାଙ୍କ ସ୍ତ୍ରୀ ମେଘାନ ମର୍କଲେ ଆନୁଷ୍ଠାନିକ ଭାବେ ରାଜକୀୟ ଦାୟିତ୍ୱରୁ ମୁକ୍ତ ହୋଇଛନ୍ତି। ସସେକ୍ସର ଡ୍ୟୁକ୍ ହ୍ୟାରି ଓ ଡଚେସ୍ ମେଘାନ ରାଜ ପରିବାରରୁ ବାହାରିଯିବା ପାଇଁ ଉଦ୍ଦିଷ୍ଟ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଫଳରେ ଦୁହେଁ ନିଜ କାର୍ଯ୍ୟ ପାଇଁ ବ୍ରିଟେନ କରଦାତାଙ୍କ ଅର୍ଥ ପାଣ୍ଠିର ଉପଯୋଗ କରିବେ ନାହିଁ। ପ୍ରିନ୍ସ ହ୍ୟାରି ଓ ମେଘାନ ରାଜ ପରିବାରର କାର୍ଯ୍ୟକାରୀ ସଦସ୍ୟ ହୋଇ ନ ଥିବାରୁ 'ହିଜ୍ ଆଣ୍ଡ ହର୍ ରୟାଲ ହାଇନେସ୍' (ଏଚ୍ଆର୍‌ଏଚ୍) ଟାଇଟଲ



ମଧ୍ୟ ବ୍ୟବହାର କରିବେ ନାହିଁ ବୋଲି ବକିଙ୍ଗହାମ ପ୍ୟାଲେସ୍ ପକ୍ଷରୁ ଶନିବାର ରାତିରେ ଜାରି ଏକ ବିବୃତିରେ ଘୋଷଣା କରାଯାଇଛି। ଏହି ଚୁକ୍ତି ପରେ ସେମାନେ ସୁଖୀ ଓ ଶାନ୍ତିପୂର୍ଣ୍ଣ ଭାବେ ନୂଆ ଜୀବନ ଆରମ୍ଭ କରିପାରିବେ ବୋଲି ରାଜ ପରିବାର ଆଶାବାଦୀ ଥିବା ୯୩ ବର୍ଷୀୟା ସାମ୍ରାଜ୍ଞୀ ଏଲିଜାବେଥ୍ କହିଛନ୍ତି।

## ଆଜି 'ପରୀକ୍ଷା ପେ ଚର୍ଚ୍ଚା'

ନୂଆଦିଲ୍ଲୀ,୧୯।୧(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ବୋର୍ଡ ଓ ପ୍ରବେଶିକା ପରୀକ୍ଷାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କ ସହ ସୋମବାର ଆଲୋଚନା କରିବେ। ପିଲାମାନେ କିପରି ସହଜରେ ପରୀକ୍ଷା ଦେଇପାରିବେ ସେ ନେଇ ମୋଦି ତାଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଉପାଦେୟ ଉପଦେଶମାନ ଦେବେ। ଦିଲ୍ଲୀର ତଲକଟୋରା ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୦୦୦ ଛାତ୍ରୀଛାତ୍ର ଓ ଶିକ୍ଷକ ଭାଗନେବେ। ସେମାନଙ୍କ ମଧ୍ୟରୁ ୧୦୫୦ ଛାତ୍ରୀଛାତ୍ରଙ୍କୁ ପ୍ରବନ୍ଧ ପ୍ରତିଯୋଗିତା ମାଧ୍ୟମରେ ଚୟନ



କରାଯାଇଛି। ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ୟୁ-ଟ୍ୟୁବ୍‌ରେ ପ୍ରସାରଣ କରାଯିବ। ପିଲାମାନେ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିପାରିବେ। ଏଥର ଭାଗନେବା ପାଇଁ ଛାତ୍ରୀଛାତ୍ରଙ୍କଠାରୁ ପାଖାପାଖି ୨.୬ ଲକ୍ଷ ଲେଖା ଆସିଥିଲା ବୋଲି ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି।

## ଅପହୃତ ୧୯ ଭାରତୀୟ ମୁକୁଳିଲେ


ଅବୁଜା,୧୯।୧(ପି.ଟି.)

ଗତମାସରେ ଆଫ୍ରିକାର ପଶ୍ଚିମ ଉପକୂଳ ନିକଟବର୍ତ୍ତୀ ସମୁଦ୍ରରେ ଏକ ବାଣିଜ୍ୟିକ ଜାହାଜରୁ ଅପହୃତ ହୋଇଥିବା ୧୯ ଜଣ ଭାରତୀୟଙ୍କୁ ମୁକ୍ତ କରାଯାଇଛି। ପଣବନ୍ଦୀ ଥିବାବେଳେ ଜଣକର ମୃତ୍ୟୁ ଘଟିଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କ ପକ୍ଷରୁ କୁହାଯାଇଛି। ଡିସେମ୍ବର ୧୫ରେ ଏମ୍‌ଟି ଡ୍ୟୁକ୍ ନାମକ ଜାହାଜରୁ ୨୦ ଜଣ ଭାରତୀୟଙ୍କୁ ଜଳଦସ୍ୟୁମାନେ ଅପହରଣ କରିନେଇଥିଲେ। ସେମାନଙ୍କୁ ମୁକ୍ତ କରାଯାଇଥିବାରୁ ନାଇଜେରିଆ କର୍ତ୍ତୃପକ୍ଷଙ୍କୁ ଭାରତ ଧନ୍ୟବାଦ ଜଣାଇଛି।

### ଇତିହାସର ଆଇନାରେ | ଜାନୁୟାରୀ ୨୦ର ପ୍ରମୁଖ ଘଟଣା

୧୯୩୦ ଜାନୁୟାରୀ ୨୦ରେ ବଜ୍ ଆଲଡ୍ରିନ୍‌ଙ୍କ ଜନ୍ମ। ଚନ୍ଦ୍ରପୃଷ୍ଠରେ ପାଦ ରଖିବାରେ ନିଲ୍ ଆର୍ମଷ୍ଟ୍ରଙ୍ଗଙ୍କ ପରେ ସେ ଥିଲେ ଦ୍ୱିତୀୟ ବ୍ୟକ୍ତି। ଆମେରିକୀୟ ଇଞ୍ଜିନିୟର ତଥା ମହାକାଶଯାତ୍ରୀ ଆଲଡ୍ରିନ୍ ୧୯୬୯ ଆପୋଲୋ ୧୧ ମିଶନରେ ସାମିଲ ହୋଇଥିଲେ।

୧୯୬୧ ଜାନୁୟାରୀ ୨୦ରେ ଜନ୍ ଏଫ୍. କେନେଡି ଆମେରିକାରର ୩୫ତମ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବାରେ ସେ ଥିଲେ ସର୍ବକନିଷ୍ଠ। ୧୯୬୩ ନଭେମ୍ବରରେ ତାଙ୍କୁ ହତ୍ୟା କରାଯାଇଥିଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ଶୁଖିଲା ପାଗ ସାଙ୍ଗକୁ କେତେକ ସ୍ଥାନରେ କୁହୁଡି ଜାରି ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୦ | ୧୨.୯ |
| ଚାନ୍ଦବାଲି | ୨୯.୫ | ୧୪.୬ |
| କଟକ | ୩୦.୨ | ୧୪.୨ |
| ପାରାଦ୍ୱୀପ | ୨୭.୯ | ୧୭.୧ |
| ଭୁବନେଶ୍ୱର | ୩୧.୪ | ୧୫.୫ |
| ଗୋପାଳପୁର | ୨୯.୦ | ୧୭.୬ |
| ପୁରୀ | ୨୮.୮ | ୧୬.୬ |
| ଅନୁଗୋଳ | ୩୧.୧ | ୧୦.୦ |
| ବାରିପଦା | ୨୬.୦ | ୧୪.୬ |
| ଝାରସୁଗୁଡ଼ା | ୨୯.୦ | ୧୫.୨ |
| କେନ୍ଦୁଝର | ୨୮.୦ | ୧୪.୦ |
| ସମ୍ବଲପୁର | ୨୯.୬ | ୧୪.୮ |
| ସୁନ୍ଦରଗଡ଼ | ୨୭.୦ | ୧୩.୦ |
| ହୀରାକୁଦ | ୨୮.୫ | ୧୬.୧ |
| ତାଳଚେର | --- | ୧୨.୫ |
| ଭବାନୀପାଟଣା | ୩୦.୫ | ୧୬.୩ |
| ବଲାଙ୍ଗୀର | ୩୦.୩ | ୧୬.୦ |
| କୋରାପୁଟ | ୨୯.୦ | ୧୩.୦ |
| ଫୁଲବାଣୀ | --- | ୧୦.୫ |
| ଟିଟିଲାଗଡ଼ | ୨୯.୬ | ୧୨.୧ |
| ମାଲକାନଗିରି | ୩୨.୦ | ୧୦.୦ |
| ସୋନପୁର | ୩୦.୪ | ୧୧.୦ |
| ଦାରିଙ୍ଗିବାଡ଼ି | ୩୦.୦ | ୧୫.୦ |

ଡିଗ୍ରୀ ସେଲ୍‌ସିୟସ୍

## ସେନା ଶିବିରରେ ମିଶାଇଲ ମାଡ଼: ୮୩ ନିହତ

ସାନା,୧୯।୧

ୟେମେନସ୍ଥିତ ଏକ ସେନା ଶିବିରରେ ଶନିବାର ରାତିରେ ମିଶାଇଲ ମାଡ଼ ହୋଇଛି। ଏହି ଆକ୍ରମଣରେ ୮୩ରୁ ଊର୍ଦ୍ଧ୍ୱ ସୈନ୍ୟ ନିହତ ଓ ଅନେକ ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଶଙ୍କା କରାଯାଉଛି। ଆକ୍ରମଣ ପାଇଁ କେହି ନିଜକୁ ଦାୟୀ କରି ନ ଥିବାବେଳେ ୟେମେନ ସରକାର ଏଥିଲାଗି ଇରାନ ସମର୍ଥିତ ହୌଥି ବିଦ୍ରୋହୀଙ୍କୁ ଦାୟୀ କରିଛନ୍ତି।

ୟେମେନରେ ସେନା ଓ ହୌଥି ବିଦ୍ରୋହୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ସଂଘର୍ଷ ଲାଗିରହିଛି। ଏହି କ୍ରମରେ ୟେମେନ ରାଜଧାନୀ ସାନାରୁ ୧୭୦ କି.ମି. ଦୂର ମରିବ୍ ପ୍ରଦେଶରେ ଥିବା ଅଲ୍-ଏସ୍ତିକ୍‌ବାଲ୍ ସେନା ତାଲିମ ଶିବିରରେ ଶନିବାର ରାତିରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଉକ୍ତ ଶିବିରକୁ ଲାଗି ରହିଥିବା ଏକ ମସ୍‌ଜିଦରେ



ଶତାଧିକ ଲୋକ ପ୍ରାର୍ଥନା ପାଇଁ ଏକତ୍ରିତ ହୋଇଥିବାବେଳେ ବିଦ୍ରୋହୀ ହୌଥି ଏହାକୁ ଟାର୍ଗେଟ କରିଥିଲେ। ୟେମେନ ରାଷ୍ଟ୍ରପତି ଅବ୍‌ଦ୍ରବୁ ମନ୍‌ସୌର ହାଦି ଏହାକୁ ଆତଙ୍କବାଦୀ ଆକ୍ରମଣ ଓ ଭୀରୁକାର୍ଯ୍ୟ ବୋଲି ନିନ୍ଦା କରିଛନ୍ତି। ହୌଥିମାନେ ଶାନ୍ତି ଚାହୁଁ ନ ଥିବାରୁ ଏହା ପଛରେ ସେମାନଙ୍କ

### ହୌଥି ବିଦ୍ରୋହୀଙ୍କୁ ଦାୟୀ କଲା ୟେମେନ

ହାତ ଥିବା ସେ ନିଃସନ୍ଦେହରେ କହିଛନ୍ତି। ଏୟାରଷ୍ଟ୍ରାଇକ୍‌ରେ ୮୩ ନିହତ ଏବଂ ୧୪୫ ଆହତ ହୋଇଥିବା ମରିବ୍ ସିଟିସ୍ଥିତ ଏକ ହସ୍ପିଟାଲ ସୂତ୍ରରୁ ପ୍ରକାଶ। ମେଣ୍ଟ ସମର୍ଥିତ ସରକାର ନିହମ୍ ଅଞ୍ଚଳରେ ହୌଥିଙ୍କ ବିରୋଧରେ ଏକ ବଡ଼ଧରଣର ଅପରେଶନ ଚଳାଇବାର ଦିନକ ପରେ ବିଦ୍ରୋହୀମାନେ ଏହାର ପ୍ରତିଶୋଧ ନେଇଥିବା କୁହାଯାଉଛି। ପ୍ରକାଶ ଯେ, ସୌଦି ନେତୃତ୍ୱାଧୀନ ସେନା ସମର୍ଥିତ ତଥା ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ ସରକାରକୁ ଇରାନ ସମର୍ଥିତ ହୌଥି ବିଦ୍ରୋହୀ ବାରମ୍ବାର ଟାର୍ଗେଟ କରିଆସୁଛନ୍ତି। ଗତ ଅଗଷ୍ଟରେ ବନ୍ଦର ସହର ଆଦେନରେ ମିଲିଟାରି ପରେଡ୍ ଚାଲିଥିବାବେଳେ ବିଦ୍ରୋହୀମାନେ ମିଶାଇଲ ଆକ୍ରମଣ କରିଥିଲେ। ଏଥିରେ ୩୨ ଜଣ ନିହତ ହୋଇଥିଲେ। ତେବେ ସଦ୍ୟ ଏୟାରଷ୍ଟ୍ରାଇକ୍‌କୁ ୨୦୧୪ ପରଠୁ ସବୁଠୁ ଘାତକ ଆକ୍ରମଣ ବୋଲି କୁହାଯାଉଛି। ୨୦୧୫ ମାର୍ଚ୍ଚରେ ରାଷ୍ଟ୍ରପତି ଅବ୍‌ଦ୍ରବୁଙ୍କ ସମର୍ଥନରେ ବାହାରି ଆରବ ମେଣ୍ଟ ୟେମେନ ସଂଘର୍ଷରେ ହସ୍ତକ୍ଷେପ କରିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୦/୨୦୨୦ | Bhubaneswar, Monday, January 20/2020 | ପୃଷ୍ଠା-୧



## ରୂପିନ୍ଦରପାଲଙ୍କ ଚମତ୍କାର ପ୍ରଦର୍ଶନ

ରୂପିନ୍ଦରପାଲ ସିଂଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ନେଦରଲାଣ୍ଡସ୍‌କୁ ଶୁଟ୍ ଆଉଟ ୩-୧(୩-୩) ଗୋଲରେ ପରାସ୍ତ କରିଛି। ୧୬

## ଫେରିବ କରୀନା-ଶାହରୁଖ ଯୋଡ଼ି

୧୦ ଅଭିନେତା ଶାହରୁଖ ଖାନ୍ ଓ ବେବୋ କରୀନା କପୁରଙ୍କୁ ଖୁବ୍‌ଶୀଘ୍ର ଲୋକପ୍ରିୟ ପ୍ରଯୋଜକ ରାଜକୁମାର ହିରାନୀଙ୍କ ଏକ ନୂଆ ଫିଲ୍ମରେ ଦେଖିବାକୁ ମିଳିବ।



# ବେଙ୍ଗାଲୁରୁରେ ଭାରତର ସିରିଜ ବିଜୟ

**ବେଙ୍ଗାଲୁରୁ, ୧୯।୧**

ମହମ୍ମଦ ସାମିଙ୍କ ଆକର୍ଷଣୀୟ ବୋଲିଂ ଏବଂ ରୋହିତ ଶର୍ମାଙ୍କ ଶତକ ବଳରେ ଭାରତ ରବିବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୭ ଉଇକେଟରେ ପରାସ୍ତ କରିଛି। ବେଙ୍ଗାଲୁରୁର ଏମ୍.ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଷ୍ଟିଭ୍ ସ୍ମିଥ(୧୩୧ ରନ, ୧୩୨ ବଲ, ୧୪ ଚୌକା, ୧ ଛକା)ଙ୍କ ଶତକ ସହାୟତାରେ ଅଷ୍ଟ୍ରେଲିଆ ୫୦ ଓଭରରେ ୯ ଉଇକେଟ ହରାଇ ୨୮୬ ରନ କରିଥିଲା। ତେବେ ଭାରତ ୪୭.୩ ଓଭରରେ ମାତ୍ର ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଛି। ଏହି ବିଜୟ ସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୧ରେ ଜିତିଛି। ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା। ପରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ଶେଷ ୨ ମ୍ୟାଚ ଜିତିବା ସହ ଭ୍ରମଣକାରୀ ଦଳକୁ ଚକ୍‌ମା ଦେଇଛି। ଭାରତ ବିଜୟରେ ହିରୋ ସାଜିଛନ୍ତି ହିଟ୍‌ମ୍ୟାନ ରୋହିତ। ସେ ଏଠାରେ କ୍ୟାରିୟରର ୨୯ତମ ଶତକ ହାସଲ କରିଛନ୍ତି। ସେ ୧୨୮ ବଲ୍‌ରୁ ୮ ଚୌକା ଓ ୬ ଛକା ସହାୟତାରେ ୧୧୯ ରନ ସ୍କୋର କରିବା ସହ ଏକଦିବସୀୟ କ୍ରିକେଟରେ ୯,୦୦୦ ରନ ପୂରଣ କରିଛନ୍ତି। ବିଶ୍ୱର ତୃତୀୟ ଦ୍ରୁତତମ ବ୍ୟାଟ୍ସମ୍ୟାନଭାବେ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ମ୍ୟାଚରେ ଭାରତ ପକ୍ଷରୁ ଦ୍ୱିତୀୟ ସର୍ବାଧିକ ୮୯ (୯୧ ବଲ, ୮ ଚୌକା) ରନ କରିଥିବା ବିରାଟ କୋହଲି ଭାରତୀୟ ଅଧିନାୟକଭାବେ କ୍ରିକେଟର ସମସ୍ତ ତିନୋଟି ଯାକ ଫର୍ମାଟରେ ସର୍ବାଧିକ ରନ କରିବାର ରେକର୍ଡ କରିଛନ୍ତି। ସେ ମୋଟ ୧୯୯ ଇନିଂସରେ ୧୧୨୦୮ ରନ ସଂଗ୍ରହ କରିଥିବାବେଳେ ମହେନ୍ଦ୍ର ସିଂ ଧୋନୀ(୩୩୦ ଇନିଂସରୁ ୧୧୨୦୭) ଏବଂ ମହମ୍ମଦ ଆଝାରୁଦ୍ଦିନ(୨୩୦ ଇନିଂସରୁ ୮୦୯୫)ଙ୍କୁ ପଛରେ ପକାଇ ଦେଇଛନ୍ତି। ରୋହିତ ମ୍ୟାନ ଅଫ ଦି ମ୍ୟାଚ ଓ ଅଧିନାୟକ ବିରାଟ କୋହଲି ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଛନ୍ତି। "ଟିମ୍ ଇଣ୍ଡିଆ ଏକ ଅଭିଜ୍ଞ ଦଳ। ମ୍ୟାଚରେ ଆମେ ଯଦିଓ ଶିଖର ଧାୱନଙ୍କ ଅନୁପସ୍ଥିତି ଅନୁଭବ କଲୁ, ତେବେ ଅଭିଜ୍ଞ ରୋହିତ ଆଉ ଏକ ଚମତ୍କାର ଇନିଂସ ଖେଳିଲେ। ପିଚ୍‌ରେ ବଲ୍ ଭଲ ଟର୍ନ ହେଉଥିଲା। ତେଣୁ ଏଠାରେ ରୋହିତ ଓ ମୋ ଅଭିଜ୍ଞତା" କାମଦେଲା ବୋଲି ମ୍ୟାଚ ପରେ ନିଜ ପ୍ରତିକ୍ରିୟାରେ କୋହଲି ପ୍ରକାଶ କରିଛନ୍ତି।




ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ କ୍ରିକେଟ ସିରିଜ ବିଜୟୀ ଭାରତୀୟ ଦଳ।

**ଦିନିକିଆ ସିରିଜ: ଭାରତ-୨, ଅଷ୍ଟ୍ରେଲିଆ-୧**

**ରୋହିତ ଶର୍ମା ମ୍ୟାନ ଅଫ ଦି ମ୍ୟାଚ**

**ବିରାଟ କୋହଲି ମ୍ୟାନ ଅଫ ଦି ସିରିଜ**

## ଆଜି ନଡ୍ଡା ହେବେ ଭାଜପା ଅଧ୍ୟକ୍ଷ



ଜେ.ପି. ନଡ୍ଡା

**ନୂଆଦିଲ୍ଲୀ,୧୯।୧(ପି.ଟି.)**

ଅମିତ ଶାହାଙ୍କ ସ୍ଥାନରେ ଭାଜପା ସୋମବାର ନୂଆ ଅଧ୍ୟକ୍ଷ ପାଇବାକୁ ଯାଉଛି। କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ଜେ.ପି. ନଡ୍ଡା ଅଧ୍ୟକ୍ଷ ହେବେ ବୋଲି କୁହାଯାଉଛି। ତାଙ୍କ ସମର୍ଥନରେ ନାମାଙ୍କନପତ୍ର ଦାଖଲ କରିବାକୁ ବିଭିନ୍ନ ରାଜ୍ୟର ନେତାମାନଙ୍କ ସମେତ ବରିଷ୍ଠ ଦଳୀୟ ନେତାମାନେ ଭାଜପା ମୁଖ୍ୟାଳୟରେ ପହଞ୍ଚିବାରେ ଲାଗିଛନ୍ତି। ନଡ୍ଡାଙ୍କ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କ ସମର୍ଥନ ରହିଥିବାରୁ ସେ ଅଧ୍ୟକ୍ଷ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା ନଡ୍ଡାଙ୍କର ଦୀର୍ଘ ଦଶନ୍ଧିର ସାଂଗଠନିକ ଦକ୍ଷତା ରହିଛି। ଆରଏସ୍‌ଏସ୍ ସହ ଘନିଷ୍ଠ ନଡ୍ଡାଙ୍କର ସ୍ୱଚ୍ଛ ଭାବମୂର୍ତ୍ତି ରହିଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ଲାଗି ସୋମବାର ନାମାଙ୍କନ ପତ୍ର ଦାଖଲ କରାଯିବ। ଯଦି ଏକାଧିକ ନାମାଙ୍କନପତ୍ର ଦାଖଲ ହୁଏ ତେବେ ମଙ୍ଗଳବାର ନିର୍ବାଚନ ହେବ ବୋଲି ସାଂଗଠନିକ ନିର୍ବାଚନ ଦାୟିତ୍ୱରେ ଥିବା ବରିଷ୍ଠ ଭାଜପା ନେତା ରାଧାମୋହନ ସିଂ କହିଛନ୍ତି। ତେବେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ପାଇଁ ପ୍ରତିଯୋଗିତା ନ ହୋଇ ସହମତିରେ ନିର୍ବାଚନ ହେବା ପରମ୍ପରା ରହିଆସିଛି। ଏଥର ମଧ୍ୟ ସେହି ପରମ୍ପରା ବଜାୟ ରହିବ ବୋଲି ଆଶା କରାଯାଉଛି। ଦଳରେ ଜଣେ ବ୍ୟକ୍ତି, ଗୋଟିଏ ପଦବୀ ନିୟମ ଚାଲିଆସିଛି। ସେଥିପାଇଁ ଅମିତ୍ ଶାହା ସ୍ୱରାଷ୍ଟ୍ର ମନ୍ତ୍ରୀ ହେବା ପରେ ଦଳରେ ତାଙ୍କର ଉତ୍ତରାଧିକାରୀ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜୁଲାଇରେ ନଡ୍ଡାଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା।

## ଚାଲିଗଲେ ଗୁରୁମା

### କଣ୍ଠଶିଳ୍ପୀ ସୁନନ୍ଦା ପଟ୍ଟନାୟକଙ୍କ ପରଲୋକ

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ଚିରଦିନ ପାଇଁ ଆଖି ବୁଜିଛନ୍ତି ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଖ୍ୟାତନାମା କଣ୍ଠଶିଳ୍ପୀ ଡ. ସୁନନ୍ଦା ପଟ୍ଟନାୟକ। ୮୫ ବର୍ଷ ବୟସରେ କୋଲକାତାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତି ୨ଟା ୩୦ରେ ସେ ଇହଧାମ ତ୍ୟାଗ କରିଛନ୍ତି। ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତର ଜଣେ କଣ୍ଠଶିଳ୍ପୀଭାବେ କେବଳ ଓଡ଼ିଶାରେ ନୁହେଁ ସାରା ପୃଥିବୀରେ ସୁଖ୍ୟାତି ଅର୍ଜନ କରିଥିବା ସୁନନ୍ଦାଙ୍କ ମୃତ୍ୟୁ ନେଇ ତାଙ୍କ ପୁତୁରା ସୁବ୍ରତ ପଟ୍ଟନାୟକ ଓ ଶିଷ୍ୟା ସୁପର୍ଣ୍ଣା ଦାସମହାପାତ୍ର ସୂଚନା ଦେଇଛନ୍ତି। ଦୁଇଦିନ ତଳେ ହଠାତ୍ ଘରେ ମୂର୍ଚ୍ଛା ହୋଇ ପଡ଼ିବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ୍ୟୁ ଖବର ଶୁଣିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସୁନନ୍ଦା ଜଣେ ବିଶିଷ୍ଟ କଣ୍ଠଶିଳ୍ପୀ ଥିଲେ। ତାଙ୍କର ମୃତ୍ୟୁ ଶାସ୍ତ୍ରୀୟ ସଙ୍ଗୀତ ଜଗତରେ ଏକ ବୃହତ ଶୁନ୍ୟସ୍ଥାନ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଶୋକବାର୍ତ୍ତାରେ ଜଣାଇଛନ୍ତି।

ଓଡ଼ିଆ ସାହିତ୍ୟର ସବୁଜ ଯୁଗୀୟ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଔରସରୁ ୧୯୩୪ ନଭେମ୍ବର ୭ରେ



କଟକ ଜିଲା ବଡ଼ମ୍ବାରେ ଏହି ମହାନ୍ କଣ୍ଠଶିଳ୍ପୀ ଜନ୍ମଗ୍ରହଣ କରିଥିଲେ। ହେଲେ ପିତାଙ୍କ ପରିଚୟଠାରୁ ସେ ନିଜ ପରିଚୟରେ ଅଧିକ ଖ୍ୟାତି ଅର୍ଜନ କରିଥିଲେ। ୧୯୪୮ରେ ମାତ୍ର ୧୪ ବର୍ଷ ବୟସରେ ସେ ଆକାଶବାଣୀ କଟକରୁ ସଙ୍ଗୀତ ଗାନ ଆରମ୍ଭ କରିଥିଲେ। ସେ ଗ୍ୱାଲିୟର ଘରାନାରୁ ସଙ୍ଗୀତ ଶିକ୍ଷା ଗ୍ରହଣ କରିଥିଲେ। ୧୯୫୬ରେ ପୁଣେ ସ୍କୁଲରୁ ସଙ୍ଗୀତରେ ☞ପୃଷ୍ଠା-୨

# ଲୋକଙ୍କ ଅର୍ଥରେ ଆତ୍ମପ୍ରଚାର ମନା

**ନୂଆଦିଲ୍ଲୀ, ୧୯।୧(ଆଇଏଏନ୍‌ଏସ୍)**

**ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟ କମିଟିର ନିର୍ଦ୍ଦେଶ**

- ଅବଜ୍ଞା କଲେ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ
- ବିଜ୍ଞାପନ ବିଷୟବସ୍ତୁ ନିୟନ୍ତ୍ରଣ ପାଇଁ କେନ୍ଦ୍ର ଆଣିବ ନୂଆ ଆଇନ
- ଆଇନ ପ୍ରଣୟନ ହେବା ଯାଏ କଣ୍ଟେଣ୍ଟ ଯାଞ୍ଚ କରିବ ସିସିଆର୍‌ଜିଏ

ଜନସାଧାରଣଙ୍କ କଷ୍ଟ ଉପାର୍ଜିତ ଧନକୁ ବ୍ୟବହାର କରି ରାଜ୍ୟ ସରକାରଗୁଡ଼ିକ ବିଜ୍ଞାପନ ଜରିଆରେ ଆତ୍ମପ୍ରଚାର କରିପାରିବେ ନାହିଁ। ଶାସକ ଦଳର ନେତାମାନେ ରାଜକୋଷରୁ ଅର୍ଥ ଉଠାଇ ଗଣମାଧ୍ୟମରେ ବିଜ୍ଞାପନ ଦେଉଥିବା ନେଇ ଅଭିଯୋଗ ଆସିବା ପରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଗଠିତ ଏକ କମିଟି ପକ୍ଷରୁ ରାଜ୍ୟଗୁଡ଼ିକୁ ଏପରି ନିର୍ଦ୍ଦେଶ ଦିଆଯାଇଛି। ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ରାଜ୍ୟଗୁଡ଼ିକ ନିଜସ୍ୱ କଣ୍ଟେଣ୍ଟ ରେଗୁଲେଟର୍ସ (ବିଷୟବସ୍ତୁ ନିୟନ୍ତ୍ରକ) ପ୍ରତିଷ୍ଠା କରିବେ।

ଲୋକଙ୍କ ଅର୍ଥରେ ବିଜ୍ଞାପନ ଜରିଆରେ ଆତ୍ମପ୍ରଚାର ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗଠିତ କଣ୍ଟେଣ୍ଟ ରେଗୁଲେଶନ ପ୍ୟାନେଲ ଅସନ୍ତୋଷ ବ୍ୟକ୍ତ କରିଛି। ଉକ୍ତ କମିଟି କହିଛି ଯେ, ରାଜକୋଷରୁ ଟଙ୍କା ନେଇ କୌଣସି ରାଜ୍ୟ ନିଜ ପ୍ରଚାର କରିପାରିବେ ନାହିଁ। କେଉଁ ବିଜ୍ଞାପନଗୁଡ଼ିକ ଗଣମାଧ୍ୟମକୁ ଦିଆଯିବ ଓ କେଉଁଟା ଦିଆଯିବ ନାହିଁ, ତାହା ସ୍ଥିର କରିବା ଲାଗି ରାଜ୍ୟ ସରକାର ନିଜସ୍ୱ ପ୍ୟାନେଲ ଗଠନ କରିବେ। ଯେଉଁ ରାଜ୍ୟଗୁଡ଼ିକ ଏପରି କମିଟି ଗଠନ କରିବାକୁ ଆଗ୍ରହୀ ନୁହନ୍ତି, ସେମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ତିନି ସଦସ୍ୟ ବିଶିଷ୍ଟ ପ୍ୟାନେଲର ନିର୍ଦ୍ଦେଶ ମାନି ଚଳିବେ। ଫେବୃୟାରୀ ୮ରେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି), ଭାଜପା ଏବଂ କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ଲଢ଼େଇ ହେବାକୁ ଯାଉଥିବାବେଳେ ଏହି ନିର୍ଦ୍ଦେଶନାମାକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। କାରଣ ଅତୀତରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବିରୋଧରେ ଲୋକଙ୍କ ଅର୍ଥରେ ଆତ୍ମପ୍ରଚାର କରିଥିବା ଅଭିଯୋଗ ହୋଇଥିଲା। ସେହିପରି ପୂର୍ବର ରାଜସ୍ଥାନ ସରକାର ମଧ୍ୟ ଏଭଳି କରିଥିବା ନେଇ ଆପତ୍ତି ଉଠିଥିଲା। ତେଣୁ ରାଜ୍ୟଗୁଡ଼ିକୁ ଯଥାସମ୍ଭବ କଣ୍ଟେଣ୍ଟ ରେଗୁଲେଟର୍ସ ଗଠନ ସକାଶେ ତାଗିଦ କରିବା ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ତିନିଜଣିଆ ପ୍ୟାନେଲ ସୁପାରିସ କରିଛି। ରାଜ୍ୟଗୁଡ଼ିକ ପ୍ୟାନେଲ ଗଠନ କରିବାରେ ବିଫଳ ହେଲେ ସୁପ୍ରିମକୋର୍ଟରେ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯିବ। ଉକ୍ତ ରିପୋର୍ଟ ଆଧାରରେ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରାଯିବ।

ସରକାରୀ ବିଜ୍ଞାପନକୁ ନେଇ ବିଷୟବସ୍ତୁ ନିୟନ୍ତ୍ରଣ କମିଟି (ସିସିଆର୍‌ଜିଏ) ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଏ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ମାଗିଥିଲା। କାରଣ ରାଜ୍ୟର ତତ୍କାଳୀନ ଭାଜପା ସରକାର ବିଭିନ୍ନ ଖବରକାଗଜରେ ଏକ ଫୁଲ୍ ପେଜ୍ ବିଜ୍ଞାପନ ଦେଇଥିଲେ। ୧୫,୧୦୦ କୋଟି ଟଙ୍କା ବ୍ୟୟରେ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ନେଇ ପ୍ରକାଶିତ ଉକ୍ତ ବିଜ୍ଞାପନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଫଟୋ ରହିଥିଲା। ଏହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ୨୦୧୯ ଜାନୁୟାରୀରେ ବର୍ତ୍ତମାନର କଂଗ୍ରେସ ନେତୃତ୍ୱାଧୀନ ରାଜସ୍ଥାନ ସରକାର କହିଥିଲେ ଯେ, ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନକୁ ଅଣଦେଖା କରି ବସୁନ୍ଧରା ରାଜେ ସରକାର ଉକ୍ତ ବିଜ୍ଞାପନ ପ୍ରକାଶ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ସରକାର ସରକାରୀ ବିଜ୍ଞାପନ ନିୟନ୍ତ୍ରଣ ସକାଶେ କମିଟି ଗଠନ କରିବା ସଂକ୍ରାନ୍ତରେ ସିସିଆର୍‌ଜିଏକୁ କିଛି ଉତ୍ତର ଦେଇ ନ ଥିଲେ। ☞ପୃଷ୍ଠା-୨

**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୧୩

**ଆଜିର ସମ୍ପାଦକୀୟ**

ଭୁଲ୍ ସମୟ, ଭୁଲ୍ କଥା

**ଆଜିର ମନ୍ତବ୍ୟ**

"ଭାରତର ପ୍ରକୃତ ସମସ୍ୟା ମୁସଲିମ୍ ଜନସଂଖ୍ୟା ନୁହେଁ ବରଂ ବେରୋଜଗାରୀ।

–ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଡିସେମ୍ବର ସମୟରେ ଭାରତ ବଜାରରୁ ଯାତ୍ରିବାହୀ ଯାନ ରପ୍ତାନି ୫.୮୯% ବୃଦ୍ଧି ଘଟି ୫.୪୦ ଲକ୍ଷ ୟୁନିଟ୍ ରହିଛି।

– ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକଚରର୍ସ

Vencobb FRESH CHICKEN — Taste the difference!
19.01.2020

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 71 | 120 | 130 |
| CTC | 70 | 119 | 129 |
| DKL | 72 | 122 | 132 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 72 | 122 | 132 |
| BHM | 71 | 120 | 130 |

*Conditions Apply
Issued in the Interest of Consumers

# ବେପରୁଆ ଗାଡ଼ି ଚାଳକଙ୍କୁ ଧରାଇବେ ଲୋକେ

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ମୋବାଇଲ୍ ଫୋନ୍ ଆପ୍ଲିକେଶନ (ଆପ୍) ମାଧ୍ୟମରେ ବେପରୁଆ ଗାଡ଼ି ଚାଳକଙ୍କୁ ଧରାଇବେ ସାଧାରଣ ଲୋକେ। ଏଥିପାଇଁ ପ୍ରଚଳନ ହେବ ସିଟିଜେନ ରିପୋର୍ଟିଂ ଆପ୍। ଲୋକେ ବେପରୁଆ ଗାଡ଼ିଚାଳକଙ୍କ ଫଟୋ ଉଠାଇ ଉକ୍ତ ଆପ୍ ଜରିଆରେ ପଠାଇବେ। ଆବଶ୍ୟକ ଯାଞ୍ଚ ପରେ ଚାଲାଣ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ସୂଚନାଦାତାଙ୍କ ନାମ ଗୋପନ ରଖାଯିବ ବୋଲି ଯୋଜନା ଓ ସଂଯୋଜନା ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି।

ରବିବାର ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍‌ଠାରେ ସଡ଼କ ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଉତ୍ସବ ଓ ଇ-ଚେକ୍‌ଗେଟ୍ ବ୍ୟବସ୍ଥାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ନୂତନ ବ୍ୟବସ୍ଥାର ଶୁଭାରମ୍ଭ କରି ମନ୍ତ୍ରୀ କହିଲେ, ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ଦୁର୍ଘଟଣା କମିଛି। ଜରିମାନା ଅଧିକ ହେଉଥିବା କେତେକ ଲୋକେ କହୁଛନ୍ତି। କିନ୍ତୁ ଜଣେ ଟ୍ରାଫିକ ନିୟମ ମାନିଲେ ଜରିମାନା କାହିଁକି ଦେବେ ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ନିକଟରେ କେନ୍ଦ୍ରୀୟ ବୈଠକରେ ମଧ୍ୟ ଅନ୍ୟ ରାଜ୍ୟର ମନ୍ତ୍ରୀମାନେ ଏହାକୁ ବିରୋଧ କରିଥିଲେ। କିନ୍ତୁ ମୁଁ ଏହାକୁ ସମର୍ଥନ କରିଥିଲି। ଜରିମାନା ଅଧିକ ହେବାରୁ ବେପରୁଆ ଗାଡ଼ି ଚାଳକମାନେ ଟ୍ରାଫିକ ନିୟମ ଉଲ୍ଲଂଘନ କରିବାକୁ ୧୦ଥର ଭାବିବେ। ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାରେ ଓଡ଼ିଶା ୫ମ ସ୍ଥାନରେ ରହିଛି। ଏହାକୁ ଆମେ ଚଳିତବର୍ଷ ସଡ଼କ ଦୁର୍ଘଟଣା ୫୦ପ୍ରତିଶତ କମାଇବା ପାଇଁ ଚେଷ୍ଟା କରିବା। ଏଥିପାଇଁ ଟ୍ରାଫିକ ନିୟମ କଡାକଡି କରାଯିବାର ଆବଶ୍ୟକତା ରହିଛି। ବାଇକ ପଛରେ ବସୁଥିବା ବ୍ୟକ୍ତି ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ହେବ। ରାମେଶ୍ୱରରୁ ଚଣ୍ଡିଖୋଲ ରାସ୍ତାରେ ଇଣ୍ଟେଲିଜେଣ୍ଟ ଟ୍ରାଫିକ କଣ୍ଟ୍ରୋଲ ସିଷ୍ଟମ କରାଯିବ। ରାସ୍ତାରେ ଅତ୍ୟାଧୁନିକ କ୍ୟାମେରା ଲାଗିବ। ☞ପୃଷ୍ଠା-୨




କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ପଦ୍ମନାଭ ବେହେରା, ପରିବହନ କମିଶନର ସଞ୍ଜୀବ ପଣ୍ଡା,ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଆଇଜି (ସିଆଇଡି) ଅମିତେନ୍ଦ୍ର ନାଥ ସିହ୍ନା, ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟ ଅତିଥି।

**ଆରମ୍ଭ ହେଲା ଇ-ଚେକ୍‌ଗେଟ୍ ବ୍ୟବସ୍ଥା**

- ପ୍ରଚଳନ ହେବ ସିଟିଜେନ ରିପୋର୍ଟିଂ ଆପ୍
- ରାମେଶ୍ୱରରୁ ଚଣ୍ଡିଖୋଲ ହେବ ଇଣ୍ଟେଲିଜେଣ୍ଟ ଟ୍ରାଫିକ କଣ୍ଟ୍ରୋଲ ସିଷ୍ଟମ
- ସଡ଼କ ଦୁର୍ଘଟଣା ୫୦ ପ୍ରତିଶତ କମାଇବା ଲକ୍ଷ୍ୟ : ମନ୍ତ୍ରୀ

## ଆଜିଠୁ ସୁରଟକୁ ସିଧାସଳଖ ବିମାନ

**ଭୁବନେଶ୍ୱର, ୧୯।୧(ବ୍ୟୁରୋ)**

ଓଡ଼ିଶାବାସୀଙ୍କ ବହୁ ଦିନର ପ୍ରତୀକ୍ଷାର ଅନ୍ତ ଘଟିବ। ସୋମବାରଠାରୁ ଭୁବନେଶ୍ୱରରୁ ସୁରଟକୁ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭ ହେବ। ମାତ୍ର ଦୁଇଘଣ୍ଟାରେ ଭୁବନେଶ୍ୱରରୁ ସୁରଟରେ ପହଞ୍ଚିବେ ଯାତ୍ରୀ। ଏୟାର-ଇଣ୍ଡିଆର ଏ୩୨୧ ବିମାନ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ସକାଳ ୮ଟା ୪୦ମିନିଟ୍‌ରୁ ଉଡ଼ାଣ ଆରମ୍ଭ କରି ପୂର୍ବାହ୍ନ ୧୦ଟା ୪୦ମିନିଟ୍‌ରେ ସୁରଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବ। ସପ୍ତାହକୁ ଦୁଇଦିନ ଏହି ବିମାନ ଚଳାଚଳ କରିବ। ବିମାନଟି ବାଙ୍ଗାଲୋର-ଭୁବନେଶ୍ୱର-ସୁରଟ ଯାତ୍ରା କରିବ। ବାଙ୍ଗାଲୋରରୁ ପ୍ରତି ସୋମବାର ଓ ଗୁରୁବାର ସକାଳ ୬ଟା ୧୦ମିନିଟ୍‌ରୁ ବିମାନଟି ବାହାରି ଭୁବନେଶ୍ୱରରେ ୮ଟା ୧୦ରେ ପହଞ୍ଚିବ। ଭୁବନେଶ୍ୱରରେ ଅଧଘଣ୍ଟା ରହିବା ପରେ ସକାଳ ୮ଟା ୪୦ମିନିଟ୍‌ରେ ସୁରଟ ଅଭିମୁଖେ ଉଡ଼ାଣ କରିବ। ସେହିପରି ପ୍ରତି ଶୁକ୍ରବାର ଓ ରବିବାର ବାଙ୍ଗାଲୋରରୁ ସକାଳ ୬ଟା ୧୦ରେ ବାହାରି ସୁରଟରେ ୮ଟାରେ ପହଞ୍ଚିବ। ସେଠାରେ ଅଧଘଣ୍ଟା ରହି ପୁଣି ୮ଟା ୩୦ରେ ଭୁବନେଶ୍ୱରକୁ ଆସିବ। ଭୁବନେଶ୍ୱରରେ ୧୦ଟା ୩୦ମିନିଟ୍‌ରେ ବିମାନଟି ଅବତରଣ କରିବ। ଭୁବନେଶ୍ୱରରୁ ସୁରଟକୁ ଅତି କମ୍‌ରେ ୪୫୦୩ ଟଙ୍କା ଭଡ଼ା ରହିଥିବାବେଳେ ସୁରଟରୁ ଭୁବନେଶ୍ୱରକୁ ଅତି କମ୍‌ରେ ୪୨୧୩ ଟଙ୍କା ରହିଛି। ସୂଚନାଯୋଗ୍ୟ, ପୂର୍ବରୁ ଭୁବନେଶ୍ୱରରୁ ସୁରଟକୁ ଯିବା ପାଇଁ ହେଲେ ଦିଲ୍ଲୀ ଯିବାକୁ ହେଉଥିଲା। ଯେହେତୁ ସୁରଟରେ ଅନେକ ଓଡ଼ିଆ ଲୋକ ବସବାସ କରୁଛନ୍ତି ତେଣୁ ତାଙ୍କ ସ୍ୱାର୍ଥ ପାଇଁ ଏହି ଦୁଇଟି ସ୍ଥାନ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏହାପରେ ଏୟାର-ଇଣ୍ଡିଆ ଏହି ସୁବିଧା ଯୋଗାଇବା ପାଇଁ ଇଚ୍ଛା ପ୍ରକାଶ କରିଥିଲା। ପରେ ପରେ ଏହି ବିମାନ ଚଳାଚଳ ହେବ ବୋଲି ବେସାମରିକ ବିମାନ ଚଳାଚଳ ବିଭାଗ ଯୁଗ୍ମ ସଚିବ ଉଷା ପାଢ଼ୀ ଟୁଇଟ୍ ଯୋଗେ ଜଣାଇଥିଲେ।



## ବିକ୍ଷୋଭକାରୀଙ୍କ କମ୍ବଳ ନେଇଗଲା ପୋଲିସ

ଉତ୍ତରପ୍ରଦେଶର ଘଣ୍ଟାଘର ପାର୍କ ନିକଟରେ ରବିବାର ଏକ ମହିଳା ଗୋଷ୍ଠୀ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ବିରୋଧରେ ବିକ୍ଷୋଭ କରୁଥିବାବେଳେ ପୋଲିସ କେତେଜଣଙ୍କଠାରୁ କମ୍ବଳ ଛଡ଼ାଇନେଇଥିବା ଅଭିଯୋଗ ହୋଇଛି। ପ୍ରାୟ ୫୦ ଜଣ ମହିଳା ସେମାନଙ୍କ ପିଲାଙ୍କୁ ଧରି ଶୀତକାକରରେ ଆନ୍ଦୋଳନରେ ବସିଥିଲେ। ହେଲେ ସେମାନେ ଘୋଡାଇ ହୋଇଥିବା କମ୍ବଳକୁ ପୋଲିସ ଛଡ଼ାଇ ନେଇଛି। ଅପରପକ୍ଷରେ ପୋଲିସ ଏହାକୁ ଖଣ୍ଡନ କରିବା ସହ ସେମାନେ ବେଆଇନ ଭାବେ ବିକ୍ଷୋଭ କରୁଥିଲେ ବୋଲି କହିଛି।


### ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:...................................
ଜନ୍ମ ତାରିଖ: .............................


ରାଜ୍ ପରିବାରବର୍ଗ


ଶିବଂ ଶାଶ୍ୱତ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ନୟାଗଡ଼ ଅଫିସ/ଦଶପଲ୍ଲା(ଡି.ଏନ୍.ଏ.),୧୯।୧**

ନୟାଗଡ଼ ଜିଲା ଦଶପଲ୍ଲା ଉପକାରାଗାରରେ ଶନିବାର ବିଳମ୍ବିତ ରାତିରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଣିଗୋଛା ଥାନା ବାଣିଗୋଛା ଗ୍ରାମର କୃଷ୍ଣଚନ୍ଦ୍ର ପାତ୍ର (୪୫)। ଘଟଣାରୁ ପ୍ରକାଶ ଯେ, ପାରିବାରିକ ଗଣ୍ଡଗୋଳ ଘଟଣାରେ କୃଷ୍ଣଚନ୍ଦ୍ର ଓ ତାଙ୍କ ସ୍ତ୍ରୀ ପ୍ରଭାସିନୀ ୬ ମାସ ହେଲା ବିଚାରାଧୀନ କଏଦୀ ଭାବେ ଦଶପଲ୍ଲା ଉପକାରାଗାରରେ ରହିଆସୁଥିଲେ। ବିଭିନ୍ନ ସମୟରେ ପେଟଜନିତ ରୋଗ ଯୋଗୁ କୃଷ୍ଣଚନ୍ଦ୍ର ଚିକିତ୍ସିତ ହେଉଥିଲେ। ଶନିବାର ଅପରାହ୍ନରେ ତାଙ୍କ ପେଟ ଯନ୍ତ୍ରଣା ହେବାରୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ଚିକିତ୍ସିତ ହୋଇ ସେ ଜେଲ୍‌କୁ ଯାଇଥିଲେ। ଜେଲ୍‌ରେ ରାତି ୩ଟା ସମୟରେ ତାଙ୍କର ପୁଣି ପେଟ ଯନ୍ତ୍ରଣା ହୋଇଥିଲା। ଜେଲ୍ ପକ୍ଷରୁ ତାଙ୍କୁ ସଙ୍ଗେ ସଙ୍ଗେ ଦଶପଲ୍ଲା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳେ ମାଜିଷ୍ଟ୍ରେଟ ଭାବେ ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରା, ଦଶପଲ୍ଲା ଥାନା ଏସ୍‌ଆଇ ସୁବାସ ଚମ୍ପତି ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କୃଷ୍ଣଚନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩/୨୦) ରୁଜୁ ହୋଇଛି।

### ଜେଲରେ ବିଧବା ହେଲେ ପ୍ରଭାସିନୀ

୬ ମାସ ତଳେ କୃଷ୍ଣଚନ୍ଦ୍ର ଓ ପ୍ରଭାସିନୀ ପାରିବାରିକ କଳହକୁ ନେଇ ମା' କୁମୁଦିନୀଙ୍କ ସହ ଗଣ୍ଡଗୋଳ କରିଥିଲେ। ଏ ନେଇ କୁମୁଦିନୀ ବାଣିଗୋଛା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଦମ୍ପତିଙ୍କୁ ଗିରଫ ପରେ ଦଶପଲ୍ଲା କୋର୍ଟ ଚାଲାଣ କରିଥିଲା। କେହି ଜାମିନରେ ନ ନେବାରୁ ୬ମାସ ହେଲା ସେମାନେ ଜେଲ୍‌ରେ ରହିଆସୁଥିଲେ। କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ପରେ ପ୍ରଭାସିନୀଙ୍କୁ ପୋଲିସ ହେପାଜତରେ ଜେଲରୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ସ୍ୱାମୀଙ୍କୁ ଶେଷ ଦର୍ଶନ କରିବା ପରେ ତାଙ୍କୁ ପୁଣି ଜେଲକୁ ଅଣାଯାଇଥିଲା। କାରାଗାରକୁ ପ୍ରବେଶ ସମୟରେ ସମ୍ପର୍କୀୟ ଭାଉଜ ପ୍ରଭାସିନୀଙ୍କୁ ବିଧବା କରାଇଥିଲେ। ହିନ୍ଦୁ ରୀତି ନୀତି ଅନୁସାରେ କାରାଗାର ମଧ୍ୟରେ ପ୍ରଭାସିନୀଙ୍କ ଚୂଡ଼ି ଭଙ୍ଗାଯାଇଥିଲା। ପ୍ରଭାସିନୀ ଓ କୃଷ୍ଣଚନ୍ଦ୍ରଙ୍କ ଗୋଟିଏ ଝିଅ ଥିବା ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ରମଙ୍ଗଳ ଯୋଗ ପ୍ରଭାବରୁ ଅର୍ଥନୈତିକ ଅଭିବୃଦ୍ଧି, ଗୃହଜମି ଲାଭ, ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟି ହେବ। କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିବା ସହ ଆତ୍ମୀୟଙ୍କ ସହୃଦୟତାରୁ ଖୁସି ରହିବେ। ବିତର୍କଜନିତ ପରିବାରରେ ଅର୍ଥ ସମ୍ପର୍କକୁ ନେଇ କିମ୍ବା ଅଫିସ୍‌ରେ ସହକର୍ମୀଙ୍କ ସହ ବିବାଦ ଦେଖାଦେଇ ପାରେ। ଆନୁଷ୍ଠାନିକ କାମରେ ନିଜର ପତିଆରା ବୃଦ୍ଧି ପାଇବ।

**ବୃଷ** ସପ୍ତମସ୍ଥ ଗ୍ରହ ପ୍ରଭାବରେ ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଓ ଏବଂ ଯେଉଁ କାମରେ ଯାଉଛନ୍ତି ସେଥିରେ ସଫଳତା ନିଶ୍ଚିତ ପାଇବେ। ପରିବାରରେ ପିଲାମାନଙ୍କ ସମସ୍ୟା ବିଷୟକୁ ନେଇ ମନରେ ସରସତା ରହି ନ ପାରେ। ଆକସ୍ମିକ ଭାବରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିବାର ସୂଚନା ରହିଛି।

**ମିଥୁନ** ରବି ଓ ବୁଧଙ୍କ ସ୍ଥାନସ୍ଥିତିରୁ ଭାଇ, ବନ୍ଧୁ ଓ ପଡୋଶୀଙ୍କ ସହ ଅର୍ଥକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ସାଧାରଣ ଯୁକ୍ତି ତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ଯୋଗ ଦେଇ ପାରନ୍ତି। କଳା, କ୍ରୀଡ଼ା ଓ ସଭାସମିତିରେ ସମ୍ମାନିତ ହେବେ।

**କର୍କଟ** ସାମଗ୍ରିକ ଦୃଷ୍ଟିକୋଣରୁ ପ୍ରତ୍ୟେକ କ୍ଷେତ୍ରରେ ସୁଫଳ ଲାଭକରିବା ସହ ଦିନଟି ସ୍ମରଣୀୟ ରହିବ। ଅଶ୍ଳେଷା ନକ୍ଷତ୍ର କାର୍ଯ୍ୟ ବ୍ୟସ୍ତତା ବୃଦ୍ଧି ପାଇବା କାରଣରୁ ଘରୋଇ କାମରେ ସମୟ ଦେଇ ପାରିବେ ନାହିଁ। ସାଙ୍ଗସାଥୀମାନଙ୍କ ସହ ଦେବଦର୍ଶନ ଓ ଭ୍ରମଣ ସାଙ୍ଗକୁ କୌଣସି ନୂତନ ଜିନିଷ କିଣିବାକୁ ମନ ବଳାଇବେ।

**ସିଂହ** ଶନି କ୍ଷେତ୍ରସ୍ଥ ରାଶ୍ୟାଧିପ ରବି ହେତୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିଚଳିତ କରିପାରେ। ଏହା ସାଙ୍ଗକୁ କର୍ମକ୍ଷେତ୍ରରେ ମଧ୍ୟ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତିରେ ସାମ୍ନା କରିବାକୁ ପଡିବ। ଅଫିସରେ କିମ୍ବା କାମରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। କାରିଗରି, ପରିବହନ, ବ୍ୟବସାୟ ଓ ଫଳ ଦୋକାନୀ ଆଜି ବିଶେଷ ଭାବେ ଲାଭବାନ ହେବେ।

**କନ୍ୟା** ସ୍ୱଭାବରୁ ବୁଧ ଅଷ୍ଟମସ୍ଥ ଯୋଗୁ ଆଜିର ଦୈନିକଚର୍ଯ୍ୟା ଓ କର୍ମକ୍ଷେତ୍ର ଶୃଙ୍ଖଳିତ ରହିବନାହିଁ। ଅବଶ୍ୟ ଚିତ୍ରା ନକ୍ଷତ୍ର ସକାଶେ ପାଖ ପଡ଼ୋଶୀଙ୍କ ନିକଟରୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ । ଆତ୍ମୀୟମାନଙ୍କୁ ଭଲକଥା କହିଲେ ମଧ୍ୟ ଅନ୍ୟମାନେ ତାହାକୁ ଭୁଲ୍ ବୁଝିବେ। ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ।

**ତୁଳା** ଧନାଧିପ କର୍ମାଧିପତି ସହ ଧନସ୍ଥ ଯୋଗୁ ଅର୍ଥର ପ୍ରାଚୁର୍ଯ୍ୟ ମଧ୍ୟରେ ନୂଆ ନୂଆ କାମର ପରିକଳ୍ପନା କରିବେ। କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ,ଏଣୁ ସତର୍କତାର ସହ କିଛି ମନ୍ତବ୍ୟ ଦେବା ଭଲ ହେବ। ସମ୍ୟକ୍ ନମ୍ରତା ଓ ନୀରବତା ମାଧ୍ୟମରେ ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ଦୂରେଇ ପାରିବେ।

**ବିଛା** ଆଜି ମନ ଅନୁଯାୟୀ କାମ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ । ଅଫିସ୍ କାମରେ କୌଣସି ମହିଳାଙ୍କ ତରଫରୁ ସମସ୍ୟା ଆସି ପାରେ। ପରୋକ୍ଷ ଭାବେ ଆପଣଙ୍କ ଶତ୍ରୁମାନେ ସମସ୍ୟା ସୃଷ୍ଟି କରିବା ସକାଶେ ଯୋଜନା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିପାରନ୍ତି।

**ଧନୁ** ସନ୍ଦେହ ଓ ଭୁଲ୍ ଧାରଣାରୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଯୁକ୍ତିତର୍କ ଲାଗିବାର ସୂଚନା ରହିଛି। ପୂର୍ବାଷାଢ଼ା ନକ୍ଷତ୍ର ବନ୍ଧୁମାନଙ୍କ ସହ ଭ୍ରମଣ, କ୍ରୀଡ଼ା କାର୍ଯ୍ୟକ୍ରମରେ ନିଜକୁ ମଜାଇ ରଖି ଅର୍ଥର ଅପବ୍ୟୟ କରିପାରନ୍ତି। ବିତର୍କ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିବା ସହ ବ୍ୟବସାୟ ଓ ପରିବହନ ପାଇଁ ଦିନଟି ବହୁତ ଭଲ।

**ମକର** ପ୍ରତିକୂଳଗ୍ରହସ୍ଥିତି ପ୍ରତ୍ୟେକ କାମକୁ ଗଡ୍‌ବଡ୍ କରିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ପଛକୁ ରହି କାମ କରିବା ଭଲ ହେବ, ଅବଶ୍ୟ ଦିନଟି ଉତ୍ତରାଷାଢା ନକ୍ଷତ୍ର ପାଇଁ ମନ୍ଦ ହେବନି। ହଠାତ୍ କୌଣସି ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଅନୁଭବ କରି ଦୁଃଖ ପ୍ରକାଶ କରିପାରନ୍ତି।

**କୁମ୍ଭ** ପାପଯୁକ୍ତ ବୃହସ୍ପତି ଯୋଗୁ କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡା, ସାହିତ୍ୟ, ସଙ୍ଗୀତ, କଳା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ, ବିଶେଷ ଭାବରେ ଲାଭବାନ୍ ହେବେ। ଇଚ୍ଛା ନ ଥାଇ ମଧ୍ୟ ପରିସ୍ଥିତିରେ ପଡି ଅନାବଶ୍ୟକ ଅର୍ଥବ୍ୟୟ କରିବାକୁ ବାଧ ହୋଇପାରନ୍ତି।

**ମୀନ** ବିଭିନ୍ନ ପ୍ରକାର ନୂତନ ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବା ସାଙ୍ଗକୁ ଧାର ସୂତ୍ରରେ ଅର୍ଥ ପାଇବେ। ଯାତ୍ରା ସଫଳ ହେବ ଏବଂ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

ଆଜି ଜାନୁୟାରୀ ୨୦ ତାରିଖ, ମାଘ କୃଷ୍ଣପକ୍ଷର ସର୍ବସମ୍ମତ ଏକାଦଶୀ ସୋମବାର, ଓଳାଶୁଣୀ ଯାତ୍ରା, ରାଶିନକ୍ଷତ୍ର-ଅନୁରାଧା/ବିଛା, ମିଥୁନ ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଦିବା ଘ୧୨।୪୮ମି. ଗତେ ବିବାହ ପାଣିଗ୍ରହଣ, ସକାଳ ଘ୭।୫୬ମି. ମଧ୍ୟେ ଘ୧୦।୫୧ମି. ଗତେ ଘ୧।୦୩ମି. ମଧ୍ୟେ ଅମୃତବେଳା। ଏବଂ ଦିବା ଘ୯।୧୬ମି. ଗତେ ଘ୧୦।୩୯ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୫୧ମି. ଗତେ ଘ୯।୧୩ମି. ମଧ୍ୟେ ରାହୁକାଳ।



## ଜିଲା ଚିଠି
### ଭଦ୍ରକ

## ଅଳ୍ପରେ ସନ୍ତୁଷ୍ଟ

ଭଦ୍ରକ ଜିଲାବାସୀ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇବା ଲାଗି ଦୀର୍ଘବର୍ଷ ଧରି ମେଡିକାଲ କଲେଜ ପ୍ରତିଷ୍ଠା ସକାଶେ ଦାବି କରିଆସୁଥିଲେ। ଏପରିକି ଦସ୍ତଖତ ଅଭିଯାନ, ପଥପ୍ରାନ୍ତ ସଭା, ରାସ୍ତାରୋକୋ, ଦିନିକିଆ ଭଦ୍ରକ ଜିଲା ବନ୍ଦ, ଅଖଚକ ବନ୍ଦ ଭଳି ଆନ୍ଦୋଳନ ହୋଇଥିଲା। ହେଲେ ରାଜ୍ୟ ସରକାର ମେଡିକାଲ କଲେଜ ବଦଳରେ ୩ ଶହ ଶଯ୍ୟା ବିଶିଷ୍ଟ ୭ ମହଲା ଜିଲା ଚିକିତ୍ସାଳୟ ଘୋଷଣା କରି ଜିଲାବାସୀଙ୍କୁ ସନ୍ତୁଷ୍ଟ କରିବା ଉଦ୍ୟମ କରିଛନ୍ତି। ସରକାରଙ୍କ ଏହି ଘୋଷଣାକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ବାଣ ଫୁଟାଇ ଖୁସି ମନାଇଥିଲେ ମଧ୍ୟ ଅଧିକାଂଶ ଏହି ଘୋଷଣାକୁ ନେଇ ଖୁସି ନ ଥିଲେ। ଯେଉଁ ଜିଲାବାସୀ ଅଳ୍ପକେ ସନ୍ତୁଷ୍ଟ ତାଙ୍କୁ ଅଧିକ ଦେବାର ଆବଶ୍ୟକ ପଡ଼େ ନାହିଁ କହି ବିରୋଧୀ ତାଚ୍ଛଲ୍ୟ କରିଥିଲେ। ଜିଲାବାସୀଙ୍କ ମେଡିକାଲ କଲେଜ ଦାବି ଯଥାର୍ଥ ବୋଲି ରାଜନେତାଙ୍କ ସମେତ ବୁଦ୍ଧିଜୀବୀମାନେ ଦାବି କରୁଥିବାବେଳେ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଲେ ନାହିଁ। ୨୦୧୯ରେ କେନ୍ଦ୍ର ସରକାର ଦେଶରେ ୭୫ଟି ମେଡିକାଲ କଲେଜ ପ୍ରତିଷ୍ଠା କରିବେ ବୋଲି ଘୋଷଣା କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବହେଳିତ ଜିଲାବାସୀ ସେତେବେଳେ ସଙ୍ଗଠିତ ହୋଇ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଉଠାଇଥିଲେ। ଏହାକୁ ନେଇ ବେଶ୍ କିଛିଦିନ ଉଷ୍ମତା ଜାରି ରହିଥିଲା। ମେଡିକାଲ କଲେଜ ସଂଗ୍ରାମୀ ସେନା ସମେତ ଜିଲାର ବିଭିନ୍ନ ସାମାଜିକ ସଙ୍ଗଠନ ଏହି ଦାବି ହାସଲ ଲାଗି ଜିଲା ପ୍ରଶାସନ ଉପରେ ଚାପ ସୃଷ୍ଟି କରି ଆନ୍ଦୋଳନ ଓ ଶୋଭାଯାତ୍ରା କରିଥିଲେ। ହେଲେ କୌଣସି ସୁଫଳ ମିଳିଲା ନାହିଁ। ଉଲ୍ଲେଖନୀୟ ଯେ, ବର୍ତ୍ତମାନର ଭଦ୍ରକ ଜିଲା ଚିକିତ୍ସାଳୟ ଉପରେ ଭଦ୍ରକ ସମେତ ଏହା ସଂଲଗ୍ନ ବାଲେଶ୍ୱର, କେନ୍ଦୁଝର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲା ଉପାନ୍ତ ଅଞ୍ଚଳର ପ୍ରାୟ ୨୪ ଲକ୍ଷ ଲୋକ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଛନ୍ତି। ଏଭଳି ସ୍ଥିତିରେ ମେଡିକାଲ କଲେଜ ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ ବୋଲି କୁହାଯାଇଛି। ହେଲେ ନୂତନ ୭ ମହଲା ବିଶିଷ୍ଟ ମେଡିକାଲ କୋଠା ନିର୍ମାଣ ଘୋଷଣାକୁ ଅନେକ ସହଜରେ ଗ୍ରହଣ କରିପାରିନାହାନ୍ତି। ତେବେ ଜିଲାର ୩ ବିଧାୟକଙ୍କ ସମେତ ଶତାଧିକ ବିଜେଡି କର୍ମୀ ଦଳୀୟ ସୁପ୍ରିମୋଙ୍କୁ ଭେଟି ଅତ୍ୟାଧୁନିକ ମେଡିକାଲ କୋଠା ନିର୍ମାଣ ନେଇ ଧନ୍ୟବାଦ ଜଣାଇବା ଘଟଣା ଚର୍ଚ୍ଚାକୁ ଆସିଛି। ଏହା ଅଳ୍ପରେ ସନ୍ତୁଷ୍ଟି ଲାଭ କଥାକୁ ପ୍ରମାଣିତ କରୁଛି ବୋଲି ଆନ୍ଦୋଳନକାରୀଙ୍କ ପକ୍ଷରୁ ସମାଲୋଚନା କରାଯାଉଛି।

– ବିଭୁପ୍ରସାଦ ବେହେରା

## ୨୧, ୨୨ରେ ଘନ କୁହୁଡ଼ି

**ଭୁବନେଶ୍ୱର, ୧୯।୧(ବ୍ୟୁରୋ)–** ରାଜ୍ୟରେ କମି କମି ଯାଉଛି ଶୀତ। ଗତ ୪ ଦିନ ହେବ ଯେଉଁ କୁହୁଡ଼ି ଦେଖାଯାଉଥିଲା ତାହା ରବିବାର କମିଯାଇଛି। ହେଲେ ସୋମବାର ପଶ୍ଚିମ-ଓଡ଼ିଶାରେ ଅଳ୍ପ କୁହୁଡ଼ି ହେବ। ତେବେ ଆସନ୍ତା ୨୧ ଓ ୨୨ତାରିଖରେ ବିଭିନ୍ନ ଜିଲାରେ ଘନ କୁହୁଡ଼ି ଆଚ୍ଛାଦିତ ହୋଇ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏନେଇ ଏହି ଦୁଇଦିନ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ରେ ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼, ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ ଓ ମାଲକାନଗିରିରେ ଘନ କୁହୁଡ଼ି ପରିଲକ୍ଷିତ ହେବ। ସେହିପରି ୨୨ ତାରିଖରେ ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଜଗତ୍‌ସିଂହପୁର, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, କେନ୍ଦ୍ରାପଡ଼ା, ଅନୁଗୋଳ ଓ ଗଜପତି ଆଦି ଜିଲାରେ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ୨ଦିନ ମଧ୍ୟରେ ରାତିର ତାପମାତ୍ରା ୧ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ଖସିବାର ଆଶଙ୍କା ରହିଛି। ରବିବାର ଅନୁଗୋଳ ଓ ମାଲକାନଗିରିରେ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ରେକର୍ଡ କରାଯାଇଛି।

## ଲୋକଙ୍କ...

ଗତ ଡିସେମ୍ବର ୧୪ରେ ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଓ.ପି. ରାୱତ୍‌ଙ୍କ ଅଧ୍ୟକ୍ଷତାରେ ସିସିଆର୍‌ଜିଏର ବୈଠକ ବସିଥିଲା। ରାଜ୍ୟଗୁଡ଼ିକୁ ଏହି ପ୍ରସଙ୍ଗରେ ତାଗିଦ କରାଯିବ ଏବଂ କୌଣସି ରାଜ୍ୟ ଏହାକୁ ଅମାନ୍ୟ କଲେ ଅବମାନନା କାର୍ଯ୍ୟାନୁଷ୍ଠାନ ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ପରାମର୍ଶ ଦିଆଯିବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କେବଳ ଛତିଶଗଡ଼ ଓ ନାଗାଲାଣ୍ଡ ରାଜ୍ୟ ସରକାର ସିସିଆର୍‌ଜିଏଙ୍କ ନିର୍ଦ୍ଦେଶ ମାନିଥିବା ଜଣାପଡ଼ିଛି। ଅନ୍ୟ ରାଜ୍ୟଗୁଡ଼ିକ ବିଜ୍ଞାପନ ପ୍ରକାଶ/ପ୍ରସାରଣ ନିୟନ୍ତ୍ରଣ ସକାଶେ କମିଟି ଗଠନରେ ବିଳମ୍ବ କରୁଥିବା ନେଇ ଚଳିତ ମାସରେ ଅନୁଷ୍ଠିତ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏହା ଉପରେ ତୁରନ୍ତ ଜରୁରୀ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ପରାମର୍ଶ ଦିଆଯାଇଥିଲା। ପ୍ରକାଶ ଯେ ସମସ୍ତ ଗଣମାଧ୍ୟମ ମଞ୍ଚରେ ବିଜ୍ଞାପନର ବିଷୟବସ୍ତୁ ନିୟନ୍ତ୍ରଣ ଉପରେ ଏକ ନୂଆ ଆଇନ ପ୍ରଣୟନ କରିବା ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସ୍ତାବିତ ଆଇନ ଆସିବାରେ ବିଳମ୍ବ ହୋଇପାରେ। ତେଣୁ ସରକାରୀ ଅର୍ଥରେ ପ୍ରକାଶ ପାଉଥିବା ବିଜ୍ଞାପନର ବିଷୟବସ୍ତୁ ଯାଞ୍ଚ କରିବା ପାଇଁ କେନ୍ଦ୍ରର ତିନିଜଣିଆ କମିଟିକୁ ଦାୟିତ୍ୱ ଦିଆଯାଇଛି।

## ବେପରୁଆ...

ଏହା ସାହାଯ୍ୟରେ ବେପରୁଆ ଗାଡ଼ିଚାଳକଙ୍କୁ ଚିହ୍ନଟ ପରେ ଜରିମାନା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ପରିବହନ କମିଶନର ସଞ୍ଜୀବ ପଣ୍ଡା କହିଲେ, ଚଳିତବର୍ଷ ୯୦ ପ୍ରତିଶତ ଲୋକ ଟ୍ରାଫିକ ନିୟମ ସଂକ୍ରାନ୍ତରେ ସଚେତନ ହୋଇଛନ୍ତି। ଆମ ଦେଶରେ ବର୍ଷକୁ ହାରାହାରି ୧ଲକ୍ଷ ୫୦ ହଜାର ଲୋକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ

ପ୍ରଥମ ପୃଷ୍ଠାରୁ...

ଘଟୁଥିବାବେଳେ ଓଡିଶାରେ ସ୍ଥିତି ଉଦ୍‌ବେଗଜନକ ରହିଛି। ୧୦୦ଟି ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ଜାତୀୟ ସ୍ତରରେ ୩୧ ରହିଥିବାବେଳେ ଓଡ଼ିଶାରେ ୪୭ ରହିଛି। ଗତ ୧୦ବର୍ଷ ମଧ୍ୟରେ ରାଜ୍ୟରେ ୩୮ ହଜାର ଲୋକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାବେଳେ ଏହାର ୭୦ ପ୍ରତିଶତ ଯୁବବର୍ଗ ଅଟନ୍ତି। ୪୨ ପ୍ରତିଶତ ମୃତ୍ୟୁ କେବଳ ଜାତୀୟ ରାଜପଥଗୁଡିକରେ ଘଟିଛି। ପୁଣି ୩୫ ପ୍ରତିଶତ ୨ଚକିଆ ଗାଡ଼ି ଚାଳକ ବା ଆରୋହୀ ରହିଛନ୍ତି। ଅଧିକାଂଶ ବିନା ହେଲ୍‌ମେଟ୍‌ରେ ଯାତ୍ରା ଯୋଗୁ ଘଟିଛି। ଦ୍ରୁତଗତି ଓ ମଦ୍ୟପାନ କରି ଗାଡି ଚଳାଇବା ଯୋଗୁ ୬୦ ପ୍ରତିଶତ ଦୁର୍ଘଟଣା ଘଟିଥିବା ରିପୋର୍ଟ କହୁଛି। ଗତ ୩ ମାସରେ ପ୍ରାୟ ୯ ହଜାର ମଦୁଆ ଗାଡ଼ି ଚାଳକ ଗିରଫ ହୋଇଛନ୍ତି। ଗତବର୍ଷ ୧୭ହଜାର ଲୋକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରାଯାଇଛି। ଆପାତତଃ ୪ଲକ୍ଷ ୭୫ ହଜାର ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଇ-ଚାଲାଣ କରାଯାଇଛି। ଏହାସହ ରାଜ୍ୟରେ ୪୩୫ ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯାଇ ତାହାର ନିରାକରଣ କରାଯାଇଥିବା ପଣ୍ଡା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଆଇଜି (ସିଆଇଡି) ଅମିତେନ୍ଦ୍ର ନାଥ ସିହ୍ନା, ଆର୍‌ଟିଓ-୧ ଓ ଆର୍‌ଟିଓ-୨ ଉପସ୍ଥିତ ଥିଲେ।

### ଇ-ଚେକ୍‌ଗେଟ୍ ବ୍ୟବସ୍ଥା କ'ଣ?

ପୂର୍ବରୁ ବାହାର ରାଜ୍ୟର ଗାଡ଼ି ଓଡିଶାକୁ ଆସିଲେ ସେମାନେ ପ୍ରଥମେ ପ୍ରବେଶ କରିଥିବା ଜିଲାର ଆର୍‌ଟିଓ ଅଫିସ୍‌ରେ ଗାଡ଼ି ପ୍ରବେଶ କାଗଜପତ୍ର କରିଥାନ୍ତି। କିନ୍ତୁ ଏବେ ଇ-ଚେକ୍‌ଗେଟ୍ ହେବା ଦ୍ୱାରା ଏହି ସମସ୍ୟା ଦୂର ହୋଇଛି। ଗାଡ଼ି ଚାଳକମାନେ ଆର୍‌ଟିଓ ଅଫିସ ନ ଯାଇ ଅନ୍‌ଲାଇନ୍‌ରେ ଟଙ୍କା ଜମା କରି ପ୍ରବେଶ କାଗଜପତ୍ର ପାଇପାରିବେ।

## ଚାଲିଗଲେ...

ସ୍ନାତକୋତ୍ତର କରିଥିଲେ। ୧୯୫୭ରେ କୋଲକାତା ସର୍ବଭାରତୀୟ ସଦରଙ୍ଗ ସଙ୍ଗୀତ ସମ୍ମିଳନୀରେ ସଙ୍ଗୀତ ପରିବେଷଣ କରି ୧୩ଟି ସ୍ୱର୍ଣ୍ଣମୁଦ୍ରା ହାସଲ କରିଥିଲେ। 'ଜୀବନ ପାତ୍ର ମୋ ଭରିଛ କେତେ...' ଭଳି ହୃଦୟଭରା ଗୀତ ଗାଇ ସଙ୍ଗୀତ ଜଗତରେ ହଲଚଲ ସୃଷ୍ଟି କରିଥିଲେ କଣ୍ଠଶିଳ୍ପୀ ଡ. ସୁନନ୍ଦା ପଟ୍ଟନାୟକ। ଜଗନ୍ନାଥ ସ୍ୱାମୀ..., ଜୀବନ ବନ୍ଧୁ ଜୟ ଜୟ..., ହେ ଦୁଃଖ ଭଞ୍ଜନ..., ଦୁଃଖେ ତୁମରି ଉତ୍ସବ ଦୀପ..., ରାମ ଗୟା ବନୱାସ..., ସଖୀ ମେରୀ ମନ୍‌କୀ... ଭଳି ଶତାଧିକ ଭଜନ, ଜଣାଣ ଓ ତରାନା ଗାଇ ସଙ୍ଗୀତ ପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। କେବଳ ଏତିକି ନୁହେଁ, ଭାରତରେ ବିଭିନ୍ନ ସ୍ଥାନରେ ସଙ୍ଗୀତ ପରିବେଷଣ କରିବା ସହ ଅନ୍ତର୍ଜାତୀୟ ସ୍ତରରେ ସେ ଖ୍ୟାତି ଅର୍ଜନ କରିଥିଲେ। ସାରା ଜୀବନ ଅବିବାହିତ ହୋଇ ରହିବାକୁ ନିଷ୍ପତ୍ତି ନେଇଥିବା ସୁନନ୍ଦା ୧୯୮୩ରୁ ଏକାକୀ କୋଲକାତାରେ ରହୁଥିଲେ। ସର୍ବଭାରତୀୟ ସ୍ତରରେ ତରାନା ପରିବେଷଣରେ ସେ ଜଣେ ଅନନ୍ୟ ଶିଳ୍ପୀ ଥିଲେ। ସଙ୍ଗୀତରେ ତାଙ୍କର ପ୍ରଚଣ୍ଡ ପ୍ରତିଭା ପାଇଁ ଶିଳ୍ପୀଜଗତ ତାଙ୍କୁ ଗୁରୁମା ଭାବେ ସମ୍ବୋଧିତ କରୁଥିଲା। ସାମ୍ପ୍ରତିକ ସମୟରେ ଓଡ଼ିଶୀ ସଙ୍ଗୀତର ଜଣେ ବ୍ୟାଖ୍ୟାକାର ଥିବା ପଟ୍ଟନାୟକଙ୍କ ଗୀତ ଶୁଣି ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଆସଫ୍ ଅଲି ଓ ଦେଶର ତତ୍କାଳୀନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ତାଙ୍କର ପ୍ରଶଂସକ ପାଲଟିଥିଲେ। ସଙ୍ଗୀତ କ୍ଷେତ୍ରରେ ଉତ୍କର୍ଷ ଲାଗି ସେ ୧୯୭୦-୭୧ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର, ଓଡ଼ିଶା ସୋସାଇଟି ଅଫ୍ ଆମେରିକା ପକ୍ଷରୁ ୨୦୧୨ରେ 'ଇଣ୍ଡିଆନ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ' ପୁରସ୍କାର, ସେହିବର୍ଷ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଟାଗୋର ଏକାଡେମୀ ପୁରସ୍କାର ହାସଲ କରିଥିଲେ। ଏହାବ୍ୟତୀତ ୧୯୯୯ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍, ୧୯୭୫ରେ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟ ମଣ୍ଡଳରୁ ସଙ୍ଗୀତରେ ଡକ୍ଟରେଟ୍ ହାସଲ କରିଥିଲେ।


# classifieds Everyday
0674-2580101, 2549302

### real estate
### SALE

ଭୁବନେଶ୍ୱର New Rly Station ପାଖରେ Yellow zone plot ମିଳୁଛି। 6371406921. D-16190

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି। sqft. 650/-, 7008045582, 9692003948. D-16254

**ଭୁବନେଶ୍ୱର କଟଣାଗେଟ୍‌ଠାରେ Sqft.200/-, ବାଲକାଟି ବଜାରରୁ 2k.m Sqft.550/- (ଘରବାରି) କଟକ ତ୍ରିଶୁଳିଆରୁ 4k.m Sqft.300/-ରେ ପ୍ଲଟ୍ ମିଳୁଛି। 9348020724, 7978939440.** D-68472

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore-7809525452.** D-68761

ପ୍ଲଟ୍ ବିକ୍ରିହେବ- ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 4,50,000. Contact: 8908492594. D-16256

**Gharabari plots at Balianta, Bhingarpur and Bagalpur. Immediate possession & registration, contact-9437147826.** D-16175

Bhubaneswar ସୁନ୍ଦରପଦା ନିକଟରେ ଘରବାରି ପ୍ଲଟ୍ 1500 ବର୍ଗଫୁଟକୁ 13,50,000/, ରେ କିଣି ଆଜି ଘର କରନ୍ତୁ। Investment plot 4,00,000/-, Swati, 8249680401. D-68543

Yellowzone gharabari plot near Uttara square NHରୁ 50mtr. distance (9556794241). D-16274

**ଭୁବନେଶ୍ୱର କଟଣାଗେଟ୍‌ଠାରେ 1200sqft. 2,20,000/-, ନଖରା ତ୍ରିନାଥ ବଜାରଠାରେ SC plot 1200sqft. 3,44,000/- (outright), 7894433357, 9776974912.** D-68476

**2BHK flat 1120sqft. adjacent to Mountlitera Zee School, Kateni Bhubaneswar for sale @ 18,50,000/- **, 9937847725.** D-16276

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### construction

Construct your home with branded materials just @ 1350/- onwards, core house 850/-. For more details: 9438315332, 8249485093. D-16181

### GENERAL
### PURCHASE

Packing/ processing machine required, food product, dry, semisolid liquid. 9437008388. D-68328

### to-let

3BHK with parking for families only, near AMRI Hospital, Kolathia. Contact No. 9348534277. D-16211

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### healthcare

Rejuvenate and ayurvedic full body massage by smart therapist. 9114402304. D-68946

Refresh your body with smart and expert therapist. Contact: 8457855286. D-68962

Sai herbal spa refresh your body with smart, expert therapist. 7608062524. D-68961

Ayurvedic full body massage ladies/gents smart experts therapist:- 8480939300. D-68753

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68756

Refresh your mind and soul with best therapy at Orchid Salon/Spa. 9937287222. D-68755

Newly open full body massage by ladies, gents therapist. 8018656899 D-60863

Ayurvedic full body massage ladies and gents. Contact: 9861064981. D-68759

Ayurvedic full body massage by ladies, gents therapist. 7008773793 D-60864

Full body herbal massage with refreshment expert therapist. 7381239385, 06742540855. D-68963

Experience full body massage with us (expert). Call: 7377048581, 06742597822. D-68964


Herbal full body massage by smart / expert therapist. Contact: 8338067247. D-68965

Experience winter therapeutic Abhyanga massage feeling refreshing energetic: Appointment-9668374480. D-68966

### BUSINESS

ନିଜ ଘରେ କାମ କରି ମାସକୁ ୫୦୦୦ ରୁ ୫୦୦୦୦ କମାନ୍ତୁ। Mob: 9777434078. D-16304

### ଜନ୍ମଦିନ ଶୁଭେଚ୍ଛା



(ରାଜ୍)
ଶ୍ରୀଜିତ୍ ପଟ୍ଟନାୟକ
IRC Village, BBSR

ତୋର ଦଶମ ଜନ୍ମବାର୍ଷିକ ତିଥି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶିରିଡି ସାଇବାବାଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ ସର୍ବଦା କୁସୁମିତ ହେଉ ତଥା ଯଶସ୍ୱୀ କରନ୍ତୁ। ଶୁଭେଚ୍ଛା ସହ: ବୋଉମା, ମାମି, ପାପା, ମାମା, ମଣ୍ଟୁ କାକୁ, ସାନମା, ଟଣ୍ଟୁ କାକୁ, କାକୀ, ଚିଣ୍ଟୁ କାକୁ, ସାନ୍ କାକୀ, ବୁଲୁ ଭାଇନା, ଅପା, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଗୁଡ଼ୁ, ଦିଦି, ପ୍ରେମ୍, ଶ୍ୱେତା, ସିଦ୍ଧେଶ, ବନ୍ଧୁ ଓ ପରିବାରବର୍ଗ। ଧ-୧୬୩୦୪

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

**ଆର୍‌ପିଏଫ୍ ଯବାନଙ୍କ ପାଇଁ ଫେରିପାଇଲେ ୪.୫ ଲକ୍ଷ**

ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ଜଣେ ଯାତ୍ରୀ ଅନ୍ୟମନସ୍କ ହୋଇ ଟଙ୍କା ଭର୍ତ୍ତିଥିବା ବ୍ୟାଗ୍ ବଗିରେ ଛାଡ଼ି ଦେଇଥିଲେ। ସେଥିରେ ୪.୫ ଲକ୍ଷ ଟଙ୍କା ଥିଲା। ଏତଲା ପରେ ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ଖୋଜି ସମ୍ପୃକ୍ତ ଯାତ୍ରୀଙ୍କୁ ଆର୍‌ପିଏଫ୍ ଯବାନ ହସ୍ତାନ୍ତର କରିଛନ୍ତି। ବ୍ୟାଗ୍‌ର ସମସ୍ତ ଟଙ୍କା ସୁରକ୍ଷିତ ଫେରିବା ପରେ ଯାସୋଦିନ୍ ଆର୍‌ପିଏଫ୍ ଟିମ୍‌କୁ ଧନ୍ୟବାଦ ଦେଇଛନ୍ତି।

## ୨ ମାଛଧରା ବୋଟ ମଧ୍ୟରେ ଧକ୍କା



- ପହଁରି କୂଳରେ ପହଞ୍ଚିଲେ ୧୮ ମତ୍ସ୍ୟଜୀବୀ
- କୁହୁଡ଼ି ଯୋଗୁ ଘଟିଲା ଦୁର୍ଘଟଣା

**ଗୋପାଳପୁର,୧୯।୧:** କୁହୁଡ଼ି ଯୋଗୁ ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟୁଥିବାବେଳେ ଗଞ୍ଜାମ ଜିଲା ଗୋପାଳପୁର ନିକଟରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ୨ଟି ବୋଟ୍ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ୧୮ଜଣ ଧୀବର କଳେବଳେ କୂଳକୁ ପହଁରି ଚାଲିଆସିଥିବାବେଳେ ସେମାନଙ୍କ ମଧ୍ୟରୁ ୪ଜଣ ଗୁରୁତର ହୋଇଛନ୍ତି। ଡଙ୍ଗା ଦୁଇଟି ଭାଙ୍ଗି ଯାଇଥିବାବେଳେ ମାଛଧରା ଜାଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ମତ୍ସ୍ୟଜୀବୀଙ୍କ କହିବା ପ୍ରକାରେ, ଗୋପାଳପୁର ଏନ୍‌ଏସିର ୯ଜଣ ଶନିବାର ସନ୍ଧ୍ୟାରେ ମାଛ ମାରିବାକୁ ବୋଟ୍ ଧରି ସମୁଦ୍ର ଭିତରକୁ ଯାଇଥିଲେ। ମାଛ ଧରିସାରିବା ପରେ ଲଙ୍ଗର ପକାଇ ସମୁଦ୍ର ଭିତରେ ଅଟକି ରହିଥିଲେ। ଅନ୍ୟଏକ ବୋଟ୍ ନେଇ ୯ ଜଣ ଧୀବର ରବିବାର ଭୋରରେ ଉକ୍ତ ମାଛ ଆଣିବାକୁ ସମୁଦ୍ର ଭିତରକୁ ଯାଇଥିଲେ। ଘନ କୁହୁଡ଼ି ଯୋଗୁ ଲଙ୍ଗର ପକାଇଥିବା ବୋଟ୍ ସହ ଏମାନଙ୍କ ବୋଟ୍‌ଟି ଜୋରରେ ପିଟି ହୋଇଯାଇଥିଲା। ଏଥିରେ ଗୋଟିଏ ବୋଟ୍ ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ଅନ୍ୟଟି ଓଲଟି ପଡ଼ିଥିଲା। ୧୮ ଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ଡେଇଁ ପହଁରି ପହଁରି କୂଳକୁ ଆସିଥିଲେ। ଉକ୍ତ ଦୁଇ ବୋଟ୍‌ରେ ଥିବା ଦୁଇଟି ମୋଟର, ୨ଟି ଜାଲ ବୁଡ଼ିଯାଇଥିଲା। କିଛି ସମୟପରେ ଦୁର୍ଘଟଣାଗ୍ରସ୍ତ ବୋଟ୍ କୂଳରେ ଲାଗିଥିଲା। ଅନ୍ୟ ଧୀବରମାନେ ଟାଣି ଉପରକୁ ଆଣିଥିଲେ। ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ସେମାନେ କହିଛନ୍ତି। କ୍ଷତିଗ୍ରସ୍ତମାନେ ଗରିବ ଶ୍ରେଣୀର ହୋଇଥିବାବେଳେ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।

# ଶ୍ରୀଲଙ୍କାରେ ଫସିଥିବା ୧୧ ଓଡ଼ିଆ ଶ୍ରମିକ ଉଦ୍ଧାର

- ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ଧନ୍ୟବାଦ
- 'ମୋ ପରିବାର' ହସ୍ତକ୍ଷେପ ଦେଲା ସଫଳତା

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ଶ୍ରୀଲଙ୍କାରେ ଫସିଥିବା ୧୧ ଓଡ଼ିଆ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏହି ଶ୍ରମିକମାନେ କାମ ଆଶାରେ ଠିକା ସଂସ୍ଥା ଦ୍ୱାରା ଶ୍ରୀଲଙ୍କା ଯାଇଥିଲେ। ସେଠାରେ ଦୈନିକ ୧୪ରୁ ୧୫ ଘଣ୍ଟା କାମ କରିବା ସହ ନିମ୍ନମାନର ଖାଦ୍ୟ ଗ୍ରହଣ କରୁଥିଲେ। ସ୍ୱାସ୍ଥ୍ୟହାନି ହେଲେ କେହି ଶୁଣିବାକୁ ନ ଥିଲେ। ଜନ୍ମମାଟିରୁ ଦୂରରେ ଥିବା ଏହି ଶ୍ରମିକମାନେ ସାମାଜିକ ଗଣମାଧ୍ୟମର ସହଯୋଗ ନେଇ ରାଜ୍ୟ ପ୍ରଶାସନକୁ ଯୋଗାଯୋଗ କରିଥିଲେ। ସେମାନେ ଫସିଥିବା ଜାଣି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଶ୍ରମିକମାନଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିଥିଲେ। ଏହାପରେ ସିଏମ୍‌ଓ ପକ୍ଷରୁ ବୈଦେଶିକ ମନ୍ତ୍ରଣାଳୟର ସହଯୋଗ ନିଆଯାଇ ସେମାନଙ୍କୁ ଉଦ୍ଧାର କରାଯାଇଥିଲା।

ଏହି ଶ୍ରମିକମାନେ ସୁରକ୍ଷିତଭାବେ ଉଦ୍ଧାର ହେବା ପରେ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ସଭା ଏମ୍‌ପି ତଥା ପାର୍ଲାମେଣ୍ଟ ବୈଦେଶିକ ମନ୍ତ୍ରଣାଳୟ ପରାମର୍ଶଦାତା କମିଟି ସଦସ୍ୟ ସସ୍ମିତ ପାତ୍ର ଏହି ଶ୍ରମିକମାନଙ୍କୁ ସୁରକ୍ଷିତଭାବେ ଫେରାଇ ଆଣିବା ପାଇଁ ଶ୍ରୀଲଙ୍କାରେ ଥିବା ଭାରତୀୟ ଦୂତାବାସ ସହ ପ୍ରତ୍ୟକ୍ଷ ମନିଟରିଂ କରିଥିଲେ। ଶ୍ରମିକମାନଙ୍କୁ ଉଦ୍ଧାର କରିସାରିବା ପରେ ଗଣମାଧ୍ୟମକୁ ସସ୍ମିତ କହିଛନ୍ତି ଯେ, ଯେଉଁ ଠିକାସଂସ୍ଥା ଅଥବା ବ୍ୟକ୍ତିବିଶେଷ ଶ୍ରମିକମାନଙ୍କୁ ନେଇ ଖଟାଉଛନ୍ତି, ଉପଯୁକ୍ତ ପାରିଶ୍ରମିକ, ସ୍ୱାସ୍ଥ୍ୟ ସୁବିଧା ଯୋଗାଉ ନାହାନ୍ତି ସେ ସମ୍ପର୍କରେ ଯାଞ୍ଚ କରାଯିବ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ଏହି ଶ୍ରମିକଙ୍କ ଆର୍ଥିକ ଏବଂ ସାମାଜିକ ଉନ୍ନତି ଆଣିବ ବୋଲି ସସ୍ମିତ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ସଂଗଠନ 'ଓଡ଼ିଶା-ମୋ ପରିବାର' ଶ୍ରମିକଙ୍କୁ ଫେରାଇ ଆଣିବା ପାଇଁ କାର୍ଯ୍ୟ କରିଥିଲା। ଯୁବ ବିଜେଡି ସଙ୍ଗଠକ ଆଶିଷ ମିଶ୍ର ମଧ୍ୟ ଶ୍ରମିକମାନଙ୍କୁ ଉଦ୍ଧାର ସମ୍ପର୍କିତ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ। ପ୍ରଥମେ ଗତ ୧୧ ତାରିଖ ଦିନ ୪ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ୭ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଏହି ଶ୍ରମିକମାନେ ହେଉଛନ୍ତି- ଆଶିଷ କୁମାର ମହାରଣା, ପଙ୍କଜ ପ୍ରଧାନ, ବଳରାମ ରାଉତ, ଦେବରାଜ ନାୟକ, ସୁବାସ ପ୍ରଧାନ, ଆନନ୍ଦ ବେହେରା, କବି ଦାସ, ଲକ୍ଷ୍ମୀ ବେହେରା, ଲକ୍ଷ୍ମୀକାନ୍ତ ସାହୁ, ଶିବ ପ୍ରଧାନ ଏବଂ କିଶୋର ତରାଇ। ଏହି ଶ୍ରମିକମାନେ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ବାଣପୁର ଏବଂ ହରିଚନ୍ଦନପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଜନ୍ମମାଟିକୁ ଫେରିବା ପରେ ଶ୍ରମିକମାନେ କହିଛନ୍ତି ଯେ, କେତେକ ଠିକାଦାର ମାସିକ ୬୦,୦୦୦ ଟଙ୍କା ଦରମା ମିଳିବ ବୋଲି କହି ନେଇଥିଲେ। ହେଲେ ସେଠାରେ ୮ ଘଣ୍ଟା ବଦଳରେ ୧୫ରୁ ୧୬ ଘଣ୍ଟା କାମ କରିବାକୁ କୁହାଗଲା ଏବଂ କୁହାଯାଇଥିବା ପାରିଶ୍ରମିକଠାରୁ ଯଥେଷ୍ଟ କମ୍ ପାରିଶ୍ରମିକ ଦିଆଗଲା। ରାତିରେ ସମସ୍ତଙ୍କୁ ଗୋଟିଏ କୋଠରିରେ ବନ୍ଦ କରିଦିଆଯାଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ସେମାନେ ଭୋଗୁଥିବା ସମସ୍ୟା ସମ୍ପର୍କିତ ଭିଡିଓ ଭାଇରାଲ ହେବା ଘଟଣା ହିଁ ସେମାନଙ୍କ ମୁକ୍ତିର ବାଟ ଫିଟାଇଥିଲା। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ୧୧ ଜଣ ଓଡ଼ିଆ ଶ୍ରୀଲଙ୍କାର କୁରିନିଆୱାତା ନିକଟସ୍ଥ ଏକ ସ୍ଥାନରେ ଫସିଥିଲେ। ଦୀପକ ସାମନ୍ତରାୟ ଏବଂ ପ୍ରକାଶ ସାମନ୍ତରାୟ ଏହି ଶ୍ରମିକମାନଙ୍କୁ ଶ୍ରୀଲଙ୍କା ଚାଲାଣରେ ମଧ୍ୟସ୍ଥତା କରିଥିବା ଜଣାପଡ଼ିଛି।

# କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପକୁ ନେଇ ଏନ୍‌ଜିଟିରେ ମାମଲା

## ତଦନ୍ତ ରିପୋର୍ଟ ମାଗିଲେ ଟ୍ରିବ୍ୟୁନାଲ

**କଟକ ଅଫିସ, ୧୯।୧**

କୋରାପୁଟ ଜିଲା ଡୁମୋଜୋରି ନିକଟରେ ନିର୍ମାଣ ଚାଲିଥିବା କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପକୁ ନେଇ ଏନ୍‌ଜିଟିରେ ମାମଲା ରୁଜୁ ହୋଇଛି। ମାମଲାର ଶୁଣାଣି କରି ଏନ୍‌ଜିଟିଙ୍କ ପକ୍ଷରୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟକୁ ୩ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ମଗାଯାଇଛି। ଫେବୃୟାରୀ ୨୫କୁ ମାମଲାର ପରବର୍ତ୍ତୀ ତାରିଖ ପାଇଁ ଦିନଧାର୍ଯ୍ୟ ହୋଇଛି।

ସୂଚନାଥାଉକି, ଉକ୍ତ ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟରେ ଜଙ୍ଗଲ ଆଇନର ଉଲ୍ଲଂଘନ ହୋଇଥିବା ପିଟିଶନରେ ଉଲ୍ଲେଖ ରହିଛି। ଆବେଦନକାରୀ ମୀନକେତନ ଦାଶ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ପ୍ରକଳ୍ପ ନିମନ୍ତେ ୪.୭ ହେକ୍ଟର ଜଙ୍ଗଲ ଜମି ପ୍ରଦାନ କରାଯାଇଥିଲା। ମାତ୍ର ଏହି ଜମିକୁ ବାଦ୍ ଦେଇ ୩ କିଲୋମିଟର ରାସ୍ତା ଜଙ୍ଗଲ ଜମିରେ ନିର୍ମାଣ କରାଯାଇଛି। ପ୍ରକଳ୍ପର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୧୨ ମେଗାୱାଟ ଧାର୍ଯ୍ୟ କରାଯାଇଥିବା ବେଳେ ଏହା ୧୫ ମେଗାୱାଟକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ନିକଟରେ ଥିବା ଗୁଲୁମି ଜଳପ୍ରପାତ ନିଜର ଶୋଭା ହରାଇବା ସହିତ ସେଠାକାର ସବୁଜିମା ପ୍ରଭାବିତ ହେବ। ଏପରିକି ପ୍ରକଳ୍ପ ନିର୍ମାଣ ନିମନ୍ତେ ଟର୍ନେଲ ସ୍ଥାନରେ ଚ୍ୟାନେଲ କରାଯାଇଛି। ସେହିପରି ବନଖଣ୍ଡ ଅଧିକାରୀଙ୍କ ଅନୁମତି ନ ନେଇ ବ୍ୟାପକ ଗଛ ମଧ୍ୟ କଟାଯାଇଛି। ଏଭଳି ବେଆଇନ କାର୍ଯ୍ୟ ଜଙ୍ଗଲ ଓ ପରିବେଶକୁ ବ୍ୟାପକ ପ୍ରଭାବ ପଭାବିତ କରୁଛି ବୋଲି ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

# ଖସି ଗଲେ ମାଓବାଦୀ ନେତା ମମତା, ଶୁକ୍ରୁ, ବଷ୍ଟି

**ଫୁଲବାଣୀ ଅଫିସ, ୧୯।୧**

## ଫିରିଙ୍ଗିଆରେ ଯବାନ-ମାଓବାଦୀ ଗୁଳି ବିନିମୟ



କ୍ୟାମ୍ପରୁ ଜବତ ସାମଗ୍ରୀ।

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ରହିଛନ୍ତି। ଅଡନସୁଗା, ସାଉଲପଡ଼ା-ଲଦାପଦର ରାସ୍ତା ଓଡାବାଲି ଜଙ୍ଗଲରେ ଏସ୍‌ଓଜି ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଶୁକ୍ରବାର ସକାଳେ ଓ ସନ୍ଧ୍ୟାରେ ଦୁଇଥର ଗୁଳି ବିନିମୟ ହୋଇଥିଲା। ମାଓବାଦୀମାନେ ଛତ୍ରଭଙ୍ଗ ଦେବାପରେ ସେମାନଙ୍କର ଏକ କ୍ୟାମ୍ପ୍ ଠାବ କରାଯାଇଛି। କେକେବିଏନ୍ ଏବଂ ବିଜିଏନ୍ ଡିଭିଜନର ସଦସ୍ୟ ସେଠାରେ ଏକାଠି ହୋଇଥିବା ଜଣାପଡ଼ିଛି। ମାଓବାଦୀ ନେତା ମମତା, ଶୁକ୍ରୁ ଏବଂ ବଷ୍ଟି ଅଳ୍ପକେ ଖସି ଯାଇଛନ୍ତି। ଜଙ୍ଗଲ ମଧ୍ୟରେ ଠାବ ହୋଇଥିବା କ୍ୟାମ୍ପରୁ ୯ ଏମ୍‌ଏମ୍ ପିସ୍ତଲ, ବିସ୍ଫୋରକ, ଇନସାସ୍ ବନ୍ଧୁକର ଗୁଳି, ୱାକିଟକି, ରେଡିଓ, ଟର୍ଚ୍ଚ, ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ, ଔଷଧ, ୟୁନିଫର୍ମ ଆଦି ଜବତ କରାଯାଇଛି।


ସୁମରବନ୍ଧ ପଞ୍ଚାୟତ ରାତାମାସ୍କା, ଅଡାବାଲି ଆଦି ଅଞ୍ଚଳରେ ମାଓବାଦୀମାନେ ଖାଦ୍ୟ ସାମଗ୍ରୀ, ଡ୍ରେସ ଆଦି ନେଉଥିବା ଜଣାପଡ଼ିଥିଲା। ସେହି ଅଞ୍ଚଳରେ ସେମାନେ ମିଟିଂ କରିବା ଏବଂ ଏକତ୍ରିତ ହୋଇଥିବା ଖବର ମିଳିଥିଲା। ଶୁକ୍ରବାର ଆମର ଏସ୍‌ଓଜି ଟିମ୍ କୋମ୍ବିଂ ଅପରେଶନରେ ବାହାରିଥିଲା। ସକାଳ ପ୍ରାୟ ସାଢ଼େ ୭ଟାବେଳେ ଅଡନସୁଗା ଜଙ୍ଗଲଠାରେ ଅଟୋମେଟିକ ରାଇଫଲ ଏକେ-୪୭ରୁ ମାଓବାଦୀମାନେ ଗୁଳି କରିଥିଲେ। ଏହାପରେ ଯବାନମାନେ ପାଲଟା ଆକ୍ରମଣ କରିଥିଲେ। ମାଓବାଦୀମାନେ ସେଠାରୁ ଚାଲି ଯିବାରୁ ସର୍ଚ୍ଚ ଅପରେଶନ ଜୋରଦାର କରାଯାଇଥିଲା। ପୁଣି ସନ୍ଧ୍ୟା ୫ଟାବେଳେ ସାଉଲପଡ଼ା-ଲଦାପଦର ରାସ୍ତା ଅଡାବାଲି ଜଙ୍ଗଲରେ ଆଉ ଗୋଟିଏ ଟିମ୍ ସହ ମାଓବାଦୀଙ୍କ ମୁହାଁମୁହିଁ ହୋଇଥିଲା। ସେଠାରେ ମାଓବାଦୀ କ୍ୟାମ୍ପ ଠାବ କରାଯାଇଥିଲା। ସେଠାରେ କେକେବିଏନ ଏବଂ ବିଜିଏନର ମିଳିତ ମିଟିଂ ହୋଇଥିବା ଖବର ମିଳିଛି। ମାଓବାଦୀ ନେତା ମମତା, ସୁକ୍ରୁ ଏବଂ ବଷ୍ଟି ସେଠାରେ ଥିବା ଅନୁମାନ କରାଯାଉଛି। ଉଭୟ କମିଟିର ସଦସ୍ୟମାନେ ବଡ଼ଧରଣର ହିଂସା ଘଟାଇବା ପାଇଁ ମିଳିତ ହୋଇଥିଲେ। ମହିଳାଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ମାଓବାଦୀ ଉପସ୍ଥିତ ଥିବା ଅନୁମାନ କରାଯାଉଛି। ଏହି ଗୁଳି ବିନିମୟରେ ଆମର କିଛି ଯବାନଙ୍କୁ ସାମାନ୍ୟ ଆଘାତ ଲାଗିଛି। କୋମ୍ବିଂ ଅପରେଶନ ଚାଲୁ ରହିଛି ବୋଲି ଏସ୍‌ପି ପ୍ରତୀକ ଗୀତା ସିଂ ରବିବାର ଅପରାହ୍ଣରେ ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

# କଂଗ୍ରେସ ଭବନରେ ବାଉନ୍ସର ପ୍ରବେଶ ଘଟଣା

- ତଦନ୍ତ ନିଶ୍ଚିତ ହେବ: ପ୍ରଦୀପ
- କଂଗ୍ରେସ ଇତିହାସରେ ଏମିତି ହୋଇ ନ ଥିଲା: ଶରତ

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

କଂଗ୍ରେସରେ ସଭାପତି ପଦରେ ପରିବର୍ତ୍ତନକୁ ନେଇ ବାଦ ବିବାଦ ଲାଗି ରହିଛି। ଏହାସହ ଛାତ୍ର, ଯୁବ ସଭାପତି ପଦକୁ ନେଇ ମଧ୍ୟ ସମାନସ୍ଥିତି ରହିଛି। ଏଭଳି ବିବାଦ ଚାଲିଥିବା ବେଳେ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ଗତ ଶୁକ୍ରବାର ବାଉନ୍ସର ପ୍ରବେଶ ଘଟଣା ଆଉ ନୂଆ ସମସ୍ୟା ଆଣିଛି। କିଏ ବାଉନ୍ସରଙ୍କୁ ଡକାଇଥିଲା ତାକୁ ନେଇ ଝଡ଼ ସୃଷ୍ଟି ହୋଇଥିବାବେଳେ ଏହାର ତଦନ୍ତ ହେବା ନିତାନ୍ତ ଆବଶ୍ୟକ ବୋଲି ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି। ପ୍ରଦୀପ କହିଛନ୍ତି ଯେ, ଏହି ଘଟଣାକୁ ନେଇ ଚାରିଆଡ଼େ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ତେଣୁ ଏହି ଘଟଣାର ତଦନ୍ତ ହେବା ଆବଶ୍ୟକ ଏବଂ ହେବ ମଧ୍ୟ। ଆସନ୍ତା ୨ରୁ ୩ଦିନ ମଧ୍ୟରେ ପିସିସି ସଭାପତିଙ୍କ ସହ ଏକ ବୈଠକ ଅଛି ଏହି ସମୟରେ ଉକ୍ତ ଘଟଣା ବିଷୟରେ ଉଠାଯିବ ବୋଲି ସେ କହିଛନ୍ତି। ସେହିପରି ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ଯଦି ପିସିସି ଅଫିସକୁ ବାଉନ୍ସର ଡକାଯାଇଥିବା ଅଭିଯୋଗ ଉଠିଛି ତେବେ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର। ଏ ଘଟଣାକୁ କୌଣସି କଂଗ୍ରେସ ଲୋକ ଗ୍ରହଣ କରିବେନାହିଁ ବୋଲି ଶରତ କହିଛନ୍ତି।



ଆମ ଭିତରେ ଯାହା ଥାଏ- ତାହା ହିଁ ଆମେ ଦେଖୁ ଅନ୍ୟମାନଙ୍କଠାରେ। ଆମେ ଯଦି ଆମ ଚତୁଃପାର୍ଶ୍ୱରେ କେବଳ ପଙ୍କ ଦେଖୁଥାଉ- ତେବେ ତାହା ହିଁ ପ୍ରମାଣିତ କରୁଛି ଯେ, ଆମ ନିଜ ଭିତରେ କୋଉଠି ପଙ୍କ ରହିଛି।
-ଶ୍ରୀମା



# ଭୁଲ୍ ସମୟ, ଭୁଲ୍ କଥା

ସୁପ୍ରିମକୋର୍ଟର ଜଣାଶୁଣା ଓକିଲ ତଥା ମାନବ ଅଧିକାର କର୍ମୀ ଇନ୍ଦିରା ଜୟସିଂ ଏକ ଟୁଇଟ୍ ମାଧ୍ୟମରେ ନିର୍ଭୟାର ମା' ଆଶା ଦେବୀଙ୍କୁ ବଳାତ୍କାରୀ ହତ୍ୟାକାରୀଙ୍କୁ କ୍ଷମା ଦେବା ପାଇଁ ନିବେଦନ କରିଛନ୍ତି। ଉଦାହରଣ ଭାବେ ଦର୍ଶାଇବାକୁ ଯାଇ କହିଛନ୍ତି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ସୋନିଆ ଗାନ୍ଧୀ ଯେଭଳି ଭାବେ କ୍ଷମା କରିଛନ୍ତି, ସେହିଭଳି ଢଙ୍ଗରେ ନିର୍ଭୟା ହତ୍ୟାକାରୀଙ୍କୁ କ୍ଷମା କରିଦିଆଯିବା ଉଚିତ। ଉଲ୍ଲେଖଯୋଗ୍ୟ, ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ନଳିନୀ ଶ୍ରୀହରନ୍‌ଙ୍କୁ ସୋନିଆ କ୍ଷମା ଦେଇଥିଲେ। ଫଳରେ ନଳିନୀଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରାଯାଇଥିଲା। ଅନ୍ୟପକ୍ଷରେ ନିର୍ଭୟାର ମା' ଦୃଢ଼ ଭାବେ କହିଛନ୍ତି ଯେ, ଭଗବାନ୍ କହିଲେ ବି ସେ କ୍ଷମା ଦେବେ ନାହିଁ। ଏଥିରୁ ତାଙ୍କ ଯନ୍ତ୍ରଣା ବୁଝି ହୋଇଯାଉଛି।

ଏହା ସମସ୍ତଙ୍କୁ ଜଣା ଯେ, ଇନ୍ଦିରା ଜୟସିଂ ମୃତ୍ୟୁଦଣ୍ଡକୁ ବହୁଦିନରୁ ବିରୋଧ କରିଆସୁଛନ୍ତି। ତାଙ୍କ କହିବା ଅନୁଯାୟୀ, ଦୋଷୀଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲେ ସମାଜରେ ପରିବର୍ତ୍ତନ ଆସିପାରିବ ନାହିଁ। ଅନେକ ସମୟରେ ଏହି ଚିନ୍ତାଧାରା ଯଥାର୍ଥ ବୋଲି ମନେ ହୋଇଥାଏ। କିନ୍ତୁ ଆଜିର ଭାରତକୁ ଦେଖିଲେ ନିର୍ଭୟା ଘଟଣାର ଦୋଷୀମାନଙ୍କୁ ଏତେ ଦୀର୍ଘ ସମୟ ବଞ୍ଚିବାକୁ ଦେବା ଆଇନ ବ୍ୟବସ୍ଥାର ଏକ ଜଘନ୍ୟ ପରିଚୟ। ଯେପରି ଭାବେ ବଳାତ୍କାରୀମାନେ ନିର୍ଭୟାଙ୍କୁ ଅତ୍ୟାଚାର କରିଥିଲେ, ତାହା ସଭ୍ୟ ସମାଜ ଆଗରେ ବର୍ଣ୍ଣନା କରାଯାଇପାରିବ ନାହିଁ। ୧୬ ଡିସେମ୍ବର ୨୦୧୨ରେ ନିର୍ଭୟାଙ୍କୁ ଚଳନ୍ତା ବସ୍‌ରେ ଗଣବଳାତ୍କାର କରାଯିବା ପରେ ଫିଙ୍ଗି ଦିଆଯାଇଥିଲା। ୧୪ ଦିନ ମୃତ୍ୟୁ ସହ ସଂଗ୍ରାମ କରିବା ପରେ ସିଙ୍ଗାପୁରର ଏକ ହସ୍ପିଟାଲରେ ସେ ଆଖି ବୁଜିଥିଲେ। ଗଣବଳାତ୍କାର ହେବା ଦିନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଯେଉଁ ଯନ୍ତ୍ରଣା ପାଇଥିଲେ ଓ ତାହା ଗଣମାଧ୍ୟମରୁ ଜାଣି ଦେଶବାସୀ ଯେଭଳି ସ୍ତବ୍ଧ ହୋଇଥିଲେ, ସେତେବେଳେ ଅଭିଯୁକ୍ତଙ୍କୁ ନରପିଶାଚ ବୋଲି ଆଖ୍ୟା ଦିଆଯାଇଥିଲା। ଇତିମଧ୍ୟରେ ୭ ବର୍ଷ ବିତିଯାଇଥିଲେ ମଧ୍ୟ ସେହି ଦିନଗୁଡ଼ିକୁ ଦେଶବାସୀ ଭୁଲି ନାହାନ୍ତି। ଫାଶୀ ଦିଆଯିବା ସମୟ ୨୨ ଜାନୁୟାରୀ ୨୦୨୦ରୁ ୧ ଫେବୃୟାରୀକୁ ଘୁଞ୍ଚିଯିବା ପରେ ଏବେ ଦେଶରେ ଘୋର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ସ୍ଥଳେ ଇନ୍ଦିରା ଜୟସିଂଙ୍କ ନିବେଦନ ଦୋଷୀଙ୍କୁ ଦୟା ଦେଖାଇବାର ଅବକାଶ ସୃଷ୍ଟି କରୁନାହିଁ। ଏଥିସହିତ ସୋନିଆ ଗାନ୍ଧୀଙ୍କ ସହ ନିର୍ଭୟା ମା'ଙ୍କୁ ତୁଳନା କରାଯାଇପାରିବ ନାହିଁ। କାରଣ ରାଜୀବ କେବଳ ସୋନିଆଙ୍କ ସ୍ୱାମୀ ଭାବେ ସୀମିତ ନ ଥିଲେ। ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାବେ ସେ ଯେଉଁସବୁ ନିଷ୍ପତ୍ତି ନେଇଥିଲେ, ତାହା ଦ୍ୱାରା ଅନେକ ଲୋକ ନକାରାତ୍ମକ ପ୍ରଭାବର ଶିକାର ହୋଇଥିଲେ। ବିଶେଷକରି ତାଙ୍କୁ ହତ୍ୟା କରିଥିବା ଶ୍ରୀଲଙ୍କା ତାମିଲ ଭାରତୀୟ ସେନା ଦ୍ୱାରା ନିର୍ଯାତିତ ହୋଇଥିଲେ। ରାଜନୈତିକ ନିଷ୍ପତ୍ତିର ପରିଣାମ ଯୋଗୁ ରାଜୀବଙ୍କ ହତ୍ୟା ଘଟିଥିଲା। ଅପରପକ୍ଷରେ ଆଶା ଦେବୀଙ୍କ କନ୍ୟା ନିର୍ଭୟା ଜଣେ ନିର୍ଦ୍ଦୋଷ ଯୁବତୀ ଥିଲେ। ତାଙ୍କ ବିରୋଧରେ କାହାରି କୌଣସି ଆକ୍ରୋଶ ରହିବାର ସୁଯୋଗ ସୃଷ୍ଟି ହୋଇ ନ ଥିଲା। ସେଭଳି ସ୍ଥିତିରେ ତାଙ୍କୁ ଯେଉଁ କଷ୍ଟ ଦିଆଯାଇଥିଲା, ତାହାର କୌଣସି ତୁଳନା ନାହିଁ। ସେଥିପାଇଁ କୁହାଯାଇପାରିବ ଯେ, ଉଚ୍ଚପଦବୀ ପାଇଥିବା ବ୍ୟକ୍ତି ବିଶେଷଙ୍କ ଜୀବନ ସୁରକ୍ଷିତ ନ ଥିବା ହେତୁ ସେମାନଙ୍କୁ ସୁରକ୍ଷା ବଳୟରେ ରଖାଯାଏ। ଯେତେବେଳେ ଗୋଟେ ସାଧାରଣ ଯୁବତୀର ଜୀବନ ବିପଦରେ ପଡୁଛି, ସେତେବେଳେ ବୁଝିବାକୁ ହେବ ଯେ, ଦେଶରେ ସାଧାରଣ ନାଗରିକର ଜୀବନ ସୁରକ୍ଷିତ ନାହିଁ। ଭାରତବର୍ଷରେ ଅନେକ ବଳାତ୍କାର ଘଟଣା ପୋଲିସ ଦୃଷ୍ଟିକୁ ଅଣାଯାଏ ନାହିଁ। ଯେଉଁ କେତୋଟି ଘଟଣା ଆସେ, ସେଗୁଡ଼ିକ ମଧ୍ୟରୁ ଅଧିକାଂଶରେ ମୃତ୍ୟୁଦଣ୍ଡ ଦିଆଯାଏ ନାହିଁ। କିନ୍ତୁ ନିର୍ଭୟା ଘଟଣାର ଦୋଷୀଙ୍କୁ ଦୟା ଦେଖାଇବାର ଅର୍ଥ ହେଉଛି ଭାରତୀୟ ସମାଜରେ ସମସ୍ତଙ୍କୁ ଅସୁରକ୍ଷିତ କରିଦେବା। କାରଣ ଏହି ୪ ଦୋଷୀ ମୁକ୍ତି ପାଇଲେ ଆହୁରି ଅନେକଙ୍କ ମନରେ ଅନୁରୂପ ଜଘନ୍ୟ ଅପରାଧ କରିବାକୁ ମନୋବଳ ସୃଷ୍ଟି ହୋଇପାରେ। ସେଥିପାଇଁ ନିର୍ଭୟା ହତ୍ୟାକାରୀଙ୍କୁ ଅତିଶୀଘ୍ର ଫାଶୀ ଦିଆଯିବା ଉଚିତ। ତେବେ ଏଭଳି ଏକ ସମୟରେ ଏପରି ମନ୍ତବ୍ୟ ଦେବା ହେତୁ ଇନ୍ଦିରା ଜୟସିଂଙ୍କ ଟୁଇଟ୍ ଭୁଲ୍ ସମୟରେ ଭୁଲ୍ କଥା ବୋଲି ମନେହେଉଛି।

## ଚିରନ୍ତନୀ

ଲହରି ଆଘାତ ସଘନେ ବାଜି ଏ
ପରାଣ ପରେ
ଫିଟାଇଦେଇଛି କର୍ଣ୍ଣୁ ମୋହର
ଗୀତର ଧାରା!
ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ
ଶିମୁଳିପାଳ!
(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 8 | D | | 1 | | | | | 9 | 5 | |
| | | | 9 | | | | 6 | | | 5 | 1 | 0 | | |
| 4 | 6 | | 5 | | | | | | | C | | | | 8 |
| 1 | | | 7 | 0 | 4 | | | | | | 3 | | | |
| | | | | | | | | | A | 7 | 2 | | | |
| 2 | | | | 7 | | | D | 4 | | | | | | |
| 9 | | | | 1 | | | | 2 | | 8 | 4 | 7 | | |
| D | B | 8 | E | | | | A | | | 3 | | | | C |
| | | 1 | | | | 3 | | 8 | | 9 | | | 4 | B |
| | E | | 3 | | 8 | | 7 | B | 2 | | | 6 | | |
| | 5 | 2 | 4 | | | | B | C | | | 7 | | | |
| | 8 | | | 9 | | | | | | 1 | | | C | 6 |
| | | | 6 | | | D | 4 | | C | A | | | | 3 |
| | 3 | | | A | 1 | | 8 | | | E | 9 | | | |
| A | | | | D | 7 | 9 | | | B | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 4 | 7 | 9 | D | C | A | B | 6 | 5 | 3 | E | 0 | 1 | 8 |
| 9 | A | B | 8 | 5 | 1 | E | 2 | 3 | 0 | 6 | 7 | C | 4 | D |
| 1 | 3 | 0 | 2 | 6 | 7 | D | 9 | 8 | C | B | 4 | A | E | 5 |
| C | E | 5 | 4 | B | A | 1 | 7 | 0 | 8 | 2 | D | 6 | 3 | 9 |
| 8 | 6 | D | 3 | 0 | E | C | 5 | 4 | 9 | 1 | A | 7 | 2 | B |
| 5 | D | C | 1 | 3 | 6 | 4 | 0 | 2 | E | 7 | 8 | 9 | B | A |
| B | 8 | A | 7 | 9 | D | 5 | 6 | 1 | 2 | C | 3 | E | 0 | 4 |
| E | 2 | 6 | 0 | C | B | 9 | A | 7 | 4 | D | 5 | 1 | 8 | 3 |
| 7 | 9 | 4 | E | 8 | 5 | B | 3 | C | A | 0 | 1 | 2 | D | 6 |
| 3 | 0 | 1 | A | 4 | 2 | 8 | E | D | B | 9 | 6 | 5 | 7 | C |
| D | B | 2 | 6 | E | 0 | 3 | 8 | A | 7 | 5 | 9 | 4 | C | 1 |
| 0 | 5 | 3 | C | 7 | 4 | 2 | 1 | 9 | 6 | 8 | B | D | A | E |
| 6 | 1 | E | D | A | 8 | 7 | C | 5 | 3 | 4 | 2 | B | 9 | 0 |
| A | 7 | 8 | 5 | 1 | 9 | 0 | 4 | B | D | E | C | 3 | 6 | 2 |
| 4 | C | 9 | B | 2 | 3 | 6 | D | E | 1 | A | 0 | 8 | 5 | 7 |

ଗତକାଲିର ଉତ୍ତର

# ଅବିଦ୍ୟାର ଅନ୍ଧାରରେ ବିଦ୍ୟାର ଆରାଧନା



ଡ. ପ୍ରଫୁଲ୍ଲ କୁମାର ସାହୁ

ଖାଦ୍ୟ, ବସ୍ତ୍ର ଓ ବାସଗୃହ ପରେ ଶିକ୍ଷା ହେଉଛି ମଣିଷର ଚତୁର୍ଥ ଆବଶ୍ୟକତା। ଶିକ୍ଷାର ବିକାଶ ଉପରେ ନିର୍ଭର କରେ ଦେଶର ସର୍ବାଙ୍ଗୀଣ ଉନ୍ନତି। ମାର୍ଟିନ୍ ଲୁଥର କହିଥିଲେ, କୌଣସି ରାଷ୍ଟ୍ରର ଉନ୍ନତି ତା'ର ଜଳ, ଜମି, ଜଙ୍ଗଲ, ପାହାଡ଼, ପର୍ବତ ଓ ଖଣିଜ ପଦାର୍ଥ ଉପରେ ନିର୍ଭର କରେନାହିଁ, ବରଂ ନିର୍ଭର କରେ ରାଷ୍ଟ୍ରର ଚରିତ୍ର ଉପରେ। ରାଷ୍ଟ୍ରର ଚରିତ୍ର କହିଲେ ବୁଝାଯାଏ ତା'ର ଅଧିବାସୀମାନଙ୍କ ଚରିତ୍ର। ଅଧିବାସୀମାନଙ୍କ ଚରିତ୍ର ନିର୍ମାଣ କରିବାର ଦାୟିତ୍ୱ ବହନ କରେ ରାଷ୍ଟ୍ରର ଶିକ୍ଷା ବ୍ୟବସ୍ଥା। ଇତିହାସ କହେ ଏକଦା ଭାରତୀୟ ସମାଜ ଜୀବନ ଥିଲା ଖୁବ୍ ଶୃଙ୍ଖଳିତ ଓ ସଂସ୍କାରିତ। ନୈତିକତାକୁ ଅଗ୍ରାଧିକାର ଦେଇ ଭାରତୀୟମାନେ ବଞ୍ଚୁଥିଲେ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ। ଏହି ନୈତିକ ମୂଲ୍ୟବୋଧର ମେରୁଦଣ୍ଡ ଥିଲା ଆମ ବିକଶିତ ଶିକ୍ଷା ବ୍ୟବସ୍ଥା। ଇଂରେଜମାନେ ଏ ଦେଶକୁ ଶାସନ କରିବା ପରେ ବିପର୍ଯ୍ୟସ୍ତ ହେଲା ଆମ ବିକଶିତ ଶିକ୍ଷା ବ୍ୟବସ୍ଥା। କାରଣ ସେମାନେ ଜାଣିଥିଲେ ଭାରତୀୟମାନଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ପରାଧୀନ କରି ରଖିବାକୁ ହେଲେ ସେମାନଙ୍କ ରାଷ୍ଟ୍ରୀୟ ଅସ୍ମିତାର ମୂଳୋତ୍ପାଟନ ଆବଶ୍ୟକ, ଯାହା ନିର୍ଭର କରେ ଦେଶର ଶିକ୍ଷା ବ୍ୟବସ୍ଥା ଉପରେ। ତେଣୁ ଶ୍ରେଣୀଗୃହ ପାଠ୍ୟକ୍ରମରେ ନୈତିକ ଶିକ୍ଷାକୁ ଗୌଣ କରିଦିଆଗଲା ଅତି ଚତୁରତାର ସହିତ। ଉପନିବେଶକାଳୀନ ଶିକ୍ଷା ବ୍ୟବସ୍ଥାରେ ଆଉ ପ୍ରତିଫଳିତ ହେଲା ନାହିଁ ଭାରତୀୟ ସଂସ୍କୃତି, ପରମ୍ପରା, ଦର୍ଶନ ଓ ଇତିହାସର ଝଲକ। ଇଂରେଜମାନଙ୍କ ସଫଳ ପ୍ରୟାସ ସତ୍ତ୍ୱେ ରାଷ୍ଟ୍ରୀୟ ଅସ୍ମିତାଠାରୁ ଆଦୌ ଦୂରେଇ ଯାଇ ନ ଥିଲା ଭାରତୀୟ ସମାଜ ଜୀବନ। କାରଣ ଆମ ଉଚ୍ଚକୋଟୀର ଶିକ୍ଷା ବ୍ୟବସ୍ଥାର ମୂଳଦୁଆ ଥିଲା ଖୁବ୍ ଦମ୍ଭ। ସାଧାରଣତଃ ଶିକ୍ଷା ବ୍ୟବସ୍ଥାର ମୂଳଦୁଆ କହିଲେ ବୁଝାଯାଏ ପ୍ରାଥମିକ ବିଦ୍ୟାଳୟସ୍ତରୀୟ ଶିକ୍ଷା।

ପ୍ରତିବାଦର ଆଶଙ୍କା ନ ରଖି ଏକଥା କୁହାଯାଇପାରେ ଯେ, ଏବେ ପରିଣତ ବୟସରେ ପହଞ୍ଚିଥିବା ପ୍ରତ୍ୟେକ ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କର ବାଲ୍ୟଶିକ୍ଷା ଆରମ୍ଭ ହୋଇଥିଲା କେଉଁଠି ନା କେଉଁଠି ଏକ ଚାଟଶାଳୀରେ। ଚାଟଶାଳୀ ଏକ ନଡ଼ାଛପର ଘର। ସେଠାରେ ଶିକ୍ଷାଦାନ କରୁଥିଲେ ଜଣେ ଅଣତାଲିମପ୍ରାପ୍ତ ଅବଧାନ। ସରକାରଙ୍କ କର୍ତ୍ତୃତ୍ୱବାହାରେ ଗଢିଉଠିଥିବା ଏହି ଚାଟଶାଳୀରେ ଶ୍ରେଣୀଗୃହ ଶିକ୍ଷା ସହିତ ଯୋଡ଼ିହୋଇ ରହିଥିଲା ଶୃଙ୍ଖଳା ଓ କର୍ତ୍ତବ୍ୟନିଷ୍ଠା। ଅତି ନିଷ୍ଠାର ସହ ଶିକ୍ଷାଦାନ କରୁଥିବା ଅବଧାନ ବିଦ୍ୟାର୍ଥୀଙ୍କ ପାଇଁ ଖଞ୍ଜିଥିଲେ ଗୁରୁକୁଳ ଆଶ୍ରମର ଶୈକ୍ଷିକ ଶୃଙ୍ଖଳା। ଅବଧାନ ବିଦ୍ୟା ବିତରଣରେ ମଜ୍ଜିରହି ଅନୁଭବ କରୁଥିଲେ ପ୍ରଚୁର ଆନନ୍ଦ। ଶ୍ରେଣୀଗୃହ ଶିକ୍ଷାଦାନକୁ କେବେ ମାପୁ ନ ଥିଲେ ଗ୍ରାମବାସୀଙ୍କ ପାଖରୁ ପାଉଥିବା ପାଉଣା ତରାଜୁରେ। ଅବଧାନଙ୍କ ଅନୁଶାସନ ଖୁବ୍ କଠୋର ହେଲେ ବି ସେଥିରେ ଥିଲା ଏକ ଶ୍ରଦ୍ଧାଶୀଳ ଅନୁରାଗ, ଏକ କଲ୍ୟାଣକାରୀ ଭାବନା। ସେଥିପାଇଁ ସେତେବେଳେ ଏକ ଅନାବିଳ ଆତ୍ମୀୟତା ମନ୍ତ୍ରରେ ଅଭିମନ୍ତ୍ରିତ ହୋଇପଡ଼ିଥିଲା ଗୁରୁ-ଶିଷ୍ୟ ସମ୍ପର୍କ, ଯାହା ବିଦ୍ୟାର୍ଥୀର ସ୍ମୃତିପଟରେ ସାଇତା ହୋଇ ରହୁଥିଲା ସାରା ଜୀବନ। ସେତେବେଳେ 'ଭାଗବତ' ଥିଲା ଚାହାଳିର ପ୍ରଧାନ ପାଠ୍ୟପୁସ୍ତକ। ଭାରତୀୟ ସଂସ୍କୃତିରେ ଯାହା ମୂଳ ବା ମୂଲ୍ୟବାନ ତାହା ହିଁ ଭାଗବତର ସାରସଂଗ୍ରହ। ତା'ର ପ୍ରତ୍ୟେକଟି ପଦ ଓ ପାଦ ଶୁଦ୍ଧ ଜୀବନବୋଧର ଏକ ଏକ ମନ୍ତ୍ର।

ଏବେ ଆଉ ସେ ଚାହାଳି ନାହିଁ କି ବିଦ୍ୟାର୍ଥୀମାନେ ଆହରଣ କରୁନାହାନ୍ତି ଭାଗବତର ଦିବ୍ୟ ଜ୍ଞାନ। ଏବେ ଚାଟଶାଳୀ ବଦଳରେ ପ୍ରାୟ ସବୁ ଗାଁରେ ଗଢିଉଠିଛି ପ୍ରାଥମିକ ବିଦ୍ୟାଳୟ। ସର୍ବଶିକ୍ଷା ଯୋଜନା କାର୍ଯ୍ୟକାରୀ ହେବା ପରେ ବଦଳିଯାଇଛି ସବୁ ବିଦ୍ୟାଳୟର ଚେହେରା। ନଡ଼ାଛପର ଘର ପରିବର୍ତ୍ତେ ତିଆରି ହୋଇଛି କଂକ୍ରିଟ୍ ଛାତ ଥିବା ସୁଦୃଶ୍ୟ କୋଠାଘର। ମାତ୍ର ବିଦ୍ୟାଳୟ ପାଇଁ କୋଠାଘର ଅସଲ ସମ୍ବଳ ନୁହେଁ, ସମ୍ବଳ ହେଉଛି ଉତ୍ସର୍ଗୀକୃତ ଶିକ୍ଷକ। ବିଦ୍ୟାଳୟ ଧନରେ ଗଢାଯାଏନି, ସେଥିପାଇଁ ମନଟିଏ ଲୋଡ଼ା। ଯେଉଁ ବିଦ୍ୟାଳୟ ପାଇଁ ଶିକ୍ଷକ ମନପ୍ରାଣ ଢାଳିଦିଏ, ତାହା ପାଲଟିଯାଏ ନାଳନ୍ଦା, ତକ୍ଷଶିଳା ଓ ସତ୍ୟବାଦୀ ବନ ବିଦ୍ୟାଳୟ। ସେଠାରୁ ସୃଷ୍ଟି ହୁଅନ୍ତି ଆରୁଣି ଓ ଉପମନ୍ୟୁ ପରି ଅନେକ ଆଦର୍ଶ ଶିଷ୍ୟ। ସେଥିପାଇଁ କୁହାଯାଏ ଭଲ ମଣିଷଟିଏ ଗଢିବା ପାଇଁ ଭଲ ଶିକ୍ଷକଟିଏ ଲୋଡ଼ା। ଶିକ୍ଷାବ୍ୟବସ୍ଥା ପ୍ରତି ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆଭିମୁଖ୍ୟ ଯୋଗୁ ଶିକ୍ଷାକ୍ଷେତ୍ରରୁ ଧୀରେ ଧୀରେ ଅପସରି ଗଲେଣି ଉତ୍ସର୍ଗୀକୃତ ଶିକ୍ଷକ। କୌଣସି ମତେ କାମ ଚଳାଇନେବାର ପ୍ରବଣତା ଭିତରେ ହଜି ଯାଉଛି ଶିକ୍ଷାରେ ଗୁଣାତ୍ମକ ମାନବୃଦ୍ଧିର ଲକ୍ଷ୍ୟ। ସଚେତନତା ଦ୍ୱାରା ଶିକ୍ଷାମନସ୍କତା ସୃଷ୍ଟି କରିବା ପରିବର୍ତ୍ତେ ଖୋଜାଯାଉଛି ବିଦ୍ୟାଳୟରେ ପିଲାଙ୍କ ଉପସ୍ଥାନ ବଢାଇବାର ଉପାୟ। ନୈତିକତାକୁ ଅଗ୍ରାଧିକାର ଦେଇ ପାଠ୍ୟକ୍ରମ ପ୍ରସ୍ତୁତ ହେଉ ନ ଥିବାରୁ ଜ୍ଞାନ ଲାଭ କ୍ଷେତ୍ରରେ ଗୁଣାତ୍ମକ ଅଭିବୃଦ୍ଧିଜନିତ ସମସ୍ୟା କେବେ ବି ଖୋଜିପାଉନି ସମାଧାନର ପନ୍ଥା।

ଶିକ୍ଷା ଏକ ପଣ୍ୟ ନୁହେଁ, ମୌଳିକ ଅଧିକାର। ଆମ ସମ୍ବିଧାନ କହେ ଧନୀ-ଦରିଦ୍ର ନିର୍ବିଶେଷରେ ଏହା ସମସ୍ତଙ୍କ ପାଖରେ ପହଞ୍ଚିବା ଦରକାର। ମାତ୍ର ବିଡ଼ମ୍ବନାର ବିଷୟ ହେଉଛି ଦେଶରେ ଥିଲାବାଲା ଓ ନ ଥିଲାବାଲା ପିଲାଙ୍କୁ ଅଲଗା ଅଲଗା ଶ୍ରେଣୀଭୁକ୍ତ କରିବା ପାଇଁ ଶିକ୍ଷାକୁ ମିଳିଛି ବ୍ୟବସାୟର ଦର୍ଜା। ଶିକ୍ଷାବେପାରୀଙ୍କ ଦ୍ୱାରା ଚାରିଆଡ଼େ ଛତୁଫୁଟିଲା ଭଳି ଖୋଲୁଛି ଇଂଲିଶ ମାଧ୍ୟମ ବିଦ୍ୟାଳୟ, ଯେଉଁଠି ଶିକ୍ଷା ଏକ କିଣାବିକା ସାମଗ୍ରୀ। ଶିକ୍ଷାକ୍ଷେତ୍ରରେ ବ୍ୟୟଭାର ସଙ୍କୋଚନ ପାଇଁ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଅବହେଳା କରି ଶିକ୍ଷା ବଜାରକୁ ପ୍ରୋତ୍ସାହନ ଯୋଗାଉଛନ୍ତି ଖୋଦ୍ ସରକାର। ତେଣୁ ଦିନକୁ ଦିନ ବଢୁଛି ବେସରକାରୀ ବିଦ୍ୟାଳୟର ଚାହିଦା। ପିଲାକୁ ତିନିବର୍ଷ ନ ପୂରୁଣୁ ତା' ପାଇଁ ନାମୀଦାମୀ ସ୍କୁଲ ଖୋଜୁଛନ୍ତି ଆଧୁନିକ ପିତାମାତା, ଯେଉଁଠି ପାଠ ଅପେକ୍ଷା ଅଧିକ ଧ୍ୟାନ ଦିଆଯାଏ ପିଲାର ଆଡ଼ମ୍ବରପୂର୍ଣ୍ଣ ସାମାଜିକ ଚଳଣି ଉପରେ। ପିଲା ଏଠି ଆପଣା ଭାଷା-ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସହିତ ଯୋଡ଼ିହେବା ପରିବର୍ତ୍ତେ ପାରଙ୍ଗମ ହୁଏ ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ। ଏଭଳି ଶିକ୍ଷା ଦ୍ୱାରା ଜ୍ଞାନ, ବୁଦ୍ଧି ଓ କୌଶଳର ବିକାଶ ଘଟେ ସତ, କିନ୍ତୁ ଶୈଶବରୁ କକ୍ଷଚ୍ୟୁତ ହୁଏ ଚରିତ୍ର ଗଠନର ସମ୍ଭାବନା। ଏହି କାରଣରୁ ଆମ ଦେଶରେ ଯେଉଁ ପରିମାଣରେ ଶିକ୍ଷାର ପ୍ରସାର ଘଟୁଛି, ସେହି ମାତ୍ରାରେ ପ୍ରତୀୟମାନ ହେଉଛି ମୂଲ୍ୟବୋଧର ଅବକ୍ଷୟ।

ଏ ହେଉଛି ଆମର ସେହି ଅତୀତର ଆର୍ଯ୍ୟାବର୍ତ୍ତ, ଯେଉଁଠି ପିତାମାତାଙ୍କୁ କୁହାଯାଏ ଜୀବନ୍ତ ଦେବତା। ଏଠାରେ ପିତୃସତ୍ୟ ପାଳନ କରି ୧୪ବର୍ଷ ବନବାସ କରିଥିଲେ ପ୍ରଭୁ ରାମଚନ୍ଦ୍ର। ଏହି ପବିତ୍ର ମାଟିରେ ଜନ୍ମ ନେଇଥିଲେ ଶ୍ରବଣକୁମାର, ଯିଏ କାନ୍ଧରେ ବୋହୁଥିଲେ ଅନ୍ଧ ପିତାମାତାଙ୍କୁ। ଅଥଚ ସେହି ସଂସ୍କୃତିସମ୍ପନ୍ନ ମାଟିରେ ଏବେ ବଢିଚାଲିଛି ଜରାନିବାସ ସଂଖ୍ୟା। କାରଣ ଏବେ ଏଠି ଶ୍ରବଣକୁମାର ପରିବର୍ତ୍ତେ ସୃଷ୍ଟି ହେଉଛନ୍ତି ଫକୀରମୋହନଙ୍କ ଡାକମୁନ୍‌ସୀ ପରି ବାପକୁ ଇଂରେଜୀ ଭୁସି ମାରୁଥିବା ଉଚ୍ଚଶିକ୍ଷିତ ପୁଅ। ଆଜକୁ ୧୧୧ବର୍ଷ ତଳେ କାଳଜୟୀ ସ୍ରଷ୍ଟା ଫକୀରମୋହନ ସାହିତ୍ୟ ମାଧ୍ୟମରେ ଏହି ଘୋଡ଼ାମୁହାଁ ପୁଅମାନଙ୍କୁ ଯେଉଁ ତେରଛା ବାଣ ମାରିଥିଲେ, ସମାଜ ଏବେ ଅନୁଭବ କରୁଛି ତାହାର ପ୍ରାସଙ୍ଗିକତା। ସ୍ୱାମୀ ବିବେକାନନ୍ଦ କହିଥିଲେ, ଯେଉଁ ଶିକ୍ଷା ଚରିତ୍ର ସୁଦୃଢ କରିପାରେ ନାହିଁ, ମାନବପ୍ରେମରେ ଯାହା ଉଚ୍ଛଳ ନୁହେଁ, ତାହାକୁ ଶିକ୍ଷା କହିବାର ଯଥାର୍ଥତା ନାହିଁ। ଏହି ଦୃଷ୍ଟିରୁ ବିଚାର କଲେ ଆମ ବିଦ୍ୟାଳୟ ସବୁ ପାଲଟି ଗଲାଣି ଆଡ଼ମ୍ବର ଓ ଆଟୋପର ନନ୍ଦନବନ। ଉପରେ ସବୁ ଠିକ୍‌ଠାକ୍ ଚାଲିଛି, କିନ୍ତୁ ଭିତରଟା ଶୂନ୍ୟ। ଅର୍ଥାତ୍ ଏବେ ଅବିଦ୍ୟାର ଅନ୍ଧାର ଭିତରେ ଚାଲିଛି ବିଦ୍ୟାଦେବୀଙ୍କ ଆରାଧନା।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ-୯୪୩୮୮୫୫୦୮୮

# କଳିଙ୍ଗପ୍ରାଣ ବିଚ୍ଛନ୍ଦଚରଣ



ଡ. ଉଦ୍ଧବ ଚରଣ ନାୟକ

ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣ, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର ତଥା ବିକାଶ କ୍ଷେତ୍ରରେ ଉତ୍କଳର ଅନ୍ୟତମ ବରପୁତ୍ର ସ୍ୱଦେଶପ୍ରେମୀ ବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କ ଦାନ ଅବିସ୍ମରଣୀୟ। ଏହି ସମସ୍ତ କ୍ଷେତ୍ରରେ ତାଙ୍କ ମହନୀୟ ଅବଦାନକୁ ଲକ୍ଷ୍ୟକରି ଓଡ଼ିଶାର ଲବ୍ଧପ୍ରତିଷ୍ଠ ସାହିତ୍ୟିକ ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ଯଥାର୍ଥରେ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କୁ 'କଳିଙ୍ଗପ୍ରାଣ' ଭାବରେ ଆଖ୍ୟାୟିତ କରିଛନ୍ତି। ବିଚ୍ଛନ୍ଦଚରଣ ପଟ୍ଟନାୟକ ସମସ୍ତଙ୍କ ପାଖରେ ବିଚ୍ଛନ୍ଦବାବୁ ଭାବରେ ଥିଲେ ପରିଚିତ। ତାଙ୍କ ଜୀବନ ଚରିତ, ଚିନ୍ତା-ଚେତନା ଓ ଆଦର୍ଶ ପ୍ରତ୍ୟେକ ଉତ୍କଳୀୟ ପ୍ରାଣରେ ନୂତନ ସ୍ପନ୍ଦନ ସୃଷ୍ଟିକରେ। ବିଚ୍ଛନ୍ଦବାବୁ ଏକାଧାରରେ ଥିଲେ ଜଣେ ସାହିତ୍ୟିକ, କବି, ପଣ୍ଡିତ, ଅନୁବାଦକ, ସୁସଂଗଠକ, ସଂସ୍କୃତିବିତ୍, ସାମ୍ବାଦିକ ଓ ସ୍ୱାଧୀନତା ସଂଗ୍ରାମୀ।

ବିଚ୍ଛନ୍ଦବାବୁଙ୍କ ଜନ୍ମ ୧୯୦୧ ମସିହା ଜାନୁୟାରୀ ୨୦ ତାରିଖ ଦିନ ଖୋର୍ଦ୍ଧା ଅନ୍ତର୍ଗତ ଯାଆଁଳା ଗ୍ରାମର ଏକ ସମ୍ଭ୍ରାନ୍ତ କରଣ ପରିବାରରେ। ପିତା ଗୋପାଳକୃଷ୍ଣ ପଟ୍ଟନାୟକ ଥିଲେ ପ୍ରାଚୀନ ସାହିତ୍ୟ ବିନୋଦୀ। ଚାଣକ୍ୟ ଶ୍ଳୋକ ସମେତ ଅନେକ ସଂସ୍କୃତ ଶ୍ଳୋକ ସେ କଣ୍ଠସ୍ଥ କରି ରଖିଥିଲେ। ବିଚ୍ଛନ୍ଦବାବୁଙ୍କ ବଡ଼ଭାଇ ପଦ୍ମଚରଣ ପଟ୍ଟନାୟକ। ଜଣେ ଉତ୍ତମ ଶିକ୍ଷକ ଭାବରେ ସେ ଥିଲେ ପରିଚିତ। ବିଚ୍ଛନ୍ଦବାବୁଙ୍କ ବାଲ୍ୟ ଜୀବନ ଥିଲା ଅତ୍ୟନ୍ତ ଦୁଃଖପୂର୍ଣ୍ଣ। ପିଲାବେଳେ କୂଅରେ ପଡ଼ିଯାଇଥିବାରୁ ସେ ଛୋଟା ହୋଇ ଯାଇଥିଲେ। ବିଚ୍ଛନ୍ଦବାବୁ ଇଂଲିଶ କବି ବାଇରନଙ୍କ ପରି ବାଲ୍ୟକାଳରୁ ଥିଲେ ଖଞ୍ଜ। ବାରବର୍ଷ ଯାଏ ସେ ଚାଲିବୁଲି ପାରୁ ନ ଥିଲେ। ସେ ଖଞ୍ଜ ଥିଲେ ବୋଲି ସ୍ୱରଚିତ ତୁଳସୀ ରାମାୟଣ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି-

''ଜନ୍ମରୁ ଖଞ୍ଜ ମୋ ପୟର,
ଚାଲିବା ବଡ଼ କଷ୍ଟକର।''

ବିଚ୍ଛନ୍ଦବାବୁ ଦଶବର୍ଷରୁ କବିତା ରଚନା ଆରମ୍ଭ କରିଥିଲେ। ସେତେବେଳେ ତାଙ୍କ କବିତା ସେ ପଢୁଥିବା ସତ୍ୟବାଦୀ ସ୍କୁଲ ଓ ଖୋର୍ଦ୍ଧା ସ୍କୁଲ ପତ୍ରିକାରେ ପ୍ରକାଶ ପାଉଥିଲା। ୧୯୨୦ ମସିହାରେ ସତ୍ୟବାଦୀ ହାଇସ୍କୁଲରୁ ମାଟ୍ରିକ ପାସ୍ କରି କିଛିଦିନ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୨୩ ମସିହାରେ ରେଭେନ୍ସା କଲେଜରେ ନାମ ଲେଖାଇ ଇଂଲିଶ୍ ଅନର୍ସ ସହ ବିଏ ପାସ୍ କଲେ। ସେ ଇଂଲିଶ ଭାଷା ସାହିତ୍ୟର ଥିଲେ ଜଣେ ମେଧାବୀ ଛାତ୍ର। ବିଏ (ଇଂଲିଶ ଅନର୍ସ) ଡିଗ୍ରୀ ଲାଭ କରି ସେ କୌଣସି ଉଚ୍ଚ ସରକାରୀ ଅଧିକାରୀ ଭାବରେ ଅଧିଷ୍ଠିତ ହୋଇପାରି ଥାଆନ୍ତେ। କିନ୍ତୁ ସେ ଅନୁଭବ କଲେ ଯେ, ଭାଷା ଓ ସଂସ୍କୃତି ହେଲା ଜାତିର ପିଣ୍ଡ, ଏସବୁର ସୁରକ୍ଷା ନ ହେଲେ ଜାତିର ସୁରକ୍ଷା ଓ ବିକାଶ ଅସମ୍ଭବ।

ସେହି ସମୟରେ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପ୍ରଚେଷ୍ଟାରେ 'ପ୍ରାଚୀ-ସମିତି' ନାମରେ ଏକ ସଂସ୍ଥା ଗଠନ କରାଗଲା। ପ୍ରାଚୀ ସମିତି ଗଠନର ମହାନ୍ ଉଦ୍ଦେଶ୍ୟ ଥିଲା ଓଡ଼ିଶାର ପ୍ରାଚୀନ ପୋଥି ସଂଗ୍ରହପୂର୍ବକ ସେଗୁଡ଼ିକୁ ସଂକଳନ କରି ପ୍ରକାଶ କରିବା। ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଇଙ୍ଗିତରେ ବିଚ୍ଛନ୍ଦବାବୁ, ଗୁରୁଚରଣ ମହାନ୍ତି ଓ କରୁଣାକର କର ପ୍ରମୁଖ ଶିକ୍ଷିତ ଯୁବକମାନେ ପ୍ରାଚୀ ସମିତି କାର୍ଯ୍ୟରେ ଓତପ୍ରୋତ ଭାବରେ ଜଡିତ ହେଲେ। ପ୍ରାଚୀ ସମିତିର ତ୍ରୈମାସିକ ଇଂଲିଶ୍ ପତ୍ରିକା ପ୍ରାଚୀର ସେ ସମ୍ପାଦନା ଦାୟିତ୍ୱ ବହନ କଲେ। ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣ ନିମନ୍ତେ ଡାକ୍ତର ଗୋପାଳ ପଟ୍ଟନାୟକ ଓ ନୃସିଂହ ଚରଣ ମହାନ୍ତି ପ୍ରମୁଖ ଯୁବକମାନଙ୍କୁ ସଂଗଠିତ କରି ଉତ୍କଳ ଦେଶ ମିଶ୍ରଣ ସଂଘ ନାମରେ ଏକ ସଂଘ ପ୍ରତିଷ୍ଠା କଲେ। ୧୯୩୧ ମସିହାରେ ପ୍ରାଚୀ ପତ୍ରିକାରେ ମିଦିନାପୁର ସମ୍ବନ୍ଧରେ ତାଙ୍କ ଲିଖିତ ପ୍ରବନ୍ଧ ''History's verdict against Bengal's unholy claim'' ସମଗ୍ର ବଙ୍ଗଳାରେ ଚହଳ ପକାଇଦେଲା। ଦେଶପ୍ରାଣ ମଧୁସୂଦନ ଏହି ପ୍ରବନ୍ଧଟିକୁ ପାଠକରି ବ୍ୟକ୍ତିଗତ ଭାବରେ ବିଚ୍ଛନ୍ଦବାବୁଙ୍କ ପାଖକୁ ଆସି ଅଭିନନ୍ଦନ ଜଣାଇଲେ। ବିଚ୍ଛନ୍ଦବାବୁଙ୍କ ସମ୍ପାଦନାରେ ପ୍ରକାଶିତ ଏହି ପତ୍ରିକା ଦେଶବିଦେଶରେ ପ୍ରତିଷ୍ଠା ଲାଭ କରିଥିଲା। ପଣ୍ଡିତ ଜବାହରଲାଲ ନେହେରୁ ଆଦି ବିଶିଷ୍ଟ ବ୍ୟକ୍ତିମାନେ ଏହି ପତ୍ରିକାକୁ ଆଗ୍ରହ ସହକାରେ ପାଠ କରୁଥିଲେ। ଦୁଇ ବିଘା ଜମି କବିତାରେ ରବୀନ୍ଦ୍ରନାଥ ଓଡ଼ିଆମାନଙ୍କୁ ତାଚ୍ଛଲ୍ୟ କରି 'ଉଡେ' କହିଥିବାରୁ ବିଚ୍ଛନ୍ଦବାବୁଙ୍କ ଦ୍ୱାରା ପ୍ରାଚୀ ପତ୍ରିକାରେ ତୀକ୍ଷ୍ଣ ସମାଲୋଚନାର ଶରବ୍ୟ ହୋଇଥିଲେ।

### ବିଚ୍ଛନ୍ଦ ଜୟନ୍ତୀ ଉପଲକ୍ଷେ

ବିଚ୍ଛନ୍ଦବାବୁଙ୍କ ଦ୍ୱାରା ୧୯୪୪ ମସିହାରେ ଉତ୍କଳ ଛାତ୍ରସାହିତ୍ୟ ସମାଜ ଓ ୧୯୪୫ ମସିହାରେ କଳିଙ୍ଗଭାରତୀ ସାହିତ୍ୟ ଅନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା। ଓଡ଼ିଶାର ପ୍ରାଚୀନ ସାହିତ୍ୟର ଉଦ୍ଧାର, ପ୍ରଚାର-ପ୍ରସାର ତଥା ଦେଶର ଭବିଷ୍ୟତ ନାଗରିକ ଛାତ୍ରସମାଜକୁ ପ୍ରାଚୀନ ରାଗରାଗିଣୀରେ ସାହିତ୍ୟ ସୃଷ୍ଟି କରିବାର ମୂଳ ଲକ୍ଷ୍ୟ ନେଇ ବିଚ୍ଛନ୍ଦବାବୁ ଏହି ଦୁଇଟି ଅନୁଷ୍ଠାନ ଗଠନ କରିଥିଲେ। ସେ ଉପେନ୍ଦ୍ର ଭଞ୍ଜଙ୍କର କେତୋଟି ଚମତ୍କାର ସଙ୍ଗୀତକୁ ଇଂଲିଶ ଭାଷାରେ ଅନୁବାଦ କରିଯାଇଛନ୍ତି। କବିସୂର୍ଯ୍ୟଙ୍କର କେତେକ କବିତା 'ଗ୍ଲିମ୍ପସେସ୍ ଇନ୍ ଟୁ କବିସୂର୍ଯ୍ୟ' ମଧ୍ୟ ରଚନା କରିଯାଇଛନ୍ତି। ଏହା ବ୍ୟତୀତ ସେ କଳିଙ୍ଗ, କବି ସମ୍ରାଟ ଓ କଳିଙ୍ଗ ଭାରତୀ ଆଦି କେତୋଟି ଇଂଲିଶ ପୁସ୍ତକର ରଚୟିତା।

ବିଚ୍ଛନ୍ଦବାବୁ ୧୯୪୨ ମସିହାରେ ଓକିଲାତି ବ୍ୟବସାୟ ତ୍ୟାଗକରି ଓଡ଼ିଶା ସରକାରଙ୍କର ଅତିରିକ୍ତ ଅନୁବାଦକ ଭାବରେ ନିଯୁକ୍ତ ହେଲେ। ଏହାପରେ ଓଡ଼ିଶା ସରକାରଙ୍କ ଲୋକ ସମ୍ପର୍କ ବିଭାଗର ଲେଖକ-ଅନୁବାଦକ ଓ ପ୍ରଡକ୍ସନ ଅଫିସର ଭାବେ କାର୍ଯ୍ୟକରି ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଦାୟିତ୍ୱ ମଧ୍ୟ ବହନ କରିଥିଲେ। ଏହି ସରକାରୀ କାର୍ଯ୍ୟରୁ ଅବ୍ୟାହତି ନେବା ପରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବରେ କିଛିଦିନ କାର୍ଯ୍ୟ କରିଥିଲେ। ବିଚ୍ଛନ୍ଦବାବୁଙ୍କର କବି ପ୍ରତିଭା ବିଂଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟ ଜଗତରେ ବିସ୍ମୟ ସୃଷ୍ଟିକରେ। ତାଙ୍କ ରଚିତ କବିତା କୁମୁଦ ଓ ଶତପତ୍ର କବିତା ଗ୍ରନ୍ଥଦ୍ୱୟ ଏହାର ଜ୍ୱଳନ୍ତ ନିଦର୍ଶନ। ତାଙ୍କର ଅନ୍ୟ କୃତିଗୁଡ଼ିକ ହେଲା ଆଦ୍ୟ ଅର୍ଘ୍ୟ, କବି ସମ୍ରାଟ ସ୍ମରଣିକା, ଶ୍ରୀଶ୍ରୀଜଗନ୍ନାଥ ଜଣାଣ ଓ ଭଜନ, ଓଡ଼ିଆ ସାହିତ୍ୟର ଇତିହାସ, ଭାବିନୀ-ଭାବନା (କବିତା ପୁସ୍ତକ), ତୁଳସୀ ରାମାୟଣ ଓ ବିନୟ ପତ୍ରିକାର ଓଡ଼ିଆ ଅନୁବାଦ। ଭାବିନୀ-ଭାବନା ତାଙ୍କର ଶ୍ରେଷ୍ଠ ଓ ଶେଷ କୃତି ଭାବେ ବିବେଚିତ। ୧୯୬୧ ଜାନୁୟାରୀ ୪ ତାରିଖରେ ସେ ଇହଧାମରୁ ବିଦାୟ ନେଇଥିଲେ।

ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର, ମୋ-୯୪୩୮୨୯୯୧୭୪

## ଏଇ ଭାରତରେ

ସ୍କୁଲରେ ପିଲାମାନେ ଶିକ୍ଷକଙ୍କ ଅନୁଶାସନରେ ଚାଲନ୍ତି, କିନ୍ତୁ ଛତିଶଗଡ଼ର ଏକ ସରକାରୀ ସ୍କୁଲ୍ ପିଲାଙ୍କ କ୍ୟାବିନେଟ ନିଷ୍ପତ୍ତିକୁ ଶିକ୍ଷକ ଓ ଗ୍ରାମବାସୀ ମାନୁଛନ୍ତି। ରାୟପୁରଠାରୁ ୩୫୦ କିମି ଦୂର ସୁରଜପୁର ଜିଲା ରୁନିୟାଡିହର ସରକାରୀ ପ୍ରିସେକେଣ୍ଡାରୀ ସ୍କୁଲର ପିଲାମାନଙ୍କ କ୍ୟାବିନେଟ ନିର୍ଦ୍ଦେଶ ପାଳନ କରାଯାଉଛି। ଏହି ସ୍କୁଲ୍‌ରେ ୬୬ ଜଣ ପିଲା ପଢୁଛନ୍ତି। ପିଲାମାନେ କ୍ୟାବିନେଟ ନିଷ୍ପତ୍ତି ଅନୁସାରେ ସ୍କୁଲକୁ ବସ୍ତାନିମୁକ୍ତ କରିପାରିଛନ୍ତି। ସେମାନଙ୍କ ନିଷ୍ପତ୍ତି ଅନୁସାରେ ଶିକ୍ଷକମାନଙ୍କ ପାଇଁ ଡ୍ରେସ୍‌କୋଡ୍ ଲାଗୁ କରାଯାଇଛି। କ୍ୟାବିନେଟରେ ପରିବେଶଠାରୁ ଆରମ୍ଭ କରି ଜଳ ସଂରକ୍ଷଣ ସମ୍ପର୍କିତ ନିଷ୍ପତ୍ତି ନେଉଛନ୍ତି ସେମାନେ। କ୍ୟାବିନେଟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ, ଉପପ୍ରଧାନମନ୍ତ୍ରୀ, ଖେଳମନ୍ତ୍ରୀ, ସ୍ୱଚ୍ଛତା ମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ ମଧ୍ୟ ନିଯୁକ୍ତ ହୋଇଛନ୍ତି। ପିଲାମାନଙ୍କ କ୍ୟାବିନେଟ ବୈଠକରେ ଶିକ୍ଷକ, ରୁନିୟାଡିହ ପଞ୍ଚାୟତର ସରପଞ୍ଚ ଓ ୱାର୍ଡସଭ୍ୟମାନେ ଉପସ୍ଥିତ ଥାଆନ୍ତି। ସରକାରୀ ଯୋଜନାର ଅଡିଟ ମଧ୍ୟ ଏହି କ୍ୟାବିନେଟରେ କରାଯାଉଛି। ହିନ୍ଦୀ, ଗଣିତ, ବିଜ୍ଞାନ ଓ ଇଂଲିଶ ଲାଗି ସ୍ୱତନ୍ତ୍ର ଷ୍ଟଡି କର୍ନର ଖୋଲିଛନ୍ତି। ଏହାବାଦ କାନ୍ଥରେ ସରକାରୀ ଯୋଜନା, ପାଠ୍ୟକ୍ରମ ସମ୍ପର୍କରେ ସଚେତନତା ପାଇଁ ପ୍ରଦର୍ଶିତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଜାନୁୟାରୀ ୧୯୯୫

- ଶ୍ରୀଲଙ୍କା ରାଷ୍ଟ୍ରପତି ଚନ୍ଦ୍ରିକା କୁମାରତୁଙ୍ଗାଙ୍କ ବାସଭବନକୁ ବେଆଇନ ବିସ୍ଫୋରକ ପଦାର୍ଥ ନେଇଥିବା ଅଭିଯୋଗରେ ସୈନ୍ୟବାହିନୀର ୨ ଜଣ ଦେହରକ୍ଷୀ ଗିରଫ।
- ଓଡ଼ିଶାରେ ବିଦ୍ୟୁତ୍ ଗ୍ରାହକମାନଙ୍କୁ ସନ୍ତୁଷ୍ଟ କରିବା ଏବଂ ସେମାନଙ୍କ ବିଦ୍ୟୁତ୍ ବ୍ୟବହାର ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ନିମନ୍ତେ ଅନ୍ୟ ବିଦ୍ୟୁତ୍ ବୋର୍ଡ ପକ୍ଷରୁ ବଣ୍ଟନ ଦାୟିତ୍ୱ ସ୍ଥାନୀୟ କମ୍ପାନୀଗୁଡ଼ିକ ହାତରେ ନ୍ୟସ୍ତ କରିବାକୁ ନିଷ୍ପତ୍ତି।

## ସାପ୍ତାହିକ ପଞ୍ଜିକା

ଜାନୁୟାରୀ ୧୨- ସୁପ୍ରିମକୋର୍ଟଙ୍କ ନର୍ଦ୍ଦେଶକ୍ରମେ କେରଳର କୋଚିସ୍ଥିତ ୪ଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟକୁ ମାଟିରେ ମିଶାଇ ଦିଆଯାଇଛି। ପରିବେଶ ନିୟମ ଉଲ୍ଲଂଘନକାରୀଙ୍କୁ ଏହା ଏକ ଶକ୍ତ ବାର୍ତ୍ତା।

୧୩- ପାକିସ୍ତାନର ପୂର୍ବତନ ସାମରିକ ଶାସକ ପରଭେଜ ମୁଶ୍‌ରଫଙ୍କୁ ରାଜଦ୍ରୋହ ମାମଲାରେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ଏହାକୁ ଲାହୋର ହାଇକୋର୍ଟ ରଦ୍ଦ କରିଛନ୍ତି।

୧୪- ମାଇକେଲ ଦେବବ୍ରତ ପାତ୍ର ଭାରତୀୟ ରିଜର୍ଭ ବ୍ୟାଙ୍କର ନୂଆ ଡେପୁଟି ଗଭର୍ନରଭାବେ ଅବସ୍ଥାପିତ ହୋଇଛନ୍ତି।

୧୫- ଉତ୍ତର କଶ୍ମୀରର ଏକ ଗ୍ରାମରେ ଜଣେ ଗର୍ଭବତୀ ମହିଳାଙ୍କୁ ସେନା ଯବାନମାନେ ଅଣ୍ଟାଏ ଗଭୀର ତୁଷାର ମଧ୍ୟରେ ପାଖାପାଖି ୫ କିଲୋମିଟର ବୋହିନେଇ ହସ୍ପିଟାଲରେ ପହଞ୍ଚାଇବା ପରେ ଉକ୍ତ ମହିଳା ଏକ ସୁସ୍ଥ ଶିଶୁ ଜନ୍ମ ଦେଇଛନ୍ତି।

୧୬- ରୁଷିଆର ନୂଆ ପ୍ରଧାନମନ୍ତ୍ରୀ ଭାବେ ମିଖାଇଲ ମିଶିଷ୍ଟିନଙ୍କ ନାମକୁ ପାର୍ଲାମେଣ୍ଟ ଅନୁମୋଦନ କରିଛି।

୧୭- ଭାରତର ଉଚ୍ଚଶକ୍ତିସମ୍ପନ୍ନ ଯୋଗାଯୋଗ ଉପଗ୍ରହ ଜିସାଟ୍-୩୦କୁ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରାଯାଇଛି।

* ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଭାରତରତ୍ନ ପ୍ରଦାନକରିବା ଲାଗି ହୋଇଥିବା ଜନସ୍ୱାର୍ଥ ମାମଲାକୁ ସୁପ୍ରିମ୍‌କୋର୍ଟ ଅଗ୍ରାହ୍ୟ କରି ଔପଚାରିକ ମାନ୍ୟତାଠାରୁ ଗାନ୍ଧିଜୀ ବହୁଉଚ୍ଚ ସମ୍ମାନର ଅଧିକାରୀ ବୋଲି କହିଛନ୍ତି।

## ଆମ ସମସ୍ୟା

### ଗାଁ ରାସ୍ତା ମରଣଯନ୍ତା

ମହାଶୟ,

ପ୍ରାୟ ଦୁଇବର୍ଷ ହେଲାଣି ଗୋପବନ୍ଧୁଙ୍କ ଜନ୍ମପୀଠକୁ ଯାଇଥିବା ଚନ୍ଦନପୁର ବ୍ରାଞ୍ଚ କେନାଲ ପିଚୁ ରାସ୍ତା ଏବଂ ଉତ୍କଳମଣି ସେତୁଠାରୁ ଭାର୍ଗବୀ ନଦୀବନ୍ଧରେ ସୁଆଣ୍ଡୋ ଗ୍ରାମ ମୁଣ୍ଡକୁ ଯାଇଥିବା ରାସ୍ତା ଖାଲଖମାପୂର୍ଣ୍ଣ ଓ ଖଣ୍ଡିଆ ହୋଇ ରହିଛି। ଏହି ରାସ୍ତାରେ ଜନସାଧାରଣ, ପଥର-ବାଲିବୁହା ଟ୍ରକ୍ ଓ ଟ୍ରାକ୍ଟର, ୧୦୮ ଆମ୍ବୁଲାନ୍ସ, ଅକ୍ଷୟ ପାତ୍ର ଖାଦ୍ୟ ଗାଡ଼ି, ସରକାରୀ ଗାଡ଼ି, ସହସ୍ର ବାଇକ୍, ସାଇକେଲ ଆରୋହୀ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜଳସମ୍ପଦ ବିଭାଗ ଓ ରାସ୍ତା ନିର୍ମାଣ ବିଭାଗ କର୍ଣ୍ଣପାତ କରୁ ନ ଥିବା ଜନସାଧାରଣଙ୍କୁ ବ୍ୟଥିତ କରୁଛି। ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି ହେଉଛି।

ଶ୍ରୀରାମଚନ୍ଦ୍ର ଦାଶ, ଦୟାନିଧି ସାହୁ, ଗଦାଧର ପଣ୍ଡା, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ

### ଏସ୍‌ଏଚ୍‌ଜିମାନଙ୍କୁ ତାଲିମ ଦିଆଯାଉ

ରାଜ୍ୟରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ କନା ଓ କାଗଜ ବ୍ୟାଗ ପ୍ରସ୍ତୁତି ପାଇଁ ସରକାରୀ ପ୍ରୋତ୍ସାହନ ତଥା ତାଲିମ ପ୍ରଦାନ କରାଯାଉ। ତା' ଛଡା ଯେଉଁ କମ୍ପାନୀମାନେ ପଲିଥିନ ପ୍ରସ୍ତୁତ କରୁଛନ୍ତି ସେମାନେ ବିକଳ୍ପ ବ୍ୟାଗ ପ୍ରସ୍ତୁତ କରି ବଜାରକୁ ଛାଡନ୍ତୁ, ଯେପରି ପରିବେଶ ପ୍ରଦୂଷଣ ହେବ ନାହିଁ। ପଲିଥିନ ବ୍ୟବହାର ଯୋଗୁ ମାଟି, ପାଣି ଓ ପବନ ପ୍ରଦୂଷିତ ହେଉଛି। ରାଜ୍ୟରେ ପଲିଥିନ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବାର ବେଳ ଆସିଛି।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସାତକୋଶିଆଗଣ୍ଡ ଉପରେ ହେଲିକପ୍ଟର ଉଡ଼ିବା ଚର୍ଚ୍ଚା**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଥିବା ଟିକରପଡ଼ା ମହାନଦୀ ଗଣ୍ଡ ଉପର ଦେଇ କମ୍ ଉଚ୍ଚତାରେ ରବିବାର ଏକ ହେଲିକପ୍ଟର ଉଡ଼ିବା ପରେ ପର୍ଯ୍ୟଟକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟିହୋଇଛି। ଏତେ କମ୍ ଉଚ୍ଚତାରେ ହେଲିକପ୍ଟର ଉଡ଼ିବା ବନ୍ୟପ୍ରାଣୀ ଆଇନର ଉଲ୍ଲଂଘନ ହୋଇଥିବାରୁ ବନ ବିଭାଗ ଏହାର ତଦନ୍ତ କରିବାକୁ ପର୍ଯ୍ୟଟକମାନେ ଦାବି କରିଛନ୍ତି।

# ଓଡ଼ିଶାରୁ ସର୍ବାଧିକ କୋଇଲା ସେସ୍ ସଂଗୃହୀତ

ଭୁବନେଶ୍ୱର,୧୯।୧(ବ୍ୟୁରୋ)



- କେନ୍ଦ୍ରରେ ବିଚାରାଧୀନ ରହିଛି କୋଇଲା ରୟାଲ୍‌ଟି ବୃଦ୍ଧି ପ୍ରସଙ୍ଗ
- ୫ ବର୍ଷରେ ୧୧,୪୧୩.୮୮ କୋଟି ଆଦାୟ
- ଓଡ଼ିଶା ପଛକୁ ଛତିଶଗଡ଼, ଝାଡ଼ଖଣ୍ଡ

ଖଣି ଥିବା ରାଜ୍ୟରୁ ସ୍ୱତନ୍ତ୍ର ଟିକସ ଆଦାୟ ହୋଇଥାଏ। ଏହି ଟିକସ ଦେଶର ଅର୍ଥନୀତିକୁ ସମୃଦ୍ଧ କରିଥାଏ। ହେଲେ ଖଣି ଥିବା ରାଜ୍ୟର ସେପରି ଉନ୍ନତି ହେଉଥିବା ମନେ ହେଉ ନାହିଁ। ଓଡ଼ିଶାରୁ ପ୍ରତିବର୍ଷ ବହୁ ପରିମାଣରେ କୋଇଲା ସେସ୍ ଆଦାୟ କରାଯାଉଥିଲେ ସୁଦ୍ଧା କୋଇଲା ରୟାଲଟି ସଂଶୋଧନ ନେଇ ରାଜ୍ୟ କରୁଥିବା ଦାବି ପୂରଣ ହେଉନାହିଁ। କେନ୍ଦ୍ର ସରକାରଙ୍କ ନିକଟରେ ଏହା ବିଚାରାଧୀନ ରହିଛି। ଶେଷଥର ପାଇଁ ୨୦୧୪ ସେପ୍ଟେମ୍ବରରେ କୋଇଲା ରୟାଲ୍‌ଟି ସଂଶୋଧନ ହୋଇଥିଲା। ରାଜ୍ୟ ବର୍ତ୍ତମାନ ରୟାଲ୍‌ଟି ବାବଦ ଅର୍ଥ ୧୫ ପ୍ରତିଶତରୁ ୨୦ ପ୍ରତିଶତକୁ ବୃଦ୍ଧି ପାଇଁ ଦାବି କରୁଛି। ଗତ ଡିସେମ୍ବର ୨ ତାରିଖରେ ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ରଙ୍କ ଅଣତାରକା ପ୍ରଶ୍ନ ନଂ.୧୫୫୬ରେ କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଉତ୍ତର ରଖି ରୟାଲ୍‌ଟି ସଂଶୋଧନ ସମ୍ପର୍କିତ ପ୍ରସ୍ତାବକୁ ବିଚାର କରିବା ପାଇଁ ୨୦୧୮ରେ ଏକ ଷ୍ଟଡି କମିଟି ଗଠନ କରାଯାଇଛି ବୋଲି କହିଥିଲେ।

୨୦୧୭-୧୮ ଆର୍ଥିକ ବର୍ଷରେ ରାଜ୍ୟରୁ ୧୩୩୪.୫୯ କୋଟି ଟଙ୍କାର କୋଇଲା ସେସ୍ ସଂଗୃହୀତ ହୋଇଛି। ସେହିଭଳି ୨୦୧୬-୧୭ରେ ୫୭୨୦.୩୪ କୋଟି, ୨୦୧୫-୧୬ରେ ୨୬୦୧.୦୧ କୋଟି, ୨୦୧୪-୧୫ରେ ୧୧୭୯.୧୪ କୋଟି ଏବଂ ୨୦୧୩-୧୪ରେ ୫୭୮.୧୫ କୋଟି ଟଙ୍କାର ସେସ୍ ସଂଗ୍ରହ ହୋଇଛି। ୨୦୧୩-୧୪ରୁ ୨୦୧୬-୧୭ ପର୍ଯ୍ୟନ୍ତ ଓଡ଼ିଶାରୁ କୋଇଲା ସେସ୍ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅଧିକ ପରିମାଣରେ ସଂଗୃହୀତ ହୋଇଥିଲା। ହେଲେ ୨୦୧୭-୧୮ରେ ଆମ ରାଜ୍ୟଠାରୁ ପଡ଼ୋଶୀ ଛତିଶଗଡ଼ ଏବଂ ଝାଡ଼ଖଣ୍ଡରୁ ଅଧିକ ସେସ୍ ଆଦାୟ ହୋଇଛି। ଏହିବର୍ଷ ଛତିଶଗଡ଼ ଏବଂ ଝାଡ଼ଖଣ୍ଡରୁ ଯଥାକ୍ରମେ ୨୩୨୮.୦୯ ଏବଂ ୧୫୦୬.୭ କୋଟି ଟଙ୍କାର ସେସ୍ ଆଦାୟ ହୋଇଥିବା ଜଣାପଡିଛି।

ସେହିପରି ୨୦୧୩ରୁ ୨୦୧୮ ମଧ୍ୟରେ ଓଡ଼ିଶାରୁ ୧୧,୪୧୩.୮୮ କୋଟି ଟଙ୍କାର ସେସ୍ ସଂଗ୍ରହ କରାଯାଇଛି। ଏହା ସମସ୍ତ ରାଜ୍ୟ ତୁଳନାରେ ସର୍ବାଧିକ ବୋଲି ଜଣାପଡ଼ିଛି। ଏହି ସମୟ ମଧ୍ୟରେ ଛତିଶଗଡ଼ରୁ ୧୧,୧୨୪.୭୨ କୋଟି, ଝାଡ଼ଖଣ୍ଡରୁ ୯୪୬୦.୬୯ କୋଟି, ମଧ୍ୟପ୍ରଦେଶରୁ ୪୯୪୯.୫୫ କୋଟି, ମହାରାଷ୍ଟ୍ରରୁ ୩୦୯୯.୦୮ କୋଟି ଏବଂ ପଶ୍ଚିମବଙ୍ଗରୁ ୨୧୨୨.୫୨ କୋଟି ଟଙ୍କାର ସେସ୍ ସଂଗୃହୀତ ହୋଇଛି। ଓଡ଼ିଶା ସମେତ ସାରା ଦେଶରୁ ସଂଗୃହୀତ ହୋଇଥିବା ସେସ୍‌କୁ ଅର୍ଥନୈତିକ ବ୍ୟାପାର (ବଜେଟ ଡିଭିଜନ୍) ଦ୍ୱାରା ବିଭିନ୍ନ ମନ୍ତ୍ରଣାଳୟକୁ ପ୍ରଦାନ କରାଯାଇଛି। ୨୦୧୫-୧୬ ଆର୍ଥିକ ବର୍ଷରେ ସେସ୍‌ରୁ ସଂଗୃହୀତ ଅର୍ଥରୁ ନୂତନ ଏବଂ ନବୀକରଣଯୋଗ୍ୟ ମନ୍ତ୍ରଣାଳୟକୁ ୩୧୮୯.୮୬ କୋଟି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ୨୪୪.୯୪ କୋଟି ଏବଂ ଜଳସମ୍ପଦ, ନଦୀ ଉନ୍ନୟନ ଏବଂ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରଣାଳୟକୁ ୧୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିଭଳି ୨୦୧୬-୧୭ରେ ଉପରୋକ୍ତ ୩ ମନ୍ତ୍ରଣାଳୟକୁ ଯଥାକ୍ରମେ ୩୮୩୬.୦୧ କୋଟି, ୯୫୫.୭୪ କୋଟି ଏବଂ ୧୬୭୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅନୁରୂପ ଭାବେ ୨୦୧୭-୧୮ରେ ଉପରୋକ୍ତ ୩ ମନ୍ତ୍ରଣାଳୟକୁ ୩୬୮୭.୮୪ କୋଟି, ୧୦୮୫.୪୫ କୋଟି ଏବଂ ୭୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ସେସୁର ବକେୟା ଆଦାୟ ୪ର୍ଥ ଦିନ ୩.୬୨ କୋଟି ଟଙ୍କା ସଂଗୃହୀତ

**ଭୁବନେଶ୍ୱର,୧୯।୧(ବ୍ୟୁରୋ):** ସେସୁ ପକ୍ଷରୁ ବକେୟା ବିଦ୍ୟୁତ୍ ଶୁଳ୍କ ସଂଗ୍ରହର ୪ର୍ଥ ଦିନରେ ୩.୬୨ କୋଟି ଟଙ୍କା ସଂଗ୍ରହ କରାଯାଇଛି। ଏଥିସହିତ ୧୧୫୨ ବ୍ୟବସାୟିକ ଉପଭୋକ୍ତାଙ୍କ ବିଜୁଳି ସଂଯୋଗ କାଟି ଦିଆଯାଇଥିବା ଜଣାପଡ଼ିଛି। ଗତ ୧୬ ତାରିଖରୁ ଏଯାବତ୍ ୬୨୭୫ଜଣଙ୍କ ବିଦ୍ୟୁତ୍ ସଂଯୋଗ କଟାଯାଇ ସାରିଲାଣି। ସମାନ ସମୟରେ ତତ୍କାଳ ଦେୟ ପ୍ରଦାନ କରିଥିବା ୨୭୪୦ଙ୍କୁ ପୁନଃ ବିଜୁଳି ସଂଯୋଗ ଦିଆଯାଇଛି। ଗତ ୪ ଦିନରେ ସେସୁ ପକ୍ଷରୁ ୧୮.୫୩ କୋଟି ଟଙ୍କାର ବକେୟା ଅର୍ଥ ସଂଗୃହୀତ ହୋଇସାରିଛି। କେବଳ ଅନ୍‌ଲାଇନ୍ ପେମେଣ୍ଟ ବାବଦକୁ ୧.୧ କୋଟି ଟଙ୍କା ସଂଗ୍ରହ କରାଯାଇଛି। ରବିବାର ସେସୁ ପକ୍ଷରୁ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଶୁଳ୍କ ଆଦାୟ ଏବଂ ବିଦ୍ୟୁତ ସେବା ବିଚ୍ଛିନ୍ନ କାର୍ଯ୍ୟ ଚାଲୁ ରହିଥିଲା। ସେସୁ ଅଧୀନସ୍ଥ ୨୦ ଡିଭିଜନ୍‌ରେ ୪୭୮ ସ୍ୱତନ୍ତ୍ର ସ୍କ୍ୱାଡ୍ ପ୍ରାୟ ୮୮୮୦ ବ୍ୟବସାୟିକ ଉପଭୋକ୍ତାଙ୍କ ଉପରେ ଚଢ଼ାଉ କରିଥିଲେ। ୧୭୨୭ ଉପଭୋକ୍ତା ବିଲ୍ ରିଭିଜନ ପାଇଁ ଆବେଦନ କରିଥିବା ଜଣାପଡ଼ିଛି।

### ଆସନ୍ତା ୨୨ରେ ବିମାନରେ ଉଡ଼ିବେ ୪୪ ଦିବ୍ୟାଙ୍ଗ ପିଲା

**ଭୁବନେଶ୍ୱର,୧୯।୧(ବ୍ୟୁରୋ):** ବିମାନରେ ଉଡିବେ ଦିବ୍ୟାଙ୍ଗ ପିଲା। ଦୂର ଦିଗ୍‌ବଳୟରୁ ଦୁନିଆକୁ ଦେଖିବାର ସୌଭାଗ୍ୟ ଅର୍ଜନ କରିବେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏକ ଏନ୍‌ଜିଓ ସଂସ୍ଥା ଏପରି ବ୍ୟବସ୍ଥାର ଆୟୋଜନ କରିଛି। ଏଥିପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଉଷା ପାଢ଼ୀ ଟୁଇଟ୍ କରି ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୪୪ଜଣ ଦିବ୍ୟାଙ୍ଗ ପିଲା ଆସନ୍ତା ୨୨ତାରିଖରେ ଏୟାର ଇଣ୍ଡିଆର ସ୍ୱତନ୍ତ୍ର ବିମାନ ଯୋଗେ ଉଡ଼ାଣର ମଜା ନେବେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ୪୪ଜଣଙ୍କ ମଧ୍ୟରୁ ୨୩ ଜଣ ପୁଅ ଏବଂ ୨୧ଜଣ ଝିଅ ଅଛନ୍ତି। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ସକାଳ ୯ଟା ୨୫ମିନିଟ୍‌ରେ ଏହି ପିଲାମାନେ ଉଡ଼ାଣ ଆରମ୍ଭ କରିବେ। ଆକାଶରେ ପ୍ରାୟ ୪୦ମିନିଟ୍ ପର୍ଯ୍ୟନ୍ତ ଉଡ଼ାଣର ମଜା ନେବେ। ଏନେଇ ଉଷା ପାଢ଼ୀ ସୂଚନା ଦେଇଥିବାବେଳେ ଟୁଇଟ୍ ଯୋଗେ ଏୟାର ଇଣ୍ଡିଆ ସିଏମ୍‌ଡି ଏବଂ ଆଲିଆନ୍ସ ଏୟାରର ସିଇଓଙ୍କୁ କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶା ସରକାରଙ୍କ ପ୍ରଶଂସନୀୟ ଉଦ୍ୟମ ପାଇଁ ଉଷା ପାଢ଼ୀ ଧନ୍ୟବାଦ ଜଣାଇଛନ୍ତି।

### ଜଳିଗଲା ଲୁହାପଥର ବୋଝେଇ ଟ୍ରକ୍

**ଠାକୁରମୁଣ୍ଡା,୧୯।୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ କେନ୍ଦୁଝର-ଯଶୀପୁର ୪୯ନଂ. ଜାତୀୟ ରାଜପଥରେ ରବିବାର ସକାଳେ ଏକ ୧୨ଚକିଆ ଲୁହାପଥର ବୋଝେଇ ଟ୍ରକ୍‌ରେ ନିଆଁ ଲାଗି ଜଳିଯାଇଛି। ଡ୍ରାଇଭର ଓ ହେଲ୍‌ପର ଅଳ୍ପକେ ବର୍ତ୍ତି ଯାଇଛନ୍ତି। କେନ୍ଦୁଝରରୁ ଲୁହାପଥର ବୋଝେଇ କରି ଝାଡ଼ଖଣ୍ଡର ହୋତା ଅଞ୍ଚଳକୁ ଯାଉଥିବା ବେଳେ କୌଣସି କାରଣରୁ ଟ୍ରକ୍ (ନଂ.ଓଡି୯ଏଫ୍-୫୬୪୩)ରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିଯାଇଥିବା ଜାଣି ଡ୍ରାଇଭର ଟ୍ରକ୍‌କୁ ସୁରକ୍ଷିତ ଭାବେ ରାସ୍ତା କଡ଼ରେ ରଖି ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଯଶୀପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ବୋଲେରୋ ଓଲଟି ୪ ଗୁରୁତର

**ଶଙ୍କରାଖୋଲ,୧୯।୧(ଡି.ଏନ୍.ଏ.):** କନ୍ଧମାଳ ଜିଲା ଟିକାବାଲି ଥାନା ଶଙ୍କରାଖୋଲ ନିକଟ ଡୁମ୍ବୁରିନାଳ ପୋଲଠାରେ ରବିବାର ରାତି ପ୍ରାୟ ୯ଟାରେ ଏକ ବୋଲେରୋ ଓଲଟି ପଡ଼ିବାରୁ ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଚକାପାଦ ଗ୍ରାମର ଭବାନୀ ଶଙ୍କର ସାହାଣୀ, କାବାଲାଗାଁର କେଦାରନାଥ ଦିଗାଳ, ଟିକାବାଲିର ରମାକାନ୍ତ ପ୍ରଧାନ, ରିଣ୍ଟୁ ଦିଗାଳ। ଆହତଙ୍କୁ ପ୍ରଥମେ ଗୁମାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବୋଲେରୋ ଟିକାବାଲିରୁ ଶଙ୍କରାଖୋଲ ଅଭିମୁଖେ ଆସୁଥିବା ବେଳେ ଡୁମ୍ବୁରିନାଳ ପୋଲ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

# ଯନ୍ତା ଦ୍ୱାରା ମାଛଚାଷ କରିବାକୁ ସରକାରଙ୍କ ଯୋଜନା

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ଜଳାଶୟ ଏବଂ ସମୁଦ୍ର ଭିତରେ ଯନ୍ତା ଦ୍ୱାରା ମତ୍ସ୍ୟ ଚାଷ କରିବା ଲାଗି ଓଡିଶାରେ ବ୍ୟାପକ ସୁଯୋଗ ରହିଛି। ଏ ଦିଗରେ ଅଧିକ ସଫଳତା ସଂଗ୍ରହ ପାଇଁ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଅନ୍ୟ ରାଜ୍ୟଗୁଡିକରେ ଯନ୍ତା ଦ୍ୱାରା କିପରି ମତ୍ସ୍ୟ ଚାଷ କରାଯାଉଛି ତା'ର ତଥ୍ୟ ସଂଗ୍ରହ ଆରମ୍ଭ କରାଯାଇଛି। ଜାଲ ଘେରାଇବା ଏବଂ ପୋଖରୀ ଖୋଳିବା ଅପେକ୍ଷା ଯନ୍ତା ସ୍ଥାପନ କରି ମାଛଚାଷ ଅଧିକ ହୋଇଥିବାରୁ ଏହା ବେଶ୍ ସହାୟକ ହୋଇପାରିବ। ଜନୈକ ଅଧିକାରୀ ଦେଇଥିବା ସୂଚନା ମୁତାବକ, ରାଜ୍ୟରେ ୨ଲକ୍ଷ ହେକ୍ଟର ପରିମିତ ଅଞ୍ଚଳରେ ୧୩୮ଟି ଜଳାଶୟ ରହିଛି। ଏଠାରେ ଯନ୍ତାଦ୍ୱାରା ମତ୍ସ୍ୟଚାଷର ବହୁ ସୁଯୋଗ ରହିଛି। ଏଭଳି ଚାଷକୁ ବିଶେଷ ପ୍ରୋତ୍ସାହନ ଦେବା ଲାଗି କିଛିଦିନ ତଳେ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମହାରାଷ୍ଟ୍ରର ପୁଣେ ଗସ୍ତ କରିଥିଲେ। ଏହି ଟିମ୍‌ରେ ମତ୍ସ୍ୟ ଓ ପଶୁ ସମ୍ପଦ ସଚିବ ରଘୁ ପ୍ରସାଦ, ମତ୍ସ୍ୟ ନିର୍ଦ୍ଦେଶକ ଏନ୍ ଥିରୁମାଲ୍ଲା ନାୟକ, ଫିସଫେଡ ସଭାପତି ପ୍ରମୁଖ ପୁଣେ ଗସ୍ତ କରିଥିଲେ। ମହାରାଷ୍ଟ୍ରରେ ଯନ୍ତା ଦ୍ୱାରା କିପରି ମତ୍ସ୍ୟ ଉତ୍ପାଦନ କରାଯାଉଛି ତା'ର ସମୀକ୍ଷା କରିଛନ୍ତି। ରାଜ୍ୟରୁ ଯାଇଥିବା ଟିମ୍ ମହାରାଷ୍ଟ୍ର ମତ୍ସ୍ୟ କମିଶନରଙ୍କ ସହ ଏ ବାବଦରେ ଆଲୋଚନା କରିଛନ୍ତି। ଅନ୍ୟପଟେ ଯନ୍ତା ପ୍ରସ୍ତୁତ କରୁଥିବା କାରଖାନା ମଧ୍ୟ ପରିଦର୍ଶନ କରିଛନ୍ତି।

ଅନ୍ତର୍ଜାତୀୟ ସ୍ତରରେ ଦୀର୍ଘବର୍ଷ ହେଲା ଏହି ପଦ୍ଧତିରେ ମତ୍ସ୍ୟ ଚାଷ ଚାଲିଛି। ଭାରତରେ ୨୦୧୧ରୁ ଏହି ପଦ୍ଧତିରେ ମାଛ ଚାଷ ଚାଲିଛି। ୨୦୧୬ରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ ଯନ୍ତା ମାଧ୍ୟମରେ ମାଛ ଚାଷ ପାଇଁ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି। ଏହାପରଠାରୁ ଭାରତର କେତେଗୁଡିଏ ରାଜ୍ୟ ଦ୍ରୁତ ଗତିରେ ଏହି ପଦ୍ଧତିରେ ମାଛ ଚାଷ ଚଳାଇଛନ୍ତି। ସାରା ଦେଶରେ ମୋଟ ୧୦ହଜାର ଯନ୍ତା ବସାଇ ମାଛ ଚାଷ କରାଯାଉଥିବା ଜଣାପଡିଛି। ଓଡିଶାରେ ମଧ୍ୟ ଏହି ପଦ୍ଧତିରେ ମାଛ ଚାଷ ଚାଲିଛି। ମାତ୍ର ବର୍ତ୍ତମାନ ସୁଦ୍ଧା ୩୨୦ଟି ଯନ୍ତାରେ ମତ୍ସ୍ୟ ଚାଷ କରାଯାଉଛି। ଏହାର ସଂଖ୍ୟା ବୃଦ୍ଧି କରିବାକୁ ଯୋଜନା କରାଯାଇଥିବା ଜଣାପଡ଼ିଛି।

# ଭାଜପା ରାଷ୍ଟ୍ରୀୟ ସଭାପତି ଚୟନ ଲାଗି ରାଜ୍ୟ ନେତାଙ୍କ ଦିଲ୍ଲୀ ଗସ୍ତ

## ଦିଲ୍ଲୀ ନିର୍ବାଚନରେ ଓଡିଆ ନେତାଙ୍କ ଭୂମିକା ନେଇ ଆଲୋଚନା

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ଭାଜପା ରାଜ୍ୟ ସଭାପତି ଭାବେ ବରିଷ୍ଠ ନେତା ସମୀର ମହାନ୍ତି ଦାୟିତ୍ୱ ନେବାପରେ ପ୍ରଥମ ଥର ଲାଗି ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ସୋମବାର ଭାଜପା ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷଭାବେ ଜେପି ନଡ୍ଡା ନାମାଙ୍କନପତ୍ର ଦାଖଲ କରିବେ। ତେଣୁ ଏହି ପ୍ରକ୍ରିୟାରେ ସାମିଲ ହେବା ଲାଗି ସମୀର ମହାନ୍ତି ଦିଲ୍ଲୀ ଯାଇଥିବା ବେଳେ ରାଜ୍ୟର ଅନ୍ୟ କେତେଜଣ ପଦାଧିକାରୀ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ଅନ୍ୟ ପକ୍ଷରେ ଦିଲ୍ଲୀ ନିର୍ବାଚନରେ ଓଡ଼ିଆ ନେତାଙ୍କ ଭୂମିକା କ'ଣ ରହିବ ସେ ନେଇ ମଧ୍ୟ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିପାଇଁ ରାଜ୍ୟରୁ ୩୨ଜଣ ନେତା ଦିଲ୍ଲୀ ଯାଇଛନ୍ତି। ରାଜ୍ୟ ଭାଜପାର କୋର୍ ଟିମ୍ ସଦସ୍ୟମାନେ ଏଥିରେ ଅଛନ୍ତି। ଏହାସହ ରାଜ୍ୟର ବିଭିନ୍ନ ଦଳୀୟ ପ୍ରସଙ୍ଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବାକୁ ଥିବା ସୂଚନା ମିଳିଛି। ରାଜ୍ୟ ସଭାପତି ରବିବାର ଦିଲ୍ଲୀ ଗସ୍ତ କରିଛନ୍ତି। ଆଜି ସନ୍ଧ୍ୟାରେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ରାଜ୍ୟ ଟିମ୍‌ର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସମୀରଙ୍କୁ କେନ୍ଦ୍ରୀୟ ନେତୃତ୍ୱ ଶୁଭେଚ୍ଛା ଜଣାଇଥିବା ଜଣାପଡିଛି। ଏହାସହ ଆଗାମୀ ଦିନରେ ଦଳର ରଣନୀତି କ'ଣ ରହିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି।

# ଜଳିଗଲା ୧୧ ଏକର ଆଖୁ ଫସଲ

ଢେଙ୍କାନାଳ ଅଫିସ, ୧୯।୧

ଢେଙ୍କାନାଳ ସଦର ଥାନା ଭୋଜଦେଇପୁର ଗ୍ରାମ ଶିବ ମନ୍ଦିର ନିକଟ ଆଖୁ ଜମିରେ ରବିବାର ଅପରାହ୍ନ ୪ଟାରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୧୧ଏକର ଫସଲ ପୋଡ଼ିଯାଇଛି। ଏଥିରେ ବିନୋଦିନୀ ଖିଲାର, ସସ୍ମିତା ନନ୍ଦ, କୁମୁଦିନୀ ମଲ୍ଲିକ, ଅବନ୍ତୀ ମଲ୍ଲିକ, ମନୋଜ ମଲ୍ଲିକ ପ୍ରମୁଖ କ୍ଷତିଗ୍ରସ୍ତ ହୋଇଛନ୍ତି। ସମ୍ପୃକ୍ତ ଚାଷୀମାନେ ମିଳିମିଶି ବ୍ୟାଙ୍କରୁ ୫ଲକ୍ଷ ଏବଂ ହାତ ଉଧାରି ୩ ଲକ୍ଷ ୨୦ ହଜାର ଏପରି ମୋଟ ୮ଲକ୍ଷ ୨୦ ହଜାର ଟଙ୍କା ଋଣ କରି ଆଖୁ ଫସଲ କରିଥିଲେ। ମୋଟ ୧୬ ଏକର ଜମିରେ ଆଖୁଚାଷ ହୋଇଥିଲା। ସେଥିରୁ ୫ ଏକର ଜମିରୁ ଆଖୁ କଟା ସରିଥିଲା। ଅମଳ ପୂର୍ବରୁ ୧୧ଏକର ଜମିର ଫସଲ ଜଳିପୋଡ଼ି ଛାରଖାର ହୋଇଯିବା ଋଣୀ ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି।

ଅନ୍ୟପଟେ ଚାଷୀମାନେ ଅଭିଯୋଗ କରିଛନ୍ତି, ସୂଚନା ଦିଆଯିବା ସତ୍ତ୍ୱେ ଅଗ୍ନିଶମ କର୍ମଚାରୀ ତୁରନ୍ତ ପହଞ୍ଚି ନ ଥିଲେ। ଫଳରେ ନିଆଁ ଖୁବ୍ କମ୍ ସମୟରେ ବ୍ୟାପୀଯାଇଥିଲା। ନିଆଁ ଲାଗିବାର ପାଖାପାଖି ଦୁଇଘଣ୍ଟା ପରେ ସନ୍ଧ୍ୟା ୬ଟାରେ ହିନ୍ଦୋଳ ରୋଡରୁ ଗୋଟିଏ ଦମକଳ ଗାଡ଼ି ପହଞ୍ଚିଥିଲା। ହେଲେ ନିଆଁ ଏତେ ଭୟଙ୍କର ଭାବେ ମାଡ଼ି ଚାଲିଥିଲା ଯେ, ତାକୁ ଆୟତ୍ତ କରିବା ଅସମ୍ଭବ ହୋଇପଡ଼ିଥିଲା। ଏହାପରେ ସନ୍ଧ୍ୟା ୬ଟା ୫୦ରେ ଢେଙ୍କାନାଳରୁ ଅନ୍ୟ ଏକ ଦମକଳ ଗାଡ଼ି ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ହୋଇଥିଲା। ତେବେ ଖବର ଲେଖାଯିବା ସୁଦ୍ଧା ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇପାରିନାହିଁ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

ଏ ସଂକ୍ରାନ୍ତରେ ଢେଙ୍କାନାଳ ଅଗ୍ନିଶମ ସଂସ୍ଥା ଅଧିକାରୀ ଉମାକାନ୍ତ ନାୟକ କୁହନ୍ତି, ସୂଚନା ପାଇବା ପରେ ତୁରନ୍ତ ଗୋଟିଏ ଦମକଳ ଗାଡ଼ି ପଠାଯାଇଥିଲା। ଅନ୍ୟ ଏକ ଗାଡ଼ି ନ ଥିବାରୁ ହିନ୍ଦୋଳ ରୋଡ କେନ୍ଦ୍ରକୁ ସୂଚନା ଦିଆଯାଇଥିଲା। ସେଠାରୁ ଗୋଟିଏ ଦମକଳ ଗାଡ଼ି ଯାଇଥିଲା। ଢେଙ୍କାନାଳ କେନ୍ଦ୍ରକୁ ଗାଡ଼ି ଫେରିବା ପରେ ଦ୍ୱିତୀୟ ଗାଡ଼ିକୁ ମଧ୍ୟ ପଠାଯାଇଥିଲା। ଏବେ ୩ଟି ଦମକଳ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଳସୀ ମାଳି,
ଭିତରେ ଭିତରେ ସଳାସୁତର,
ବାହାରେ ଲାଗିଛି କଳି।**

ନିଜ ନିଜ ମଧ୍ୟରେ ବୁଝାମଣା ଏକଦମ୍ ଠିକ୍ ଅଥଚ ଲୋକ ଦେଖିବାକୁ ଦୁହିଁଙ୍କ ମଧ୍ୟରେ ପ୍ରବଳ ଶତ୍ରୁତା । କପଟୀ ବ୍ୟକ୍ତିଙ୍କ ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକେ ସହଜରେ ଜାଣି ନ ପାରି ଧୋକା ଖାଇଯାଇଥାନ୍ତି। ଛଳନାପୂର୍ଣ୍ଣ ବ୍ୟକ୍ତିଙ୍କଠାରେ ଏପରି ଲକ୍ଷଣ ଦେଖାଦେଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ତୁ ଡାଳେ ଡାଳେ ଗଲେ
ମୁଁ ପତରେ ପତରେ ଯିବି।**

ଅନେକ ସମୟରେ ପରସ୍ପର ମଧ୍ୟରେ ଟକରା ଟକରି ଚାଲୁଥିବାର ଦେଖିବାକୁ ମିଳିଥାଏ। ଦୁଇଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ସୃଷ୍ଟି ହେଉଥିବା ବେଳେ କେହି କାହାରିକୁ ସହଜରେ ଛାଡ଼ି ନ ଥାନ୍ତି। ଜଣେ ଆଉ ଜଣଙ୍କ ଠାରୁ ବୁଦ୍ଧିରେ ବଳିଯିବା ବା ଟପିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

FORM NO.: 13

BEFORE THE DEBTS RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK, ODISHA
O.A. No.: 176 of 2019

Bank of Baroda, Main Branch, Cuttack ...Applicant.
Versus
M/s. Sharp India Engineering & Others ...Defendants.

1. **M/s. Sharp India Engineering,** Represented through its Proprietor. Regd. Office - At - Basanta Vihar, Link Road, P.O: Arunodaya Market, Town/Dist- Cuttack-12, Odisha. Factory- At/Po- Patapur, P.S.- Barang, Dist- Cuttack.
2. **Sri Santosh Kumar Mohanty,** S/o- Samir Kumar Mohanty, At- Basanta Vihar, Link Road, P.O: Arunodaya Market, Town/Dist- Cuttack- 753012.

**SUMMONS BY PAPER PUBLICATION FOR SHOWING AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 176/2019** in the court of The Debts Recovery Tribunal, Cuttack for recovery of **Rs. 81,84,004/- only** together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **28.02.2020 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 9th **day of January 2020.**

Sd/- Manoj Kumar Patnaik
Registrar

CASH n GOLD
ISO 9001:2015 Certified Company
HIGHEST PAYOUT FOR YOUR GOLD
SELL YOUR GOLD & SETTLE YOUR GOLD LOAN at 100% market value.
CASH against GOLD
● ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ୧୦୦% ଉଚିତ୍ ମୂଲ୍ୟରେ ।
● ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ।
Plot No.: 622-A, Saheed Nagar, Near Khimji Jewellery, Bhubaneswar - 751007
Call: 7504335566 | 0674-2955566

DADLS-89



ବିପ୍ଳବୀ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)ଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୦ ଜାନୁଆରୀ, ୨୦୨୦

ସମୟ – ସକାଳ ଘ.୭.୩୦.ମି.
କଳ୍ପନା ଛକସ୍ଥିତ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ ।

ସାଧାରଣ ସଭା
ସମୟ – ସଂଧ୍ୟା ଘ.୫.୩୦ ମିନିଟ୍ ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ, ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ
ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତି, ପୂର୍ବତନ ବାଚସ୍ପତି ଏବଂ ସଭାପତି, ଚାଖିଖୁଣ୍ଟିଆ (ଚନ୍ଦନ ହଜୁରୀ) ସ୍ମୃତି ସମିତି
ଡଃ. ଲେନିନ୍ ମହାନ୍ତି, ସମ୍ପାଦକ, ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ

ମୁଖ୍ୟ ବକ୍ତା – ଡଃ. ଗିରିଶ ପ୍ରସାଦ ସ୍ୱାଇଁ, ବିଶିଷ୍ଟ ଶିକ୍ଷାବିତ୍


ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ।

ସଭା ପରେ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ) ସ୍ମୃତି ସମିତି, ପୁରୀଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ) ସ୍ମୃତି ସମିତି, ପୁରୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0124/1920



ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ, ଧନୀ ମଧ୍ୟ ଦରିଦ୍ର ଉପରେ ନିର୍ଭର କରେ।
-ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ସରକାରୀ ଜମି ବିକ୍ରି କରି ଯୁବକ ଗିରଫ

**ଭୁବନେଶ୍ୱର,୧୯।୧(ବ୍ୟୁରୋ):** ନିଜକୁ କଟକ ଏସ୍‌ସିବି ମେଡିକାଲର ଡାକ୍ତର କହି କେତେଜଣଙ୍କୁ ସରକାରୀ ଜମି ବିକ୍ରି କରିଥିଲେ। ସେମାନେ ଠକେଇର ଶିକାର ହୋଇଥିବା ଜାଣିବା ପରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜଗତସିଂହପୁର ବାଲିକୁଦାର ସାରଦା ପ୍ରସାଦ ମହାନ୍ତି(୪୨)। ସେ ସାଁପୁରରେ ରୁହନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସାରଦା କଟକ ଏସ୍‌ସିବିରେ ପାରାମେଡିକାଲ ୱାର୍କରଭାବେ କାମ କରନ୍ତି। ସେ ସ୍ଥାନୀୟ ଲୋକଙ୍କୁ ଏସ୍‌ସିବି ମେଡିକାଲରେ ଡାକ୍ତର ଥିବା କହୁଥିଲେ। ଏପରି କି ସେ ପଣ୍ଡାକୁଦିଆ ଅଞ୍ଚଳରେ ଥିବା କିଛି ସରକାରୀ ଜାଗାକୁ ମାଡ଼ିବସିଥିଲେ। ଏହାକୁ ନିଜ ଜାଗା ବୋଲି କହି ବିକ୍ରି ନିମନ୍ତେ କେତେଜଣଙ୍କଠାରୁ ଟଙ୍କା ନେଇଥିଲେ। କିନ୍ତୁ ସେ କବଲା କରି ନ ଥିଲେ। ଜମି ପାଇଁ ଟଙ୍କା ଦେଇଥିବା ବ୍ୟକ୍ତିମାନେ ଉକ୍ତ ଜାଗାରେ ଆଜବେଷ୍ଟସ ଘର କରି ଦେଇଥିଲେ। ଶେଷରେ ବିଡିଏ ପକ୍ଷରୁ ଉକ୍ତ ଘର ଭାଙ୍ଗିବା ପରେ ତାହା ସରକାରୀ ଜାଗା ବୋଲି ସେମାନେ ଜାଣିବାକୁ ପାଇଥିଲେ। ଏନେଇ ସେମାନେ ସାରଦାଙ୍କୁ ଟଙ୍କା ମାଗିଥିଲେ ମଧ ସେ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଠକେଇର ଶିକାର ହୀରାବତୀ ଦାଶ, ସୁଜାତା ଦାଶ ଏବଂ ଅନ୍ୟଜଣେ ଥାନାରେ ଅଭିଯୋଗ କରିଥିଲେ। ସେମାନଙ୍କଠାରୁ ସାରଦା ୩ଲକ୍ଷ ଟଙ୍କା ନେଇଥିବାବେଳେ ଏକାଧିକ ବ୍ୟକ୍ତିଙ୍କଠାରୁ ପ୍ରାୟ ୩୫ ଲକ୍ଷ ଟଙ୍କା ନେଇଥିବା ପୋଲିସ ତଦନ୍ତରୁ ଜାଣିପାରିଛି।

### ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ଟ୍ରଲର ଜବତ

**ପୁରୀ ଅଫିସ,୧୯।୧:** ସମୁଦ୍ରର ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାବେଳେ ରବିବାର ପୁରୀ ବନ ବିଭାଗ ଏକ ଟ୍ରଲରକୁ ଜବତ କରିଛି। ସୁନା ଦେଉଳ ନାମକ ଏହି ଟ୍ରଲରରେ ୫ଜଣ ମତ୍ସ୍ୟଜୀବୀ ରହିଛନ୍ତି। ଏଥିରୁ ମାଛ ବାହାର କରି ବିକ୍ରି କରାଯିବା ସହ ଟ୍ରଲର ବିରୋଧରେ ସାମୁଦ୍ରିକ ମତ୍ସ୍ୟ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି। ନଭେମ୍ବରରୁ ଲକ୍ଷାଧିକ ସଂଖ୍ୟାରେ ଅଲିଭ୍ ରିଡଲେ କଇଁଛ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରନ୍ତି। କୂଳଠାରୁ ୫ରୁ ୧୦ କିମି ମଧ୍ୟରେ ସେମାନଙ୍କର ମିଳନ ହୁଏ। ତେଣୁ ଓଡ଼ିଶାମୁହାଁ ହେଉଥିବା ଅଲିଭ୍ ରିଡେଲଙ୍କ ସୁରକ୍ଷା ଏବଂ ପ୍ରଜନନ ପାଇଁ ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା ଜାରି କରାଯାଇଛି । ଦେବୀ ମୁହାଣଠାରୁ କେଲୁଣି ମୁହାଣ ୨୧ କିମି ଅଞ୍ଚଳରେ ଉପକୂଳଠାରୁ ସମୁଦ୍ର ମଧ୍ୟକୁ ୨୦କିମି ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଉପକୂଳଠାରୁ ୫ କିମି ମଧ୍ୟରେ ଟ୍ରଲର ଚଳାଚଳ ନିଷେଧ ରହିଛି। କିନ୍ତୁ ଏହି ନୋ ଫିସଙ୍ଗ ଜୋନରେ ଅଧିକାଂଶ ସମୟରେ ବେଆଇନ ଭାବେ ଟ୍ରଲର ମାଛ ମାରିଥାନ୍ତି।

### ପୁରୀରେ 'ମୋ ସହର ମୋ ଭବିଷ୍ୟତ' କାର୍ଯ୍ୟକ୍ରମ ଆରମ୍ଭ

**ପୁରୀ ଅଫିସ,୧୯।୧:** ମହାପ୍ରଭୁଙ୍କ ସାନ୍ନିଧ ପାଇବା ପାଇଁ ବିଭିନ୍ନ ଦେଶରୁ ସାଧୁସନ୍ଥ ଶ୍ରୀକ୍ଷେତ୍ରକୁ ଆସୁଛନ୍ତି। ଯେଉଁଥିପାଇଁ ପୁରୀରେ ଗଢ଼ିଉଠିଛି ଅନେକ ସମ୍ପ୍ରଦାୟର ମଠ, ମନ୍ଦିର। ସେହିପରି ବିଶ୍ୱ ଐତିହ୍ୟ ସହର ହେବାକୁଯାଉଛି ପୁରୀ। ଏଥିଲାଗି ବିଭିନ୍ନ ପ୍ରକାର ପ୍ରକଳ୍ପ ଆରମ୍ଭ ହୋଇଛି। ଐତିହ୍ୟ କରିଡର, ବ୍ଲୁ ଫ୍ଲାଗ ଏବଂ ପର୍ଯ୍ୟଟକଙ୍କ ପାଇଁ ମଧ ଏକାଧିକ ପଦକ୍ଷେପ ନିଆଯାଉଛି। କିନ୍ତୁ ଅନେକ ସହରବାସୀ ଏ ସମ୍ପର୍କରେ ଜାଣିନାହାନ୍ତି। ଆଜିର ପିଢିଙ୍କ ପାଖରେ ଏ ବିଷୟରେ ଜାଣିବା ପାଇଁ ସେମିତି ସୁଯୋଗ ବି ନାହିଁ । ତେଣୁ ପୁରୀ ସହରର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ବିଷୟରେ ଜାଣି ନିଜକୁ ଗଢ଼ିବା ଲାଗି ଆରମ୍ଭ ହୋଇଛି 'ମୋ ସହର ମୋ ଭବିଷ୍ୟତ' କାର୍ଯ୍ୟକ୍ରମ। ବିଶେଷକରି ସ୍କୁଲ ଛାତ୍ରୀଛାତ୍ରଙ୍କୁ ଫୋକସ୍‌ରେ ରଖି ଓଡ଼ିଶା ଇକୋ ଟୁରିଜମ ଫାଉଣ୍ଡେଶନ ଏବଂ ଜିଲା ପ୍ରଶାସନ ପକ୍ଷରୁ ଏଭଳି ପରିକଳ୍ପନା କରାଯାଇଛି। ରବିବାର ଏହି କାର୍ଯ୍ୟକ୍ରମ ମାଧମରେ ବିଶ୍ୱମ୍ଭର ବିଦ୍ୟାପୀଠର ୫୦ ଛାତ୍ରୀଛାତ୍ର ସାଇକେଲରେ ସହରର ବିଭିନ୍ନ ମଠ, ଆଶ୍ରମ ଏବଂ ସରକାରୀ କାର୍ଯ୍ୟାଳୟ ବୁଲିଛନ୍ତି। ଏହି ଅଧାଦିନର ସାଇକେଲ ଯାତ୍ରାରେ ସେମାନେ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ମଠ, ମନ୍ଦିର, ଆଶ୍ରମ, ପରିବେଶ ସୁରକ୍ଷା, ବର୍ଜ୍ୟବସ୍ତୁ ପରିଚାଳନା ଆଦି ବିଭିନ୍ନ ପ୍ରସଙ୍ଗରେ ଶୁଣିଛନ୍ତି। ଏଥିରୁ ଯାହା ଶିକ୍ଷା କରିଛନ୍ତି ତାହା ସେମାନଙ୍କ ଭବିଷ୍ୟତକୁ ଠିକଣା ପଥରେ ଆଗେଇ ନେବା ସହ ପୁରୀକୁ ଏକ ସ୍ୱଚ୍ଛ, ସୁସ୍ଥ ଏବଂ ସୁନ୍ଦର ସହର ଭାବେ ଗଢିତୋଳିବ ବୋଲି ଜିଲାପାଳ ବଲଓ୍ୱନ୍ତ ସିଂ ଆଶାବ୍ୟକ୍ତ କରିଛନ୍ତି।

# ସ୍ୱପ୍ନ ଭାଙ୍ଗିଦେବ ଫଟା ଡଷ୍ଟବିନ୍

**ଭୁବନେଶ୍ୱର, ୧୯।୧ (ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଚଳିତ ବର୍ଷ ସ୍ୱଚ୍ଛ ସର୍ବେକ୍ଷଣରେ ଭଲ ପ୍ରଦର୍ଶନ କରିବାକୁ ଆଶା ରଖିଛି। ନଂ.୧ ସ୍ମାର୍ଟସିଟି ଭଳି ସ୍ୱଚ୍ଛ ସର୍ବେକ୍ଷଣକୁ ନେଇ ସ୍ୱପ୍ନ ଦେଖୁଛି। ଏଥିପାଇଁ ଏକାଧିକ ଯୋଜନା ହାତକୁ ନେଇଥିବାବେଳେ ବହୁ ପ୍ରକଳ୍ପ କାର୍ଯ୍ୟ ମଧ ଆରମ୍ଭ ହୋଇଛି। ଗତ କିଛିଦିନ ତଳେ ଭୁବନେଶ୍ୱରକୁ ଖୋଲା ମଳମୁକ୍ତ (ଓଡିଏଫ++) ସହର ଭାବେ ବିଏମ୍‌ସି ଘୋଷଣା କରିଛି। ହେଲେ ସହରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାରେ କେଉଁଠି ନା କେଉଁଠି ଅନେକ ବ୍ୟତିକ୍ରମ ଏବେ ନଜରକୁ ଆସିଛି। ସହରର କିଛି ମୁଖ୍ୟ ରାସ୍ତାର ରୂପ ବଦଳିଛି। ଗଛ, ଫୁଲ ଓ ଆଲୋକରେ ଚିକ୍‌ମିକ୍ ଦିଶୁଛି, ହେଲେ ଅଧିକାଂଶ କଲୋନୀ ଓ ସାହି ରାସ୍ତାର ବିକୃତ ସ୍ଥିତି ସହରବାସୀଙ୍କ ମନରେ ଏବେବି ଅସନ୍ତୋଷ ଭରିଦେଇଛି। ଏପରି କି କେତେକ ମୁଖ୍ୟ ରାସ୍ତା ଓ ଗଳି ରାସ୍ତାରେ ଅଳିଆ ଆବର୍ଜନା ପଡ଼ି ରହୁଥିବା ଦେଖିବାକୁ ମିଳିଛି। କେଉଁଠି ଡଷ୍ଟବିନ୍‌ରୁ ଅଳିଆ ଉଛୁଳି ରାସ୍ତାରେ ଉଡୁଛି ତ ଆଉ କେଉଁଠି ଫଟା ଡଷ୍ଟବିନ୍ ଓ ଡ୍ରେନ୍‌ରୁ ବାହାରିଥିବା ଆବର୍ଜନା ସହରର ଚିତ୍ରକୁ ବିକୃତ କରୁଛି। ଇତିମଧ୍ୟରେ ସ୍ୱଚ୍ଛ ସର୍ବେକ୍ଷଣର ତୃତୀୟ କ୍ୱାର୍ଟର ଆରମ୍ଭ ହୋଇଥିବାବେଳେ କୌଣସି ମୁହୂର୍ତ୍ତରେ ବି କେନ୍ଦ୍ରୀୟ ଟିମ୍ ଭୁବନେଶ୍ୱର ଆସିବାର ସୂଚନା ମିଳିଛି। ଏପରି ସ୍ଥଳେ ଫଟା ଡଷ୍ଟବିନ୍ ବିଏମ୍‌ସିର ଭଲ ପ୍ରଦର୍ଶନ ସ୍ୱପ୍ନକୁ ଭାଙ୍ଗିଦେବ ବୋଲି ଆଲୋଚନା ଚାଲିଛି।



ଭଙ୍ଗା ଡଷ୍ଟବିନ୍‌ରୁ ଅଳିଆ ବାହାରି ପଦାରେ ପଡ଼ିଛି।

**ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ବିଏମ୍‌ସିର ତତ୍ପରତା**
- ମୁଖ୍ୟ ରାସ୍ତା ଚିକ୍‌ମିକିଆ, ଭିତର ଅଳିଆ
- ବହୁଦିନ ଧରି ପଡ଼ି ରହୁଛି ଅଳିଆ

ସହର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଏମ୍‌ସି ଠିକା ସଂସ୍ଥା ରାମ୍‌କି, ପିଏମ୍‌ଆର ଓ ଜାଗୃତିକୁ ନିୟମିତ ଭାବେ ଡଷ୍ଟବିନ୍‌ର ମରାମତି କରିବା, ଅଳିଆ ଉଠାଇବା, ଘରଠୁ ଘର ବୁଲି ଅଳିଆ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦେଇଛି। କିନ୍ତୁ ଏ କ୍ଷେତ୍ରରେ ଠିକା ସଂସ୍ଥାଗୁଡ଼ିକ ମନମୁଖୀ କାର୍ଯ୍ୟ କରୁଛନ୍ତି। ଏନେଇ ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ସହରକୁ ସବୁଦିନ ପାଇଁ ସ୍ୱଚ୍ଛ ରଖିବା ଲାଗି ଚେଷ୍ଟା ଚାଲିଛି। ଠିକା ସଂସ୍ଥାମାନଙ୍କ ସହ ନିୟମିତ ଆଲୋଚନା କରାଯିବା ସହ ବିଭିନ୍ନ ଦିଗରେ ସୁଧାର ଆଣିବା ପାଇଁ ବିଏମ୍‌ସି ପ୍ରୟାସ ଜାରି ରଖିଛି। ଏପରି କି ଗତ ମାସରେ ସେମାନଙ୍କ ଦେୟରୁ ୨୦% ଅର୍ଥ କାଟ କରାଯାଇଛି। ପୂର୍ବାପେକ୍ଷା ସହରରେ ପରିମଳ ବ୍ୟବସ୍ଥାରେ ସୁଧାର ଆସିଛି ବୋଲି ସେ କହିଛନ୍ତି।

### ଦୁଇ କ୍ୱାର୍ଟରରେ ନୈରାଶ୍ୟଜନକ ପ୍ରଦର୍ଶନ

ସ୍ୱଚ୍ଛ ସର୍ଭେକ୍ଷଣର ଦୁଇଟି କ୍ୱାର୍ଟର ସର୍ଭେ ସରିଯାଇଥିବାବେଳେ ଏହାର ଫଳ ପ୍ରକାଶ ପାଇଛି। ଏଥିରେ ଭୁବନେଶ୍ୱରର ପ୍ରଦର୍ଶନ ପୂର୍ବପରି ନୈରାଶଜନକ ରହିଛି। ଭୁବନେଶ୍ୱର ସହର ପ୍ରଥମ କ୍ୱାର୍ଟରରେ ୩୧୧ ଓ ଦ୍ୱିତୀୟ କ୍ୱାର୍ଟରରେ ୧୬୬ ର୍‍ୟାଙ୍କରେ ରହିଛି। ଏବେ ଗତ ୪ରୁ ୩୧ ତାରିଖ ଯାଏ ତୃତୀୟ କ୍ୱାର୍ଟର ସର୍ଭେ ଆରମ୍ଭ ହୋଇଛି। ଯଦି ସହରର ପରିମଳ ବ୍ୟବସ୍ଥା ଏପରି ରହିବ ତେବେ ପୁଣିଥରେ ଭୁବନେଶ୍ୱର ସ୍ୱଚ୍ଛ ସର୍ବେକ୍ଷଣରେ ଖରାପ ପ୍ରଦର୍ଶନ କରିବ।

### ଏହି ସପ୍ତାହରେ ଆସିପାରନ୍ତି ସର୍ବେକ୍ଷଣ ଟିମ୍



ରାସ୍ତା ଉପରେ ଗଦା ହୋଇ ରହିଥିବା ଆବର୍ଜନା।

ସ୍ୱଚ୍ଛ ସର୍ବେକ୍ଷଣର ତୃତୀୟ କ୍ୱାର୍ଟର ସର୍ଭେ ଆରମ୍ଭ ହୋଇଥିବାବେଳେ ସପ୍ତାହକ ମଧ୍ୟରେ ସର୍ବେକ୍ଷଣ ଟିମ୍ ଓଡ଼ିଶା ଆସିବାର ସୂଚନା ମିଳିଛି। ଏଥିପାଇଁ ବିଏମ୍‌ସିର ତତ୍ପରତା ବଢ଼ିଯାଇଛି। ଜଣେ ଅଧିକାରୀ କହିଛନ୍ତି, ସହରାଞ୍ଚଳ ବିକାଶ ନିମନ୍ତେ ଗଠିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଗତ ୧୭ରୁ ୧୯ତାରିଖ ଯାଏ ଭୁବନେଶ୍ୱର, ପୁରୀ ଓ କୋଣାର୍କ ଗସ୍ତ କରିଛନ୍ତି। ସେମାନେ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ କେତେକ ପୌରାଞ୍ଚଳ ବୁଲି ସ୍ୱଚ୍ଛତା ଓ ପରିମଳ ସ୍ଥିତିର ସମୀକ୍ଷା କରୁଛନ୍ତି। ଯେକୌଣସି ସମୟରେ କେନ୍ଦ୍ରୀୟ ସର୍ବେକ୍ଷଣ ଟିମ୍ ପହଞ୍ଚିପାରନ୍ତି। ତାରିଖ ସମ୍ପର୍କରେ ଆମେ କହିପାରୁନାହୁଁ। କିନ୍ତୁ ଶେଷ ମୁହୂର୍ତ୍ତରେ ନୁହେଁ, ୨୦ରୁ ୨୬ ତାରିଖ ମଧ୍ୟରେ ସେମାନେ ଆସିବେ ବୋଲି ସୂଚନା ମିଳିଛି।



ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ମନନ ନାଟକ ମହୋତ୍ସବର ରବିବାର ୪ର୍ଥ ସନ୍ଧ୍ୟାରେ ନାଟକ 'ଗାନ୍ଧୀ ଭୂମିକାରେ'ର ଏକ ଦୃଶ୍ୟ।

# ଗାନ୍ଧୀ ଭୂମିକାରେ...

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ମନନ ନାଟ୍ୟସଂସ୍ଥା ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ୪୧ତମ ବାର୍ଷିକ ନାଟକ ମହୋତ୍ସବ-୨୦୨୦ର ରବିବାର ଥିଲା ଚତୁର୍ଥ ସନ୍ଧ୍ୟା। ଏହି ଅବସରରେ ପାରାଦୀପର କ୍ୟାନମାସ୍ ନାଟ୍ୟାନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ନାଟକ 'ଗାନ୍ଧୀ ଭୂମିକାରେ' ମଞ୍ଚସ୍ଥ ହୋଇଥିଲା। ନାଟକର ରଚନା ଶଙ୍କର ତ୍ରିପାଠୀ କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ନାରାୟଣ ମିଶ୍ର। ନାଟକର କାହାଣୀ ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶ ଉପରେ ଆଧାରିତ ଥିଲା। ଗାନ୍ଧୀ ଭାରତୀୟ ଜନମାନସରେ ସତ୍ୟ, ଅହିଂସା ଓ ନ୍ୟାୟର ଏକ ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ଗାନ୍ଧିଜୀଙ୍କ ତ୍ୟାଗ, ନିଷ୍ଠା ଓ ଆଦର୍ଶ କେବଳ ଭାରତ ନୁହେଁ, ସମଗ୍ର ପୃଥିବୀରେ ଏକ ଅଧ୍ୟୟନ ଓ ଅନୁଶୀଳନ ପାଲଟିଥିଲା। କିନ୍ତୁ ସମୟକ୍ରମେ ମୂଲ୍ୟବୋଧର ଅବକ୍ଷୟ ବ୍ୟକ୍ତି ସତ୍ୟତାର ଚାରିତ୍ରିକ ସ୍ଖଳନ ଗାନ୍ଧିବାଦକୁ କୁଠାରାଘାତ କରିବାରେ ଲାଗିଲା। ଆଉ ଠିକ୍ ସେହି ସମୟରେ ଗୁଣ୍ଡା ରାମ ଦାସ ନିଜକୁ ଗାନ୍ଧୀ ଭୂମିକାରେ ସଜେଇ ଗାନ୍ଧୀ ଜୟନ୍ତୀ ପାଇଁ ପ୍ରସ୍ତୁତ ହୁଏ। ହେଲେ ଥରେ ଗାନ୍ଧୀଙ୍କ ଆବରଣରେ ନିଜକୁ ସଜାଇଲା ପରେ ସେ ଆଉ ତାର ଅସଜଡ଼ା, ଅସତ୍ୟ ଜୀବନକୁ ଫେରି ପାରେନି। ମହାତ୍ମାଙ୍କ ଆଦର୍ଶ ଓ ସତ୍ୟକୁ ଅନୁସରଣ କରି ବଞ୍ଚିବାକୁ ଚାହେଁ। କିନ୍ତୁ ଏ ସମାଜର ବଡ଼ପଣ୍ଡାମାନେ ତାର ଏହି ପରିବର୍ତ୍ତନକୁ ବିଦ୍ରୁପ କରନ୍ତି। ସେମାନେ ବ୍ୟକ୍ତିଗତ ଫାଇଦା ପାଇଁ ଗାନ୍ଧୀଙ୍କ ଆବରଣ ତଳେ ଲୁଚିଥିବା ରାମ ଦାସକୁ ଫେରାଇ ଆଣିବାକୁ ଚାହାନ୍ତି। ଆଉ ଗାନ୍ଧୀ ଭୂମିକାରେ ରାମ ଦାସ ଅପମାନିତ ଓ ନିର୍ଯାତିତ ହୁଏ। ଏହି ନାଟକରେ ବିଭିନ୍ନ ଭୂମିକାରେ ବିଶ୍ୱଜିତ ରାଉତ, ରୁନା ଦାସ, କେଦାରନାଥ ବିଶ୍ୱାଳ, ସୁକାନ୍ତ ମିର୍ଦ୍ଧା, ପବିତ୍ର ମଣ୍ଡଳ, ନିମାଇଁ ବେହେରା, ସତ୍ୟଜିତ୍ ମହାନ୍ତି ପ୍ରମୁଖ ଚିତ୍ତାକର୍ଷକ ଅଭିନୟ କରିଥିଲେ।

# ଭାରତ ବିକାଶ ପରିଷଦ ପକ୍ଷରୁ 'ଭାରତକୁ ଜାଣ'

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ଭାରତ ବିକାଶ ପରିଷଦ ଓଡ଼ିଶା ପ୍ରାନ୍ତ ପକ୍ଷରୁ ଜାତୀୟସ୍ତରୀୟ 'ଭାରତକୁ ଜାଣ' ପ୍ରତିଯୋଗିତା ରବିବାର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଦେଶର ୯ଟି କ୍ଷେତ୍ରରୁ ୧୮ ବିଦ୍ୟାଳୟର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗନେଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହାକୁ ପରିଷଦର ଡ. ତରୁଣ ଶର୍ମା, ରାକେଶ ସଚଦେବା, ଦୀପକ ରୋହିଆ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ମଧ୍ୟକ୍ଷେତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପଶ୍ଚିମକ୍ଷେତ୍ର ଦ୍ୱିତୀୟ ସ୍ଥାନ ଏବଂ ଉତ୍ତର-ପଶ୍ଚିମକ୍ଷେତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲା। ବରିଷ୍ଠ ବିଭାଗରେ ଉତ୍ତର-ମଧ୍ୟକ୍ଷେତ୍ର ପ୍ରଥମ ସ୍ଥାନ, ପଶ୍ଚିମକ୍ଷେତ୍ର ଦ୍ୱିତୀୟ ସ୍ଥାନ ଏବଂ ଉତ୍ତର-ପଶ୍ଚିମ କ୍ଷେତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲା। ପ୍ରଥମସ୍ଥାନ ଅଧିକାର କରିଥିବା କନିଷ୍ଠ ଏବଂ ବରିଷ୍ଠ ଦଳଙ୍କୁ ପୁରସ୍କାର ସ୍ୱରୂପ ୫ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ଅଂଶଗ୍ରହଣକାରୀ ୧୮ ବିଦ୍ୟାଳୟକୁ ସମ୍ମାନସୂଚକ ଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କୁଇଜ୍ ପରିଚାଳନା କରିଥିବା ବୈଷୟିକ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ସ୍ମାରକୀ ପ୍ରଦାନ କରାଯାଇଥିଲା। ଓଡ଼ିଶା ପ୍ରାନ୍ତର ସଭାପତି ଶୁଭାଶିଷ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍‌ର ଚେୟାରମ୍ୟାନ ଭୋଳନାଥ ଶୁକ୍ଳା ଯୋଗଦେଇ ପିଲାମାନଙ୍କୁ କଠିନ ପରିଶ୍ରମ କରିବାକୁ ଉପଦେଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭାରତ ବିକାଶ ପରିଷଦର ରାଷ୍ଟ୍ରୀୟ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ଗୁପ୍ତା, ରାଷ୍ଟ୍ରୀୟ ଅତିରିକ୍ତ ସଚିବ ଡ. ବାଲ୍ମିକ କୁମାର, ରାଷ୍ଟ୍ରୀୟ ସଂଗଠନ ସଚିବ ସୁରେଶ ଜୈନ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ପ୍ରାନ୍ତର ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ସଭା ସଂଯୋଜନା କରିବା ସହ ଅର୍ଥ ସଚିବ ଶ୍ରୀଧର ସାହୁ ଅତିଥି ପରିଚୟ ଏବଂ ପ୍ରାନ୍ତୀୟ ଉପସଭାପତି ସୁଦର୍ଶନ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରାନ୍ତୀୟ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ସରିଲା ଅଙ୍କୁର ଶିଶୁ ମହୋତ୍ସବର ପ୍ରଥମ ସଂସ୍କରଣ

**ଭୁବନେଶ୍ୱର, ୧୯।୧ (ବ୍ୟୁରୋ)**

ଅଙ୍କୁର ଶିଶୁ ଉତ୍ସବ-୨୦୨୦ର ପ୍ରଥମ ସଂସ୍କରଣ ୟୁନିଟ-୮ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ୟୁଥ୍ ଫର୍ ସେବା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ପରିଚାଳନାର ଜାତୀୟ କୋର୍ଡ଼ିନେଟର ଭେଙ୍କଟ ଧୁଶାରୀ ଓ ୟୁଥ୍ ଫର୍ ସେବାର ଭୁବନେଶ୍ୱର ଜୋନ୍ ସଭାପତି ସ୍ୱୟମ ପ୍ରକାଶ ବରାଳ ଉଦ୍‌ଘାଟନ କରିଥିଲେ। ୩ଶହରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିବାବେଳେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଓସେପା ଯୁଗ୍ମ ସଚିବ ବିଶ୍ୱନାଥ ତରାଇ, ଶୋଭନୀୟ ମୁଭ୍‌ମେଣ୍ଟ ସଦସ୍ୟ ଅରୁନ୍ଧତୀ ଦେବୀ ଓ ୟୁନିଟ-୮ ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ସୁକାନ୍ତ କୁମାର ସାମନ୍ତରା ଯୋଗ ଦେଇଥିଲେ।

ଇଣ୍ଟରନ୍ୟାଶନାଲ ୟୁଥ୍ ଆଚିଭର୍ସ ଫାଉଣ୍ଡେଶନର ସମ୍ବର୍ଦ୍ଧନା ଉତ୍ସବ

## ୩ଜଣ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ

**ଭୁବନେଶ୍ୱର, ୧୯।୧ (ବ୍ୟୁରୋ)**

ଇଣ୍ଟର ନ୍ୟାଶନାଲ ୟୁଥ୍ ଆଚିଭର୍ସ ଫାଉଣ୍ଡେଶନର ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବ ପ୍ରେସ୍ କ୍ଲବ୍ ଅଫ୍ ଓଡିଶା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆର୍ନ୍ତଜାତିକ ସ୍ତରରେ ସବୁଜ ବିପ୍ଳବ ପାଇଁ କାର୍ଯ୍ୟ କରୁଥିବା ପ୍ରେରଣା ଗ୍ରୀନ୍ ଆର୍ମିର କମାଣ୍ଡାଣ୍ଟ ଇନ୍ ଚିଫ୍ ତଥା ଗ୍ରୀନ୍ ଗ୍ଲୋବ୍ କାଉନ୍‌ସିଲର ଅଧ୍ୟକ୍ଷ ଡ. ଦିଲୀପ ଶ୍ରୀଚନ୍ଦନଙ୍କୁ 'ବିଶ୍ୱ ସବୁଜ ସମ୍ରାଟ ସମ୍ମାନ', ବିଶିଷ୍ଟ ବଂଶୀ ବାଦକ ହରିପ୍ରସାଦ ଚୌରାସିଆଙ୍କୁ 'ଉତ୍କଳର ଭୂମିପୁତ୍ର', ଚିତ୍ର ଶିଳ୍ପୀ ଯତିନ ଦାସଙ୍କୁ 'ବିଶ୍ୱ ଚିତ୍ର ଶିଳ୍ପୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଏଥିସହ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଥିବା ୨୦ ଜଣ ଶ୍ରେଷ୍ଠ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ଉତ୍ସବରେ ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଓଡିଶା ବୀର ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ୟୁଥ୍ ଆଚିଭର୍ସ ଫାଉଣ୍ଡେଶନର ନିର୍ଦ୍ଦେଶିକା ଅରୁନ୍ଧତୀ ସୁନ୍ଦରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ।

# ରେଳ ଓଭରବ୍ରିଜରେ ଆଲୋକ ବ୍ୟବସ୍ଥା କରିବାକୁ ଦାବି


**ଭୁବନେଶ୍ୱର, ୧୯।୧ (ବ୍ୟୁରୋ)**

ବୀର ସୁରେନ୍ଦ୍ର ସାଏ ନଗରରୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ରେଳ ଓଭରବ୍ରିଜକୁ ପ୍ରାୟ ତିନି ବର୍ଷ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। କିନ୍ତୁ ଏବେ ସୁଦ୍ଧା ଏହାର ଆଲୋକୀକରଣ ହୋଇପାରିଲା ନାହିଁ। ରାତିରେ ବିନା ଆଲୋକରେ ଯାତାୟାତ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିବା ସହ ଲୁଟ୍‌ପାଟ ବଢୁଛି। ଏ ପରିସ୍ଥିତିକୁ ନେଇ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ଦୃଢ ନିନ୍ଦା କରିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛି। ରବିବାର ଅନୁଷ୍ଠିତ ପରିଷଦର ସାଧାରଣ ବୈଠକରେ ଏହାକୁ ନେଇ ଆଲୋଚନା ହୋଇଥିଲା। ଡ. ଜୟନ୍ତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିଷଦର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ଓ କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ ୨୦୨୦-୨୧ ବର୍ଷ ପାଇଁ ଭିଏସ୍‌ଏସ୍ ନଗରରେ ହେବାକୁ ଥିବା ବିଭିନ୍ନ ଯୋଜନା ଓ ବିକାଶ ମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ସେହିପରି ଅଞ୍ଚଳର ବିଭିନ୍ନ ସମସ୍ୟା ମଧ୍ୟ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ଭିଏସ୍‌ଏସ୍ ନଗର ଅଞ୍ଚଳର ରାସ୍ତା ମରାମତି ସହ ଡ୍ରେନେଜ୍ ସମସ୍ୟା ଓ ଡାକ୍ତରଖାନାରେ ଡାକ୍ତରଙ୍କ ନିଯୁକ୍ତି କଥା ବି ଆଲୋଚନା ହୋଇଥିଲା। ବୈଠକରେ ଇଂ. ନଳିନୀ କୁମାର ମହାନ୍ତି, ନିମାଇଁ ଚରଣ ଦାସ, ଧରଣୀଧର ରାଉତ, ତ୍ରିଲୋଚନ ରଥ, ଚିନ୍ତାମଣି ବାରିକ, କ୍ଷେତ୍ରମୋହନ ନାୟକ ଓ ସୁରେଶ ଚନ୍ଦ୍ର କର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶୀତଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ରାଜ୍ୟରେ ଅଧିକ ଡାକ୍ତରଖାନାର ଆବଶ୍ୟକତା ରହିଛି'

**ଭୁବନେଶ୍ୱର, ୧୯।୧ (ବ୍ୟୁରୋ)**

ନିଖିଳ ଓଡିଶା ରାଜ୍ୟ ସ୍ୱାସ୍ଥ୍ୟବୀମା କର୍ମଚାରୀ ହିତାଧିକାରୀ ମହାସଂଘର ପ୍ରତିନିଧି ସମ୍ମିଳନୀ କିଟ୍ ବିଶ୍ୱବିଦ୍ୟାଳୟ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ଉପାଧ୍ୟକ୍ଷ ପବିତ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, କର୍ମଚାରୀଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ସମସ୍ୟା ଉପୁଜୁଛି। ବିଶେଷକରି ଇଏସ୍‌ଆଇ ହସ୍ପିଟାଲଗୁଡ଼ିକରେ କେଉଁଠାରେ ଡାକ୍ତର ନାହାନ୍ତି ତ କେଉଁଠାରେ ଉନ୍ନତ ମାନର ସେବା ମଧ୍ୟ ମିଳୁନାହିଁ। ତାହା ସହିତ ଔଷଧ କ୍ଷେତ୍ରରେ ମଧ୍ୟ ସମସ୍ୟା ଦେଖାଯାଉଛି। ଏସବୁ ଦିଗରେ ଓଡିଶା ବହୁ ପଛରେ ରହିଛି। ସେଥିପାଇଁ ଆହୁରି ଅନେକ ଡାକ୍ତରଖାନାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ମହାସଂଘର ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍‌କୁ ଏମ୍‌ପି ଷଡ଼ଙ୍ଗୀ ଉନ୍ମୋଚିତ କରିଥିଲେ। ଏଥିସହ ସଂଘ ପକ୍ଷରୁ ୧୦ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ତାଙ୍କୁ ପ୍ରଦାନ କରାଯାଇଥିଲା। ଉପୁଜିଥିବା ବିଭିନ୍ନ ସମସ୍ୟାର ସମାଧାନ ସହିତ ସୁଚାରୁ ରୂପେ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ କେନ୍ଦ୍ର ସରକାରଙ୍କ ପାଖରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ମହାସଂଘର ସାଧାରଣ ସମ୍ପାଦକ ନନ୍ଦ କିଶୋର ସାହୁ, ମୁଖ୍ୟ ଉପଦେଷ୍ଟା ଦେବାଶିଷ ପରିଡାଙ୍କ ସହ ବୀମାଭୁକ୍ତ ହୋଇଥିବା ବିଭିନ୍ନ ସଂଗଠନର ପ୍ରାୟ ୬ଶହ ପ୍ରତିନିଧି ଯୋଗଦେଇଥିଲେ। ବିଭିନ୍ନ ସଂଗଠନର ଯୁବ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ବେହେରା ଅତିଥି ପରିଚୟ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଜୀବନ ମିଶ୍ର ଧନ୍ୟବାଦ ଦେଇଥିଲେ।




ସମ୍ମିଳନୀରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟ ଅତିଥିମାନେ।

- ନିଖିଳ ଓଡିଶା ରାଜ୍ୟ ସ୍ୱାସ୍ଥ୍ୟବୀମା କର୍ମଚାରୀ ହିତାଧିକାରୀ ମହାସଂଘର ପ୍ରତିନିଧି ସମ୍ମିଳନୀ

## ୧୮,୦୩୪ କି.ମି. ମାନବଶୃଙ୍ଖଳ

ବିହାରରେ ୫ କୋଟି ୧୭ ଲକ୍ଷ ଲୋକ ରବିବାର ୧୮,୦୩୪ କିଲୋମିଟର ଦୀର୍ଘ ମାନବଶୃଙ୍ଖଳ ନିର୍ମାଣ କରି ପୂର୍ବ ରେକର୍ଡକୁ ଭାଙ୍ଗିଛନ୍ତି। ପରିବେଶ ସଂରକ୍ଷଣ ଓ ସମାଜରୁ ଅନିଷ୍ଟକାରୀ ତତ୍ତ୍ୱ ଦୂର କରିବାରେ ସରକାରଙ୍କୁ ସମର୍ଥନ କରିବା ଲାଗି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଆହ୍ୱାନ କ୍ରମେ ରାଜ୍ୟବାସୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଫଟୋ ନେବା ପାଇଁ ୭ଟି ହେଲିକପ୍ଟର ଓ ଶତାଧିକ ଡ୍ରୋନ କ୍ୟାମେରାକୁ ନିୟୋଜିତ କରାଯାଇଥିଲା। ମାନବଶୃଙ୍ଖଳରେ ସାମିଲ ହୋଇଥିବା ଜଣେ ୫୫ ବର୍ଷୀୟ ସରକାରୀ ସ୍କୁଲ ଶିକ୍ଷକଙ୍କର ମୃତ୍ୟୁ ହୋଇଛି।

### ସଂକ୍ଷେପରେ

## ୩୧ରୁ ୨ ଦିନିଆ ବ୍ୟାଙ୍କ ଧର୍ମଘଟ

ନୂଆଦିଲ୍ଲୀ,୧୯।୧: ୟୁନାଇଟେଡ ଫୋରମ ଫର ବ୍ୟାଙ୍କ ୟୁନିୟନ୍ସ(ୟୁଏଫ୍‌ବିୟୁ) ପକ୍ଷରୁ ଆସନ୍ତା ୩୧ରୁ ୨ ଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ୟୁଏଫ୍‌ବିୟୁ ମଧ୍ୟରେ ୯ ଶ୍ରମିକ ସଙ୍ଗଠନ ସାମିଲ ଅଛନ୍ତି। ସେହିଭଳି ସଂଘ ମାର୍ଚ୍ଚ ୧୧ରୁ ୩ ଦିନିଆ ଧର୍ମଘଟ ଡାକରା ଦେଇଛି। ଯଦି ଦାବି ପୂରଣ ନ ହୁଏ ଏପ୍ରିଲ ପହିଲାଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଧର୍ମଘଟ କରାଯିବ ବୋଲି ୟୁଏଫ୍‌ବିୟୁ ପକ୍ଷରୁ କୁହାଯାଇଛି। ୩ଟି ପର୍ଯ୍ୟାୟରେ ସଂଘଗୁଡିକ ଧର୍ମଘଟ ହେବ ବୋଲି ୟୁଏଫ୍‌ବିୟୁ ଆବାହକ ସଞ୍ଜୀବ କୁମାର ବନ୍ଦଲିସ୍ କହିଛନ୍ତି।

## ଆର୍‌ବିଆଇ ବୋର୍ଡ ବୈଠକରେ ଉଠିପାରେ ଡିଭିଡେଣ୍ଡ ପ୍ରସଙ୍ଗ

ନୂଆଦିଲ୍ଲୀ,୧୯।୧: ବର୍ତ୍ତମାନ ସରକାର ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ କରିବା ଦିଗରେ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି। ଟିକସ ସଂଗ୍ରହ କମିଥିବାରୁ ରାଜକୋଷ ଉପରେ ଏବେ ଚାପ ରହିଛି। ଏହାକୁ ଧ୍ୟାନରେ ରଖି ସରକାର କେନ୍ଦ୍ରୀୟ ବ୍ୟାଙ୍କଠାରୁ ଅଧିକ ଅର୍ଥ ଆଶା କରୁଛନ୍ତି। ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କର ବୋର୍ଡ ବୈଠକରେ କେନ୍ଦ୍ର ସରକାର ଆଶା କରୁଥିବା ଅତିରିକ୍ତ ଲାଭାଂଶ ବା ଡିଭିଡେଣ୍ଡ ପ୍ରସଙ୍ଗ ଉଠିପାରେ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଦେବାଳିଆ ହେବା ସ୍ଥିତିରେ ସରକାର: ଯଶୱନ୍ତ ସିହ୍ନା

ନୂଆଦିଲ୍ଲୀ,୧୯।୧: ପୂର୍ବତନ ଅର୍ଥ ମନ୍ତ୍ରୀ ଏବଂ ଭାଜପା ନେତା ଯଶୱନ୍ତ ସିହ୍ନା ପୁଣି ଥରେ କେନ୍ଦ୍ର ସରକାରଙ୍କୁ ଅର୍ଥ ବ୍ୟବସ୍ଥାର ସ୍ଥିତିକୁ ନେଇ ଟାର୍ଗେଟ କରିଛନ୍ତି। ସେ ଶନିବାର କହିଛନ୍ତି ଯେ, ଆର୍ଥିକ ମାନ୍ଦାବସ୍ଥା ଯୋଗୁ ସରକାର ଦେବାଳିଆ ସ୍ଥିତିକୁ ଚାଲିଯାଇଛି। ଦେଶ ସବୁଠାରୁ ଭୀଷଣ ସଙ୍କଟ ଦେଇ ଗତି କରୁଥିବା ବେଳେ ସରକାର ଏହି ସ୍ଥିତିଠାରୁ ଧ୍ୟାନ ହଟାଉଥିବା ସେ ମତ ରଖିଛନ୍ତି।

# ସ୍ୱଚ୍ଛ ସହରାଞ୍ଚଳ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଶା ପ୍ରଶଂସିତ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ରାଜ୍ୟର ୧୧୪ଟି ପୌରସଂସ୍ଥା ମଧ୍ୟରୁ ୧୧୦ଟିକୁ କେନ୍ଦ୍ର ସରକାର ତୃତୀୟ ପକ୍ଷର ଆକଳନ ଆଧାରରେ ବାହ୍ୟ ମଳମୁକ୍ତ(ଓଡିଏଫ୍) ପୌରାଞ୍ଚଳ ଭାବେ ପ୍ରମାଣପତ୍ର ଦେଇଛନ୍ତି। ୨୦୧୯ରେ ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଓଡ଼ିଶାର ସ୍ଥାନ ୧୭ରେ ରହିଛି। ଇତିମଧ୍ୟରେ ପୌରାଞ୍ଚଳରେ ୧,୩୨,୫୨୪ଟି ବ୍ୟକ୍ତିଗତ ପାଇଖାନା, ୫୨୧୩ ଗୋଷ୍ଠୀ ପାଇଖାନା ଓ ୪୪୨୧ଟି ସର୍ବସାଧାରଣ ପାଇଖାନା ନିର୍ମାଣ ହୋଇଛି। ସ୍ୱଚ୍ଛ ଭାରତ ମିଶନରେ ଥିବା ଧାର୍ଯ୍ୟ ଲକ୍ଷ୍ୟଠାରୁ ଏହି ସଂଖ୍ୟା ଅଧିକ ରହିଥିବା ଜଣାପଡ଼ିଛି।

ବ୍ରହ୍ମପୁର ମହାନଗର ନିଗମ କେନ୍ଦ୍ର ସରକାରଙ୍କ ଓଡିଏଫ୍ ++ ପ୍ରମାଣପତ୍ର ପାଇଥିବାବେଳେ ଏବେ ଏହି ପୌରସଂସ୍ଥା ଆବର୍ଜନାମୁକ୍ତ ସହର ଲାଗି ୩ ତାରକା(ଷ୍ଟାର) ପ୍ରମାଣପତ୍ର ପାଇଁ ଆବେଦନ କରିଛି। ଯାଜପୁର, ତରଭା ଓ ପାରାଦୀପ ଭଳି ଚାରୋଟି ପୌରସଂସ୍ଥା ସ୍ୱଚ୍ଛ ସର୍ବେକ୍ଷଣ ୨୦୧୯ ଅନୁଯାୟୀ ତ୍ୱରିତ ପଦକ୍ଷେପ ଗ୍ରହଣ ଲାଗି କେନ୍ଦ୍ର ସରକାରଙ୍କ ଦ୍ୱାରା ନୂଆଦିଲ୍ଲୀରେ ପୁରସ୍କୃତ ହୋଇଛି। ୮୬ ପୌରସଂସ୍ଥା ଓଡିଏଫ୍ ++ ବର୍ଗରେ ସାମିଲ ଲାଗି ଆବେଦନ କରିଛନ୍ତି। ରାଜ୍ୟର ବିଭିନ୍ନ ପୌରାଞ୍ଚଳର ୩୩୩ ଗୋଷ୍ଠୀ ଏବଂ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପାଇଖାନା ଆଇଏସ୍‌ଓ ପ୍ରମାଣପତ୍ର ଲାଭ କରିଛି। ଏହାବ୍ୟତୀତ ସ୍ୱଚ୍ଛ ଓଡ଼ିଶା ଓ ସୁସ୍ଥ ଓଡ଼ିଶା ପାଇଁ ରାଜ୍ୟ ସରକାର ଓଡ଼ିଶା ସହରାଞ୍ଚଳ ପରିମଳ ନୀତି ଏବଂ ଓଡ଼ିଶା ସହରାଞ୍ଚଳ ପରିମଳ ଷ୍ଟ୍ରାଟେଜି ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଓଡିଏଫ୍ ମାନ୍ୟତା ପାଇଲା ପରେ ବର୍ତ୍ତମାନ ସମସ୍ତ ପୌରସଂସ୍ଥା ଓଡିଏଫ୍ ++ ମାନ୍ୟତା ପାଇବା ଲାଗି ମଳ ବିଶୋଧନ ପ୍ଲାଣ୍ଟ ନିର୍ମାଣ ଚଳାଇଛନ୍ତି। ଏବେ ସୁଦ୍ଧା ୧୦ଟି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଥିବାବେଳେ ୫୨ଟିର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଓଡ଼ିଶାର ଏଭଳି ପଦକ୍ଷେପକୁ କେନ୍ଦ୍ର ସରକାର ସ୍ୱୀକୃତି ପ୍ରଦାନ ସହିତ ଅନ୍ୟ ରାଜ୍ୟରେ ଅନୁରୂପ ପ୍ଲାଣ୍ଟ ନିର୍ମାଣ ପାଇଁ ପରାମର୍ଶ ଦେଇଛନ୍ତି। ସହରାଞ୍ଚଳରେ ଥିବା ଅଧାରୁ ଅଧିକ ଗୋଷ୍ଠୀ ପାଇଖାନା ଆଇଏସ୍‌ଓ ୯୦୦୧:୨୦୧୫ ସାର୍ଟିଫିକେଟ ହାସଲ କରିଛନ୍ତି। ରାଜ୍ୟର ସହରାଞ୍ଚଳଗୁଡ଼ିକରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୭୬ କୋଟି ଟଙ୍କା ବ୍ୟୟ ଅଟକଳରେ ୧୧୪ ପୌରାଞ୍ଚଳରେ ଏହି ଧରଣର ୨୪୨ଟି ପ୍ଲାଣ୍ଟ ସହ ମ୍ୟାଟେରିଆଲ ରିକଭରି ପ୍ଲାଣ୍ଟ ପ୍ରତିଷ୍ଠା ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିସାରିଛନ୍ତି। ଦୈନନ୍ଦିନ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ୨୫୦୦ ମହିଳାଙ୍କୁ ସ୍ୱଚ୍ଛସାଥୀ ଓ ସୁପରଭାଇଜର ଭାବେ ନିଯୁକ୍ତ କରାଯାଇଛି। ସହରାଞ୍ଚଳରେ ପରିଷ୍କାର ପରିଚ୍ଛନ୍ନତା ପାଇଁ ୧୪,୦୦୦ ଅଧିକ ସଫେଇୱାଲାଙ୍କୁ ସାମିଲ କରାଯାଇଛି। ସଫେଇୱାଲାଙ୍କୁ ଦୁଇ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯାଇ ସାରିଥିବାବେଳେ ୨୦୨୦ ସ୍ୱଚ୍ଛ ସର୍ବେକ୍ଷଣରେ ଉତ୍ତମ ପ୍ରଦର୍ଶନ ଲାଗି ପ୍ରୟାସ ଜାରି ରହିଛି।

# ଶିରିଡ଼ି ବନ୍ଦକୁ ଶିବସେନା ଏମ୍‌ପିଙ୍କ ସମର୍ଥନ

ଶିରିଡ଼ି,୧୯।୧(ପି.ଟି.)




ସାଇବାବାଙ୍କ ଜନ୍ମସ୍ଥାନକୁ ନେଇ ବିବାଦ ପରେ ରବିବାର ମହାରାଷ୍ଟ୍ରର ଶିରିଡ଼ି ସହର ବନ୍ଦ ରହିବା ସହ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତେବେ ମନ୍ଦିର ଖୋଲାରହିବା ସହ ପୂଜା ନୀତି ଚାଲିଥିଲା। ଶିରିଡ଼ି ବନ୍ଦକୁ ଶିବସେନାର ଜଣେ ଏମ୍‌ପି ସମର୍ଥନ ଜଣାଇଛନ୍ତି। ସାଇବାବାଙ୍କ ଜନ୍ମସ୍ଥାନ ଶିରିଡ଼ି ନୁହେଁ ପରଭଣିର ପଥ୍‌ରୀ ବୋଲି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିବା ସହ ଉକ୍ତ ସ୍ଥାନର ବିକାଶ ପାଇଁ ୧୦୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ଠାକ୍‌ରେ ତାଙ୍କ ମନ୍ତବ୍ୟ ଫେରାଇନିଅନ୍ତୁ ବୋଲି ଶିରିଡ଼ି ଜନସାଧାରଣ ଓ ସ୍ଥାନୀୟ ନେତାମାନେ ଦାବି କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ସୋମବାର ମୁମ୍ବାଇରେ ଏକ ବୈଠକ ଡାକିଛନ୍ତି। ବନ୍ଦକୁ ସମର୍ଥନ କରି ଶିବସେନାର ଲୋକ ସଭା ସଦସ୍ୟ ସଦାଶିବ ଲୋଖଣ୍ଡେ କହିଛନ୍ତି, ସେ ପ୍ରଥମେ ସାଇଭକ୍ତ ଓ ପରେ ଏମ୍‌ପି। ସାଇବାବାଙ୍କୁ ୧୬ ବର୍ଷ ହୋଇଥିବାବେଳେ ସେ ଶିରିଡ଼ି ଆସିଥିଲେ। ସେ ତାଙ୍କର ଜାତି କି ଧର୍ମ ସମ୍ପର୍କରେ କାହାକୁ କହିନାହାନ୍ତି। ତେଣୁ ତାଙ୍କ ଜନ୍ମସ୍ଥାନକୁ ନେଇ ବିବାଦ ସୃଷ୍ଟି କରାଯିବା ଠିକ୍ ନୁହେଁ ବୋଲି ସଦାଶିବ କହିଛନ୍ତି।

# ଅତ୍ୟାଧୁନିକ ପୋଲିସ କଣ୍ଟ୍ରୋଲ ରୁମ ଉଦ୍‌ଘାଟିତ



ପିସିଆର ସେବାକୁ ଡିଜିପି ଅଭୟ ଉଦ୍‌ଘାଟନ କରୁଛନ୍ତି।

## ୨୫ ପିସିଆର ଭ୍ୟାନ୍ ଲୋକାର୍ପିତ

ରାଉରକେଲା ଅଫିସ,୧୯।୧

ଷ୍ଟିଲସିଟିର ଆଇନଶୃଙ୍ଖଳାକୁ ବ୍ୟବସ୍ଥିତ କରାଯିବା ସହ ସାଧାରଣ ଜନତାଙ୍କୁ ତ୍ୱରିତ ନ୍ୟାୟ ଦେବା ଉଦ୍ଦେଶ୍ୟରେ ରବିବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟଙ୍କ ଦ୍ୱାରା ପୋଲିସ ମୁଖ୍ୟାଳୟରେ ଏକ ଅତ୍ୟାଧୁନିକ କଣ୍ଟ୍ରୋଲ ରୁମ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅଭୟ ବକ୍ତବ୍ୟ ପ୍ରଦାନ କରି କହିଥିଲେ ପରିବର୍ତ୍ତିତ ପରିସ୍ଥିତିରେ ସାଧାରଣ ଲୋକଙ୍କୁ କିପରି ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇ ପାରିବ ସେ ଦିଗରେ ବିଶେଷ ଧ୍ୟାନ ଦିଆଯାଉଛି। ସହରବାସୀଙ୍କ ସୁରକ୍ଷା, ନିରାପତ୍ତା ଆଦିକୁ ଦୃଷ୍ଟିରେ ରଖି ବିଭାଗକୁ ସକ୍ଷମ କରାଯାଉଛି। ବରିଷ୍ଠ ନାଗରିକ, ମହିଳା ଓ ଶିଶୁଙ୍କ ନିମନ୍ତେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଖୋଲା ଯାଇଥିବା କଣ୍ଟ୍ରୋଲ ରୁମ ଏ କ୍ଷେତ୍ରରେ ବିଶେଷ ସହାୟକ ହୋଇ ପାରିବ ବୋଲି ଅଭୟ ଆଶା ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସ୍ଥାନୀୟ ଉଦିତନଗର ପଡିଆଠାରେ ଅଭୟଙ୍କ ଦ୍ୱାରା ୨୫ଟି ପିସିଆର ଭ୍ୟାନ ଲୋକାର୍ପିତ କରାଯାଇଥିଲା। ସ୍ମାର୍ଟ ସିଟି ରାଉରକେଲାରେ ଅତ୍ୟାଧୁନିକ ପିସିଆର ଭ୍ୟାନ ଆଗାମୀ ଦିନରେ ପଇଁତରା ମାରିବା ସହ ଗଳିକନ୍ଦିରେ ବୁଲି ଆଇନ ଶୃଙ୍ଖଳା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ପାଇବା କ୍ଷଣି ଗାଡି ତତ୍କାଳୀନ ସେଠାରେ ପହଞ୍ଚି ସେବା ଯୋଗାଇ ଦେଇ ପାରିବ। ଏହାଦ୍ୱାରା ସହରର ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ଘଟିବ ବୋଲି ଆଶା ବ୍ୟକ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଇନ୍ଦା ବିଭାଗ ଏଡିଜେ ରାଧାକୃଷ୍ଣ ଶର୍ମା, ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ, ରାଉରକେଲା ଏସପି କେ.ଶିବା ସୁବ୍ରମଣି, ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ(ଡିଏମଏଫ) ସିଇଓ ରସାଇ ଲାଗୁରୀ, ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର, ପରିବହନ ଓ ଟ୍ରାଫିକ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ପୋଖରୀରୁ ମିଳିଲା ପୋଲିସ କର୍ମଚାରୀଙ୍କ ମୃତଦେହ

## ୧୦ଦିନ ହେଲା ନିଖୋଜ ଥିଲେ

ସୁନ୍ଦରଗଡ଼, ୧୯।୧ (ଡି.ଏନ.ଏ.)

ସୁନ୍ଦରଗଡ଼ ଟାଉନ୍ ଥାନା ଅନ୍ତର୍ଗତ ଶଙ୍କରାଚମାର ବନ୍ଧ (ପୋଖରୀ)ରୁ ରବିବାର ସନ୍ଧ୍ୟାରେ ନିଖୋଜ ଥିବା ଜଣେ ପୋଲିସ କର୍ମଚାରୀଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ ଝସକେତନ ନେତି (୪୦)। ଝସକେତନ ସ୍ଥାନୀୟ ରିଜର୍ଭ ପୋଲିସ କର୍ମଚାରୀ ଥିଲେ। ସେ ଗତ ୧୦ତାରିଖରୁ ନିଖୋଜ ହୋଇଯାଇଥିଲେ। ମିଳିଥିବା ସୂଚନା ମୁତାବକ, ରବିବାର ସନ୍ଧ୍ୟାରେ ଶଙ୍କରାଚମାର ବନ୍ଧ (ପୋଖରୀ)ରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ଟାଉନ୍ ଥାନା ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଡାକ୍ତରଖାନାକୁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସଂପୃକ୍ତ ପୋଲିସ କର୍ମଚାରୀଙ୍କ କିପରି ମୃତ୍ୟୁ ହେଲା ସେ ନେଇ ପୋଲିସ ତଦନ୍ତ ଚଳାଇଛି। ସ୍ଥାନୀୟ ଲୋକେ ଏ ନେଇ ସନ୍ଦେହ ପ୍ରକଟ କରିଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଘଟଣା ପର୍ଦ୍ଦାଫାଶ ହୋଇପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।


DSPL-238

ଉଦ୍‌ଘାଟନୀ ଉତ୍ସବ
୨୦ ଜାନୁଆରୀ, ୨୦୨୦ (ସୋମବାର)
ଦିବା ୧୧.୪୫ ଘଟିକା

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ଦୀଲିପ ଚେନଏ
ସାଧାରଣ ସଚିବ, ଏଫ୍.ଆଇ.ସି.ସି.ଆଇ.
ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ମହାପାତ୍ର, ଭା.ପ୍ର.ସେ.
କୃଷି ଉତ୍ପାଦନ କମିଶନର ତଥା
ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା
ଶ୍ରୀଯୁକ୍ତ ଛବିଲେନ୍ଦ୍ର ରାଉଳ, ଭା.ପ୍ର.ସେ.
ସଚିବ, ସାର ବିଭାଗ, ଭାରତ ସରକାର

ସଭାପତି
ଡଃ ଅରୁଣ କୁମାର ସାହୁ
ମାନ୍ୟବର ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ,
ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଉଚ୍ଚ ଶିକ୍ଷା, ଓଡ଼ିଶା

ସ୍ୱାଗତ ଭାଷଣ
ଡଃ ସୌରଭ ଗର୍ଗ, ଭା.ପ୍ର.ସେ.
ପ୍ରମୁଖ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

ଧନ୍ୟବାଦ ଅର୍ପଣ
ଶ୍ରୀଯୁକ୍ତ ଆର୍.ରଘୁ ପ୍ରସାଦ, ଆଇ.ଏଫ୍.ଏସ୍.
କମିଶନର ତଥା ସଚିବ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ, ଓଡ଼ିଶା

ପ୍ରତ୍ୟେକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ
01034/13/0039/1920

ଓଡ଼ିଶା ସରକାର
ମୋ ସରକାର
☎ 14545



କୃଷି ଓଡ଼ିଶା
୨୦-୨୪ ଜାନୁଆରୀ, ୨୦୨୦
ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା

- ଚଳିତ ଜାନୁଆରୀ ୨୦ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନ ଠାରେ କୃଷି ଓଡ଼ିଶା ୨୦୨୦ ଅନୁଷ୍ଠିତ ହେବ। ଏହି ଉତ୍ସବକୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୨୦.୦୧.୨୦୨୦ ଦିବା ୧୧.୪୫ ମିନିଟ୍ ସମୟରେ ଉଦ୍‌ଘାଟନ କରିବେ।
- ଏହି ପ୍ରଦର୍ଶନୀର ମୂଳ ଉଦ୍ଦେଶ୍ୟ ରହିଛି 'ଲାଭଜନକ କୃଷି ପାଇଁ ପ୍ରୟାସ'।
- ଜାତୀୟ, ଆନ୍ତର୍ଜାତୀୟ ସ୍ତରରୁ ଓ ରାଜ୍ୟ ଭିତରୁ ୨୨୮ ଗୋଟି ଷ୍ଟଲ ମାଧ୍ୟମରେ ୧୧୨ଗୋଟି ସଂସ୍ଥା ପ୍ରଦର୍ଶନୀରେ ଯୋଗଦେବେ।
- ପ୍ରତ୍ୟେକ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାମାନଙ୍କରୁ କୃଷକ ଭାଇ ଓ ଭଉଣୀମାନେ ମେଳା ପରିଦର୍ଶନ କରିବାକୁ ଆସିବା ପାଇଁ ବ୍ୟବସ୍ଥା ହୋଇଛି।
- ଏତଦ୍ ଭିନ୍ନ ପ୍ରତ୍ୟେକ ଦିନ ୨ଗୋଟି କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଏବଂ ୨ଗୋଟି ସେମିନାର ଆଲୋଚନାର ମଧ୍ୟ ବ୍ୟବସ୍ଥା କରାଯାଇଛି।
- କୃଷକ ଭାଇ ଓ ଭଉଣୀମାନଙ୍କର ଅକ୍ଳାନ୍ତ ପରିଶ୍ରମ ହିଁ ରାଜ୍ୟକୁ ୬ ଥର କୃଷି କର୍ମଣ ତଥା Commendation ସମ୍ମାନରେ ପୁରସ୍କୃତ କରିପାରିଛି।
- ୫ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ଦ୍ୱିତୀୟ ଦିନ (୨୧.୦୧.୨୦୨୦)କୁ ବ୍ୟାଙ୍କିଙ୍ଗ ଏବଂ ସମବାୟ ଦିବସ, ତୃତୀୟ ଦିନ (୨୨.୦୧.୨୦୨୦)କୁ ଜନପ୍ରତିନିଧି ଦିବସ ଏବଂ ଚତୁର୍ଥ ଦିନ (୨୩.୦୧.୨୦୨୦)କୁ ମହିଳା ସଶକ୍ତିକରଣ ଦିବସ ଭାବରେ ନାମିତ କରାଯାଇଛି।
- ନିର୍ଦ୍ଦିଷ୍ଟ ଭାବରେ ୨୨.୦୧.୨୦୨୦ ଦିନ ରାଜ୍ୟର ୫୦୦ ଜଣ ବ୍ୟାଙ୍କ ଅଧିକାରୀଙ୍କୁ କୃଷି କ୍ଷେତ୍ରରେ ନିବେଶର ସୁବିଧା ପାଇଁ ଋଣ ପ୍ରଦାନର ସମସ୍ୟା ଓ ତାହାର ସମାଧାନ ନିମନ୍ତେ ମାନନୀୟ ମନ୍ତ୍ରୀ ଓ ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନଙ୍କ ସହ ଏକ ଆଲୋଚନା ଚକ୍ରର ବ୍ୟବସ୍ଥା କରାଯାଇଛି।
- ୨୪.୦୧.୨୦୨୦ ଦିନ ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।
- ଏହି ମେଳା ତଥା କୃଷି ପ୍ରଦର୍ଶନୀରେ ଯୋଗଦାନ କରି ନିଜର ଜ୍ଞାନକୌଶଳ ବୃଦ୍ଧି କରିବା ସହ ରାଜ୍ୟକୁ କୃଷି କ୍ଷେତ୍ରରେ ଆଗେଇ ନେବା ପାଇଁ ସହଯୋଗ କରିବାକୁ କୃଷି ପ୍ରାଣୀ ସଂପଦ ଓ ମତ୍ସ୍ୟ ବିକାଶ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଡଃ ଅରୁଣ କୁମାର ସାହୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା



ଭକ୍ତି, ସତ୍‌କର୍ମ ଓ ବିଶ୍ୱାସ ସମସ୍ତ ସୁଖର ଖଣି। କିନ୍ତୁ ସତ୍‌ସଙ୍ଗ ବିନା କେହି ଏହା ପାଇପାରେ ନାହିଁ। ବହୁ ପୁଣ୍ୟ ଫଳରେ ସାଧୁସନ୍ଥ ମିଳିଥାଏ।
- ତୁଳସୀ ଦାସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଜଳଶକ୍ତି ମନ୍ତ୍ରଣାଳୟ, କେନ୍ଦ୍ରୀୟ ଜଳ ଆୟୋଗ ପକ୍ଷରୁ ବିପର୍ଯ୍ୟୟ ସମ୍ବନ୍ଧିତ ସମ୍ମିଳନୀ, ନାଲ୍‌କୋ ମହାନଦୀ ନିବାସ, ନାଲ୍‌କୋ ଭବନ, ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା ୩୦।
- ଆଇଏମ୍‌ଏମ୍‌ଟି ପକ୍ଷରୁ ଏକ କର୍ମଶାଳା, ସିଏସ୍‌ଆଇଆର୍ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା ୩୦।
- ଫଟୋଗ୍ରାଫୀ ପ୍ରଦର୍ଶନୀ, ଲଳିତକଳା ଏକାଡେମୀ, ରିଜିଓନାଲ ସେଣ୍ଟର, ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ୟୁନିଭର୍ସାଲ ବୁଦ୍ଧ ଫାଉଣ୍ଡେଶନ ପକ୍ଷରୁ ବିକ୍ଷୋଭ ଓ ଶୋଭାଯାତ୍ରା, ଡମଣା ଛକ, ପୂର୍ବାହ୍ନ ୧୧ଟା ୩୦।
- କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗ ପକ୍ଷରୁ କୃଷି ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟା ୪୫।
- ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ପକ୍ଷରୁ ଜାତୀୟ ଉଠାଦୋକାନୀ ଦିବସ ପାଳନ, ଉତ୍କଳ ଦୃଷ୍ଟିହୀନ ସଂଘ ସଭାକକ୍ଷ, ସତ୍ୟ ନଗର ବିଗ୍ ବଜାର ନିକଟ, ମଧ୍ୟାହ୍ନ ୧୨ଟା।
- ଓକ୍ସଫମ୍ ଇଣ୍ଡିଆ ପକ୍ଷରୁ ଏକ ଆଲୋଚନାଚକ୍ର, ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ଅପରାହ୍ନ ୨ଟା।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିପ୍ଳବୀ ବାସୁଦେବ ଦୋରାଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାର୍ପଣ ସଭା, ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନ, ଅପରାହ୍ନ ୫ଟା।
- ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଭଞ୍ଜ ସଂଗୀତ ଆସର, ମୁନ୍‌ସିହଲ, ଖାରବେଳ ନଗର, ସନ୍ଧ୍ୟା ୬ଟା ୩୦।
- ଅଜିତ ନାଟ୍ୟ ମହୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**କଟକ**
- କେନ୍ଦ୍ରୀୟ ବିଦ୍ୟାଳୟ ନଂ.-୨ର ସ୍ଥାନାନ୍ତର ଓ ନିର୍ମାଣ ନିମନ୍ତେ ପ୍ରତିବାଦ ସଭା, ବିଦ୍ୟାଳୟ ଗେଟ୍ ସମ୍ମୁଖ, ଖପୁରିଆ, ଖାନନଗର, ପୂର୍ବାହ୍ନ ୧୦ଟା ।
- ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୪ତମ ବାର୍ଷିକ ଆଥଲେଟିକ ମିଟ୍‌ର ଉଦ୍‌ଘାଟନ ଉତ୍ସବ, ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ, ପୂର୍ବାହ୍ନ ୧୧ଟା।
- କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଚାଖି ଖୁଣ୍ଟିଆ ଓ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଜୟନ୍ତୀ, ଶହୀଦ ପାର୍କ, ନୂଆପାଟଣା, ଅପରାହ୍ନ ୫ଟା।
- ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ବିଶ୍ୱ ନାଟ୍ୟ ମହୋତ୍ସବ ଉଦ୍‌ଘାଟନ, କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା।
- ଉତ୍କଳ ପ୍ରାନ୍ତୀୟ ରାଷ୍ଟ୍ରଭାଷା ପ୍ରଚାର ସଭା ପକ୍ଷରୁ ପଣ୍ଡିତ ଅନସୂୟା ପ୍ରସାଦ ପାଠକଙ୍କ ୫୦ତମ ସ୍ମୃତି ସଭା, ରାଷ୍ଟ୍ରଭାଷା ଗାନ୍ଧୀ ଭବନ, ସନ୍ଧ୍ୟା ୬ଟା ୩୦।

**ପୁରୀ**
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ଘୋଡାବଜାର, ପୂର୍ବାହ୍ନ ୧୦ଟା ୪୫।

**ଖୋର୍ଦ୍ଧା**
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ବାଲିଅନ୍ତା ବ୍ଲକ ପରିସର, ପୂର୍ବାହ୍ନ ୧୦ଟା।

**ସାକ୍ଷୀଗୋପାଳ**
- ୫ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ମା' ଜାଗେଶ୍ୱରୀ ପୀଠ, ଅଳଗୁମ, ପୂର୍ବାହ୍ନ ୧୧ଟା।

# ଜୀବନ ପାତ୍ର ମୋ ଭରିଛ କେତେ...

ଭୁବନେଶ୍ୱର,୧୯।୧(ବ୍ୟୁରୋ)




ସେ ଥିଲେ ଶାସ୍ତ୍ରୀୟ ସଂଗୀତର ଗୁରୁମା। ତାଙ୍କ ଗାୟନ ଶୈଳୀର ସମକକ୍ଷ ହେବା ବଡ଼ ବଡ଼ କଣ୍ଠଶିଳ୍ପୀଙ୍କ ପାଇଁ ସାତସପନ ଥିଲା। ମାତ୍ର ୧୪ ବର୍ଷ ବୟସରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। 'ଜୀବନ ପାତ୍ର ମୋ ଭରିଛ କେତେ...' ଭଳି ହୃଦୟଭରା ଗୀତ ଗାଇ ସଙ୍ଗୀତ ଜଗତରେ ହଲଚଲ ସୃଷ୍ଟି କରିଥିଲେ କଣ୍ଠଶିଳ୍ପୀ ଡ. ସୁନନ୍ଦା ପଟ୍ଟନାୟକ। କେବଳ ଏତିକି ନୁହେଁ, ତାଙ୍କ ଗାୟନରେ ଜଗନ୍ନାଥ ସ୍ୱାମୀ..., ଜୀବନ ବନ୍ଧୁ ଜୟ ଜୟ..., ହେ ଦୁଃଖ ଭଞ୍ଜନ..., ଦୁଃଖେ ତୁମରି ଉତ୍ସବ ଦୀପ..., ରାମ ଗୟା ବନୱାସ..., ସଖୀ ମେରୀ ମନ୍‌କୀ... ଭଳି ଶତାଧିକ ଭଜନ, ଜଣାଣ ଓ ତରାନା ରହିଥିଲା। ଆଜି ତାଙ୍କ ପରଲୋକରେ ଶାସ୍ତ୍ରୀୟ ସଙ୍ଗୀତ ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି ହୋଇଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ସୁନନ୍ଦା ପଟ୍ଟନାୟକ 'ହିନ୍ଦୁସ୍ଥାନୀ ଘରାନା'ର 'ଗୁରୁମା' ଭାବରେ ପରିଚିତ ଥିଲେ। ମାତ୍ର ୧୪ ବର୍ଷ ବୟସରେ ଆକାଶବାଣୀର କଣ୍ଠଶିଳ୍ପୀ ଭାବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଭାରତୀୟ ଶାସ୍ତ୍ରୀୟ ସଂଗୀତରେ ନିଜର ଆସନ ସୁଦୃଢ଼ କରିଥିଲେ। ଜୀବନରେ ଅନେକ ସମ୍ମାନ, ସମ୍ବର୍ଦ୍ଧନା ଓ ଲୋକପ୍ରିୟତା ଅର୍ଜନ କରିଥିବା ଏହି ଗାୟିକା ଜୀବନତମାମ ଏକାକୀ ରହିବାକୁ ନିଷ୍ପତ୍ତି ନେଇଥିଲେ। ଓଡ଼ିଶା ଛାଡ଼ି କୋଲକାତାର ପୂର୍ବାଞ୍ଚଳ ସଲ୍ଟଲେକ୍‌ରେ ଦୀର୍ଘବର୍ଷ ହେବ ଏକାକୀ ଜୀବନଯାପନ କରୁଥିଲେ। ଶେଷ ସମୟ ପର୍ଯ୍ୟନ୍ତ ତାଙ୍କ ଶିଷ୍ୟାଶିଷ୍ୟ ତାଙ୍କ ପାଇଁ ସବୁକିଛି ଥିଲେ। ଏପରି କି ସଙ୍ଗୀତ ଶିଖିବାକୁ ଆସୁଥିବା ଶିଷ୍ୟାଶିଷ୍ୟମାନେ ବନ୍ଦ ଘରେ ଅଚେତ୍ ହୋଇ ପଡ଼ିଥିବା ସୁନନ୍ଦାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରି କହିଛନ୍ତି, ସୁନନ୍ଦା ପଟ୍ଟନାୟକ ସାରା ଜୀବନ ସଙ୍ଗୀତ ପ୍ରତି ସମର୍ପିତ ଥିଲେ। ତାଙ୍କ ସିଦ୍ଧି ଓ ସାଧନା ତାଙ୍କୁ ଚିରଦିନ ପାଇଁ ଅମର କରି ରଖିବ। ସେ ଭାରତୀୟ ସଙ୍ଗୀତ ଜଗତର ମହାନ୍ ବିଭୂତି ଥିଲେ। ତାଙ୍କ ବିୟୋଗରେ ଭାରତୀୟ ସାଂସ୍କୃତିକ ଜଗତର ଉଜ୍ଜ୍ୱଳତମ ଜ୍ୟୋତିଷ୍କ ଅସ୍ତମିତ ହୋଇଗଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତାଙ୍କ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ। ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟ ସ୍ୱଜନମାନଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସୁନନ୍ଦା ପଟ୍ଟନାୟକଙ୍କ ବିୟୋଗ ଓଡ଼ିଶାର ସଂଗୀତ ଜଗତକୁ ଏକ ଦାରୁଣ ଆଘାତ ଦେଇଥିବା କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଗାନ୍ଧର୍ବ ସଂଗୀତ ମହାବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଲାଭ କରିଥିବା ଏହି ମହୀୟସୀ ଗାୟିକାଙ୍କ କଣ୍ଠ ନୀରବି ଯିବା ଓଡ଼ିଶା ପାଇଁ ଏକ ଦୁର୍ଭାଗ୍ୟଜନକ ଦୁଃସମ୍ବାଦ ବୋଲି ପାଣିଗ୍ରାହୀ ନିଜ ଶୋକବାର୍ତ୍ତାରେ କହିଛନ୍ତି। 'ଜୀବନ ପାତ୍ର ଭରିଛ କେତେ ମତେ' ସ୍ତବ୍ଧ ହୋଇଯିବା ମର୍ମନ୍ତୁଦ। ସୁନନ୍ଦାଙ୍କ ପରଲୋକ ଦେଶର ସବୁ ସଂଗୀତଜ୍ଞ ଓ ସଂଗୀତପ୍ରେମୀଙ୍କ ନିମନ୍ତେ ଏକ ଦୁଃଖଦ ବାର୍ତ୍ତା ବୋଲି ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ବିଜୟ କୁମାର ନାୟକ କହିଛନ୍ତି। ଫିଲ୍ମ ଡିଭିଜନ୍ ପ୍ରଯୋଜିତ ଏବଂ ଦିଲୀପ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ସୁନନ୍ଦାଙ୍କ ଜୀବନୀ ଉପରେ ନିର୍ମିତ ଚଳଚ୍ଚିତ୍ର 'ନୀଳମାଧବ' ୫୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଥିଲା।



ପୁରୀସ୍ଥିତ ଗାନ୍ଧୀ ପାର୍କରେ ଚାଲିଥିବା ପୁଷ୍ପ ପ୍ରଦର୍ଶନୀର ରବିବାର ଉଦ୍‌ଯାପନୀ ଦିବସରେ ଯୁବତୀ ଓ ମହିଳାମାନେ ବୁଲି ଦେଖୁଛନ୍ତି।

# ଶେଷ ହେଲା ପୁଷ୍ପ ପ୍ରଦର୍ଶନୀ

ପୁରୀ ଅଫିସ,୧୯।୧

### ତୋଷାଳି ସ୍ୟାଣ୍ଡ୍ସ ଚାମ୍ପିୟନ, ଖୁଣ୍ଟିଆ ନିବାସ ରନର୍ସ ଅପ୍

ନେଚର ଲଭର୍ସ କ୍ଲବ ପକ୍ଷରୁ ଗାନ୍ଧୀ ପାର୍କରେ ଚାଲିଥିବା ଦୁଇଦିନିଆ ପୁଷ୍ପ ପ୍ରଦର୍ଶନୀ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଆଲଙ୍କାରିକ ବୃକ୍ଷ ଓ ପୁଷ୍ପ ବିଭାଗରେ ବ୍ୟକ୍ତିଗତ ଭାବେ ୧୫ଜଣ ଏବଂ ୧୦ଟି ଅନୁଷ୍ଠାନ ଭାଗ ନେଇଥିଲେ। ଫୁଲ ସଜ୍ଜା ଓ କଟା ଫୁଲ ପ୍ରଦର୍ଶନୀରେ ୨୨ ଜଣ, ବଗିଚା ପ୍ରତିଯୋଗିତାରେ ଘରୋଇ ଏବଂ ଅନୁଷ୍ଠାନ ପକ୍ଷରୁ ୯ ଜଣ ଅଂଶଗ୍ରହଣ କରିଥିଲେ। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ଫୁଲ, ଫଳ, ପନିପରିବା ଓ ଅଳଙ୍କାରିକ ବୃକ୍ଷ ସମୂହ ପ୍ରଦର୍ଶନୀ କରାଯାଇଥିଲା। ଦୁଇଦିନ ଧରି ଲୋକମାନେ ଏହି ପ୍ରଦର୍ଶନୀକୁ ମନଭରି ଉପଭୋଗ କରିଥିଲେ। ଏଥିରେ ତୋଷାଳି ସ୍ୟାଣ୍ଡ୍ସ ଚାମ୍ପିୟନ ହୋଇଥିବାବେଳେ ଖୁଣ୍ଟିଆ ନିବାସ ରନର୍ସ ଅପ୍ ହୋଇଛି। ସେହିପରି ବ୍ୟକ୍ତିଗତ ବିଭାଗରେ ଲକ୍ଷ୍ମୀନାରାୟଣ ଖୁଣ୍ଟିଆ ଚାମ୍ପିୟନ ଓ ଟି. ବାନାମ୍ବର ପାତ୍ର ରନର୍ସ ଅପ୍ ହୋଇଥିଲେ। ପ୍ରଦର୍ଶନୀରେ ଟି. ବାନାମ୍ବର ପାତ୍ର କୁଇନ୍ ଅଫ୍ ଦି ଶୋ ବିବେଚିତ ହୋଇଥିଲେ।

ରବିବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏସ୍‌ପି ଉମାଶଙ୍କର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ମହାନ୍ତି, ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଦର୍ଶନୀକୁ କ୍ଲବ ସଭାପତି ଚକ୍ରଧର ସାହୁ, ସମ୍ପାଦକ ରବୀନ୍ଦ୍ର ସେନାପତି, ଉପସଭାପତି ଡ. ଅନନ୍ତ ସାହୁ, କୋଷାଧ୍ୟକ୍ଷ ପ୍ରମୋଦ ରଥ, ସଦସ୍ୟ ପତିପାବନ ସାମନ୍ତରାୟ, ମନୋରଞ୍ଜନ ସାହୁ, ରମେଶ ଚନ୍ଦ୍ର ମହାନ୍ତି, ହରିହର ତ୍ରିପାଠୀ, ରାମଚନ୍ଦ୍ର ସାହୁ, ଚକ୍ରଧର ମହାପାତ୍ର, ଲୋକନାଥ ଦାସ, ହଟକିଶୋର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ବ୍ରାଉନସୁଗାର ବେପାରୀଙ୍କୁ ଉଠାଇ ନେଲା ଏସ୍‌ଟିଏଫ୍

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ହଳଦୀପଡିଆ ବସ୍ତିରେ ଖୋଲାରେ ଚାଲିଛି ବ୍ରାଉନସୁଗାର ବେପାର। ଏପରିକି ସ୍ଥାନୀୟ ପୋଲିସ ମଧ୍ୟ ଏହାକୁ ସୁରକ୍ଷା ଦେଉଛି। କେବଳ ପୋଲିସ ନୁହେଁ ବେପାରୀମାନେ ଅବକାରୀ ବିଭାଗ ଏବଂ ଅନ୍ୟ ସ୍କ୍ୱାଡ୍‌କୁ ମୋଟାରକମର ଟଙ୍କା ଦେଇ ଏଭଳି ବେପାର କରୁଛନ୍ତି। ଗତ କିଛି ମାସ ହେବ ପୋଲିସ ଡିଜିଙ୍କ ନିର୍ଦ୍ଦେଶ ପରେ ବ୍ରାଉନସୁଗାର କାରବାର ରୋକିବାକୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଉଛି। ତେଣୁ ଏସ୍‌ଟିଏଫ୍ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢାଉ କରି ବେପାରୀମାନଙ୍କୁ ଗିରଫ କରୁଛି। ରବିବାର ସକାଳ ୧୦ଟାରେ ଏସ୍‌ଟିଏଫ୍‌ର ଏକ ଟିମ୍ ହଳଦୀପଡ଼ିଆରେ ଚଢାଉ କରିଥିଲା। ଚଢାଉ ସମୟରେ ଏସ୍‌ଟିଏଫ୍ ଜଣେ ପେସାଦାର ବେପାରୀଙ୍କୁ ଉଠାଇ ନେବା ସହ ତାଙ୍କ ନିକଟରୁ ୭୦ ଗ୍ରାମର ବ୍ରାଉନସୁଗାର ଏବଂ ୧୫ ହଜାର ଟଙ୍କା ଜବତ କରିଛି। ସେ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ହଳଦୀପଡ଼ିଆ ବସ୍ତି ସମେତ ଅନ୍ୟ ସ୍ଥାନରେ ବିକ୍ରି କରୁଥିବା ତଦନ୍ତରୁ ଜଣାପଡ଼ିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ଶୁଭରାଜା



ଏମ୍.କେ. ନାୟକ



ପ୍ରମୋଦ



ଦିପ୍ତୀ



ବିରବର



ପପୁ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ଶାନ୍ତିଲତାଙ୍କୁ 'ପ୍ରଣବ ପରମ୍ପରା ସମ୍ମାନ'




ଶାନ୍ତିଲତା ବାରିକ ଛୋଟରାୟଙ୍କୁ 'ପ୍ରଣବ ପରମ୍ପରା ସମ୍ମାନ'ରେ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର, ୧୯।୧(ବ୍ୟୁରୋ)

ସମ୍ଭାବନା ପକ୍ଷରୁ ସୂଚନା ଭବନରେ ରବିବାର କିମ୍ବଦନ୍ତୀ ଗାୟକ ପ୍ରଣବ କିଶୋର ପଟ୍ଟନାୟକଙ୍କ ଜୟନ୍ତୀ, ସଙ୍ଗୀତ ଓ ସମ୍ବର୍ଦ୍ଧନାର କାର୍ଯ୍ୟକ୍ରମ 'ପ୍ରଣବ ପ୍ରଣାମ' ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସଙ୍ଗୀତଜଗତର ଅସଂଖ୍ୟ ମନଛୁଆଁ ଓ ଭାବପୂର୍ଣ୍ଣ ସଙ୍ଗୀତକୁ ସମୃଦ୍ଧିଶାଳୀ କରିଥିବା ସଙ୍ଗୀତର ସମ୍ମୋହନ ପ୍ରଣବଙ୍କ ଜୟନ୍ତୀର ପୂର୍ବ ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମ୍ଭାବନା ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ସମ୍ପାଦକ ଦେବ ପ୍ରସାଦ ପରିଜା, କମ୍ୟୁନିଷ୍ଟ ନେତା ରାମକୃଷ୍ଣ ପଣ୍ଡା, 'ଟିମ୍'ର ମୁଖ୍ୟ ନିଶିକାନ୍ତ ମିଶ୍ର, ୨୦୧୯ର ଶ୍ରେଷ୍ଠ ଓଡ଼ିଆଣୀ ମୀନା ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ରୁଚି ସମ୍ପନ୍ନ ଓ ଜନପ୍ରିୟ ସଙ୍ଗୀତ ଗାୟନ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟଙ୍କୁ 'ପ୍ରଣବ ପରମ୍ପରା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହାସହ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛନ୍ଦା ମିଶ୍ର, ବିପୁଳ ସିଦ୍ଧାନ୍ତ, ରିତିକା, ଅର୍ଣ୍ଣବ ପଣ୍ଡା, ପୂର୍ଣ୍ୟତା ଦାଶ, ଦିଲୀପ ମହାନ୍ତି, ଲିପ୍ସା ମିଶ୍ର ପ୍ରମୁଖ ଚିରସବୁଜ ସଙ୍ଗୀତ ପରିବେଷଣ କରିଥିଲେ। ତେବେ କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଥିଲା 'ଶେଷ ଶ୍ରାବଣ'ର ମାଝିରେ.. ଗୀତ, ଯାହାକୁ ମଞ୍ଚରେ ପ୍ରଣବ ପଟ୍ଟନାୟକ ସ୍ୱୟଂ ଗାଇଥିଲେ। ପ୍ରାରମ୍ଭରେ ପରଲୋକଗତ ଓଡ଼ିଶୀ ଶିଳ୍ପୀ ପଦ୍ମଶ୍ରୀ ଡ. ମିନତି ମିଶ୍ର, ନିର୍ଦ୍ଦେଶକ ମନମୋହନ ମହାପାତ୍ର ଓ ସୁନାମଧନ୍ୟା ଗାୟିକା ସୁନନ୍ଦା ପଟ୍ଟନାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶେଷରେ ପ୍ରଣବ ସଙ୍ଗୀତ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**କ୍ୟାମ୍ପସ୍ ହାଲଚାଲ**

# ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ନିର୍ଭୟା' ଚର୍ଚ୍ଚା

ମହାବିଦ୍ୟାଳୟ ହେଉ କି ବିଶ୍ୱବିଦ୍ୟାଳୟ ସବୁଠି ଛାତ୍ରୀଛାତ୍ରମାନେ ଖଟି ଜମାଇଥାନ୍ତି। କ୍ଲାସ ସରିବା ପରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଖଟି ଜମିଥାଏ। କ୍ୟାମ୍ପସ ହେଉ ବା ଦେଶ ବିଦେଶର ଘଟଣା ସବୁ କଥା ଏହି ଖଟିରେ ଆଲୋଚନା ହୋଇଥାଏ। ଯାହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କବିତର୍କ ମଧ୍ୟ ହୋଇଥାଏ। ଏଭଳି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବାକୁ ଆମେ ପହଞ୍ଚିଥିଲୁ ବିଦ୍ୟାଧରପୁରସ୍ଥିତ କଟକ ମହାବିଦ୍ୟାଳୟ କ୍ୟାମ୍ପସରେ। ସେଠାରେ ଛାତ୍ରୀଛାତ୍ରମାନେ କେତେକ ନିର୍ଦ୍ଦିଷ୍ଟ ବିଷୟରେ ଆଲୋଚନା କରୁଥିଲେ। ସେମାନେ ଆଲୋଚନା କରୁଥିବା ବିଷୟକୁ ନେଇ ଆମର ଏହି ସ୍ତମ୍ଭ...



### ସଂକ୍ଷେପରେ
**କଟକ ମହାବିଦ୍ୟାଳୟ**

୧୯୮୦ ମସିହାରେ କଟକ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। କଟକ ନଗର ନାମାନୁସାରେ ଏହି ମହାବିଦ୍ୟାଳୟ ନାମିତ ହୋଇଛି। ଏଠାରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ପାଠ୍ୟକ୍ରମ ସହ ଛାତ୍ରୀଛାତ୍ରଙ୍କ ପାଇଁ ଲାଇବ୍ରେରୀ, ଏନ୍‌ଏସ୍‌ଏସ୍, ଏନ୍‌ସିସି, ରେଡ୍‌କ୍ରସ ଓ ବିଭିନ୍ନ ପ୍ରକାରର କ୍ରୀଡା ବ୍ୟବସ୍ଥା ରହିଛି। ଏଥି ସହିତ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରଙ୍କ ଜ୍ଞାନର ବିକାଶ ପାଇଁ ପରୀକ୍ଷାଗାର ମଧ ରହିଛି।

ଅଶୋକ କୁମାର ବାରିକ
କଟକ ଅଫିସ,୧୯।୧

ପ୍ରତିଦିନ କ୍ଲାସ ସରିବା ପରେ ସହପାଠୀଙ୍କ ସହ କ୍ୟାଣ୍ଟିନ ନିକଟରେ ବସି ଖଟି କରିଥାଉ। ପାଠପଢ଼ା ସାଙ୍ଗକୁ ଦେଶ ବିଦେଶର ଖବର ଏହି ଖଟିରେ ଆଲୋଚନା ହୋଇଥାଏ ବୋଲି ଛାତ୍ରୀ ସୋନାଲି ଦାସ କହିଥିଲେ। ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ୪ ଦୋଷୀଙ୍କୁ ଫେବୃୟାରୀ ୧ ତାରିଖରେ ଫାଶୀ ଦିଆଯିବା ଖବର ବିଷୟରେ ଏଠାରେ ତର୍କବିତର୍କ ହୋଇଥିଲା। ବଳାତ୍କାରୀମାନଙ୍କ ମୃତ୍ୟୁଦଣ୍ଡ ତାରିଖ ଘୁଞ୍ଚାଯାଉଛି। ତେଣୁ ନ୍ୟାୟ ବ୍ୟବସ୍ଥାରେ କିଛିଟା ପରିବର୍ତ୍ତନ ଅଣାଯାଇ ବଳାତ୍କାରୀଙ୍କୁ ଯଥାଶୀଘ୍ର କଠୋର ଦଣ୍ଡ ଦେବା ଆବଶ୍ୟକ ବୋଲି ଛାତ୍ରୀ ଭାରତୀ ମହାରଣା କହିଥିଲେ। ଏହାଛଡା ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ, ଛପାକ୍ ଚଳଚ୍ଚିତ୍ର ଓ ନୂଆ ଟ୍ରାଫିକ ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିବା ଛାତ୍ର ଦୀପକ କୁମାର ସାହୁ କହିଥିଲେ। ଏହି ଖଟିରେ ଆଶିଷ ବିଶ୍ୱାଳ, ଦେବଦତ୍ତ ସ୍ୱାଇଁ, ରାକେଶ ପ୍ରଧାନ, ସୁନୀଲ କୁମାର ରାଉତ, ତାପସ ସ୍ୱାଇଁ, ସନ୍ଦୀପ ସାହୁ, ପ୍ରଣତି ପ୍ରିୟଦର୍ଶନୀ ସାହୁ, ପପୁନ ପ୍ରଧାନ, ପ୍ରିତମ ବେଉରା ଓ ପଦ୍ମାଜୟା ରାଉତ ଉପସ୍ଥିତ ଥିଲେ।

### ଏଠାକାର ସମସ୍ୟା

ମହାବିଦ୍ୟାଳୟରେ ଅନେକ ସମସ୍ୟା ଲାଗିରହିଛି। ହେଲେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ସମାଧାନ କରୁନାହାନ୍ତି ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ଦୀର୍ଘଦିନ ଧରି ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରଙ୍କ ପାଇଁ ରହିଥିବା ପରୀକ୍ଷାଗାରରେ ତାଲା ପଡ଼ିରହିଛି। କୌଣସି ପ୍ରାକ୍ଟିକାଲ କ୍ଲାସ କରାଯାଉନାହିଁ। ଏହା ଛଡ଼ା ଠିକ୍ ଭାବେ କ୍ଲାସ ମଧ ହେଉନାହିଁ। ସେହିପରି ତିନି ବର୍ଷ ଧରି ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ କ୍ରୀଡ଼ା ଉତ୍ସବ ହେଉ ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଥିଲେ।



ଭଗବାନଙ୍କ ନାମ ଜପିଲେ, ମଣିଷର ଦେହ, ମନ ସବୁ ସୁଦ୍ଧ ହୋଇଯାଏ।
- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ପାଇଁ କାଠ ଚିହ୍ନଟ ଆରମ୍ଭ

**ପୁରୁଣା ଭୁବନେଶ୍ୱର,୧୯।୧(ଡି.ଏନ.ଏ.):** ଶ୍ରୀଲିଙ୍ଗରାଜଙ୍କ ରୁକୁଣା ତଥା ଅଶୋକାଷ୍ଟମୀ ରଥଯାତ୍ରା ଆସନ୍ତା ଏପ୍ରିଲ ୧ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆସନ୍ତା ଶ୍ରୀପଞ୍ଚମୀରେ ଶ୍ରୀଜୀଉଙ୍କ ରଥଗୋଟା ଅନୁକୂଳ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ। ରଥ ନିର୍ମାଣ ପାଇଁ ରବିବାର ରଥକାଠ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ମନ୍ଦିର ପ୍ରଶାସନର ଅଧିକାରୀମାନେ ନୟାଗଡ଼ ବନଖଣ୍ଡ ଖଣ୍ଡପଡ଼ା ବନାଞ୍ଚଳରେ ପହଞ୍ଚି ରଥକାଠ ଚିହ୍ନଟ କରିଛନ୍ତି। ୫ଟି ମହୀ, ୫ଟି ଶିମିଳି, ୫ଟି କୁମ୍ଭୀ, ୨ଟି ଶାଳ, ୨ ବେଲ, ୨ ତେନ୍ତୁଳି, ୪ ଟି ନିମ୍ବ ପ୍ରଭୃତି ଗଛ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବନଖଣ୍ଡ ଅଧିକାରୀଙ୍କୁ ଚିଠି କରାଯାଇଛି। ହେମନ୍ତ କୁମାର ମହାପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପରୋକ୍ତ ଗଛର ସ୍ୱତନ୍ତ୍ର ମାପ ନେଇ ଚିହ୍ନଟ ପ୍ରକ୍ରିୟା ଜାରି ରଖିଥିବା ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି।

### ବିଶାଳ ପାଇକ ସମ୍ମିଳନୀ ଓ ଗ୍ରୀନ ଆର୍ମି ସମାବେଶ ୨୪ରେ

**ଭୁବନେଶ୍ୱର, ୧୯।୧ (ବ୍ୟୁରୋ):** ଆସନ୍ତା ୨୪ ତାରିଖରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଥିବାବେଳେ ଭୁବନେଶ୍ୱର କଳ୍ପନା ଛକ ନିକଟ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥଳ ନିକଟରେ ବିଶାଳ ପାଇକ ସମ୍ମିଳନୀ ଓ ଗ୍ରୀନ ଆର୍ମି ସମାବେଶ ଅନୁଷ୍ଠିତ ହେବ। ରାଜ୍ୟର ପ୍ରତ୍ୟେକ ଜିଲାର ପାଇକ ଆଖଡା ଦଳ ଓ ଗ୍ରୀନ ଆର୍ମିମାନେ ଯୋଗ ଦେବେ। ବିଶିଷ୍ଟ ପାଇକ ସଂଗଠକ ହଟନାଥ ମଙ୍ଗରାଜଙ୍କୁ ବକ୍ସି ଜଗବନ୍ଧୁ ସମ୍ମାନ, ଐତିହାସିକ ଜଟାଧାରୀ ମିଶ୍ରଙ୍କୁ ଜୟୀ ରାଜଗୁରୁ ସମ୍ମାନ, ପାଇକ ସଂଗଠକ ଇଂ. ଶିଶିର ନାୟକଙ୍କୁ ତାପଙ୍ଗ ଦଳବେହେରା ସମ୍ମାନ ପ୍ରଦାନ କରାଯିବ। ସେହିପରି ବହୁ ପ୍ରତିଭାଙ୍କୁ ବିଶିଷ୍ଟ ବ୍ୟକ୍ତିଙ୍କ ନାମରେ ନାମିତ ସମ୍ମାନରେ ସମ୍ମାନିତ କରାଯିବ। ରବିବାର ପ୍ରେରଣା ଗ୍ରୀନ୍ ଆର୍ମି କମାଣ୍ଡାଣ୍ଟ ଇନ୍ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ, ଜାତୀୟ ସମର କଳା ମହାସଂଘ ସମ୍ପାଦକ ଅବନୀ ଜେନା, ନରେନ୍ଦ୍ର ପୃଷ୍ଟି, ଇଂ. ଡାକ୍ତର ଅଜୟ ସ୍ୱାଇଁ, ବୀର ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ ଓ ରମାକାନ୍ତ ମହାପାତ୍ର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଗଜପତି ମହାରାଜା ଦିବ୍ୟସିଂହ ଦେବ ଉତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ଲଲିତେନ୍ଦୁ ମହାପାତ୍ର, ଉପାସନା ମହାପାତ୍ର, ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଯୋଗଦେବାକୁ ସହମତି ପ୍ରକାଶ କରିଥିବା ଗ୍ରୀନ୍ ଆର୍ମି ପକ୍ଷରୁ କୁହାଯାଇଛି।

# ଘରକୁ ଫେରିଲେ ଇଞ୍ଜିନିୟର ଭିକାରି

**ପୁରୀ ଅଫିସ/ଭୁବନେଶ୍ୱର, ୧୯।୧(ବ୍ୟୁରୋ)**

■ ଭାଇ, ଭଉଣୀ, ଭିଣୋଇ ବୁଝାଇ ନେଲେ
■ ୨୦ବର୍ଷ ତଳେ ଘରୁ ପୁରୀ ଚାଲି ଆସିଥିଲେ
■ ଲେଖାଶୈଳୀ ପରିଚୟ କରାଇଲା



ଘରୁ ବିମୁଖ ହୋଇ ଶ୍ରୀକ୍ଷେତ୍ରକୁ ଚାଲି ଆସିଥିଲେ। ଜଣେ ଉଚ୍ଚଶିକ୍ଷିତ ହୋଇ ମଧ୍ୟ କୌଣସି କାମଧନ୍ଦା ପାଇ ନ ଥିଲେ। କିଛିଦିନ ଏଣେତେଣେ ବୁଲିବା ପରେ ବଡ଼ଦାଣ୍ଡରେ ଭିକ୍ଷାବୃତ୍ତିକୁ ଗ୍ରହଣ କରିନେଇଥିଲେ। ଭକ୍ତଙ୍କଠାରୁ ଯାହାକିଛି ମିଳୁଥିଲା ତାହାକୁ ମହାପ୍ରଭୁଙ୍କ ଆଶୀର୍ବାଦ ଭାବି ସମୟ ଅତିବାହିତ କରି ଚାଲିଥିଲେ। ଦିନେ କି ଦୁଇଦିନ ନୁହଁ, ପ୍ରାୟ ୨୦ବର୍ଷ ଧରି ସେ ଏଠାରେ ଭିକ୍ଷାବୃତ୍ତି କରି ଜୀବନ ଅତିବାହିତ କରୁଥିଲେ। ଦୁଇଦିନ ତଳେ ଜଣେ ରିକ୍ସାଚାଳକଙ୍କ ସହ ଗଣ୍ଡଗୋଳ ଘଟଣାରୁ ତାଙ୍କ ପରିଚୟ ମିଳିଥିଲା। କାରଣ ପୁରୀ ଟାଉନ ଥାନାରେ ସେ ଯେଉଁ ଇଂଲିଶରେ ଏତଲା ଦେଇଥିଲେ ତାହା ନିର୍ଭୁଲ ଏବଂ ଉଚ୍ଚକୋଟୀର ଲେଖା ଥିଲା। ଏଥିରୁ ପୋଲିସ ତାଙ୍କ ପରିଚୟ ଖୋଜିବା ପରେ ସେ ଜଣେ ବି.ଟେକ୍ ପାସ କରିଥିବା ଇଞ୍ଜିନିୟର, ତାଙ୍କ ନାମ ଗିରିଜା ଶଙ୍କର ମିଶ୍ର ଏବଂ ଘର ଭୁବନେଶ୍ୱର ଜୟଦେବବିହାରରେ ବୋଲି ଜଣାପଡ଼ିଥିଲା। ଜଣେ ଇଞ୍ଜିନିୟରିଂ କରି ଭିକ ମାଗିବା ଘଟଣାକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଥିଲା। ଏହାପରେ ରବିବାର ତାଙ୍କ ବଡ଼ଭଉଣୀ, ଭିଣୋଇ ଓ ଭାଇ ପୁରୀ ଆସି ତାଙ୍କୁ ସାଥିରେ ଘରକୁ ନେଇଯାଇଛନ୍ତି। ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସେମାନେ ଗିରିଜାଙ୍କ ନିକଟରେ ପହଞ୍ଚିଥିଲେ। ତାଙ୍କୁ ଘରକୁ ଯିବାକୁ କହିବାରୁ ସେ ପ୍ରଥମେ ମନା କରିଥିଲେ। କିନ୍ତୁ ତାଙ୍କୁ ପରିବାର ଲୋକେ ବୁଝାଶୁଝା କରିବା ପରେ ସେମାନଙ୍କ ସହ ସେ ଭୁବନେଶ୍ୱର ଜୟଦେବବିହାରସ୍ଥିତ ଘରକୁ ଫେରିଥିଲେ।

ମିଳିଥିବା ସୂଚନାନୁଯାୟୀ, ଗିରିଜା ୧୯୯୩ରେ ବି.ଟେକ୍. ପାସ କରିବା ପରେ କିଛିବର୍ଷ ଭୁବନେଶ୍ୱରର ଏକ ଇଞ୍ଜିନିୟରିଂ କଲେଜରେ ଅଧ୍ୟାପନା କରିଥିଲେ। ତାଙ୍କ ବାପା ଜଣେ ଡିଏସ୍‌ପି ଥିଲେ। ଭାଇମାନେ ବିଦେଶରେ ଚାକିରି କରନ୍ତି। ମା’ବାପାଙ୍କ ମୃତ୍ୟୁ ଘଟିସାରିଥିବାବେଳେ ପାରିବାରିକ କଳହରୁ ସେ ଚାକିରି ଓ ଘର ଛାଡ଼ି ଶ୍ରୀକ୍ଷେତ୍ରକୁ ଆସିଯାଇଥିଲେ।

ଅନ୍ୟପକ୍ଷରେ ଭିକାରିମାନଙ୍କୁ ପରିଚୟ ପ୍ରଦାନ ଲାଗି ସାଧାରଣରେ ଦାବି ହୋଇଛି। ଆଇନଜୀବୀ ଅନିଲ କୁମାର ସାହୁ କୁହନ୍ତି, ପୁରୀ ଅନ୍ତର୍ଜାତୀୟ ପର୍ଯ୍ୟଟନ ସହର। ମହାପ୍ରଭୁଙ୍କ ଦର୍ଶନ ଲାଗି ଦୈନିକ ଲକ୍ଷାଧିକ ଭକ୍ତ ଏଠାକୁ ଆସୁଛନ୍ତି। ଶ୍ରୀମନ୍ଦିର ସର୍ବଦା ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି। ଏହାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ଲାଗି ଜାତୀୟ ସୁରକ୍ଷା ଏଜେନ୍ସି ବାରମ୍ବାର ରାଜ୍ୟ ସରକାରଙ୍କୁ ସୂଚାଇ ଆସୁଛନ୍ତି। ଉପରୋକ୍ତ ଘଟଣା ସାମ୍ନାକୁ ଆସିବା ପରେ ଶ୍ରୀକ୍ଷେତ୍ରରେ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଭିକାରି ବେଶରେ କୌଣସି ଆତଙ୍କବାଦୀ ଚାଲିଆସନ୍ତି, ତେବେ ବିପଦ ଘଟିପାରେ। ଏଥିପ୍ରତି ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି।



ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ସୟଦ ମମ୍‌ତାଜ ଅଲ୍ଲୀ ହାଇସ୍କୁଲ ପରିସରରେ ରବିବାର ଜଣେ ଶିଶୁକୁ ପୋଲିଓ ବୁନ୍ଦା ଦିଆଯାଉଛି।

## ଆହତ ହରିଣ ଉଦ୍ଧାର

**ବ୍ରହ୍ମଗିରି, ୧୯।୧(ଡି.ଏନ.ଏ)**

ବ୍ରହ୍ମଗିରି ରେଞ୍ଜ ଅଧୀନ କଣ୍ଟିକେରା ଗ୍ରାମ ନିକଟରୁ ରବିବାର ଏକ ଆହତ ହରିଣ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏକ ହରିଣ ଜନବସତି ମୁହାଁ ହୋଇ କଣ୍ଟିକେରା ଗ୍ରାମ ନିକଟକୁ ଚାଲିଆସିଥିଲା। ସ୍ଥାନୀୟ ଲୋକେ ଏହି ହରିଣଟିକୁ ଉଦ୍ଧାର କରି ବ୍ରହ୍ମଗିରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ବନବିଭାଗ ଏହାର ଚିକିତ୍ସା କରି ବାଲୁଖଣ୍ଡସ୍ଥିତ ନେଚର କ୍ୟାମ୍ପରେ ହରିଣଟିକୁ ଛାଡିଦେଇଛି।




ଭୁବନେଶ୍ୱର ଉତ୍କଳ ରଙ୍ଗମଞ୍ଚ ପରିସରରେ ରବିବାର ଆରମ୍ଭ ହୋଇଥିବା ଲୋକନୃତ୍ୟ ଉତ୍ସବରେ ପରିବେଷିତ ଆଦିବାସୀ ନୃତ୍ୟ।

# ଏଣିକି କ୍ୟାମ୍ପସ୍‌ରେ ଲୋକକଳା

**ଭୁବନେଶ୍ୱର, ୧୯।୧(ବ୍ୟୁରୋ)**

**ଷଷ୍ଠ ଉତ୍କଳ ଲୋକନୃତ୍ୟ ଉତ୍ସବ ଉଦ୍‌ଘାଟିତ**

ଓଡ଼ିଶା କଲ୍‌ଚରାଲ୍ ସର୍କଲ୍ ପକ୍ଷରୁ ‘ଷଷ୍ଠ ଉତ୍କଳ ଲୋକନୃତ୍ୟ ଉତ୍ସବ’ ରବିବାରଠାରୁ ଉତ୍କଳ ରଙ୍ଗମଞ୍ଚ ପରିସରରେ ଆରମ୍ଭ ହୋଇଯାଇଛି। ବିଭିନ୍ନ କଲେଜ କ୍ୟାମ୍ପସରେ ଲୋକନୃତ୍ୟ ପରିବେଷଣ କରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୋକନୃତ୍ୟକୁ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ‘କ୍ୟାମ୍ପସ୍‌ରେ ଲୋକନୃତ୍ୟ’ ଶୀର୍ଷକ ଥିମ୍‌କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଅବସରରେ ଅକ୍ସଫୋର୍ଡ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏପରି ଲୋକନୃତ୍ୟ ଉତ୍ସବ ଆୟୋଜନକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ କୁମାର ସାହୁ, ଅକ୍ସଫୋର୍ଡ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ଅଧ୍ୟକ୍ଷ ଡ. ଅନୁମାଧବ ପଣ୍ଡା ଏବଂ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଯୋଗ ଦେଇଥିଲେ।

ଓଡ଼ିଶା କଲ୍‌ଚରାଲ୍ ସର୍କଲ୍ ଅଧ୍ୟକ୍ଷ ଜେ.କେ. ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଦେଶର ଭବିଷ୍ୟତ ନାଗରିକଙ୍କ ନିକଟରେ ଲୋକନୃତ୍ୟକୁ ଅଧିକ ପରିଚିତ କରାଇବା ପାଇଁ ଏପରି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିବା କହିଥିଲେ। ଉପାଧ୍ୟକ୍ଷ ଜେନାମଣି ସଞ୍ଜୀବ କୁମାର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ଚୌଧୁରୀ ଅମିତାଭ ଦାସ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଉଦ୍‌ଘାଟନୀ ସଭା ପରେ ଲୋକନୃତ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ କଳାହାଣ୍ଡିର ‘ପ୍ରତିଭା’ ଅନୁଷ୍ଠାନର କଳାକାରମାନେ ସିଂହାରୀ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ‘ଆରାଧନା’ ଅନୁଷ୍ଠାନର ଗୁରୁ ଚିତ୍ରସେନ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଗୋଟିପୁଅ ଏବଂ ରାଇରଙ୍ଗପୁରର ‘ଜେପିଏମ୍ ଛଉ ନୃତ୍ୟ ପ୍ରତିଷ୍ଠାନ’ର ଗୁରୁ ତୁଷାର ଚନ୍ଦ୍ର ମହାନ୍ତଙ୍କ ନିର୍ଦ୍ଦେଶନାରେ ଛଉ ନୃତ୍ୟ ପରିବେଷଣ କରାଯାଇଥିଲା। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବିଦେଶୀ ପକ୍ଷୀ ଜବତ, ୨ ଶିକାରୀ ଗିରଫ



**ଟାଙ୍ଗୀ (ଖୋର୍ଦ୍ଧା), ୧୯।୧ (ଡି.ଏନ୍.ଏ.):** ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ଚିଲିକା ଉପକୂଳ ସୋରଣଠାରୁ ୨ ପକ୍ଷୀ ଶିକାରୀଙ୍କୁ ରବିବାର ଗିରଫ କରିଛି। ସେମାନଙ୍କଠାରୁ ଦୁଇ ବିଦେଶାଗତ ପକ୍ଷୀ ରବିବାର ଜବତ କରାଯାଇଛି। ପକ୍ଷୀ ଶିକାରୀ ଦ୍ୱୟ ସୋରଣ ବେଲତଳ ଗ୍ରାମର ଲକ୍ଷ୍ମୀଧର ବେହେରା ଓ ସୁଦର୍ଶନ ବେହେରା ବୋଲି ଜଣାପଡିଛି। ଶିକାରୀ ଦ୍ୱୟ ସୋରଣ ନିକଟ ଚିଲିକା ମଧ୍ୟରୁ ଏହି ବିଦେଶାଗତ ପକ୍ଷୀଗୁଡିକ ଶିକାର କରୁଥିବା ଜଣାପଡିଛି।

# ଭାସ୍କର ବିଶ୍ୱନାଥ ମିଶ୍ରଙ୍କୁ ମରଣୋତ୍ତର ‘ରାଷ୍ଟ୍ରୀୟ ଦଧୀଚି ସମ୍ମାନ’

**ଭୁବନେଶ୍ୱର, ୧୯।୧ (ବ୍ୟୁରୋ)**

ପଞ୍ଚମ ଦଧୀଚି ମହୋତ୍ସବ ରବିବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ମୁମ୍ବାଇର ବିଶିଷ୍ଟ ଅଙ୍ଗ ପ୍ରତିରୋପଣ ବିଶେଷଜ୍ଞ ଡା. ବତ୍ସଳା ତ୍ରିବେଦୀ ଯୋଗଦେଇ ଅଙ୍ଗଦାନ କାର୍ଯ୍ୟକ୍ରମ ଓ ଏହାସହ ସମ୍ପୃକ୍ତ ବିଭିନ୍ନ ପ୍ରତିବନ୍ଧକ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ବିଭିନ୍ନ ଅଧିବେଶନରେ ନ୍ୟାୟମୂର୍ତ୍ତି ଡା. ଅକ୍ଷୟ କୁମାର ମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ, ଦୁର୍ନୀତି ନିବାରଣ ବିଭାଗର ନିର୍ଦ୍ଦେଶକ ଡା. ଦେବାଶିଷ ପାଣିଗ୍ରାହୀ, ରାଜ୍ୟ ଡାକ୍ତରୀ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ସି.ବି.କେ. ମହାନ୍ତି, ପଦ୍ମଶ୍ରୀ ତୁଳସୀ ମୁଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲାରୁ ହଜାରରୁ ଊର୍ଦ୍ଧ୍ୱ ଶରୀର ଓ ଅଙ୍ଗଦାତା ଯୋଗ ଦେଇଥିଲେ। ଏହି ଅବସରରେ ଇଂ. ଟି.ଏନ୍. ପଣ୍ଡାଙ୍କୁ ‘ଡା. ଜଗନ୍ନାଥ ଦାସ’ ସମ୍ମାନ ପ୍ରଦାନ କରାଯାଇଥିଲା। ଗତ ଅକ୍ଟୋବରରେ ଗୁଜରାଟର ସୁରତଠାରେ ମୃତ୍ୟୁପରେ ଅଙ୍ଗଦାନ କରିଥିବା ସୁରଜ ସେଠୀ ଏବଂ ମହାରାଷ୍ଟ୍ରର ନାଗପୁରଠାରେ ଦୁର୍ଘଟଣାରେ ପ୍ରାଣ ହରାଇବା ପରେ ଅଙ୍ଗଦାନ କରିଥିବା ଭାସ୍କର ବିଶ୍ୱନାଥ ମିଶ୍ରଙ୍କ ପରିବାର ସଦସ୍ୟଙ୍କୁ ମରଣୋତ୍ତର ‘ରାଷ୍ଟ୍ରୀୟ ଦଧୀଚି ସମ୍ମାନ’ ପ୍ରଦାନ କରାଯାଇଥିଲା।

ଭାରତ ଶରୀର ଓ ଅଙ୍ଗଦାନ ସମିତି ‘ବଡି’ ପକ୍ଷରୁ ପୂର୍ବରୁ ୧୬୭୯୦ ଶରୀର ଦାନ ସତ୍ୟପାଠ ବିଭିନ୍ନ ମେଡିକାଲ କଲେଜକୁ ପ୍ରଦାନ କରାଯାଇଥିବାବେଳେ ୨୦ ହଜାରରୁ ଊର୍ଦ୍ଧ୍ୱ ଅଙ୍ଗଦାନ ସତ୍ୟପାଠ ପ୍ରଦାନ କରାଯାଇଛି। ମହୋତ୍ସବରେ ଶତାଧିକ ଆଗ୍ରହୀ ବ୍ୟକ୍ତି ଅଙ୍ଗଦାନ ପାଇଁ ସତ୍ୟପାଠ ଦାଖଲ କରିଥିଲେ। ବଡିର ସଭାପତି ଡ. ପ୍ରଭାସ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତା କରିଥିଲେ।




ଭୁବନେଶ୍ୱର ସୂଚନା ଭବନଠାରେ ରବିବାର ଅନୁଷ୍ଠିତ ଦଧୀଚି ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ବିଜୟ ମହାନ୍ତିଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

**ଭୁବନେଶ୍ୱର, ୧୯।୧(ବ୍ୟୁରୋ)**



**ସରିଲା ଶିଶୁପାଳଗଡ଼ ମହୋତ୍ସବ**

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋକ୍) ପକ୍ଷରୁ ୪ଦିନ ବ୍ୟାପୀ ଐତିହାସିକ ଦଶହର ପଡିଆରେ ଚାଲିଥିବା ‘ଶିଶୁପାଳଗଡ଼ ମହୋତ୍ସବ-୨୦୨୦’ ରବିବାର ଉଦ୍‌ଯାପିତ ହୋଇଯାଇଛି। କାପୋକ୍ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ଏବଂ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଓଡ଼ିଆ ଧାରାବାହିକ ନିର୍ଦ୍ଦେଶକ ମହେଶ ହାଜରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବରିଷ୍ଠ ଅଭିନେତା ବିଜୟ ମହାନ୍ତିଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଅନୁଭବ ମହାନ୍ତି, ଅଭିନେତ୍ରୀ ଅନୁ ଚୌଧୁରୀଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଚଳିତବର୍ଷ ପ୍ରଥମଥର ପାଇଁ ଓଡ଼ିଆ ସିନେମା ଏବଂ ଧାରାବାହିକ ଜଗତର କଳାକାର ଏବଂ ଟେକ୍ନିସିଆନମାନଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଗଣମାଧ୍ୟମ ଓ ଲୋକ ସମ୍ପର୍କ ବିଭାଗ ଉପଦେଷ୍ଟା ମାନସ ମଙ୍ଗରାଜ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ସୁଜିତ କୁମାର, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଏସ୍‌ସି, ଏସ୍‌ଟି, ସଂଖ୍ୟାଲଘୁ ବିଭାଗ ଉପଦେଷ୍ଟା ମୁଜିବୁଲ୍ଲା(ମୁନା) ଖାଁ, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା, ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ, ରାଜ୍ୟ ଯୁବକଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବିଜୟ କୁମାର ନାୟକ, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ରାଜ୍ୟ ଉଠା ଜଳସେଚନ ଅଧ୍ୟକ୍ଷ ଅମରେଶ ପତ୍ରୀ, ଭିନ୍ନକ୍ଷମ କମିଶନ ଅଧ୍ୟକ୍ଷା ସୁଲୋଚନା ଦାସ, ରାଜ୍ୟ ମହିଳା ଓ ଶିଶୁ ବିକାଶ ଉପଦେଷ୍ଟା ସୁଲତା ଦେଓ, ଓଡ଼ିଶା ମତ୍ସ୍ୟ ଉତ୍ପାଦନ ନିଗମ ଅଧ୍ୟକ୍ଷ ଅସିତ ପଟ୍ଟନାୟକ, ପୂର୍ବତନ କର୍ପୋରେଟର ଅମରେଶ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ସଭାକାର୍ଯ୍ୟ ପରେ ଓଡ଼ିଆ ଧାରାବାହିକର କଳାକାରମାନଙ୍କ ଦ୍ୱାରା ‘ଗଡଚଣ୍ଡୀ’ ନାଟକ ମଞ୍ଚସ୍ଥ ହୋଇଥିଲା। ପୁରୀରୁ ଆସିଥିବା ଫେଟ୍ ଫାଇଟର କଳାକାରମାନଙ୍କ ଦ୍ୱାରା ମାଲଖମ୍ବ ପ୍ରଦର୍ଶନ କରାଯାଇଥିଲା। କଣ୍ଠଶିଳ୍ପୀ ଅସୀମା ପଣ୍ଡା, ପ୍ରଜ୍ଞାପାରମିତା ହୋତା ଓ ସ୍ୱୟଂ ପାଢୀଙ୍କ ଗୀତ ଶୀତୁଆ ସନ୍ଧ୍ୟାରେ ଶ୍ରୋତାଙ୍କୁ ମତୁଆଲା କରିଥିବା ବେଳେ ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କ ନୃତ୍ୟ ଉପସ୍ଥିତ ଦର୍ଶକଙ୍କର ଭରପୂର ମନୋରଞ୍ଜନ କରିଥିଲା।

# ଶାସ୍ତ୍ରୀୟ ସଙ୍ଗୀତ, ସନ୍ତୁର ବାଦନ ଦର୍ଶକଙ୍କୁ କଲା ଆନମନା

**ପୁରୁଣା ଭୁବନେଶ୍ୱର, ୧୯।୧ (ଡି.ଏନ୍.ଏ.)**

**ରାଜାରାଣୀ ସଙ୍ଗୀତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଓଡ଼ିଶୀ ଶାସ୍ତ୍ରୀୟ ଓ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ ସନ୍ତୁର ବାଦନ ରବିବାର ଦ୍ୱିତୀୟ ସନ୍ଧ୍ୟାରେ ଦର୍ଶକଙ୍କୁ ଆନମନା କରିଥିଲା। ଅବସର ଥିଲା ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ରାଜାରାଣୀ ସଙ୍ଗୀତ ମହୋତ୍ସବ।

ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମରେ ସନ୍ଧ୍ୟାର ପ୍ରଥମ ଅର୍ଘ ଥିଲା ଭୁବନେଶ୍ୱରର ନାଜିଆ ଆଲାମ ପରିବେଷଣ। ତାଙ୍କର ପ୍ରଥମ ପ୍ରସ୍ତୁତି ଥିଲା ବେଣୁଧରଙ୍କ ରଚନାରେ ପ୍ରାଣ ସଙ୍ଗିନୀରେ କହ କେଉଁ ବୁଦ୍ଧି କରିବି ଶ୍ୟାମ ବନ୍ଧୁ ଲାଗି ସଖିରେ ଝୁରି ଝୁରି ମରିବି, ପରେ ଭାବାଙ୍ଗ ଗଦାଧର ସିଂସାମନ୍ତଙ୍କ ରଚନାରୁ ଚାହାଁ ଚାହାଁରେ ବନ୍ଧୁ ଚାହାଁ, ତା’ ପରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନାରୁ ଚେତି ଚାତୁରୀ ଚାହିଁଲା ନିଶି ନାଶେ, ଜୟଦେବଙ୍କ ରଚନା ଗୀତ ଗୋବିନ୍ଦରୁ ‘ସଖୀ ହେ କେଶି ମଥନ ମୁଦାରଂ’ ଏବଂ ଶେଷରେ ନାଟ୍ୟାଙ୍ଗ ରଘୁନାଥଙ୍କ ରଚନାରୁ ପାରମ୍ପରିକ ସ୍ୱରରେ ନ ଯା ଜମୁନାରେ ନ ଯା ଜମୁନା। ତାଙ୍କୁ ମର୍ଦ୍ଦଳରେ କାଳନ୍ଦୀ ଚରଣ ପରିଡା, ମିରାରେ ସୌମ୍ୟ ରଞ୍ଜନ ନାୟକ, ବଂଶୀରେ ଶ୍ରୀନିବାସ ଶତପଥୀ, ତାନପୁରାରେ ଅନିମା ନାଥ ଓ ହାରମୋନିୟମରେ ଗୁରୁ କେଶବ ଚନ୍ଦ୍ର ରାଉତ ସହଯୋଗ କରିଥିଲେ।

ସନ୍ଧ୍ୟାର ଦ୍ୱିତୀୟ କାର୍ଯ୍ୟକ୍ରମ ଥିଲା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଦକ ପଣ୍ଡିତ ଭଜନ ସୋପରି ଓ ଅଭୟ ସୋପରିଙ୍କ ଦ୍ୱାରା ସନ୍ତୁର ବାଦନ। ତାଙ୍କର ପ୍ରସ୍ତୁତିରେ ରାଗ ଚମ୍ପକଲି, ଆଳାପ ଏବଂ ବନ୍ଦିସ ଥିଲା। ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ ସ୍ୱତନ୍ତ୍ର ଶୈଳୀରେ ସନ୍ତୁର ବାଦନ ଯାହା ପଣ୍ଡିତ ଭଜନଙ୍କ ସୃଜନଶୀଳତାର ସୂକ୍ଷ୍ମତା ପ୍ରତିପାଦିତ କରିଥିଲା। ତାଙ୍କୁ ତବଲାରେ ଆକରମ ଖାନ ଏବଂ ପୋଖଜରେ ରିଶି ଶଙ୍କର ଉପାଧ୍ୟାୟ ସହଯୋଗ କରିଥିଲେ।

ଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସରକାରୀ ଉଦ୍ୟୋଗ ଏବଂ ସାମାଜିକ ନିରାପତ୍ତା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପର୍ଯ୍ୟଟନ ବିଭାଗର ଶାସନ ସଚିବ ବିଶାଲ କୁମାର ଦେବ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ ନାୟକ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ। କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ଡ. ସଙ୍ଗୀତା ଗୋସାଇଁ ଏବଂ ଅନୁଜା ତାରିଣୀ ମିଶ୍ର। ପର୍ଯ୍ୟଟନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ଅଧିକାରୀ ଓ ପର୍ଯ୍ୟଟନ ଉନ୍ନୟନ ନିଗମର ଅଧିକାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ରାଜାରାଣୀ ସଙ୍ଗୀତ ମହୋତ୍ସବରେ କଣ୍ଠଶିଳ୍ପୀ ନାଜିଆ ଆଲାମ ଓ ସାଥୀଙ୍କ ସଙ୍ଗୀତ ପରିବେଷଣ।



ପ୍ଲେବେକ୍ ସିଙ୍ଗର ନେହା କକ୍କର ଓ ଆଦିତ୍ୟ ନାରାୟଣଙ୍କ ବିବାହକୁ ନେଇ ସୋସିଆଲ ମିଡିଆଠୁ ନେଇ ସବୁ ମଞ୍ଚରେ ଜୋର୍‌ସୋର୍ ଚର୍ଚ୍ଚା ଚାଲିଛି। ଏହାକୁ ନେଇ ଆଦିତ୍ୟଙ୍କ ବାପା ଉଦିତ୍ ନାରାୟଣ କହିଛନ୍ତି, ନେହା ଜଣେ ଭଲ ଝିଅ। ଆମ ଘରକୁ ଜଣେ ଫିମେଲ୍ ସିଙ୍ଗର ବୋହୂ ହୋଇ ଆସିଲେ ଖୁସି ହେବି।

# ୭୩ ଦେଶରେ ବାଣ୍ଟିଲେଣି ଅଙ୍ଗଦାନ ବାର୍ତ୍ତା



## ଦଧୀଚି ସାଜିଛନ୍ତି ଦମ୍ପତି

**ୱାଶିଂଟନ:** ମୃତ୍ୟୁପରେ ଶରୀର ନଷ୍ଟ ହେବା ଆଗରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପ୍ରତ୍ୟାରୋପଣ ଏବେ ରୋଗୀଙ୍କୁ ଦେଉଛି ନୂଆ ଜୀବନ। ଅଙ୍ଗଦାନକୁ ନେଇ ସଚେତନ ହେଲେଣି ଅନେକେ। ସରକାରୀସ୍ତରରେ ଏପରି ମହତ୍ କାର୍ଯ୍ୟକୁ ପ୍ରୋତ୍ସାହିତ କରିବାକୁ ଆରମ୍ଭ ହେଲାଣି ସ୍ୱତନ୍ତ୍ର ଯୋଜନା। ତଥାପି ଅଙ୍ଗଦାନ କ୍ଷେତ୍ରରେ ଆଖିଦୃଶିଆ ଅଗ୍ରଗତି ଦେଖିବାକୁ ମିଳୁନାହିଁ। ତେବେ ଅଙ୍ଗଦାନ ଭଳି ମହଦାକାଂକ୍ଷା କାର୍ଯ୍ୟକୁ ଏବେ ଅଭିଯାନ ଭାବେ ଗ୍ରହଣ କରିଛନ୍ତି ପ୍ରବାସୀ ଭାରତୀୟ ଦମ୍ପତି। ଲୋକଙ୍କ ମଧ୍ୟରେ ଏଥିପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅନିଲ ଶ୍ରୀବାସ୍ତବ ଏବଂ ତାଙ୍କ ସ୍ତ୍ରୀ ଦୀପାଳି ୪୦୦ଦିନରେ ୭୩ ଦେଶ ପରିକ୍ରମା କରିସାରିଲେଣି। କେବଳ ଏତିକି ନୁହେଁ, ଦୁହେଁ ୪୩ହଜାର ଲୋକଙ୍କ ସହ ମତ ବିନିମୟ କରି ନିଜର ଆଭିମୁଖ୍ୟର ପ୍ରଚାର କରୁଛନ୍ତି। ଏପରି କାର୍ଯ୍ୟ ପାଇଁ ଉଭୟେ ଏବେ ସୋସିଆଲ ମଡିଆରେ ପାଲଟିଛନ୍ତି ଚର୍ଚ୍ଚିତ ଚେହେରା। କେତେଜଣ ତାଙ୍କୁ ଆଧୁନିକ ସମୟର ଦଧୀଚି ବୋଲି କହିବା ମଧ୍ୟ ଆରମ୍ଭ କଲେଣି।

ଅନିଲ କୁହନ୍ତି, ୨୦୧୪ରେ ସେ ନିଜର କିଡ୍‌ନୀ ତାଙ୍କ ଭାଇଙ୍କୁ ଦାନ କରିସାରିଛନ୍ତି। ଭାଇଙ୍କ ପ୍ରତି ଥିବା ଗଭୀର ଭଲପାଇବା ହିଁ ତାଙ୍କୁ ଏହି ଅଭିଯାନ ପାଇଁ ପ୍ରେରିତ କରିଛି। ଅଙ୍ଗଦାନ ଯେ କେହି ବି କରିପାରିବେ। ଏହାକୁ ମଣିଷ ପ୍ରତି ଅକୁଣ୍ଠ ଭଲପାଇବା ବୋଲି ବିଚାର କରାଯାଇପାରେ। ପରିଚିତ, ଅପରିଚିତ ସମସ୍ତଙ୍କୁ ଜଣେ ଚାହିଁଲେ ନିଜ ଶରୀରର ଯେକୌଣସି ଅଙ୍ଗଦାନ କରିପାରିବ। ଏପରି ମହାନ୍ କାର୍ଯ୍ୟ ଜଣଙ୍କୁ ଆହୁରି ମହନୀୟ କରି ଗଢ଼ିତୋଳିବ। ତାଙ୍କର ଅଭିଯାନ ଭିନ୍ନ ଧରଣର। ଏଥିଲାଗି ଏକ କାର୍‌କୁ ହିଁ ଘର କରିଦେଇଛନ୍ତି ଦୁହେଁ। ଦୀପାଳି ଗାଡ଼ିରେ ହିଁ ରୋଷେଇ କରନ୍ତି। ରାସ୍ତାପାର୍ଶ୍ୱରେ ଖାଲି ଜାଗା ଦେଖି ରାତି ବିତାଇଥାନ୍ତି। ତା' ପରଦିନର କାର୍ଯ୍ୟକ୍ରମ ରାତିରେ ହିଁ ସ୍ଥିର ହୋଇଥାଏ। ବର୍ଷେ ହେଲା ଏପରି ଜୀବନ ଚାଲିଛି, ଯାହା ବେଶ୍ ଆତ୍ମସନ୍ତୁଷ୍ଟି ଦେଉଛି ବୋଲି କହିଛନ୍ତି ଅନିଲ।

ଏକ ଆମେରିକୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ, ଅନିଲ ଏବଂ ଦୀପାଳି ହଜାର ହଜାର ସ୍କୁଲ, କଲେଜ, ରୋଟାରି କ୍ଲବ, ଗୋଷ୍ଠୀ କେନ୍ଦ୍ର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଅଙ୍ଗଦାନ ସଚେତନତା ସମ୍ପର୍କିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିସାରିଲେଣି। ଦୁହେଁ ନୈତିକ ଏବଂ ଆଇନଗତଃ ଭାବେ ଅଙ୍ଗଦାନର ନୀତିନିୟମ ବିଷୟରେ ବୁଝାଉଛନ୍ତି। ଅନିଲ ୧୯୯୭ରୁ ୨୦୦୬ ଯାଏ ନିଜର ନାମକୁ 'ଲିମ୍‌କା ବୁକ୍ ଅଫ୍ ରେକର୍ଡ'ରେ ସ୍ଥାନିତ କରିସାରିଛନ୍ତି। ସେ ନିଜର ପରବର୍ତ୍ତୀ ଅଭିଯାନ ମାର୍ଚ୍ଚରୁ ଆରମ୍ଭ କରିବେ। ଏହି ଅଭିଯାନ ନ୍ୟୁୟର୍କରୁ ଆରମ୍ଭ ହୋଇ ଆର୍ଜେଣ୍ଟିନାରେ ସରିବ, ଯାହାର ନାମ ରଖାଯାଇଛି 'ଗିଫ୍ଟ ଅଫ୍ ଲାଇଭ୍ ଆଡ୍‌ଭେଞ୍ଚର'।

# ଚନ୍ଦ୍ରରେ ନିର୍ମାଣ ହେବ କବକ ଘର



**ନ୍ୟୁୟର୍କ:** ଆମେରିକୀୟ ମହକାଶ ଗବେଷଣା ସଂସ୍ଥା ନାସା ଏବେ କବକରେ ଘର ନିର୍ମାଣ କରିବାର ଜ୍ଞାନକୌଶଳ ବିକାଶ କରିବାର ଗବେଷଣାରେ କିଛି ସଫଳତା ପାଇଛି। ଏଥିରେ ଚନ୍ଦ୍ର ଓ ମଙ୍ଗଳରେ ଘର ନିର୍ମାଣ କରାଯାଇପାରିବ ବୋଲି ନାସା ପକ୍ଷରୁ ପ୍ରକାଶ କରାଯାଇଛି। ପ୍ରତିକୂଳ ପରିସ୍ଥିତିରେ ପୃଥିବୀଠାରୁ ବହୁ ଦୂରରେ ରହୁଥିବା ମହାକାଶଚାରୀଙ୍କୁ ଭଲରେ ରହିବା ଲାଗି ଭବିଷ୍ୟତରେ ଉକ୍ତ ଘର ସାହାଯ୍ୟ କରିବ । କାଲିଫର୍ନିଆସ୍ଥିତ ନାସାର ଆମେସ ରିସର୍ଚ୍ଚ ସେଣ୍ଟରର ମାଇକୋ– ଆର୍କିଟେକ୍‌ଚର ପ୍ରୋଜେକ୍ଟ ମାଧ୍ୟମରେ ଘର ନିର୍ମାଣର ଡିଜାଇନ ବିକାଶ କରାଯାଉଛି। କବକର ମୁଖ୍ୟ ଅଂଶ ଓ ମାଟି ତଳେ ରହିଥିବା ସୂତା ଭଳି ମାୟସେଲିଆ ଦ୍ୱାରା ଘର ନିର୍ମାଣ କରାଯିବ । ମାୟଲେସିଆ ଦ୍ୱାରା ଛତୁ ଯେଭଳି ବିକଶିତ ହୁଏ ଠିକ୍ ସେହିଭଳି ନୂଆଜ୍ଞାନ କୌଶଳରେ ଏହା ଦ୍ୱାରା ଘର ନିର୍ମାଣ ହେବ। କବକ ଦ୍ୱାରା ନିର୍ମାଣ ହେବାକୁ ଥିବା ଘର କଂକ୍ରିଟଠାରୁ ବି ମଜଭୁତ ହେବ। ଏହାକୁ ମରାମତି ମଧ୍ୟ କରାଯାଇପାରିବ। ଏହାମଧ୍ୟ ଉତ୍ତମ ଇନ୍‌ସୁଲେଟର ଓ ଅଗ୍ନିନିରୋଧୀ ହୋଇପାରିବ। ଚନ୍ଦ୍ର କମ୍ବା ମଙ୍ଗଳରେ କବକ ପହଞ୍ଚିବା ପରେ ସେଠାରେ ଆଲୋକ ସଂଶ୍ଳେଷଣ ବ୍ୟାକ୍ଟେରିଆ ଦ୍ୱାରା ଏହାକୁ ବିକଶିତ କରାଯାଇପାରିବ ବୋଲି କହିଛନ୍ତି ବୈଜ୍ଞାନିକମାନେ। ଯେଉଁ ଆକାର ଚାହିଁବ ସେମିତି କବକକୁ ବଢାଇହେବ ଓ ପରେ ଏହାକୁ ଉତ୍ତପ୍ତ କରି ମାରିଦିଆଯିବ। ବୈଜ୍ଞାନିକମାନେ ଏମିତି ଉପାୟ ବିକଶିତ କରୁଛନ୍ତି , ଯେଉଁଥିରେ କବକ ଘର ମହାକାଶଚାରୀଙ୍କୁ ବିକିରଣରୁ ରକ୍ଷା କରିବା ସହ ଘର ମଧ୍ୟରେ ଅମ୍ଳଜାନ ମଧ୍ୟ ପ୍ରଦାନ କରିପାରିବ। ଅନ୍ୟ ଗ୍ରହରେ ଘର ନିର୍ମାଣ କରାଯିବାର ଡିଜାଇନ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି ବୋଲି କହିଛନ୍ତି ଗବେଷକ ଲିନ୍ ରାଥସ୍‌ଚାଇଲ୍ଡ। ଏବେ ଗବେଷକମାନେ କବକର ମାୟସେଲଆ। ଦ୍ୱାରା ଇଟା ଓ ଷ୍ଟୁଲ ନିର୍ମାଣ କରିବାରେ ସଫଳ ହୋଇଛନ୍ତି। ମାଇକୋ ଆର୍କିଟେକ୍‌ଚର ପ୍ରୋଜେକ୍ଟ ମାଧ୍ୟମରେ ଷ୍ଟାନଫୋର୍ଡ ଓ ବ୍ରାଉନ ୟୁନିଭର୍ସିଟିର ଗବେଷକ ଟିମ୍ ୨୦୧୮ରେ ମାୟସେଲିୟା କବକ ଉପଯୋଗ କରି ଏକ ଷ୍ଟୁଲ୍ ନିର୍ମାଣ କରିଥିଲେ।

# ଏକାଠି ହେବେ ଶାହରୁଖ–କରୀନା



**ମୁମ୍ବାଇ:** କିଙ୍ଗ୍ ଖାନଙ୍କ ଫ୍ୟାନ୍‌ମାନଙ୍କ ପାଇଁ ଏକ ଖୁସି ଖବର। ଖୁବ୍‌ଶୀଘ୍ର ଫ୍ୟାନ୍‌ମାନଙ୍କ ଡିମାଣ୍ଡ ପୂରଣ କରିବାକୁ ଯାଉଛନ୍ତି ବଲିଉଡ୍ ବାଦ୍‌ଶାହ ଶାହରୁଖ ଖାନ। ଦୀର୍ଘଦିନ ପରେ ପୁଣି ସେ ବଡ଼ପରଦାରେ ନଜରକୁ ଆସିବେ। ଗତ କିଛିବର୍ଷ ହେଲା ତାଙ୍କ ଫିଲ୍ମଗୁଡ଼ିକ ସେଭଳି ଆଖି ଦୃଶିଆ ବ୍ୟବସାୟ କରି ନ ଥିବାବେଳେ ଏଥର କିନ୍ତୁ ସେ ବ୍ଲକ୍‌ବଷ୍ଟର ଫିଲ୍ମ ଦେବେ ବୋଲି ଆଶା କରାଯାଉଛି। ବେଶ୍ କିଛିଦିନ ହେଲା ସୋସିଆଲ ମିଡିଆରେ ଶାହରୁଖଙ୍କ ଫିଲ୍ମ ଦେଖିବାକୁ ଫ୍ୟାନ୍‌ମାନଙ୍କ ଡିମାଣ୍ଡ ଥିଲା। ଏପରି କି, ଯଥାଶୀଘ୍ର ଶାହରୁଖ ନିଜ ଆଗାମୀ ଫିଲ୍ମ ନେଇ ଘୋଷଣା ନ କଲେ, ଜଣେ ଫ୍ୟାନ୍ ଆତ୍ମହତ୍ୟା କରିବେ ବୋଲି ମଧ୍ୟ ସୋସିଆଲ ମିଡିଆରେ ଚେତାବନୀ ଦେଇଥିଲେ। ଗୋଟିଏ ପଟେ ଏଭଳି ପରିସ୍ଥିତି ଚାଲିଥିବାବେଳେ ଏବେ ଶାହରୁଖଙ୍କ ଅପ୍‌କମିଂ ଫିଲ୍ମ ଆସୁଥିବା ଖବର ଚର୍ଚ୍ଚା ହେଉଛି। ତେବେ ଯେଉଁ ଫିଲ୍ମକୁ ନେଇ ଏତେ ଚର୍ଚ୍ଚା, ଏଯାବତ ତା'ର ଟାଇଟଲ ଘୋଷଣା କରାଯାଇନାହିଁ। ହେଲେ ଏକ ଜାତୀୟ ଗଣମାଧ୍ୟମର ଖବର ଅନୁଯାୟୀ, ଫିଲ୍ମଟି ହେଉଛି ଲୋକପ୍ରିୟ ଫିଲ୍ମ ନିର୍ମାତା ରାଜକୁମାର ହିରାନୀଙ୍କର, ଯେଉଁଥିରେ ପୁଣିଥରେ ଶାହରୁଖ–କରୀନା କପୁର ଖାନଙ୍କ ଯୋଡ଼ି ଦେଖିବାକୁ ମିଳିବ।

ଯଦି ଖବରଟି ସତ, ତେବେ ଦୀର୍ଘଦିନ ପରେ ଏହି ଯୋଡ଼ି ପରଦାକୁ ଫେରିବ। ଫିଲ୍ମ 'ରା–ୱାନ୍'ରେ ଏହି ଯୋଡ଼ି କମାଲ୍ କରିଥିଲା। ବିଶେଷକରି ଫିଲ୍ମର 'ଛମକ୍ ଛଲ୍ଲୋ...' ଗୀତଟି ପାଇଁ ଦର୍ଶକେ ଉଭୟଙ୍କୁ ଖୁବ୍ ଭଲପାଇବା ଦେଇଥିଲେ। ଏବେ ପୁଣି ଏହି ଯୋଡ଼ି ବକ୍ସ ଅଫିସ୍‌ରେ ଯାଦୁ କରିବ ବୋଲି ଆଶା କରାଯାଉଛି। ଏହାଛଡ଼ା ଫିଲ୍ମ 'ଅଶୋକା', 'କଭି ଖୁସି କଭି ଗମ୍' ଓ 'ଲକ୍ ବାଇ ଚାନ୍ସ'ରେ ମଧ୍ୟ ଶାହରୁଖ, କରୀନାଙ୍କୁ ଦେଖିବାକୁ ମିଳିଥିଲା। ନିକଟରେ ରିଲିଜ୍ ହୋଇଥିବା ଫିଲ୍ମ 'ଗୁଡ୍ ନ୍ୟୁଜ୍'ରେ କରୀନାଙ୍କ ଅଭିନୟ ଏବଂ ଷ୍ଟାଇଲ୍‌କୁ ଖୁବ୍ ପ୍ରଶଂସା ମିଳିଛି। ଅନ୍ୟପଟେ ୨୦୧୮ରେ ରିଲିଜ୍ ଫିଲ୍ମ 'ଜିରୋ'ରେ ଶାହରୁଖ ଶେଷଥର ପାଇଁ ବଡ଼ପରଦାରେ ନଜରକୁ ଆସିଥିଲେ।

## କଣ୍ଟାକ୍ଟ ଲେନ୍ସରେ ଜିପିଏସ୍

# ଦେଖିହେବ ହାର୍ଟ ବିଟ୍

**କାଲିଫର୍ନିଆ:** ଆମେରିକା କାଲିଫର୍ନିଆର ଷ୍ଟାର୍ଟଅପ୍ ମୋଜୋ ଭିଜନ ପକ୍ଷରୁ ଏକ ପ୍ରକାର କଣ୍ଟାକ୍ଟଲେନ୍ସ ତିଆରି କରାଯାଇଛି। ଏଥିରେ ଜିପିଏସ୍ ଜ୍ଞାନକୌଶଳକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହାକୁ ଆଖିରେ ଲଗାଇଲେ ଦେଖିବା ସମସ୍ୟା ଦୂର ହେବା ସହିତ ହାର୍ଟ ବିଟ୍ କରୁଥିବାର ମଧ୍ୟ ଦେଖି ହେବ। ଏହି କଣ୍ଟାକ୍ଟଲେନ୍ସ ସମୟ, ପାଣିପାଗ ସୂଚନା ସମ୍ପର୍କରେ ମଧ୍ୟ ଜଣାଇ ଦେଇ ପାରିବ।

# ବଣ୍ଟାହେଲେ ସ୍ୱାମୀ



**ରାଞ୍ଚି:** ସମ୍ପତି, ଘର, ଜମିବାଡ଼ି ଭାଗବଣ୍ଟା କଥା ତ ସମସ୍ତେ ଜାଣିଛନ୍ତି। ଏପରି କି ବୃଦ୍ଧ ମା'ବାପାଙ୍କୁ ମାସିଆରି ରଖିବା ଆଜିର ସମାଜରେ ସାଧାରଣ ହେଲାଣି। ହେଲେ ଏବେ ଏପରି ଏକ ଘଟଣା ନଜରକୁ ଆସିଛି, ଯାହା ଅବିଶ୍ୱସନୀୟ। ରାଞ୍ଚିରେ ଦୁଇଜଣ ସଉତୁଣୀ ନିଜ ସ୍ୱାମୀକୁ ଭାଗ ବାଣ୍ଟିଛନ୍ତି, ତାହା ବି ଥାନାରେ ଏବଂ ଆପୋସ ବୁଝାମଣା ମାଧ୍ୟମରେ।

ସମ୍ପୂର୍ଣ୍ଣ ଘଟଣା ଏହିପରି। ରାଞ୍ଚିସ୍ଥିତ ସଦର ଥାନାରେ ଜଣେ ବ୍ୟକ୍ତିଙ୍କ ଦ୍ୱିତୀୟ ସ୍ତ୍ରୀ ସ୍ୱାମୀଙ୍କ ନାମରେ ଅଭିଯୋଗ କରିଥିଲେ। ସେ ନିଜର ଏତଲାରେ ଦର୍ଶାଇଥିଲେ ଯେ, ପୂର୍ବରୁ ହୋଇଥିବା ଚୁକ୍ତିକୁ ଅବମାନନା କରି ସ୍ୱାମୀ ରାଜେଶ ୫ଦିନ ହେଲା ଘରକୁ ଆସିନାହାନ୍ତି। ସେ ନିଜର ପ୍ରଥମ ସ୍ତ୍ରୀଙ୍କ ସହ ରହିବା ଆରମ୍ଭ କରିଛନ୍ତି। ମହିଳାଙ୍କ ଏପରି ଅଭିଯୋଗ ପରେ ଚିନ୍ତାରେ ପଡ଼ିଥିଲା ପୋଲିସ। ପୋଲିସ ରାଜେଶଙ୍କୁ ଥାନାକୁ ଡକାଇ ମାମଲାର ସମାଧାନ କରିବାକୁ ଉଦ୍ୟମ କଲା। ଏହାପରେ ରାଜେଶ ଥାନାରୁ ଦ୍ୱିତୀୟ ସ୍ତ୍ରୀଙ୍କ ସହ ଚାଲିଗଲେ।

ଏଥିପୂର୍ବରୁ ପୋଲିସ ଉପସ୍ଥିତିରେ ରାଜେଶ ଏବଂ ତାଙ୍କ ଦୁଇ ସ୍ତ୍ରୀଙ୍କୁ ନେଇ ବୁଝାମଣା ହୋଇଥିଲା। ଏଥିରେ ରାଜେଶ ଉଭୟଙ୍କ ପାଖରେ ୩ଦିନ ଲେଖାଏ ରହିବାକୁ ସହମତି ଜଣାଇଥିଲେ। ସପ୍ତାହର ପ୍ରଥମ ୩ଦିନ ପ୍ରଥମ ସ୍ତ୍ରୀ ଏବଂ ଏହାପର ୩ଦିନ ଦ୍ୱିତୀୟ ସ୍ତ୍ରୀଙ୍କ ପାଖରେ ରହିବେ। ବଳକା ଗୋଟିଏ ଦିନ ନିଜର ବ୍ୟକ୍ତିଗତ କାମ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରଥମ ସ୍ତ୍ରୀଙ୍କ ପାଖରେ ଲଗାତର ୫ଦିନ ରହିବା ପରେ ଦ୍ୱିତୀୟ ସ୍ତ୍ରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ସ୍ୱାମୀଙ୍କୁ ଏପରି ଭାଗବଣ୍ଟା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଆୟକର ନୋଟିସ ୧୩୪ କୋଟିର



**ଭୋପାଳ:** ଜଣେ ବ୍ୟକ୍ତିଙ୍କର ମାସିକ ଆୟ ୭ ହଜାର ଟଙ୍କା , କିନ୍ତୁ ୧୩୪ କୋଟିର ଆୟକର ନୋଟସି ଆସିବା ଭଳି ଅଜବ ଘଟଣା ଘଟିଛି ମଧ୍ୟପ୍ରଦେଶରେ। ଭିଣ୍ଡ ଜିଲା ମୋହନା ଅଞ୍ଚଳ ନିବାସୀ ୨୯ ବର୍ଷୀୟ ରବି ଗୁପ୍ତା ନାମକ ଜଣେ ବ୍ୟକ୍ତିଙ୍କୁ ମିଳିଛି ଏଭଳି ଏକ ଅଜବ ନୋଟିସ। ଆୟକର ବିଭାଗ ବ୍ୟକ୍ତିଙ୍କ ପିନ୍ ନମ୍ବର ସହ ୧୩୪ କୋଟିର ଦେଣନେଣ ସମ୍ପର୍କିତ ହିସାବ ମାଗିଛି। ତାଙ୍କ ଅଗୋଚରରେ ଏହି ଅର୍ଥ ୨୦୧୧ ସେପ୍ଟେମ୍ବର ୧୩ରୁ ଫେବୃୟାରୀ ୨୦୧୨ ମଧ୍ୟରେ ମୁମ୍ବାଇର ଏକ ଘରୋଇ ବ୍ୟାଙ୍କ ଆକାଉଣ୍ଟରେ ନେଣଦେଣ ହୋଇଥିଲା ଓ ସେଥିରେ ପିନ୍ କୋଡ ବି ଯୋଡା ଯାଇଥିଲା। ଏହି ସମୟରେ ଇନ୍ଦୋରର ଏକ ଘରୋଇ କମ୍ପାନୀରେ କାମ କରି ମାସକୁ ମାତ୍ର ୭ ହଜାର ଟଙ୍କା ରୋଜଗାର କରୁଥିଲେ ଓ ତାହାକୁ ନଗଦ ଆକାରରେ କମ୍ପାନୀଠାରୁ ଗ୍ରହଣ କରୁଥିଲେ ବୋଲି କହିଛନ୍ତି ଗୁପ୍ତା। କିନ୍ତୁ ଆୟକର ବିଭାଗ କହିଛି ଯେ, ଏହି ସମୟରେ ତାଙ୍କ ରୋଜଗାର ଆୟକର ଯୋଗ୍ୟ ହୋଇଥିଲା। ଗୁପ୍ତା ଏହାର ଖୋଳତାଡ କରିବା ପରେ ଏହି ଆକାଉଣ୍ଟରେ ଏକ ଡାଇମଣ୍ଡ ଟ୍ରେଡିଂ କମ୍ପାନୀ କାରବାର କରିଥିବା ଜାଣିପାରିଥିଲେ। ଆକାଉଣ୍ଟରେ ଯେଉଁ ପିନ କୋଡ୍ ଦର୍ଶାଯାଇଛି ସେଥିରେ ତାଙ୍କ ଦସ୍ତଖତ ଜାଲ୍ କରାଯାଇଛି ଏବଂ ତାଙ୍କ ସ୍ଥାନୀୟ ଠିକଣା ମଧ୍ୟ ସେଥିରେ ନାହିଁ ବୋଲି କହିଛନ୍ତି ଗୁପ୍ତା। ଏବେ ମଧ୍ୟପ୍ରଦେଶ ସାଇବର ସେଲ୍, ମହାରାଷ୍ଟ୍ର ପୋଲିସ, ପିଏମ୍‌ଓ ଏବଂ ଆୟକର ବିଭାଗ ଅଧିକାରୀଙ୍କୁ ଏ ସମ୍ପର୍କରେ ତଦନ୍ତ କରି ଏହି ମାମଲାରୁ ମୁକ୍ତ କରିବାକୁ ସେ ଲିଖିତ ଭାବେ ଜଣାଇଛନ୍ତି। ମାର୍ଚ୍ଚ ୩୦ ,୨୦୧୯ରେ ରବିଙ୍କୁ ପ୍ରଥମେ ଏହି ନୋଟିସ ମିଳିଥିଲା। ସେତେବେଳେ ତାଙ୍କ ଦରମା କର ଯୋଗ୍ୟ ନ ଥିବାରୁ ସେ ତାହାକୁ ଅଣଦେଖା କରିଥିଲେ। କିନ୍ତୁ ପରେ ପୁଣି ଜୁଲାଇରେ ଦ୍ୱିତୀୟ ଓ ତୃତୀୟ ନୋଟିସି ମିଳିଥିଲା। ଏବେ ପୁଣି ଆୟକର ବିଭାଗ ତାଙ୍କ ସମ୍ପତ୍ତି ଜବତ କରିବା ଲାଗି କହିଛି।

ମାସକୁ ରୋଜଗାର ୭ ହଜାର ଟଙ୍କା

# ଟଙ୍କା ବାହାରିବା ପରେ ବ୍ୟାଗ୍ ଫେରସ୍ତ



**ୱାଶିଂଟନ:** ଆଜିର ସମୟରେ ସଚ୍ଚୋଟ ବ୍ୟକ୍ତିଙ୍କ ସଂଖ୍ୟା ହାତଗଣତି। ଏହି ଯେମିତି କିଛି ଜିନିଷ ହଜିଗଲେ ପାଇଥିବା ଖୁବ କମ ଲୋକ ଏହାକୁ ଫେରାଇଥାନ୍ତି। ମାତ୍ର ଆମେରିକାର ସେଣ୍ଟ୍ରାଲ ମିଚିଗାନ୍ରେ ରହୁଥିବା ୫୦ ବର୍ଷୀୟ ହାୱାର୍ଡ କିବି ସଚ୍ଚୋଟତାର ପରିଚୟ ଦେଇଛନ୍ତି। କିଛିଦିନ ତଳେ ହାୱାର୍ଡ ସେକେଣ୍ଡ ହ୍ୟାଣ୍ଡ ଶପିଂ ସେଣ୍ଟରରୁ ଏକ ବ୍ୟାଗ କିଣି ଘରକୁ ଆଣିଥିଲେ। ଯେତେବେଳେ ତାଙ୍କ ଝିଅ ବ୍ୟାଗ୍‌ଟିକୁ ଖୋଲିଲେ ଏଥିରେ ଟଙ୍କା ଭର୍ତ୍ତି ଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଥିରେ ୩୦ ଲକ୍ଷ ୫୪ ହଜାର ଟଙ୍କା ଥିବା ଦେଖିବାକୁ ମିଳିଥିଲା। ଏକ ରିପୋର୍ଟ ଅନୁଯାୟୀ, ପରିବାର ଲୋକେ ଏତେ ପରିମାଣର ଟଙ୍କା ଦେଖି ଏଥିରେ କ'ଣ କରିବେ କିଛି ବୁଝିପାରିଲେ ନାହିଁ। ହାୱାର୍ଡ ପ୍ରଥମେ ଭାବିଲେ ଏହି ଟଙ୍କାରେ ଘରର କରଜ ଶୁଝିଦେବେ। ଆଉ କିଛି ଟଙ୍କାରେ ବିଳାସମୟ ଜୀବନ ବିତାଇବେ। ଏଥିପାଇଁ ସେ ତାଙ୍କ ଓକିଲଙ୍କ ପରାମର୍ଶ ନେଲେ। ଓକିଲ କହିଲେ, ଏହି ଟଙ୍କା ତୁମ ପାଖରେ ରଖ। ତୁମେ ତ କେଉଁଠୁ ଚୋରି କରିନା ଯେ,ତୁମକୁ ପୋଲିସ ବାନ୍ଧିବ। କିନ୍ତୁ ହାୱାର୍ଡଙ୍କ ହୃଦୟ ବାଧା ଦେଲା। ସେ ଚାହିଁଲେ ବ୍ୟାଗ୍ଟି ଯେଉଁଠୁ କିଣିଥିଲେ ସେଠାରେ ଫେରାଇ ଦେବେ। ଶେଷରେ ସେଇୟା ହିଁ କଲେ। ଏହି ବ୍ୟାଗ୍‌ଟି ନ୍ୟୁବେରିର ଏକ ପରିବାରର। ତାଙ୍କ ପିତାଙ୍କ ମୃତ୍ୟୁ ପରେ ବ୍ୟାଗ୍‌ଟି ଆଣି ସେକେଣ୍ଡ ହ୍ୟାଣ୍ଡ ଶପିଂ ସେଣ୍ଟରରେ ଦାନ କରିଦେଇଥିଲେ। ତେବେ ଦୋକାନ ମାଲିକ ହାୱାର୍ଡଙ୍କ ଏପରି ସଚ୍ଚୋଟତା ଦେଖି ତାଙ୍କୁ ଖୁବ ପ୍ରଶଂସା କରିଛନ୍ତି।

# ବୃଦ୍ଧ ସମ୍ମିଳନୀରେ ପୁଅଙ୍କୁ ଶିକ୍ଷା



**ଗ୍ୱାଲିୟର:** ବୃଦ୍ଧ ମାତାପିତାଙ୍କୁ ଅଣଦେଖା କରି ଉଠ୍‌ବସ ହେବାସହ ପୁଅମାନେ ବୃଦ୍ଧ ସମ୍ମିଳନୀରେ ପିତାଙ୍କ ଗୋଡ ଧରିବା ଭଳି ଘଟଣା ସାମ୍ନାକୁ ଆସିଛି ମଧ୍ୟପ୍ରଦେଶର ଗ୍ୱାଲିୟର ଜିଲାରେ। ବୃଦ୍ଧ ମାତାପିତାଙ୍କୁ ଅବହେଳା କରୁଥିବା ପୁଅମାନଙ୍କୁ ସୁଧାରିବା ଲାଗି ଗ୍ୱାଲିୟର ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା ବୃଦ୍ଧ ସମ୍ମିଳନୀ। ଏଥିରେ ମୋଟ ୩୩୬ଟି ଅଭିଯୋଗ ବୃଦ୍ଧମାନଙ୍କ ପକ୍ଷରୁ କରାଯାଇଥିଲା। ଏହି ଅଭିଯୋଗ ସେମାନଙ୍କ ପୁଅମାନଙ୍କ ବିରୋଧରେ ହିଁ ଥିଲା। ଅଭିଯୋଗଗୁଡିକ ମଧ୍ୟରୁ ୧୨୪ଟି କେବଳ ଭରଣପୋଷଣ ସମ୍ପର୍କିତ ଥିଲା। ତେବେ ଏହାକୁ ନେଇ ସମୁଦାୟ ୧୮୪ଟି ମାମଲାର ସମାଧାନ ଏଠାରେ କରାଯାଇଛି । ଜନଶୁଣାଣି ହଲ୍‌ରେ କେସ୍‌ର ରେଜିଷ୍ଟ୍ରେଶନ ପରେ ଏ ସମ୍ବନ୍ଧିତ ଅଧିକାରୀମାନେ ଏହାର ଶୁଣାଣି କରିଥିଲେ। ସମ୍ମିଳନୀରେ ବହୁ ପରିବାର କେଉଁଠି ବୃଦ୍ଧମାନଙ୍କୁ ଆଦରି ନେଇଥିଲେ ତ ଆଉ କେଉଁଠି ପୁଅମାନେ ସେମାନଙ୍କ ଭୁଲ୍ ସ୍ୱୀକାର କରି ଉଠ୍‌ବସ ହୋଇଥିଲେ। ଏପରିକି ପିତାଙ୍କ ଗୋଡ ଧରି କ୍ଷମା ପ୍ରାର୍ଥନା ମଧ୍ୟ କରିଥିଲେ। ଏହି ସମ୍ମିଳନୀରେ ଗ୍ୱାଲିୟର ଜିଲାପାଳ ଅନୁରାଗ ଚୌଧୁରୀ, ଏସ୍‌ପି ନବନୀତ ଭସିନ୍ ଓ ସ୍ମାର୍ଟ ସିଟି ସିଇଓ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଓଁକାର ସିଂ ଧିଲୋନଙ୍କ ଶ୍ରୀଲିଙ୍ଗରାଜ ଦର୍ଶନ



**ପୁରୁଣା ଭୁବନେଶ୍ୱର, ୧୯।୧ (ଡି.ଏନ.ଏ.):** 'ଇଭିଏମ୍ ହଟାଅ ଗଣତନ୍ତ୍ର ବଞ୍ଚାଅ' ନାରା ଦେଇ ଦୀର୍ଘ ୬୫୦୦ କିମି ଉତ୍ତରାଖଣ୍ଡରୁ ପଦଯାତ୍ରାରେ ଆସି ଓଡ଼ିଶାରେ ପହଞ୍ଚିଛନ୍ତି ଓଁକାର ସିଂ ଧିଲୋନ ରିବାର ଶ୍ରୀଲିଙ୍ଗରାଜ ମନ୍ଦିର ଦର୍ଶନ କରିଛନ୍ତି। ମନ୍ଦିରର କାରୁକାର୍ଯ୍ୟ, ଐତିହ୍ୟ, ପରମ୍ପରାକୁ ସେ ଖୁବ୍ ପ୍ରଶଂସା କରିଥିଲେ। ମନ୍ଦିର ବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀ ମନ୍ଦିର ମଧ୍ୟ ସେ ବୁଲି ଦେଖିଥିଲେ। ପରେ ଉତ୍ତର ଦ୍ୱାର ୱାଚ ଟାୱାର ଉପରେ ମନ୍ଦିରର ଦୃଶ୍ୟ ଉପଭୋଗ କରିଥିଲେ। ଧିଲୋନ ରବିବାର ଶାନ୍ତିସ୍ତୂପ ଧଉଳି, ଖଣ୍ଡଗିରି, ଉଦୟଗିରି ମଧ୍ୟ ବୁଲି ଦେଖିଥିଲେ। ସୂଚନାଥାଉ କି ସେ ୨୦୧୯ ଅଗଷ୍ଟରେ ଉତ୍ତରାଖଣ୍ଡରୁ ତାଙ୍କ ପଦଯାତ୍ରା ଆରମ୍ଭ କରିଥିଲେ।

### ମଦ ପାଇଁ ମା', ଭଉଣୀଙ୍କୁ ହାଣିଥିବା ଯୁବକ ଗିରଫ

**ଭୁବନେଶ୍ୱର,୧୯।୧(ବ୍ୟୁରୋ):** ମଦ ପିଇବା ପାଇଁ ଟଙ୍କା ମାଗି ମା'ଓ ଭଉଣୀଙ୍କୁ ହାଣିବା ଘଟଣାରେ ଏୟାରଫିଲ୍ଡ ଥାନା ପୋଲିସ ଅଭିଯୁକ୍ତ ଶଙ୍କର୍ଷଣ ନାୟକ(୩୫)ଙ୍କୁ ଗିରଫ କରିଛି। ସେ ସୁନ୍ଦରପଦା ମଣ୍ଡପସାହିରେ ରୁହନ୍ତି। ଶୁକ୍ରବାର ଶଙ୍କର୍ଷଣ ମା' ରୁକ୍ମଣୀ ନାୟକ(୭୫)ଙ୍କୁ ମଦ ପିଇବା ପାଇଁ ୧୦୦ ଟଙ୍କା ମାଗିଥିଲେ। ଟଙ୍କା ନଦେବାରୁ ସେ ରୁକ୍ମଣୀ ଏବଂ ଭଉଣୀ ବୀଣାପାଣି ପରିଡାଙ୍କୁ କଟୁରିରେ ହାଣିଥିଲେ। ସ୍ଥାନୀୟ ଲୋକେ ରୁକ୍ମଣୀ ଓ ବୀଣାପାଣିଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ।

### ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା

**ବାଲିଅନ୍ତା,୧୯।୧(ଡି.ଏନ.ଏ):** ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡ ଅଧୀନ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରର ୧୭ଜଣ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ୩ଦିନ ଧରି କଲେଜ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ମନ୍ଦିରର ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜୟଦେବ କଲେଜର ଅଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ଦାଶ, ମୁଖ୍ୟବକ୍ତା ଭାବେ ଉଚ୍ଚ ଶିକ୍ଷା ବିକାଶ ପରିଷଦର ଚେୟାରମ୍ୟାନ ମଙ୍ଗୁଳିଚରଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ଡମ୍ବୁରଧର ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର ବିବରଣୀ ପାଠ କରିଥିଲେ। ୪ ବିଭାଗରେ ମୋଟ ୩୦୦ଜଣ ପ୍ରତିଯୋଗୀ ଭାବେ ନେଇଥିଲେ। ଖେଳ ଗୁରୁଜୀ ବିଶ୍ୱଭୂଷଣ ବାରିକ ଓ ଗୁରୁମା ରଞ୍ଜିତା ସ୍ୱାଇଁ ସମସ୍ତ ଖେଳକୁ ପରିଚାଳନା କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ାବିତ ଜଗଦାନନ୍ଦ ମହାପାତ୍ର ଉଦ୍‌ଘାଟନ କରିଥିଲେ।

# ଛୁଟିଦିନରେ ବି ନେତାଜୀ ସଂଗ୍ରହାଳୟ ଖାଁ ଖାଁ

**ପୁରୀ ଅଫିସ,୧୯।୧**



ରବିବାରରେ ଫାଙ୍କା ପଡ଼ିଛି ସଂଗ୍ରହାଳୟ।




ନେତାଜୀଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ ଅବସରରେ ଉତ୍କଳ ବିକାଶ ଯୁବପରିଷଦର କର୍ମକର୍ତ୍ତାମାନେ।

ଦୀର୍ଘ ୩ ବର୍ଷ ଧରି ଅଦାଲତି ବିବାଦରେ ଛନ୍ଦି ହେବା ପରେ ଗତବର୍ଷ ଜାନୁୟାରୀ ୧୫ରେ ଲୋକାର୍ପିତ ହୋଇଥିଲା ନେତାଜୀ ସଂଗ୍ରହାଳୟ। ଇତିମଧ୍ୟରେ ସଂଗ୍ରହାଳୟ ଖୋଲାଯିବାକୁ ବର୍ଷେ ବିତିଯାଇଛି। କିନ୍ତୁ ଏବେ ବି ଏଠାକୁ ପର୍ଯ୍ୟଟକଙ୍କ ଆଗମନ ସ୍ୱାଭାବିକ ହୋଇପାରି ନାହିଁ। କେବେ କେମିତି ହାତଗଣତି ପର୍ଯ୍ୟଟକ ସଂଗ୍ରହାଳୟ ବୁଲି ଆସୁଛନ୍ତି। ଭାରତର ସ୍ୱାଧୀନତା ସଂଗ୍ରାମର ଅଦ୍ୱିତୀୟ ବୀର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ମୃତି ବହନ କରୁଥିବା ଏହି ସଂଗ୍ରହାଳୟ ପରିସର ଅନେକ ସମୟରେ ଖାଁ ଖାଁ ରହୁଛି। ରବିବାର ଛୁଟିଦିନ ଥିବା ସତ୍ତ୍ୱେ କୌଣସି ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳି ନ ଥିଲା। ପୁରୀ ସହରକୁ ପ୍ରତ୍ୟହ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ଆସୁଛନ୍ତି। ନିକଟ ବେଳାଭୂମି ବୁଲୁଛନ୍ତି। କିନ୍ତୁ ସଂଗ୍ରହାଳୟକୁ ଆସୁନାହାନ୍ତି। ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଏବଂ ସଂଗ୍ରହାଳୟ ସମ୍ପର୍କରେ ପ୍ରଚାର ପ୍ରସାର ଅଭାବରୁ ଏପରି ସ୍ଥିତି ଉପୁଜୁଥିବା କହିଛନ୍ତି ଉତ୍କଳ ବିକାଶ ଯୁବ ପରିଷଦର ସଭାପତି ଦେବୀ ପ୍ରସାଦ ପୃଷ୍ଟି।

ସଂଗ୍ରହାଳୟକୁ ଲୋକାର୍ପଣ କରି ତତ୍କାଳୀନ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଥିଲେ, ଏହା ନିଶ୍ଚିତ ଭାବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ, ବିଶେଷକରି ଅଧିକ ସଂଖ୍ୟାରେ ବଙ୍ଗୀୟ ପର୍ଯ୍ୟଟକ ଏଠାକୁ ଆସିବେ। ଆମ ପର୍ଯ୍ୟଟନ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ। ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ, ନେତାଜୀଙ୍କ ସ୍ମୃତିକୁ ବହନ କରୁଥିବା ଏହି ସଂଗ୍ରହାଳୟ ଖୋଲିବା ନିଶ୍ଚିତ ରାଜ୍ୟବାସୀଙ୍କ ପାଇଁ ଖୁସିର କଥା। ବିଶେଷକରି ପୁରୀ ପର୍ଯ୍ୟଟନ ମାନଚିତ୍ରରେ ଆଉ ଏକ ସଫଳ ଫର୍ଦ୍ଦ ଯୋଡ଼ି ହୋଇଗଲା। ଏଠାକୁ ମଧ୍ୟ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିବେ। କିନ୍ତୁ ସେମିତି ଚିତ୍ର ଦେଖିବାକୁ ମିଳୁନି। ୨୦୧୯ ଜାନୁୟାରୀ ୧୫ ପ୍ରଥମ ଦିନ ୧୭ ଜଣ ଆସିଥିଲେ। ଏହାପରେ କେବେ କେବେ ୩୦/୩୫ଜଣ ଆସିଥିବା ବେଳେ ଦିନେ ଦିନେ ଜଣେ ହେଲେ ବି ପର୍ଯ୍ୟଟକ ଆସି ନ ଥାନ୍ତି। ଏଠାରେ ଜଣ ପିଛା ଟିକେଟର ଦାମ୍ ୧୦ ଟଙ୍କା ରହିଥିବା ବେଳେ ସଂଗ୍ରହାଳୟର ରକ୍ଷଣାବେକ୍ଷଣ ଲାଗି ୪ ଜଣ କର୍ମଚାରୀ ଆଉଟ୍‌ସୋର୍ସିଂ ଭାବେ ରହିଛନ୍ତି। କର୍ମଚାରୀ ସଞ୍ଜୟ ମହାନ୍ତିଙ୍କ ସୂଚନା ମୁତାବକ, ସର୍ବାଧିକ ଗତ ଡିସେମ୍ବରରେ ଗୋଟିଏ ଦିନ ୫୫ ଜଣ ପର୍ଯ୍ୟଟକ ଆସିଥିଲେ। ହାରାହାରି ଦେଖିଲେ ୨୦ରୁ ୨୫ ଜଣ ଆସୁଛନ୍ତି।

ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ନେତାଜୀ ସୁଭାଷ ଜନ୍ମମାଟି ଯାତ୍ରା ଏବଂ ତିନିଦିନିଆ ନେତାଜୀ ସୁଭାଷ ଉତ୍ସବ ପାଳନ ପରିପ୍ରେକ୍ଷୀରେ ରବିବାର ଅଭିଯାତ୍ରୀ ଦଳ ପୁରୀ ଆସିଥିଲେ। ସେମାନେ ସୁଭାଷ ବୋଷ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଂଗ୍ରହାଳୟ ଆସିଥିଲେ। ମାତ୍ର ଛୁଟିଦିନ ସତ୍ତ୍ୱେ ଜଣେ ହେଲେ ବି ପର୍ଯ୍ୟଟକଙ୍କୁ ନ ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ ସଭାପତି ପୃଷ୍ଟି। ସେ କହିଥିଲେ, ଉଭୟ କଟକ ଜନ୍ମପୀଠ ହେଉ ଅବା ପୁରୀର ସଂଗ୍ରହାଳୟ ପ୍ରତି ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ରହୁଛି। ଉପଯୁକ୍ତ ପ୍ରଚାର ପ୍ରସାର କରାଯାଉ ନ ଥିବାରୁ ପର୍ଯ୍ୟଟକମାନେ ଜାଣିପାରୁ ନାହାନ୍ତି। ପ୍ରତ୍ୟହ ଶ୍ରୀମନ୍ଦିର ଏବଂ ବେଳାଭୂମିକୁ ହଜାର ହଜାର ପର୍ଯ୍ୟଟକ ଆସୁଥିବା ବେଳେ ଏଠାକୁ ନ ଆସିବା ନିଶ୍ଚିତ ଦୁର୍ଭାଗ୍ୟଜନକ ବିଷୟ। ଏଥିପ୍ରତି ସମସ୍ତଙ୍କୁ ସଚେତନ ହେବାକୁ ପଡିବ। ନେତାଜୀଙ୍କ ସମ୍ପର୍କରେ ଜାଣିବା ପାଇଁ ସଂଗ୍ରହାଳୟରେ ଯଥେଷ୍ଟ ସ୍ମୃତି ରହିଛି ବୋଲି ପୃଷ୍ଟି କହିଛନ୍ତି।

### ସଂଗ୍ରହାଳୟରେ କ'ଣ ରହିଛି


ସଂଗ୍ରହାଳୟ ପରିସରରେ ଏକ ସୋଭେନିୟର ଶପ୍ ରହିଛି। ସେଠାରେ ନେତାଜୀଙ୍କ ସମ୍ପର୍କିତ ଫଟୋ, ମାଗାଜିନ ଆଦି ଉପଲବ୍ଧ ହେଉଛି। ତଳ ମହଲାରେ ରାଜନୈତିକ ଓ ଆଇଏନ୍‌ଏ ଗ୍ୟାଲେରି, ଆଦ୍ୟ ଜୀବନ ଗ୍ୟାଲେରି, ଶିଶୁ ପ୍ରମୋଦ କକ୍ଷ ରହିଛି। ରାଜନୈତିକ ଓ ଆଇଏନ୍‌ଏ ଗ୍ୟାଲେରିରେ ଆଜାଦ୍ ହିନ୍ଦ୍ ଫୌଜର ଡାକଟିକଟ, ନ୍ୟାଶନାଲ ସାର୍ଟିଫିକେଟ ଏବଂ ଇଣ୍ଡିଆନ ନ୍ୟାଶନାଲ ଆର୍ମି (ଆଇଏନ୍‌ଏ)ର ବହୁ ବିରଳ ଫଟୋ ସ୍ଥାନିତ ହୋଇଛି। ନେତାଜୀଙ୍କ ଝିଅ ଅନୀତା ବୋଷ ୧୯୬୧ ଜାନୁୟାରୀ ୧୨ରେ ଶ୍ରୀମନ୍ଦିରକୁ ଆସିଥିଲେ। ସେହି ସମୟରେ ଉତ୍ତୋଳିତ ଫଟୋ ଚିତ୍ରକୁ ଖବରଦାତା ସ୍ୱର୍ଗତ ପ୍ରଫୁଲ୍ଲ ମହାନ୍ତିଙ୍କ ପରିବାର ପକ୍ଷରୁ ନେତାଜୀ ମ୍ୟୁଜିୟମ ଲାଗି ଇନ୍‌ଟାକକୁ ପ୍ରଦାନ କରାଯାଇଥିଲା। ଉକ୍ତ ଫଟୋଚିତ୍ର ମ୍ୟୁଜିୟମ୍‌ର ଆଦ୍ୟ ଜୀବନ ଗ୍ୟାଲେରିରେ ସ୍ଥାନିତ ହୋଇଛି। ଏହାସହିତ ନେତାଜୀଙ୍କ ବହୁ ବିରଳ ଫଟୋଚିତ୍ର ସ୍ଥାନିତ କରାଯାଇଛି। ସେହିପରି ମ୍ୟୁଜିୟମ୍‌ର ଶିଶୁ ପ୍ରମୋଦ କକ୍ଷ ଆକର୍ଷଣୀୟ ହୋଇଛି। ଶିଶୁମାନେ ଯେଭଳି ନେତାଜୀଙ୍କ ସମ୍ପର୍କରେ ଜାଣିପାରିବେ ଏବଂ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବେ ସେନେଇ ବ୍ୟବସ୍ଥା କରାଯାଇଛି। ଉପର ମହଲାରେ ନେତାଜୀଙ୍କ ପଠନଶାଳା, ସମ୍ମିଳନୀ କକ୍ଷ, କୋଠରି, ଶୟନକକ୍ଷ, ପାରିବାରିକ କୋଠରି ଆଦି ରହିଛି। ଏହିସବୁ ଐତିହ୍ୟ କୋଠରିରେ ବ୍ରିଟିଶ ଅମଳର କାଠ ପଲଙ୍କ, ଚୌକି, ଆଲମାରି, ନେତାଜୀଙ୍କ ବ୍ୟବହୃତ ପୋଷାକ ରଖାଯାଇଛି। ଏହାବ୍ୟତୀତ ଗାନ୍ଧିଜୀ ଏବଂ ଅନ୍ୟ ନେତାଙ୍କ ସହ ପରାମର୍ଶ, ଆଲୋଚନା ଓ ନେତାଜୀ ଲେଖିଥିବା କେତେକ ଆବେଗପୂର୍ଣ୍ଣ ଚିଠି ମଧ୍ୟ ଅଛି।

# ଶ୍ରୀଲିଙ୍ଗରାଜମନ୍ଦିର: କାମରେ ଲାଗୁନି ପାଦ ଚଲା ପଥ

**ପୁରୁଣା ଭୁବନେଶ୍ୱର,୧୯।୧ (ଡି.ଏନ.ଏ.)**

### ୧୮ ଲକ୍ଷ ଟଙ୍କା ପାଣିରେ ପଡ଼ିଲା

ରାଜ୍ୟ ପର୍ଯ୍ୟଟନ ବିଭାଗର ତରବରିଆ ଏବଂ ଖାମଖିଆଲ କାର୍ଯ୍ୟ ନେଇ ବହୁ ଯୋଜନା ସଫଳ ରୂପାୟନ ହେଉ ନ ଥିବା ଅଭିଯୋଗ ହେଉଛି। ଆମସାର ଆକ୍ଟ ଉଲ୍ଲଂଘନ କରି ବ୍ୟାଖ୍ୟାନ କେନ୍ଦ୍ର, ଟୁରିଷ୍ଟ ଶେଡରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେବା ପରେ ଏବେ ଏହା ଭଙ୍ଗାଯାଇ ମାଟିରେ ମିଶିଛି। ଅନୁରୂପ ଭାବେ ୨୦୧୪ରେ ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ପଥରର ପାଦଚଲା ରାସ୍ତା ପ୍ରାୟ ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ଏହି ପାଦଚଲା ରାସ୍ତା ଏବେ ପର୍ଯ୍ୟଟକଙ୍କର କାମରେ ଲାଗୁନି। ବିଶେଷ ଭାବେ ଦିବ୍ୟାଙ୍ଗ ମାନଙ୍କ ପାଇଁ ନିର୍ମାଣ ହୋଇଥିବା ଏହି ଯୋଜନା ଏବେ ସ୍ୱପ୍ନ ପାଲଟିଛି। ପାଦ ଚଲା ପଥଟି ଚିତ୍ରକାରିଣୀ ମନ୍ଦିର, ପଶ୍ଚିମ-ଦକ୍ଷିଣ କୋଣଠାରେ ପାଚେରି ପଡିଯିବା ନେଇ ବନ୍ଦ ରହିଛି। ପରିତ୍ୟକ୍ତ ଭାବେ ପଡି ରହିଥିବା ପାଦଚଲା ରାସ୍ତାର ମନ୍ଦିର ଉତ୍ତରଦ୍ୱାରଠାରେ ମଦ ବୋତଲ, ଆବର୍ଜନା ପଡି ପରିବେଶ ଦୂଷିତ ହେଉଛି। ନିର୍ମାଣ ପରଠାରୁ ଦିନେ ବି କେହି ଶ୍ରଦ୍ଧାଳୁ ପଥ ଦେଇ ଯାତାୟାତ କରିନାହାନ୍ତି। ବିଭାଗର ଏଭଳି ଦୂରଦୃଷ୍ଟି ଅଭାବ ପଦାରେ ପଡିଛି। ତୁରନ୍ତ ଏହି ଯୋଜନାର ପୁନରୁଦ୍ଧାର କରାଯାଇ ଶ୍ରଦ୍ଧାଳୁଙ୍କ ପାଇଁ କାର୍ଯ୍ୟକ୍ଷମ କରିବାକୁ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଦାବି ହେଉଛି।



ଲିଙ୍ଗରାଜ ମନ୍ଦିର ପାଚେରିକୁ ଲାଗି ରହିଥିବା ପାଦଚଲାପଥ।




ଭୁବନେଶ୍ୱର ସୂଚନା ଭବନରେ ରବିବାର ପାନାସିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତାରେ କୁନି ପିଲାମାନେ କୌତୁକ ପୋଷାକରେ ଭାଗ ନେଇଛନ୍ତି।

# ଟବଲା, ପଖଜରେ ଚାଲୁଛି ୫ ଜୀବନ

**ଗୋପ,୧୯।୧(ଡ଼ି.ଏନ୍.ଏ):**



ମୃଦଙ୍ଗ ମରାମତି କରୁଛନ୍ତି କାଳନ୍ଦୀ।

- ଆଧୁନିକତାରେ ହଜିଯାଉଛି ମୃଦଙ୍ଗ ବାଦନ
- ବୃତ୍ତିକୁ ଛାଡ଼ିନାହାନ୍ତି କାଳନ୍ଦୀ

ଆସ୍ତେ ଆସ୍ତେ ଗ୍ରାମାଞ୍ଚଳର ଲୋକମାନେ ଆଧୁନିକତାର ଛାପକୁ ଅଧିକ ପସନ୍ଦ କରୁଥିବାବେଳେ ଏହି ଆଧୁନିକତାରେ ହଜିଯାଉଛି ମୃଦଙ୍ଗ, ତବଲା ଓ ପଖଜର ବାଦନ। କିନ୍ତୁ ନିଜର ବୃତ୍ତିକୁ ଦୀର୍ଘ ୪୦ ବର୍ଷ ଧରି ଛାଡ଼ିପାରିନାହାନ୍ତି ଗୋପ ବ୍ଲକ୍ ଅଧୀନ ବଡ଼ତରା ଗ୍ରାମପଞ୍ଚାୟତର କାଳନ୍ଦି ଗୋଛାୟତ। କାଳନ୍ଦି ବାପାଙ୍କର ଏହି ବୃତ୍ତିକୁ ଆଦରି ନେଇ ତବଲା, ମୃଦଙ୍ଗ, ପଖଜ, ଚାଣ୍ଟି, ନାଲ, ଟିପୁରା ଆଦି ମରାମତି କରି ଜୀବନ ଜିଉଛନ୍ତି। ଏହି ମୃଦଙ୍ଗ ଓ ପଖଜର ମରାମତି ହିଁ ଆମ ୫ ପ୍ରାଣୀର ଆହାର ଯୋଗାଉଛି ବୋଲି କାଳନ୍ଦି କହିଛନ୍ତି। ଦିନ ଥିଲା ସନ୍ଧ୍ୟା ଆସିଲେ ବିଭିନ୍ନ ଗାଁରେ ଥିବା ଭାଗବତ ଟୁଙ୍ଗି, ଗାଁ କୋଠଘର, ମନ୍ଦିରବେଢ଼ା ଆଦି ସ୍ଥାନଗୁଡ଼ିକରେ ହରିନାମ ସହିତ ମୃଦଙ୍ଗ, ତବଲା, ପଖଜର ବାଦନ ଶୁଭୁଥିବାବେଳେ ଏବେ ତାହା କ୍ରମଶଃ ଆଧୁନିକତାର ସ୍ପର୍ଶରେ ଶୁଭୁ ନ ଥିବା ଭଳି ଜଣାପଡ଼ୁଛି। ମାତ୍ର କାଳନ୍ଦି ଏହି ବୃତ୍ତିକୁ ନ ଛାଡ଼ି ଏହି ସବୁ ବାଦନର ମରାମତି କରିବା ସହ ନୂଆ ତିଆରି କରୁଥିବା ଜଣାପଡ଼ିଛି। ପ୍ରତ୍ୟେକ ଦିନ ୧୦ ରୁ ୧୨ ଘଣ୍ଟା ଧରି ଏହି କାର୍ଯ୍ୟ କରୁଥିବାବେଳେ ମାତ୍ର ୪୦୦ରୁ ୫୦୦ ଟଙ୍କା ରୋଜଗାର କରୁଛନ୍ତି। ତାଙ୍କ ନିକଟକୁ ପୁରୀ ଜିଲାର ବିଭିନ୍ନ ଅଞ୍ଚଳରୁ ଏହି ବାଦନ ଜିନିଷଗୁଡ଼ିକ ମରାମତି କରିବାକୁ ଓ ନୂଆ ନେବାକୁ ମଧ୍ୟ କିଛି ଲୋକ ଆସୁଛନ୍ତି। ଏହିସବୁ ବାଦନ ଯନ୍ତ୍ର ମରାମତି ଓ ନୂଆକାମରେ ଚମଡ଼ା, ମାଟିହାଣ୍ଡି, ସୁତୁଲି ଆଦି ଲାଗୁଥିବାବେଳେ କେବଳ ବୃତ୍ତି ଲାଗି ଏହି କାମ ମୁଁ ଛାଡ଼ିପାରୁ ନାହିଁ। ମୋ ପରେ ପରିବାର ଏହି ବୃତ୍ତିକୁ ରଖିପାରିବ ନାହିଁ ବୋଲି ସେ ଦୁଃଖର ସହ କହିଛନ୍ତି। ଯଦି ତାଙ୍କୁ ସରକାରୀ ସହାୟତା କିଛି ମିଳନ୍ତା ସେ ହୁଏତ ନିଜର ବୃତ୍ତିକୁ ଆଉ କିଛିଦିନ ନେଇପାରନ୍ତେ ବୋଲି ପ୍ରକାଶ କରିଛନ୍ତି।

# ଓଡ଼ିଶାରେ ପ୍ରତିବର୍ଷ ହୃଦ୍‌ଘାତରେ ମରୁଛନ୍ତି ୯ହଜାର ରୋଗୀ

**ଭୁବନେଶ୍ୱର, ୧୯।୧(ବ୍ୟୁରୋ)**

ଶରୀରର ପ୍ରମୁଖ ଅଙ୍ଗଗୁଡ଼ିକରେ ଅନେକ ପ୍ରକାର ରୋଗ ଦେଖାଦେଉଛି। ଯାହା ଫଳରେ ଅନେକ ରୋଗୀଙ୍କ ଅକାଳରେ ମୃତ୍ୟୁ ଘଟୁଥିବା ଦେଖିବାକୁ ମିଳୁଛି। ସେହି ସମୟରେ ଅଙ୍ଗପ୍ରତିରୋପଣ ଏକ ସହଜ ଉପାୟ, ଯଦ୍ୱାରା ରୋଗୀକୁ ବଞ୍ଚାଇହେବ। କିନ୍ତୁ ଠିକ୍ ତଥ୍ୟ, ଅଙ୍ଗପ୍ରତିରୋପଣ ଆଦି ସୁବିଧାରୁ ଅନେକ ରୋଗୀ ବଞ୍ଚିତ ହେଉଛନ୍ତି। ନିକଟରେ ଏକ ନିରୀକ୍ଷଣରୁ ଜଣାପଡ଼ିଛି ଯେ, କାର୍ଡିଆକ୍ ଆରେଷ୍ଟ ଦ୍ୱାରା ଓଡ଼ିଶାରେ ପ୍ରତିବର୍ଷ ପାଖାପାଖି ୯୦୦୦ରୁ ଊର୍ଦ୍ଧ୍ୱ ରୋଗୀ ପ୍ରାଣ ହରାଉଛନ୍ତି। ଏହା ସହିତ ଏନ୍.ଏ.ଏଫ୍.ଏଲ୍.ଡି (ନନ୍-ଆଲକୋହୋଲିକ୍ ଫ୍ୟାଟି ଲିଭର ଡିଜିଜ୍) ମଧ୍ୟ ଓଡ଼ିଶାରେ ବ୍ୟାପିବାରେ ଲାଗିଛି। ଏହିଭଳି ଏକ ଦୃଢ଼ ସମସ୍ୟାର ସମାଧାନ ଏବଂ ସ୍ୱେଚ୍ଛାକୃତ ଅଙ୍ଗଦାନ ପ୍ରତି ଜାଗରଣ ସୃଷ୍ଟି କରିବା ପାଇଁ ରବୀନ୍ଦ୍ରନାଥ ଟାଗୋର ଇଣ୍ଟରନ୍ୟାଶ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଆକ୍ ସାଇନ୍ସ(ଆର୍‌ଟିଆଇଆଇସିଏସ୍) ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପ୍ରୟାସ ଆରମ୍ଭ ହୋଇଛି। ଆର୍‌ଟିଆଇଆଇସିଏସ୍‌ର ହୃଦ୍‌ରୋଗ ବିଶେଷଜ୍ଞ ଡା. ଆୟାନ୍ କର କହିଛନ୍ତି ଯେ, ଅନ୍ୟ ଅଙ୍ଗପ୍ରତିରୋପଣ ଅପେକ୍ଷା ହାର୍ଟ ଟ୍ରାନ୍ସପ୍ଲାଣ୍ଟେଶନ୍ ଜଟିଳ ହୋଇଥାଏ। କାରଣ ଏହି ପ୍ରକ୍ରିୟାରେ ଡୋନର୍ ମୃତ ଥାଏ। ଅନ୍ୟପକ୍ଷେ ଅତ୍ୟାଧୁନିକ ଜ୍ଞାନକୌଶଳ ଏହି ପ୍ରକ୍ରିୟାକୁ ସହଜ କରିଦେଇଛି। କିନ୍ତୁ ଏବେ ମଧ୍ୟ ସଚେତନତା ଅଭାବରୁ କିଛି ରୋଗୀ ଏହାର ସୁବିଧା ନେଇପାରୁନାହାନ୍ତି। ଦେଶରେ ହୃଦରୋଗଜନିତ ମୃତ୍ୟୁ ସଂଖ୍ୟା ଅନ୍ୟ ଅପେକ୍ଷା ବହୁତ ଅଧିକ। ଜଣେ ମଣିଷ ନିଜ ଅଙ୍ଗଦାନ କରିବାଠାରୁ ମହତପଣିଆ କିଛି ନାହିଁ। ଅଙ୍ଗଦାନ କରିବା ଦ୍ୱାରା ସେ ମୃତ୍ୟୁ ପରେ ମଧ୍ୟ ଅନ୍ୟକୁ ନୂତନ ଜୀବନ ଦାନ ଦେଇଯାଇଥାଏ। ଏକ ସୁସ୍ଥ ଜୀବନଯାପନ କରିବା ପାଇଁ ହାର୍ଟ, କିଡ୍‌ନୀ ଏବଂ ଲିଭର ଇତ୍ୟାଦି ଠିକ୍ ଭାବେ କାର୍ଯ୍ୟ କରିବା ନିହାତି ଆବଶ୍ୟକ। ସେହିପରି ଅଙ୍ଗଦାନ କରୁଥିବା ବ୍ୟକ୍ତି ମଧ୍ୟ ସୁସ୍ଥ ରହିବା ଆବଶ୍ୟକ ବୋଲି ଡା. କର ମତପ୍ରକାଶ କରିଥିଲେ। ସମ୍ମିଳନୀରେ ଆର୍‌ଟିଆଇଆଇସିଏସ୍ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଶେଷଜ୍ଞ ଡା. ସନ୍ଦୀପ୍ ପାଲ୍ ଉପସ୍ଥିତ ଥିଲେ। ବହୁ ସମୟ ଧରି ଦେଶରେ ଏହିପରି ଅନେକ ସମସ୍ୟା ଦେଖାଦେଉଛି। ଏ ଦିଗରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ଏହାଛଡ଼ା ଆଜିକାଲିର ଅନିୟମିତ ଜୀବନଶୈଳୀ, ଅତ୍ୟଧିକ ମଦ୍ୟପାନ ତଥା ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନ ଏବଂ କିଛି କ୍ଷେତ୍ରରେ ବଂଶଗତ କାରଣରୁ ମଧ୍ୟ ଏହି ରୋଗ ଦେଖାଦେଇଥାଏ ବୋଲି ଉପସ୍ଥିତ ବିଶେଷଜ୍ଞମାନେ କହିଛନ୍ତି। ଖବରଦାତା ସମ୍ମିଳନୀ ପରେ ଆଇଏମ୍‌ଏରେ ଏହି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଡା. କର ଏବଂ ଡା. ପାଲ୍ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅଙ୍ଗଦାନ ଏବଂ ପ୍ରତିରୋପଣ ବିଷୟରେ ସଚେତନ କରିଥିଲେ।

# ଗାଡ଼ି ଧକ୍କାକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ଗାଡ଼ି ଧକ୍କାକୁ ନେଇ ଏୟାରପୋର୍ଟ ଥାନା ଭୀମପୁର ଅଞ୍ଚଳରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଅନ୍ୟ ଗୋଷ୍ଠୀର ୨ ଯୁବକ ଆହତ ହୋଇଛନ୍ତି। ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ପୁରୁଣା ଭୁବନେଶ୍ୱରର ଜଗନ୍ନାଥ ବେହେରା ଓ ବାପୁନି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୯ଟା୩୦ରେ ଗୋଟିଏ ଗୋଷ୍ଠୀର ଯୁବକ ବାଇକ୍ ନେଇ ଆସୁଥିଲେ। ଏହି ସମୟରେ ଅନ୍ୟ ଏକ ଗୋଷ୍ଠୀର ଜଣେ ଯୁବକଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଏହାପରେ ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇ ଗଣ୍ଡଗୋଳର ରୂପ ନେଇଥିଲା।

# କ୍ରିକେଟ: ବ୍ରଦର ଇଲେଭେନ୍ ଚାମ୍ପିୟନ

**ବାଲିଅନ୍ତା,୧୯।୧(ଡି.ଏନ.ଏ)**



ଅତିଥିଙ୍କ ସହ ବିଜୟୀ ଟିମ୍।

ବାଲିଅନ୍ତାସ୍ଥିତ ନହରକଣ୍ଟା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ନହରକଣ୍ଟା ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟରେ ବ୍ରଦର ଇଲେଭେନ ଚାମ୍ପିୟନ ହୋଇଛି। ସ୍ଥାନୀୟ ନହରକଣ୍ଟା ଜୟଦେବ କଲେଜ ଖେଳପଡ଼ିଆରେ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବ୍ରଦର ଇଲେଭେନ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ୧୪୫ରନ କରିଥିବାବେଳେ ମହାବୀର ଇଲେଭେନ ୧୩୫ ରନ କରିବାକୁ ସକ୍ଷମ ହୋଇଥିଲା। ଉମାକାନ୍ତ ବେହେରା ଓ ପ୍ରତ୍ୟୁଷ ମହରଣାଙ୍କୁ ଯଥାକ୍ରମେ ମ୍ୟାନ ଅଫ ଦି ଫାଇନାଲ ଓ ମ୍ୟାନ ଅଫ ଦି ସିରିଜ ରୂପେ ବିବେଚିତ ହୋଇଥିଲେ। ଏଥିରେ ଭୁବନେଶ୍ୱର ଜିଲା ବିଜେଡିର ଉପସଭାପତି ସ୍ୱାକ୍ଷର ରଞ୍ଜନ ମହାନ୍ତି, ଶିକ୍ଷାବିତ ସୁରେନ୍ଦ୍ର ଖୁଣ୍ଟିଆ, ଇତିଶ ପ୍ରଧାନ, ସନ୍ତୋଷ ଜେନା ଓ ରିଣ୍ଟୁ ମିତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ହୋଇପାରିଲାନି ଫାର୍ମଗେଟ୍ ବସ୍ତି ଉଚ୍ଛେଦ

**ଭୁବନେଶ୍ୱର, ୧୯।୧ (ବ୍ୟୁରୋ)**

### ମୁହାଁମୁହିଁ : ଫେରିଲା ଏନ୍‌ଫୋର୍ସମେଣ୍ଟ ଟିମ୍

ହୋଇପାରିଲାନି ଫାର୍ମଗେଟ୍ ବସ୍ତି ଉଚ୍ଛେଦ। ରବିବାର ବସ୍ତି ଉଚ୍ଛେଦ ପାଇଁ ଯାଇଥିବାବେଳେ ବସ୍ତିବାସିନ୍ଦାମାନେ ପୋଲିସ ଓ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ବିରୋଧ କରିବାରୁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଡିଏ ଓ ବିଏମ୍‌ସିର ବରିଷ୍ଠ ଅଧିକାରୀଙ୍କ ବୁଝାଶୁଝା ସତ୍ତ୍ୱେ ବସ୍ତିବାସିନ୍ଦା ନିଜ ଜିଦ୍‌ରେ ଅଡ଼ି ବସିବାରୁ ଉଚ୍ଛେଦ କାର୍ଯ୍ୟ ହୋଇପାରି ନ ଥିଲା। ଜେସିବି ମଧ୍ୟ ଆଗକୁ ଗଡ଼ିପାରି ନ ଥିଲା। ବାଧ୍ୟହୋଇ ଉଚ୍ଛେଦକୁ ସ୍ଥଗିତ ରଖାଯାଇଛି। ସୋମବାର ଦିନ ଅଧିକ ସଂଖ୍ୟକ ଫୋର୍ସ ସହ ପୁଣି ଫାର୍ମଗେଟ୍ ବସ୍ତିକୁ ଉଚ୍ଛେଦ କରାଯିବ ବୋଲି ବିଡିଏରୁ ଜଣାପଡ଼ିଛି।

ଅନ୍ୟପଟେ ପ୍ରଶାସନ ମିଛକଥା କହି ଉଚ୍ଛେଦ କରୁଥିବାର ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ପଣ୍ଡାପାର୍କ ବସ୍ତିକୁ ସ୍ଥାନାନ୍ତରିତ ହେବା ପୂର୍ବରୁ ସେମାନଙ୍କୁ କେଉଁଠି ଥଇଥାନ କରାଯିବ ସେହିସ୍ଥାନ ଦେଖାନ୍ତୁ ବୋଲି ସେମାନେ ଦାବି ବାଢ଼ିଛନ୍ତି। ଏପଟେ ପିଲାଙ୍କ ପରୀକ୍ଷା ସାଙ୍ଗକୁ ଉଚ୍ଛେଦ ଚିନ୍ତା ଦୈନନ୍ଦିନ ଜୀବନକୁ କଲବଲ କରୁଛି। ତେଣୁ ମରିବୁ ପଛେ ବସ୍ତି ଛାଡ଼ିବୁ ନାହିଁ ବୋଲି ବସ୍ତିବାସିନ୍ଦା ଚେତାବନୀ ଦେଇଛନ୍ତି।

ସବୁଠାରୁ ବଡ଼ କଥା ହେଲା, ଯେଉଁମାନଙ୍କର ସରକାରୀ ଆବାସ ଯୋଜନାରେ ଘର ମିଳିଛି ସେମାନଙ୍କ ବସ୍ତି ଉଚ୍ଛେଦ କରାଗଲେ ଟ୍ରାଞ୍ଜିଟ୍ ହାଉସ୍ କିମ୍ବା ପଣ୍ଡା କୁଦିଆ ବସ୍ତିରେ ଥଇଥାନ କରାଯାଉଛି। ମାତ୍ର ବହୁ ସମସ୍ୟା ଭିତରେ ଲୋକମାନେ ସେଠାରେରହୁଛନ୍ତି। ତେଣୁ ସେଠାକୁ ଯିବାକୁ ରାଜି ହେଉନାହାନ୍ତି ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଖଣ୍ଡଗିରି ଥାନା ସିରିପୁର ଫାର୍ମଗେଟ୍ ନିକଟ ସରକାରୀ ଜମିରେ ୧୨୦ରୁ ଊର୍ଦ୍ଧ୍ୱ ପରିବାର ରହିଆସୁଛନ୍ତି। ସେଠାରୁ ବସ୍ତିକୁ ଉଠାଇବା ପାଇଁ ଦୀର୍ଘ ଦିନ ଧରି ଉଦ୍ୟମ ହେଉଛି। ପୂର୍ବରୁ ଅନେକ ଥର ବସ୍ତି ଉଚ୍ଛେଦ କରିବାକୁ ଯାଇ ବସ୍ତିବାସିନ୍ଦାଙ୍କ ଆକ୍ରୋଶର ଶିକାର ହୋଇ ଉଚ୍ଛେଦକାରୀ ଟିମ୍ ଫେରିଛି। ରବିବାର ୩ ପ୍ଲାଟୁନ ପୋଲିସ ଫୋର୍ସ୍ ସହ ବିଡିଏ ଓ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ଉଚ୍ଛେଦ ପାଇଁ ସେଠାରେ ପହଞ୍ଚିବା ପରେ ତୀବ୍ର ବିରୋଧ କରାଯାଇଥିଲା।

## ସଂକ୍ଷେପରେ

### ଅଷ୍ଟ୍ରେଲିଆନ ଓପନ ଆଜିଠାରୁ

ମେଲବୋର୍ନ, ୧୯।୧ (ଏଏଫ୍‌ପି): ସୋମବାରଠାରୁ ଅଷ୍ଟ୍ରେଲିଆନ ଓପନ ସହ ଗ୍ରାଣ୍ଡସ୍ଲାମ ଟେନିସ ନୂଆ ଦଶନ୍ଧିରେ ପ୍ରବେଶ କରିବ। ପୁରୁଖା ଖେଳାଳି ନୋଭାକ୍ ଜୋକୋଭିଚ ଏବଂ ସେରେନା ୱିଲିୟମ୍ସ ଯୁବ ପୀଢ଼ି ଖେଳାଳିଙ୍କୁ ଗ୍ରାଣ୍ଡସ୍ଲାମ ସଫଳତା ହାସଲରୁ ରୋକିବାକୁ ଚେଷ୍ଟା କରିବେ। ଜୋକୋଭିଚ୍ ଏବଂ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ରେକର୍ଡ ସମକକ୍ଷ ଅପେକ୍ଷାରେ ଥିବା ସେରେନା ବୁକିଙ୍କ ଫେଭରାଇଟ୍ ଅଛନ୍ତି। ଟପ୍ ସିଡ୍ ରାଫାଲ ନାଡାଲ ଏବଂ ତାଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ରୋଜର ଫେଡରର ପ୍ରଭାବୀ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛନ୍ତି।

### ବଜରଙ୍ଗ, ରବିଙ୍କୁ ସ୍ୱର୍ଣ୍ଣ

ରୋମ,୧୯।୧(ପି.ଟି.): ଫୁଲ ଫର୍ମରେ ନ ଥିଲେ ବି ବଜରଙ୍ଗ ପୁନିଆ ଓ ରବି କୁମାର ଡାହିୟା ରୋମ ର୍‍ୟାଙ୍କିଙ୍ଗ୍ ସିରିଜ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଅଲିମ୍ପିକ୍ସ ଲାଗି ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ୨୫ ବର୍ଷୀୟ ବଜରଙ୍ଗ ୪-୩ ବ୍ୟବଧାନରେ ଆମେରିକାର ଜୋର୍ଡାନ ମାଇକେଲ ଓଲିଭରଙ୍କୁ ୬୫ କେଜି ଓଜନର ଫ୍ରିଷ୍ଟାଇଲ ବର୍ଗର ଫାଇନାଲରେ ହରାଇ ଦେଇଛନ୍ତି। ନିୟମିତ ୫୭ କେଜି ବର୍ଗରେ ଖେଳୁଥିବା ରବି ଏଥର ୬୧ କେଜି ବର୍ଗରେ ଅଂଶଗ୍ରହଣ କରି ଶୀର୍ଷ ସଫଳତା ପାଇଛନ୍ତି। ସେ କାଜାଖସ୍ତାନର ନୁର୍ବୋଲାଟ ଆବଦୁଆଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଭାରତକୁ ମୋଟ ୭ ପଦକ ମିଳିଛି। ଭିନେଶ ଫୋଗଟ ଓ ଅଂଶୁ ମଲିକ ମହିଳା ବିଭାଗରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ଗ୍ରୀକୋ ରୋମାନ ବିଭାଗରେ ଗୁରପ୍ରିତ ସିଂ (୮୨ କେଜି) ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ସୁନିଲ କୁମାର (୯୭ କେଜ) ରୌପ୍ୟ ଓ ସାଜନ ଭନୱାଲ ୭୭ ବ୍ରୋଞ୍ଜ ପଦକ ପାଇଥିଲେ।

### ଓପନ୍ ୱିଣ୍ଡସର୍ଫିଂରେ ଓଡ଼ିଶାର ୫ ପ୍ରତିଯୋଗୀ

କଟକ ଅଫିସ, ୧୯।୧: ଚଳିତମାସ ୨୫ରୁ ୨୮ତାରିଖ ପର୍ଯ୍ୟନ୍ତ ଗୋଆଠାରେ ନେଭି ଓପନ୍ ୱିଣ୍ଡସର୍ଫିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଓଡ଼ିଶା ୟାଚିଂ ଆସୋସିଏଶନ ପକ୍ଷରୁ ୫ଜଣ ପ୍ରତିଯୋଗୀଙ୍କୁ ଗୋଆ ପଠାଯାଇଛି। ସେମାନେ ଏବେ ଗୋଆରେ କ୍ୟାପ୍‌ଟେନ ସେରପାଲ ସିଂଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଛନ୍ତି। କଲାଗା ସମେୟା, ଡି. ଶେଖର ରାଓ, ତେନ୍ଦୁଲକର ମୁଣ୍ଡା, ସୁମିତ୍ରା ବଲବନ୍ତ ରାୟ, ମହେଶ ସାହୁ ରାଜ୍ୟ ପକ୍ଷରୁ ଏହି ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ। ଓଡ଼ିଶା ୟାଚିଂ ଆସୋସିଏଶନ ଉପସଭାପତି ଅରିନ୍ଦମ ସର୍ଖେଲ, ସମ୍ପାଦକ ତଥା ଅନ୍ତର୍ଜାତୀୟ ସ୍କୁବା ଡାଇଭର ସବୀର ବକ୍ସ, ସଭାପତି ସୁନୀଲ କୁମାର ରାଉତ, ଯୁଗ୍ମ ସମ୍ପାଦକ ସୁଭାଷ ଦାଶ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

> ୱାର୍ନର, ସ୍ମିଥ୍ ଏବଂ ବୋଲରମାନଙ୍କ ପାଇଁ ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ଭାରତ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆକୁ ଫେଭରାଇଟ୍ କୁହାଯାଇପାରିବ।
> –ମାଥ୍ୟୁ ହେଡେନ, ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର



> ପରବର୍ତ୍ତୀ ପିଢିରେ ଷ୍ଟିଫାନସ ତିସିତ୍‌ସିପାସ୍, ଡାନିଲ ମେଦ୍‌ଭେଦେବ୍ ଏବଂ ଡୋମିନିକ୍ ଥିମ୍‌ଙ୍କ ଭଳି କେତେଜଣ ଖେଳାଳି ଗ୍ରାଣ୍ଡସ୍ଲାମ ସଫଳତାର ନିକଟର ହେଉଛନ୍ତି।
> –ନୋଭାକ୍ ଜୋକୋଭିଚ୍, ସର୍ବୀୟ ଟେନିସ ଖେଳାଳି



# ଜଗତ୍‌ସିଂହପୁର କଳିଙ୍ଗସ୍ ଚାମ୍ପିୟନ




ଚାମ୍ପିୟନ ଜଗତ୍‌ସିଂହପୁର କଳିଙ୍ଗସ୍ ଦଳ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

**ଓଡ଼ିଶା ପ୍ରିମିୟର ଲିଗ୍**

ଭୁବନେଶ୍ୱର, ୧୯।୧ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ୟୁଥ୍ ଆନୁକୂଲ୍ୟରେ ବେଙ୍ଗାଲୁରୁଠାରେ ଓଡ଼ିଶା ପ୍ରିମିୟର ଲିଗ୍ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ଭୁବନେଶ୍ୱର ବାଉନ୍ସର୍ସଙ୍କୁ ୩ ଉଇକେଟରେ ହରାଇ ଜଗତ୍‌ସିଂହପୁର କଳିଙ୍ଗସ୍ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ବାଉନ୍ସର୍ସ ୧୮ ଓଭରରେ ୮ ଉଇକେଟ ହରାଇ ୧୪୬ ରନ କରିଥିଲା। ଜବାବରେ କଳିଙ୍ଗସ୍ ୧୭ ଓଭରରେ ୭ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରି ନେଇଥିଲା। ଜଷ୍ଟିସ ଜେ.ପି. ଉଦ୍‌ଗାତା, ହେମନ୍ତ ପାତ୍ର, ମନୋଜ ବାଲା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ୩୯ ବଲ୍‌ରୁ ୬୨ ରନ କରିଥିବା ହିରେନ ଟୁକାଡିୟା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରଥମ ସେମିଫାଇନାଲରେ କଳିଙ୍ଗସ୍ ୯ ଉଇକେଟରେ ଭଦ୍ରକ ବ୍ଲାକ୍ କ୍ୟାମ୍ପ ଏବଂ ଦ୍ୱିତୀୟ ସେମିରେ ବାଉନ୍ସର୍ସ ୮ ରନରେ ବାଲେଶ୍ୱର ମିସାଇଲ୍ସକୁ ପରାସ୍ତ କରିଥିଲା। ୨ଟି ମ୍ୟାଚରେ ଯଥାକ୍ରମେ କୁଲଦୀପ କୁମାର ଓ ରୀତେଶ ନେଗି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ରତୁପର୍ଣ୍ଣା ଚାମ୍ପିୟନ




ଟ୍ରଫି ସହ କ୍ରିଷ୍ଣା ପ୍ରସାଦ ଓ ରତୁପର୍ଣ୍ଣା ପଣ୍ଡା।

ଭୁବନେଶ୍ୱର, ୧୯।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ପ୍ରତିଭା ସମ୍ପନ୍ନ ବ୍ୟାଡ୍‌ମିଣ୍ଟନ ଖେଳାଳି ରତୁପର୍ଣ୍ଣା ପଣ୍ଡା କ୍ୟାରିୟରରେ ଆଉ ଏକ ଟାଇଟଲ ହାସଲ କରିଛନ୍ତି। ଗୋଆରେ ଅନୁଷ୍ଠିତ ୟୋନେକ୍ସ ସନ୍‌ରାଇଜ୍ ସର୍ବଭାରତୀୟ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମିକ୍ସଡ ଡବଲ୍ସରେ ସେ ଚାମ୍ପିୟନ ହୋଇଛନ୍ତି। କ୍ରିଷ୍ଣା ପ୍ରସାଦ ଜି.ଙ୍କୁ ସାଥିକରି ଖେଳିଥିବା ରତୁପର୍ଣ୍ଣା ଫାଇନାଲରେ ସଞ୍ଜିଥ ଏସ. ଓ ଶୃତି କେ.ପି. ଯୋଡ଼ିଙ୍କୁ ୨୧-୧୦, ୨୧-୧୭ ପଏଣ୍ଟରେ ହରାଇ ଦେଇଥିଲେ।

# ଓଡ଼ିଶା ୧୬୧: ଜମ୍ମୁ-କଶ୍ମୀର ୩୮/୩

**ରଣଜୀ ଟ୍ରଫି**

କଟକ ଅଫିସ,୧୯।୧

ଡ୍ରିମ୍ସ ଗ୍ରାଉଣ୍ଡରେ ରବିବାରଠାରୁ ଓଡ଼ିଶା-ଜମ୍ମୁ କଶ୍ମୀର ରଣଜୀ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଘରୋଇ ଓଡ଼ିଶା ୧୬୧ରନରେ ଅଲଆଉଟ ହେବା ପରେ ଜମ୍ମୁ-କଶ୍ମୀର ବ୍ୟାଟିଂ ଆରମ୍ଭ କରି ୩ ଉଇକେଟ ବିନିମୟରେ ୩୮ରନ କରିଛି। ପୁନର୍ବାର ଏହି ପିଚ୍‌ରେ ପେସ୍ ବୋଲରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ଜମ୍ମୁ କଶ୍ମୀରର ପେସ୍ ବୋଲର ଆକ୍ୱିବ ନବି ସର୍ବାଧିକ ୫ଟି ଉଇକେଟ ଦଖଲ କରିଛନ୍ତି । ଆହତ ଜନିତ ସମସ୍ୟା ଯୋଗୁଁ ଦଳରୁ ବାଦ୍ ପଡ଼ିଥିବା ବାମହାତୀ ବ୍ୟାଟ୍ସମ୍ୟାନ ଅନୁରାଗ ଷଡ଼ଙ୍ଗୀ ଫିଟ୍ ହୋଇ ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦିଆଯାଇଥିଲା। ଭ୍ରମଣକାରୀ ଜମ୍ମୁ କଶ୍ମୀର ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଅନୁରାଗ ଓ ଶାନ୍ତନୁ ମିଶ୍ର ଓପନିଂ ଯୋଡ଼ିରେ ୫୧ରନ ସଂଗ୍ରହ କରିଥିଲେ। ଭାଗୀଦାରି ଅର୍ଦ୍ଧଶତକ ଅତିକ୍ରମ କରିବା ପରେ ଓଡ଼ିଶା ପ୍ରଥମ ଇନିଂସରେ ବଡ଼ ସ୍କୋର କରିବ ବୋଲି ଆଶା କରାଯାଉଥିଲା, ହେଲେ ପରବର୍ତ୍ତୀ ୫୨ରନରେ ଦଳ ୫ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଆକ୍ୱିବ ୩୩ରନରେ ଅନୁରାଗଙ୍କୁ କ୍ଲିନ ବୋଲ୍ଡ କରି ଜମ୍ମୁ କଶ୍ମୀର ପାଇଁ ପ୍ରଥମ ବ୍ରେକ୍‌ଥ୍ରୁ ଆଣି ଦେଇଥିଲେ। ପରେ ଦେବାଶିଷ ସାମନ୍ତରାୟ ୦, ଶାନ୍ତନୁ ମିଶ୍ର ୨୧ରନ, ରାଜେଶ ଧୂପର ୧୧ରନ, ବିପ୍ଳବ ସାମନ୍ତରାୟ ୧୬ ରନରେ ଆଉଟ ହୋଇଥିଲେ। ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି ୬ ନମ୍ବର ସ୍ଥାନରେ ଆସି ସତର୍କତାର ସହ ବ୍ୟାଟିଂ କରିଥିଲେ। ସେ ଗୋଟିଏ ପାର୍ଶ୍ୱରେ ଜମି ରହି ଦଳୀୟ ସ୍କୋରକୁ ବୃଦ୍ଧି କରିବା ଲାଗି ଉଦ୍ୟମ ଚଳାଇଥିବାବେଳେ ବେଳେ ଅନ୍ୟ ପାର୍ଶ୍ୱରେ ଉଇକେଟମାନ ପତନ ଘଟିବାରେ ଲାଗିଥିଲା। ଉଇକେଟକିପର ସୁଜିତ ଲେଙ୍କା ୫ ରନରେ ଜମ୍ମୁ କଶ୍ମୀର ଅଧିନାୟକ ପରଭେଜ ରସୁଲଙ୍କ ସ୍ପିନ ବୋଲିଂର ଶିକାର ହୋଇଥିଲେ। ଦେବବ୍ରତ ପ୍ରଧାନ ୪ ରନ, ରାଜେଶ ମହାନ୍ତି ୦, ବସନ୍ତ ମହାନ୍ତି ୪ ରନରେ ଆଉଟ ହୋଇଥିବା ବେଳେ ୮ଟି ଚୌକା ବଳରେ ୪୨ରନ କରିଥିବା ଶୁଭ୍ରାଂଶୁ ୯ମ ବ୍ୟାଟ୍ସମ୍ୟାନ ଭାବେ ପ୍ୟାଭିଲିୟନ ଫେରିଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ ୧୩ରନ କରି ଅପରାଜିତ ଥିଲେ। ଆକ୍ୱିବଙ୍କୁ ୫ଟି ଉଇକେଟ ମିଳିଥିବା ବେଳେ ପରଭେଜ ଓ ଉମର ନାଜିର ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଚା'ପାନ ବିରତି ପରେ ବ୍ୟାଟିଂ ଆରମ୍ଭ କରିଥିବା ଜମ୍ମୁ କଶ୍ମୀର ୨୪ଓଭର ଖେଳି ୩ ଉଇକେଟ ହରାଇ ୩୮ ରନ କରିଛି। ୩ୟ ଓଭରରେ ଓପନର ସୂର୍ଯ୍ୟାଂଶ ରାଇନା ୫ରନ କରି ବସନ୍ତ ମହାନ୍ତିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅହମ୍ମଦ ବନ୍ଦେ ୧୨ରନରେ ଓ ଶୁଭମ ପୁନ୍ଦିର ୨ରନରେ ଯଥାକ୍ରମେ ରାଜେଶ ମହାନ୍ତି ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଶିକାର ହୋଇଛନ୍ତି। ଶୁଭମ ଖଜୁରିଆ ୬୩ ବଲରୁ ୯ ଓ ଅଧିନାୟକ ପରଭେଜ ୩୨ବଲରୁ ୧୦ରନ କରି ଅପରାଜିତ ଅଛନ୍ତି। ଜମ୍ମୁ କଶ୍ମୀର ୧୨୩ରନ ପଛରେ ଥିବା ବେଳେ ଓଡ଼ିଶା ଅବଶିଷ୍ଟ ୭ ଉଇକେଟ କମ୍ ରନ ବିନିମୟରେ ଦଖଲ କରି ପ୍ରଥମ ଇନିଂସ ଅଗ୍ରଣୀ ନେବା ଲକ୍ଷ୍ୟରେ ରହିଛି ।



ଓଡ଼ିଶା ଓ ଜମ୍ମୁ-କଶ୍ମୀର ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସେଣ୍ଟ ଜାଭିୟର୍ସ ବିଜେତା

**ଆନ୍ତଃ ବିଦ୍ୟାଳୟ ପୋମ୍‌ସ**

ଭୁବନେଶ୍ୱର,୧୯।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଖଣ୍ଡଗିରିସ୍ଥ ସେଣ୍ଟ ଜାଭିୟର୍ସ ସ୍କୁଲଠାରେ ଅଷ୍ଟମ ଆନ୍ତଃବିଦ୍ୟାଳୟ ପୋମ୍‌ସି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ଟାଏକୋଣ୍ଡୋ ସଂଘ ଦ୍ୱାରା ଆୟୋଜିତ ଦୁଇ ଦିନିଆ ପ୍ରତିଯୋଗିତାରେ ୫୩ ସ୍କୁଲର ୪୨୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୦ ବର୍ଷରୁ କମ୍ ଇଭେଣ୍ଟରେ ଖୋର୍ଦ୍ଧାର ଟ୍ରିପଲ ଏ ସ୍କୁଲ ଓ ୧୨ ବର୍ଷରୁ କମ୍ ବର୍ଗରେ ଶିଶୁପାଳଗଡ଼ର ଡିଏଭି ପବ୍ଲିକ ସ୍କୁଲ ଚାମ୍ପିୟନ ହୋଇଥିବାବେଳେ ଆୟୋଜକ ସେଣ୍ଟ ଜାଭିୟର୍ସ ସ୍କୁଲ ୧୪ ବର୍ଷରୁ କମ୍ ବର୍ଗରେ ଟାଇଟଲ ଜିତିଛି। ସେହିଭଳି ୧୬ ବର୍ଷରୁ କମ୍ ଇଭେଣ୍ଟରେ ଓଡିଏମ୍ ପବ୍ଲିକ ସ୍କୁଲ ବିଜେତା ହୋଇଛି। ଓଡ଼ିଶା ଟାଏକୋଣ୍ଡୋ ସଂଘର ସମ୍ପାଦକ ସନ୍ତୋଷ କୁମାର ମହାନ୍ତି ମୁଖ୍ୟ ଅତିଥି, ସେଣ୍ଟ ଜାଭିୟର୍ସ ସ୍କୁଲର ଉପାଧ୍ୟକ୍ଷା ମାୟାବତୀ ଅଗସକର, ଭୁବନେଶ୍ୱର ଟାଏକୋଣ୍ଡୋ ସଂଘର ସମ୍ପାଦକ ଜୟକୃଷ୍ଣ ପରଡ଼ା, ଟ୍ରିପଲ ଏ ସ୍କୁଲର ଅଧ୍ୟକ୍ଷା ଦୀପ୍ତିମୟୀ ମହାନ୍ତି ପ୍ରମୁଖ୍ୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ।



ପଦକ ସହ କୃତୀ ପ୍ରତିଯୋଗୀ।

### ସେମିରେ ବିବିସିଏ

ଭୁବନେଶ୍ୱର,୧୯।୧(ସ୍ପୋର୍ଟ୍ସ ବୁରୋ)

ଚନ୍ଦ୍ରଶେଖରପୁର ଗୋପବନ୍ଧୁ ପଡ଼ିଆରେ ଚାଲିଥିବା ଅଭିଜିତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ବିବିସିଏ (ଏ) ୯ ଉଇକେଟରେ ଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ଏକାଡେମୀ ଧାର୍ଯ୍ୟ ୩୫ ଓଭରରେ ୮ ଉଇକେଟ ହରାଇ ୧୬୨ ରନ୍ କରିଥିଲା। ଏସ୍. ହିମାଂଶୁ ୫୨ ଓ ଆୟୁଷ ମହାନ୍ତି ୩୬ ରନ୍ କରିଥିଲେ। ବୋଲିଂରେ ବିବିସିଏ ପାଇଁ ସାରାଂଶ ରାଉତ ୩ ଉଇକେଟ ହାତେଇଥିଲେ। ୧୬୩ ରନ୍‌ର ବିଜୟଲକ୍ଷ୍ୟକୁ ବିବିସିଏ (ଏ) ଦଳ ୩୨.୨ ଓଭରରେ ଏକ ଉଇକେଟ ହରାଇ ହାସଲ କରିନେଇଥିଲା। ବିଜୟୀ ଦଳ ଲାଗି ବିଶ୍ୱଜିତ ପ୍ରଧାନ ଓ ଅନୁରାଗ ମଲ୍ଲିକ ୭୦ ଲେଖାଏ ରନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଅନୁରାଗଙ୍କୁ ବିବେଚିତ କରାଯାଇଛି।

### ତୃତୀୟ ଟେଷ୍ଟ: ଦକ୍ଷିଣ ଆଫ୍ରିକା ଫଲୋଅନ୍

ପୋର୍ଟ ଏଲିଜାବେଥ,୧୯।୧

ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଦକ୍ଷିଣ ଆଫ୍ରିକା ଫଲୋଅନ୍ ହୋଇ ପରାଜୟ ଦ୍ୱାରରେ ପହଞ୍ଚିଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୧୫୨ ଓଭରରେ ୯ ଉଇକେଟ ହରାଇ ୪୯୯ ରନ କରି ପାଳି ଘୋଷଣା କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୮୬.୪ ଓଭରରେ ୨୦୯ ରନ କରି ଅଲଆଉଟ ହୋଇ ୨୯୦ ରନ ପଛରେ ପଡି ଫଲୋଅନ୍ ହୋଇଥିଲା। ଫଲୋଅନ ହୋଇ ଦ୍ୱିତୀୟ ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୬୨ ଓଭରରେ ୬ ଉଇକେଟ ହରାଇ ୧୦୨ ରନ ସଂଗ୍ରହ କରି ବିପଦରେ ପଡ଼ିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ଫଲୋଅନ୍ ଏଡାଇବା ପାଇଁ ଦକ୍ଷିଣ ଆଫ୍ରିକା ୪ ଉଇକେଟ ହାତରେ ରଖି ଆଉ ୧୮୮ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଭର୍ନନ ଫିଲାଣ୍ଡର ୧୩ ଓ କେଶବ ମହାରାଜ ୫ ରନକରି ଅପରାଜିତ ରହିଛନ୍ତି। ଦଳ ତରଫରୁ ଅଧିନାୟକ ଫାଫ୍ ଡୁପ୍ଲେସି ସର୍ବାଧିକ ୩୬ ରନ କରିଥିବାବେଳେ ବାକି ସମସ୍ତେ ବିଫଳ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ବୋଲିଂରେ ଜୋ ରୁଟ୍ ସର୍ବାଧିକ ୪, ମାର୍କ ଉଡ୍ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୦୮/୬ରୁ ଦକ୍ଷିଣ ଆଫ୍ରିକା ଖେଳ ଆରମ୍ଭ କରି ଆଉ ମାତ୍ର ୧ ରନରେ ବାକି ୪ ଉଇକେଟ ହରାଇ ଅଲଆଉଟ ହୋଇଥିଲା।

# ସମ୍‌ସାଦ, ଶଙ୍କରମନ ଚାମ୍ପିୟନ

**ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ**

- ମୋଟ ଆର୍ଥିକ ପୁରସ୍କାର ୮.୬୪ ଲକ୍ଷ ଟଙ୍କା
- ୫୦୦୦ ରନରଙ୍କ ଅଂଶଗ୍ରହଣ
- ୨୧ କି.ମି. ବର୍ଗରେ ରେକର୍ଡ ୧୪୩୯ ରନରଙ୍କ ଅଂଶଗ୍ରହଣ

ଭୁବନେଶ୍ୱର,୧୯।୧(ସ୍ପୋର୍ଟ୍ସ ବ୍ୟୁରୋ)

ଟାଟା ଷ୍ଟିଲ୍ ଭୁବନେଶ୍ୱର ହାଫ୍ ମାରାଥନ (ଟିଏସ୍‌ବିଏଚ୍‌ଏମ୍)ର ପଞ୍ଚମ ସଂସ୍କରଣ ରବିବାର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଟାଟା ଷ୍ଟିଲ୍ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ହାଫ୍ ମାରାଥନରେ ମହିଳା ବିଭାଗରେ ଖୋର୍ଦ୍ଧାର ସମସାଦ ଆରା ବେଗମ ୧ ଘଣ୍ଟା ୨୩ ମିନିଟ୍ ଓ ୪୦ ସେକେଣ୍ଡ ସମୟ ନେଇ ଚାମ୍ପିୟନ ହୋଇଛନ୍ତି। ସେହିପରି ପୁରୁଷବର୍ଗରେ ମେଘାଳୟ ରାଜଧାନୀ ଶିଲଂର ଶଙ୍କରମନ ଥାପ୍ପା ୧ ଘଣ୍ଟା ୬ ମିନିଟ ଓ ୫୯ ସେକେଣ୍ଡ ସମୟ ନେଇ ବିଜେତା ଘୋଷିତ ହୋଇଛନ୍ତି।

ଏଥର ୩ଟି ବର୍ଗରେ ରେସ୍ ଆୟୋଜିତ ହୋଇଥିଲା। ପୁରୁଷ ଓ ମହିଳା ବିଭାଗରେ ୨୧ କି.ମି. (ହାଫ୍ ମାରାଥନ), ୧୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କ ପାଇଁ ୧୦ କି.ମି. ବିଶିଷ୍ଟ ରେସ୍ ଏବଂ ୧୨ରୁ ୧୬ ବର୍ଷ ମଧ୍ୟରେ ବାଳକ, ବାଳିକାମାନଙ୍କ ପାଇଁ ୫ କି.ମି. ବିଶିଷ୍ଟ ରେସ୍ ଅନୁଷ୍ଠିତ ହୋଇଥିଲା। ଏଥର ମୋଟ ପୁରସ୍କାର ରାଶି ୮.୬୪ ଲକ୍ଷ ଟଙ୍କା ରଖାଯାଇଛି। ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଅନୁଷ୍ଠିତ ହୋଇଥିବା ୩ଟି ବର୍ଗର ରେସ୍‌ର ଶ୍ରେଷ୍ଠ ୫ ରନରଙ୍କୁ ପୁରସ୍କୃତ କରାଯାଇଛି। ହାଫ ମାରାଥନ ବିଜେତା ସମସାଦ ଓ ଶଙ୍କରମନଙ୍କୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଛି।

ପୁରୁଷ ମାରାଥନରେ ଶଙ୍କରମନଙ୍କ ପଛକୁ ରହି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ବୀରେନ୍ଦ୍ର ବର୍ମା। ସେହିପରି ବାସୁଦେବା ନିଶାଦ, ଦୀପକ କୁମ୍ଭାର, ଓ ଅର୍ଜୁନ ଟୁଡୁ ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ମହିଳା ମାରାଥନରେ ସମସାଦ ଶୀର୍ଷରେ ରହିଥିବା ବେଳେ ପ୍ରଜକ୍ତା ଗୋଡବୋଲେ, ମୋନିକା ରାଉତ, ନୈନା ପଟେଲ ଓ ଦୀପ୍ତି ଲାକ୍ରା ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

ପୁରୁଷ ୧୦ କି.ମି. ରେସ୍‌ରେ ବୀରେନ୍ଦ୍ର କୁମାର ପାଲ, ଧର୍ମେନ୍ଦ୍ର ଚୌଧୁରୀ, ଅନିଲ ସିଂ, ମନୋଜ ବିଷ୍ଟ ଓ ଭିକି ତୋମାର ଯଥାକ୍ରମ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ମହିଳା ୧୦ କି.ମି. ରେସ୍‌ରେ ଜ୍ୟୋତି ଜ୍ୟୋତି, ଶୀତଳ ଭଗତ, ଶାନ୍ତି ରାଏ, ମଧୁସ୍ମିତା ଓଝା ଓ ହୋଲିକା ମୋଦି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି।

ବାଳକ ୫ କି.ମି. ରେସ୍‌ରେ ସିମା ସିସା, ଜୁରିୟା ପୂର୍ତ୍ତି, ଆକାଶ କୁମାର, ତୁରୀ କାଣ୍ଡେୟାଙ୍ଗ୍ ଓ ଦକ୍ଷିଣ ସୋରେନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ। ବାଳିକା ୫ କି.ମି. ରେସ୍‌ରେ ସ୍ୱର୍ଣ୍ଣଲତା ଶର୍ମା, ଇତିଶ୍ରୀ ମହାନ୍ତ, ସୁଭଦ୍ରା ମହାରଣା, ପ୍ରଣତୀ ପତି ଓ ସାଇନା ସ୍ୱାଇଲ ମହାନ୍ତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ।

ଉଲ୍ଲେଖଥାଉ କି, ପ୍ରତିବର୍ଷ ଜାନୁୟାରୀରେ ଜାତୀୟ ଯୁବ ଦିବସ ପାଳନ ଅବସରରେ ସୁସ୍ଥ ଜୀବନଯାପନ ଓ ସ୍ୱାସ୍ଥ୍ୟର ପ୍ରମୋଶନ ପାଇଁ ଟାଟା ଷ୍ଟିଲ୍ ହାଫ୍ ମାରାଥନ ଆୟୋଜିତ ହୋଇ ଆସୁଛି। ମାରାଥନ ଅବସରରେ ଉପସ୍ଥିତ ଥିବା ମାନ୍ୟଗଣ୍ୟ ବ୍ୟକ୍ତିମାନେ ହେଲେ ରାଜ୍ୟ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଆଶୋକ ପଣ୍ଡା, କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତ ବେହେରା, ବିଧାୟକ ଅନନ୍ତ ନାରାୟଣ ଜେନା, ଆଇଏଫ୍‌ଏସ୍ ଅଧିକାରୀ ସନ୍ଦୀପ ତ୍ରିପାଠୀ, ଆଇପିଏସ୍ ଅଧିକାରୀ ଲଳିତ ଦାସ, ଆଇଏଫ୍‌ଏସ୍ ଅଧିକାରୀ ଦେବିଦତ୍ତ ବିଶ୍ୱାଳ, ଆଇପିଏସ୍ ଅଧିକାରୀ ସାଗରିକା ନାଥ, ଟାଟା ଷ୍ଟିଲ୍ କର୍ପୋରେଟ୍ ସର୍ଭିସ ଭାଇସ୍ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ, ଟାଟା ଷ୍ଟିଲର ଅନ୍ୟତମ ଅଧିକାରୀ ଆର.ଆର. ଶତପଥୀ, ମଣିକାନ୍ତ ନାଏକ, ଦେବାଶିଷ ଜେନା। ଓଲିଉଡ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ମଧ ଉପସ୍ଥିତ ରହି ସଫଳ ଧାବକମାନଙ୍କୁ ପୁରସ୍କୃତ କରିଥିଲେ।




ଭୁବନେଶ୍ୱର ହାଫ୍ ମାରାଥନର ପୁରୁଷ ବିଭାଗ ଚାମ୍ପିୟନ ଶଙ୍କରମନ ଥାପ୍ପା ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।




ସମସାଦ ଆରା ବେଗମ୍।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୦ ଜାନୁୟାରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ





## ଦ୍ୱିତୀୟ ଭାଷା ଇଂରାଜୀ (SECOND LANGUAGE ENGLISH)

**Time: 2:30 Hours** **Full Marks - 100**

*Candidates are required to write the answers in their own words as far as practicable. The figures in the right-hand margin indicate marks. Answer all questions as directed.*

### PART – I (OBJECTIVE)

1. **Answer the following questions, each in a word or a phrase.** [1×5=5
(i) Why did Lencho go out ?
(ii) What, according to Nehru, is indivisible ?
(iii) What did, at times, bring Kapil's early dismissal ?
(iv) What are used in industries to produce steam ?
(v) What is not easily secured ?

2. **Answer the questions, each in a word or a phrase.** [1×5=5
(i) How are rushes used ?
(ii) When does the girl take her porringer to the churchyard ?
(iii) What are the colours of the bridal robes ?
(iv) What does the brook carry for the happy lovers?
(v) Why is the rose sweet ?

3. **Fill in the blanks with right words.** [1×5=5
(i) The little things described in the poem "All Things Bright and Beautiful" are ______.
(ii) The little girl sings song for her ______.
(iii) The mother wants her daughter to enjoy the ______.
(iv) The brook slips between the ______.
(v) The wedding of ______ is referred to in the poem "Virtue".

4. **Answer the following questions, each in a word or a phrase.** [1×5=5
(i) How many elephants were there in the hunting party?
(ii) Who brought up Timothy when he was young?
(iii) Who was 'Sergei' in the story "The Beggar"?
(iv) What would Samjhoo carry to the town market?
(v) Who was the writer of the story "A Grain As Big As a Hen's Egg"?

5. **Fill in the blanks with correct words.** [1×5=5
(i) Grandfather discovered the tiger cub hiding among the intricate roots of a ______.
(ii) Jumman and his wife treated the old aunt harshly and ______.
(iii) Vodka is a Russian ______.
(iv) A person making humble request is called a ______.
(v) The very old peasant came to the king with the help of ______.

6. **Fill in the blanks using the correct forms of words given in brackets.** [1×5=5
(i) Mother tried her best to ______ (peace) the crying baby.
(ii) The old man uttered a few ______ (die) words.
(iii) Be ______ (consider) to everybody.
(iv) Dr. S. K. Acharya was an ______ (education)
(v) It would help them ______ (consider)

7. **Do as directed.** [1×5=5
(i) I want you to go ahead. (Make it imperative)
(ii) People get deceased in a ______ atmosphere. (pollute)
(Use the appropriate participle of the verb given in the bracket)
(iii) I took bath in this river in my childhood. (Rewrite it using 'used to')
(iv) Your answer is ______ (relevant).
(Fill in the gap adding suitable negative prefix to the word given in the brackets)
(v) She is a singer. She is a dancer.
(Join the sentences using 'not only.......but also')

8. **Do as directed.** [1×5=5
(i) Tomorrow ______ (be) Monday.
(Correct the verb given in the bracket)
(ii) People elected him chairman.
(Write the pattern of the sentence)
(iii) I didn't see you ______ your hand.
(Fill in the gap with correct non-finite form of the verb 'raise')
(iv) Bacteria ______ (cause/causes) diseases.
(Choose the correct verb)
(v) I am ashamed ______ my misdeeds.
(Fill in the gap with a preposition)

9. **Do as directed.** [1×5=5
(i) At last the enemy soldiers surrendered.
(Replace the underlined verb with a phrasal verb)
(ii) The boy is our monitor. I borrowed his book.
(Join the sentences making one of them as a relative clause)
(iii) He behaved as if he knew nothing.
(Mention the type of adverb clause)
(iv) Who broke it? (Make it passive)
(v) My friend said, "Hello, how are you ?"
(Turn into indirect speech)

10. **Translate into English.** [1×5=5
ଗୋଟିଏ ଘଞ୍ଚ ଅରଣ୍ୟରେ ଗୋଟିଏ ବଡ଼ ସିଂହ ବାସ କରୁଥିଲା । ସେ ବହୁତ ଶକ୍ତିଶାଳୀ ଥିଲା । ଜଙ୍ଗଲର ସମସ୍ତ ପଶୁପକ୍ଷୀ ତାକୁ ବହୁତ ଭୟ କରୁଥିଲେ । ସେ ଦୈନିକ ଅନେକ ପଶୁଙ୍କୁ ମାରି ଦେଉଥିଲା । ଏଣୁ ସବୁ ପଶୁପକ୍ଷୀ ସେହି ଜଙ୍ଗଲ ଛାଡ଼ି ଚାଲିଗଲେ ।

Or,
ରାମ – ସୁପ୍ରଭାତ, ଶ୍ୟାମ !
ଶ୍ୟାମ – ସୁପ୍ରଭାତ, ରାମ !
ରାମ – ତୁମେ କିପରି ଅଛ ?
ଶ୍ୟାମ – ବହୁତ ଭଲ । ମାତ୍ର ମୁଁ ମୋ ପରୀକ୍ଷା ପାଇଁ ବ୍ୟସ୍ତ ଅଛି ।

### PART – II (SUBJECTIVE)

11.(i) What did the postmaster do not to shake Lencho's faith in God? [5
Or, How, according to Nehru, can we redeem our pledge in full ?
(ii) Describe briefly Kapil's achievement in the match against Zimbabwe in the Prudential World Cup. [5
Or, What, according to Lord Percy, should the students do to build their character ?

12. Write an essay, in about 250 words, on any one of the following topics, keeping to the outline given. [12
(i) **The Teacher You Love Most**
(The school you are a student in – your favourite teacher, his/her age, health – the subject he/she teaches – his/her style of teaching – how you are benefitted – personally how you will remember him/her for ever)
(ii) **Summer Season**
(Period of summer – description of nature in summer – hardship and sufferings caused to people and animals – summer fruits – examination times in early summer – conclusion.)
(iii) **Water and Its Uses**
(Introduction – formation of water – sources from which we get water – uses of water in our day-to-day lives – misuses of water – conclusion )

13. Suppose you are Somya Rajan Jena, a student of class X at Salipur High School, Salipur in the district of Cuttack. You love nature and want to be an active member in the ECO Club of your school. Write an application, in about 100 words, to your Headmaster requesting him to allow you to join the same. [10

Or,
Suppose you are Dibyarupa Jena of Rayagada. Your friend Mitali Swain of Mohana in the district of Gajapati has won the state level chess competition. Write a letter, in about 100 words, to Mitali congratulating her on her superb victory.

14. **Read the passage and write its summary in about 60 (sixty) words.** [8
People who live in regions covered with forests and surrounded by hills and rivers may find to difficult to imagine what a desert is really like. The popular belief is that it is an endless stretch of sand where no rain falls, and therefore, no vegetation grows. It is dry, hot, waterless and without shelter. But this is not entirely correct. For those who have studied it, the desert can be a beautiful place. It is the home of a variety of people, animals and plants that have learnt to live under very hot and dry conditions.
True, the ground is not always hidden by a cover of grass, plants and trees as it is in other climates. But whenever it rains, which is rare, desert flowers bloom and the sight can be worth-watching. A desert may have mountains and hills. It may have an oasis, big or small. An oasis is like a green island in the middle of a desert where a spring or a well gives plants and trees a better chance to grow.

Or,
Suppose you are Ratnakar Behera working as a reporter for 'Orissa Post'. Prepare a report, in about 60 words, on the Blood Donation Camp organized by N.C. Vidyapitha, Jajpur on the 70th Republic Day.

15. **Read the passage carefully and answer the questions that follow, each in about 20 words.** [2×5
A poor man one day brought home two little puppies. He treated one of them with great kindness. He always gave him good food and a soft bed to sleep on. He always saved him from the burning rays of the sun. To the other puppy he gave only coarse rice, and he always kept him out of doors. The two puppies soon became full-grown dogs. One day the poor man called his sons and said to them, "See these two dogs and tell me which of them you consider best." Some pointed out the one and some the other, till at last the father came forward, and said, "We will test them." In front of the dogs a rich dinner was placed in a plate and a little hare was at once let loose. The first dog who had become idle and indolent did not like to take the trouble of the hare hunt. So he fell upon the dish greedily. The other dog at once fell upon the hare and killed him on the spot.

**Questions**
(i) What did the poor man bring home ?
(ii) How did he treat one of them ?
(iii) How did he treat to the other puppy?
(iv) What did he ask his sons?
(v) Why didn't first dog like to take the trouble of the hare hunt?

### ANSWERS - PART – I (OBJECTIVE)

1. **(i)** To have the pleasure of feeling the rain on his body. **(ii)** Peace **(iii)** loose shots **(iv)** coal, coke and furnace oil **(v)** success
2. **(i)** for making mats and baskets **(ii)** after the sunset when it is light and fair **(iii)** silver and saffron **(iv)** forget-me-nots **(v)** for its bright colour
3. **(i)** little bird and little flower **(ii)** deceased brother and sister **(iii)** worldly pleasure **(iv)** ridges **(v)** the earth and the sky
4. **(i)** fifteen elephants **(ii)** the author's cook, Mahmoud **(iii)** an advocate **(iv)** ghee and sugar **(v)** Leo Tolstoy
5. **(i)** banyan tree **(ii)** rudely **(iii)** drink **(iv)** suppliant **(v)** two crutches
6. **(i)** pacify **(ii)** dying **(iii)** considerate **(iv)** educationist **(v)** considerably
7. **(i)** Go ahead. **(ii)** polluted **(iii)** I used to take bath in this river in my childhood. **(iv)** irrelevant **(v)** She is not only a singer but also a dancer.
8. **(i)** is **(ii)** SVOC **(iii)** raise **(iv)** cause **(v)** of
9. **(i)** gave in **(ii)** The boy whose book I borrowed is our monitor. **(iii)** Adverb clause of manner **(iv)** By whom was it broken? **(v)** My friend greeted me and asked how I was.
10. There lived a big lion in a dense forest. He was a mighty animal. All the birds and animals of the forest were afraid of him. Everyday he killed a number of animals. Therefore all the birds and animals ran away from that forest.

Or,
Ram – Good Morning, Shyam !
Shyam – Good Morning, Ram !
Ram – How do you do ?
Shyam – Very nice. But I am busy for my examination.

### ANSWERS - PART – II (SUBJECTIVE)

11.(i) The postmaster wanted to answer the letter. What he needed badly was more than good will, ink and paper. He collected money from his employees. He himself gave a part of his salary and several friends of his were obliged to part away some. He put the money in an envelope and sent it to Lencho.

Or,
According to Nehru, in order to redeem our pledge in full, we have to work very hard. We have to fight and end poverty, ignorance and disease. We have to build up a prosperous, democratic and progressive nation. We have to create social, economic and political institutions which will ensure justice and fullness of life.

ii) In the match against Zimbabwe in the Prudential World Cup India had lost five wickets for 17 runs. Kapil Dev went on to bat. He played a very responsible innings. His first 70 to 80 runs were really calculated. After he had enough confidence, he scored at will. He made 175 not out. Then he came on to bowl four overs of tight medium pace bowling and gave no chance to Zimbabwe to win the match.

Or,
According to Lord Percy in order to build character the students have to be truthful in all things, considerate to everybody and fair to their rivals. Besides they should be kind and helpful to the weak and suffering and should have courage to stand up for good, pure and noble. They have to avoid gambling in any form.

12.(i) I go to Ravenshaw Collegiate School, Cuttack. It is a premier educational institute. The school has had a good academic record. Netaji Subhas Chandra Bose began his illustrious learning career in this school. I am proud of being a part of this historical school.
The teachers in this school are well-versed in their individual subjects. They have won distinction in their teaching. The teacher I like most from the bottom of my heart is Mr Ranjit Panda, a talented B.A., B.Ed. scholar. He is fair, handsome, tall and strong. He looks still young even if he has crossed fifty.
Mr Panda teaches us English. He is a resourceful teacher. He knows his responsibility as a sincere and dedicated teacher. In him we see a true guide and a faithful instructor. He teaches his lessons in a very simple and direct way. Even the back-benchers go down well with his teaching. He doesn't believe in the power of cane. He keeps on explaining his topic till the last one in the class understands him fully. He puts emphasis on our spelling of different words, pronunciation and word power.
I owe a lot to him. But for his motivational teaching, I wouldn't have become a solid performer of English. Whenever I seek his service, he guides me properly. Before each examination, he helps me remove my doubts and improve my writing skill. Today I am an orator and a good writer. I feel obliged to my dearest Panda sir for all these I have inherited from him.
I can never forget the services of my favourite English teacher. I pray to God to grant him a long life so that many students like me will benefit a lot from him.

(ii) Summer follows winter. It is the hottest season of the year. Beginning in April, summer continues till the end of June. May and June though, are known as the months of summer, we experience its blazing effect over a period of four months.
As soon as summer appears, heat spreads unrelentingly. The sunrays fall directly on the earth. So the earth becomes bone dry in summer. Tanks, wells, rivers, canals dry up. Water becomes scarce. People stand in a long queue to get drinking water. The sky looks all blue without a patch of dark cloud. Some trees look cheerless with dry leaves.
As the sun goes in the sky, the heat of the day grows. The noons and afternoons become unbearable. Birds rest in their nests. Stray cattle like to lie down under the shade of trees. Children and old people are confined indoors. Village roads and streets of towns appear deserted. The fear of sunstroke increases as temperature in the body drops drastically. Workers rarely go to their places of work if they are open.
Summer is the time of some fruit, like mangoes, jackfruits, pineapples. These tasty fruit dominate the markets. Mango, the king of fruits, finds itself in unprecedented demand. People enjoy flavour of this delectable fruit. The rich and the poor enjoy feasting on various mangoes.
This is the time when school and college examinations are held. In spite of severe heat, students have to work hard for their examinations. Power failure in the time adds to their agony coupled with intense heat.
This season is somehow good for the rich. With the help of fans, coolers and air-conditioners, they escape from the grueling heat. The poor, on the other hand, perish. On the whole, it is a season of the clean surroundings. The occasional rains in the afternoons reduce the discomfort of the people.

(iii) Water is life. As water is the major constituent in our body, without it life is simply unimaginable. It is the greatest and most essential gift of nature. For animals and plants, water continues to be the major sustainer of their existence. More than two-third of the total area of the earth is covered with this life-saving element of nature.
Water is available mainly in two forms. They are surface water and underground water. Surface water is available in ponds, rivers, streams and seas. Underground water is found in the form of wells, sunken wells or taps. Surface water gets evaporated by the sun rays in form of water vapours in the process of condensation where it begins to rise up and form clouds. When these vapours become heavy and cold, they fall to the ground in form of rain or snow.
Water has multi-dimensional uses. The most demanding aspect of water is its potentiality of offering life to the animal and plant kingdom. Man needs water for drinking, bathing, washing up utensils. Farmers benefit a lot from water through irrigation from canals. India is traditionally an agricultural country. Farmers who are our true feeders, raise crops of varieties taking the help of water from the monsoonal rain or canal water.
Despite its various uses, water recently has become the victim of man-made evil deeds. Water pollution has begun to threat our very existence in modern times. With growing industrialisation and population explosion, surface water is being highly polluted.
It is, therefore, necessary that efforts should be made to make pure water available for human consumption. Mass awareness should be created so that people make proper use of water. Rainwater harvest should be the priority. We should prevail upon the people to preserve this indispensable gift of nature.

13.
Salipur High School
Salipur
02 January 2020

To
The Headmaster
Salipur High School
Salipur, Cuttack

**Sub:** Seeking permission to join the ECO Club

Sir,
I have the honour to state that that I am a student of Class-X. Some of my classmates are going to join in the ECO Club of our school. Since I am an ardent lover of nature I want to be an active member in the club. I am prepared to spare my service for the protection of the environment. I assure that I will dedicate my service for the plantation programmes arranged by the club.
I should be grateful to you if you would allow me to join the same.

Yours
faithfully,
**Somya Ranjan Jena**
Class-X

Or,
Rayagada
12 January 2020

Dear Mitali,
Congratulation for your superb victory in the state level Chess Competition held at Khandagiri High School, Bhubaneswar. You have won the state level chess competition. Your sincere efforts and regular practices have brought you this glorious victory. This great success has opened up golden opportunities for your future career in chess. Your victory has brought glory not only to your school but also to your family.
Please do write to me about your feelings after winning the competition.
May God shower blessings on you for your bright future.

Lovingly yours
**Dibya**

**Address**

| **From :** | **To :** |
|---|---|
| Dibyarupa Jena | Mitali Swain |
| At/Po: Rayagada | At/Po: Mohara |
| Dist: Rayagada,Odisha | Dist: Gajapati, Odisha |

14. **Title - Deserts**
People living in forests and surrounded by hills and rivers have little idea about desert. They believe that it is an endless stretch of sand were no rain falls. It is dry and without shelter. But some people, animals and plants live in it. When it rains, desert flowers bloom. It may have oasis which is like a green island in the middle of the desert.

Or,
Jajpur
The 26th February, 2020

To
The Editor
The Orissa Post
Blood Donation Camp at N.C. Vidyapitha, Jajpur

The students and staff of N.C. Vidyapitha, Jajpur organised a blood donation camp on the school premises on the 70th Republic Day. A team of doctors from City Hospital and S.C.B Medical College and Hospital, Cuttack conducted the camp. About 50 volunteers participated in the camp and donated their valuable blood voluntarily. The local Tahasildar graced the occasion. The collected blood was sent to the District Red Cross Society.

**Ratnakar Behera**
Reporter

15. (i) The poor man brought home two little puppies.
(ii) He treated one of them with great kindness.
(iii) He gave only coarse rice to the other puppy and always kept him out of doors.
(iv) He asked his sons to tell him which one of them they considered the best.
(v) The first dog didn't like to take the trouble of hare hunt because he had become idle and indolent.

❑❑❑

# ରୋଗ ଚିହ୍ନଟ କରିବ ମହୁମାଛି



ମହୁମାଛି ମଧ୍ୟ ରୋଗ ଚିହ୍ନଟ କରିପାରିବ। ଏପରି କଥା କାହାକୁ ହୁଏତ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ହେଲେ ଏହାପଛରେ ସତ୍ୟତା ରହିଛି ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ପର୍ତ୍ତୁଗାଲର ବିଶେଷଜ୍ଞମାନେ। ମହୁମାଛିର ଘ୍ରାଣଶକ୍ତି ଭାରି ପ୍ରଖର। ଏହାଦ୍ୱାରା ସେ କେତେକ ରୋଗ ବିଷୟରେ ସୂଚନା ଦେଇପାରିବ ବୋଲି ଜଣାପଡିଛି। ଏହି ଗବେଷଣା ପୂର୍ବରୁ ବିଶେଷଜ୍ଞମାନେ 'ସୁସୈନ ସୋରେସ୍' ନାମକ ଏକ ଉଚ୍ଚ ଶକ୍ତିସମ୍ପନ୍ନ ଡିଭାଇସ୍ ପ୍ରସ୍ତୁତ କରିଥିଲେ। ଏହାକୁ ମହୁମାଛି ଶରୀରରେ ସଂଯୋଗ କରାଯିବା ପରେ ମହୁମାଛିକୁ ଏକ କାଚରେ ପ୍ରସ୍ତୁତ ଦୁଇଟି ଚାମ୍ବରବିଶିଷ୍ଟ ଜାର୍ ଭିତରେ ରଖାଯାଇଥିଲା। ଗୋଟିଏ ଚାମ୍ବରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଶ୍ୱାସକ୍ରିୟା ଚାଲୁ ରଖିବାକୁ କୁହାଯାଇଥିଲା। ଏହି ଶ୍ୱାସକ୍ରିୟାକୁ ନିଜର ଆଘ୍ରାଣ ଶକ୍ତିଦ୍ୱାରା ଗ୍ରହଣ କରିବା ପରେ ମହୁମାଛିଠାରୁ କେତେକ ରୋଗର ଲକ୍ଷଣ ବିଷୟରେ ସୂଚନା ମିଳିପାରିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ମହୁମାଛିମାନେ ବାୟୁବାହିତ ଅଣୁକୋଷଗୁଡିକୁ ସହଜରେ ବିଶ୍ଳେଷଣ କରିପାରନ୍ତି। ଏହାକୁ ଅଧାର କରି ସେମାନଙ୍କ ଦ୍ୱାରା କେତେକ ରୋଗର ଲକ୍ଷଣ ବିଷୟରେ ଜାଣିବାକୁ ପର୍ତ୍ତୁଗାଲର ବିଶେଷଜ୍ଞମାନେ ଚେଷ୍ଟା କରି ସଫଳତା ହାସଲ କରିଛନ୍ତି।



# ରୋଗ ନିରୂପଣରେ ସାଧାରଣ ପରୀକ୍ଷା





ଡା. ରାମଚନ୍ଦ୍ର ରାଉତ




**ସାଧାରଣ ପରୀକ୍ଷାଗୁଡ଼ିକ ବହୁତ ଗୁରୁତ୍ୱ ବହନ କରିଥାଏ। ରୋଗ ହେଲେ ରୋଗୀଙ୍କ ଦେହରେ ଅନେକ ଲକ୍ଷଣ ପ୍ରକାଶ ପାଇଥାଏ। ବିଭିନ୍ନ ରୋଗର ଲକ୍ଷଣ ଭିନ୍ନ ଭିନ୍ନ ହେଲେ ମଧ୍ୟ କେତେକ ଲକ୍ଷଣ ଅନେକ ରୋଗରେ ପ୍ରକାଶ ପାଇଥାଏ। ବାନ୍ତି, ଜ୍ୱର, ମୁଣ୍ଡବିନ୍ଧା, ପତଳାଝାଡ଼ା, ପେଟବ୍ୟଥା, କଫରେ ରକ୍ତ ପଡ଼ିବା, ରକ୍ତବାନ୍ତି ହେବା, ମୁଣ୍ଡ ବୁଲାଇବା ଇତ୍ୟାଦିର କାରଣ ଭିନ୍ନ ଭିନ୍ନ ହୋଇଥାଏ...**

ଆଗରୁ କ୍ଲିନିକ ଓ ପାଥୋଲୋଜି ପରୀକ୍ଷା କେନ୍ଦ୍ରରେ 'ଏଠାରେ ରକ୍ତ, ମଳ, ମୂତ୍ର ପରୀକ୍ଷା କରାଯାଏ' ବୋଲି ଲେଖା ହେଉଥିଲା ଓ ରୋଗର ନିର୍ଣ୍ଣୟ ପାଇଁ ଖୁବ୍ କମ ପରୀକ୍ଷ କରାଯାଉଥିଲା। ଜ୍ୱର ପାଇଁ ମ୍ୟାଲେରିଆ ଓ ଟାଇଫଏଡ୍, ରକ୍ତହୀନତା ପାଇଁ ହିମୋଗ୍ଲୋବିନ୍, କୃମି ପାଇଁ ମଳ, ଆଘାତ ଓ ହାଡ଼ଭଙ୍ଗା ପାଇଁ X Ray, TB ପାଇଁ କଫ ନମୁନା ଇତ୍ୟାଦି ଏହାର ଉଦାହରଣ।

ବର୍ତ୍ତମାନ କିନ୍ତୁ ସମୟ ବଦଳିଯାଇଛି ଏବଂ ପରୀକ୍ଷାର ସଂଖ୍ୟା ଓ ମାତ୍ରା ବହୁ ଗୁଣରେ ବଢ଼ିଯାଇଛି। ସରକାରଙ୍କର ମାଗଣା 'ନିଦାନ' ପ୍ରବର୍ତ୍ତନ ପରେ ଡାକ୍ତରଖାନାରେ ପରୀକ୍ଷା ପାଇଁ ଲମ୍ବା ଲାଇନ ଲାଗିଛି। ଲୋକମାନେ ବ୍ୟୟବହୁଳ ଅତ୍ୟନ୍ତ ଉଚ୍ଚମାନର ପରୀକ୍ଷା କରିବା ପାଇଁ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରୁଛନ୍ତି। ଯେପରି କି, ସାମାନ୍ୟ ମୁଣ୍ଡବିନ୍ଧା କିମ୍ବା ଆଘାତ ପାଇଁ CT Scan, MRI, ସାମାନ୍ୟ ପେଟବ୍ୟଥା ପାଇଁ ଅଲଟ୍ରାସାଉଣ୍ଡ ଓ ଏଣ୍ଡୋସ୍କୋପି, ସାଧାରଣ ଦୁର୍ବଳତା ଓ ହାଲିଆ ପାଇଁ ବ୍ଲଡ ପାରାମିଟର ଓ ହାର୍ଟ ପାରାମିଟର, ଲିଭର ପାରାମିଟର ଇତ୍ୟାଦି।

ଏବେ ମଧ୍ୟ ସବୁ ପାଥୋଲାବ୍ ଓ କମ୍ପାନୀ ତଥା କର୍ପୋରେଟ ହସ୍ପିଟାଲ ଆଉ ପାଦେ ଆଗକୁ ଯାଇ ବିଭିନ୍ନ ପରୀକ୍ଷାର 'ପ୍ୟାକେଜ୍' ଅତ୍ୟନ୍ତ ଆକର୍ଷଣୀୟ ଓ ମନଲୋଭା ଭାବେ ଅଫର୍ ପ୍ରଦାନ କରି ବିଜ୍ଞାପନ ଦେଉଛନ୍ତି। ଲୋକମାନେ ମଧ୍ୟ 'ହୋଲ୍ ବଡ଼ିସ୍କାନ୍', ଶରୀରର ସମସ୍ତ ପରୀକ୍ଷା ଓ ଚେକ୍ଅପ୍ ପାଇଁ ଆଗ୍ରହୀ ହୋଇ ତାହା କରାଉଛନ୍ତି। ଏହା କେତେ ସୁଫଳ ପ୍ରଦାନ କରୁଛି ତାହା ଅଲଗା କଥା କିନ୍ତୁ କେତେଗୁଡ଼ିଏ ପରୀକ୍ଷା ଯାହା ଆମର ପ୍ରାୟ ଦରକାର ନାହିଁ କେବଳ ଦରକାର ହେଲେ କରିବା କଥା ହେଲେ ତାହାକୁ କରାଇଲେ ଫଳ ଓଲଟା ହୋଇଥାଏ। CT Scan, MRI ପରୀକ୍ଷା ଦରକାର ହେଉଥିବା କ୍ଷେତ୍ରରେ ଓ ବିଶେଷଜ୍ଞ ତଥା ଅତି ବିଶେଷଜ୍ଞମାନେ ଏହା ପରାମର୍ଶ ଦେବା ଉଚିତ। ସ୍ଥଳବିଶେଷରେ ଅତି ଆକସ୍ମିକ କ୍ଷେତ୍ରରେ ମଧ୍ୟ ଏହା କରାଯାଇପାରେ। ସାଧାରଣ ପରୀକ୍ଷାଗୁଡ଼ିକ ବହୁତ ଗୁରୁତ୍ୱ ବହନ କରିଥାଏ। ରୋଗ ହେଲେ ରୋଗୀଙ୍କ ଦେହରେ ଅନେକ ଲକ୍ଷଣ ପ୍ରକାଶ ପାଇଥାଏ– ବିଭିନ୍ନ ରୋଗର ଲକ୍ଷଣ ଭିନ୍ନ ଭିନ୍ନ ହେଲେ ମଧ୍ୟ, କେତେକ ଲକ୍ଷଣ ଅନେକ ରୋଗରେ ପ୍ରକାଶ ପାଇଥାଏ। ବାନ୍ତି, ଜ୍ୱର, ମୁଣ୍ଡବିନ୍ଧା, ପତଳାଝାଡ଼ା, ପେଟବ୍ୟଥା, କଫରେ ରକ୍ତ ପଡ଼ିବା, ରକ୍ତବାନ୍ତି ହେବା, ମୁଣ୍ଡ ବୁଲାଇବା ଇତ୍ୟାଦିର କାରଣ ଭିନ୍ନ ଭିନ୍ନ ହୋଇଥାଏ। ଏହା ସହିତ ଅନ୍ୟାନ୍ୟ ଲକ୍ଷଣ ଓ ରୋଗୀ ଦେହରେ ପ୍ରକାଶ ପାଉଥିବା ଚିହ୍ନଟସମୂହକୁ ଭିତ୍ତିକରି ରୋଗ ନିର୍ଣ୍ଣୟ କରାଯାଇଥାଏ। ଲାକ୍ଷଣିକ, ଆନୁମାନିକ, ପରୀକ୍ଷା ଦ୍ୱାରା ସ୍ଥିରୀକୃତ ପ୍ରୋଭିଜନାଲ ଓ ସର୍ବଶେଷରେ କନ୍ଫାର୍ମେଟୋରି ଡାଇଗ୍ନୋସିସ୍ କରାଯାଇଥାଏ। କେତେକ କ୍ଷେତ୍ରରେ ନିର୍ଣ୍ଣୟ ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ୍ୟ ରୋଗୀର ଜୀବନରକ୍ଷା ପାଇଁ ଓ ରୋଗକୁ ଆଗକୁ ନ ବଢ଼ିବାକୁ ଦେବା ପାଇଁ ଚିକିତ୍ସା ଆରମ୍ଭ କରାଯାଇଥାଏ। କେଉଁ କାରଣରୁ ଝାଡ଼ା ହେଉଛି ଜଣାପଡ଼ି ନ ଥିଲେ ମଧ୍ୟ ଦେହରୁ ଜଳୀୟ ମାତ୍ରା ହ୍ରାସଜନିତ ଗୁରୁତର ଅବସ୍ଥାକୁ ସୁଧାରିବା ପାଇଁ ସାଲାଇନ୍ ଓ ଔଷଧ ତୁରନ୍ତ ଦିଆଯାଇଥାଏ।

ଶରୀରରେ ରକ୍ତର ମାତ୍ରା ଗୁରୁତ୍ୱପୂର୍ଣ୍ଣ ଅର୍ଥାତ୍ ପ୍ରତି ୧୦୦ ମିଲି ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ– ଏହାର ମାତ୍ରା କମ୍ ରହିଲେ ରକ୍ତହୀନତା ହୋଇଥାଏ ଓ ଆମ ଦେଶରେ ଏହା ବିଶେଷତଃ ମହିଳା ଓ ଶିଶୁମାନଙ୍କ ମଧ୍ୟରେ ଏକ ବିଶେଷ ରୋଗ। ଏହି ସାଧାରଣ ପରୀକ୍ଷାରୁ ହିମୋଗ୍ଲୋବିନ୍‌ର ମାତ୍ରା ଜାଣିବା ପରେ ତା'ର କାରଣ ପାଇଁ ପରୀକ୍ଷା କରାଯାଏ ଓ ସେହି ଅନୁସାରେ ଚିକିତ୍ସା କରାଯାଇଥାଏ।

ପ୍ରାୟତଃ ସବୁ ଶିଶୁଙ୍କ କ୍ଷେତ୍ରରେ ଓ ଅଧିକାଂଶ ବୟସ୍କ ଓ ବୃଦ୍ଧ ବୃଦ୍ଧାଙ୍କ କ୍ଷେତ୍ରରେ କୃମି ଜନିତ ରୋଗ ହୋଇଥାଏ, ଯାହାକି ରକ୍ତହୀନତା (ହୁକ୍ ୱର୍ମ), ଝାଡ଼ା ଓ ପେଟରୋଗ (ରାଉଣ୍ଡ ୱର୍ମ, ଫିତା କୃମି, ପିନ୍ ୱର୍ମ), ଆମିବା (ତରଳ ଝାଡ଼ା, ଆମିବାୟୋସିସ୍) ଇତ୍ୟାଦିର କାରଣ।

ଭଲ ଭାବରେ ହାତ ଧୋଇବା, ତଟକା ଓ ଉଷୁମ ଖାଦ୍ୟ ଖାଇବା, ପରିଷ୍କାର ପାଣି ପିଇବା ଓ ଖୋଲାରେ ମଳତ୍ୟାଗ ନ କରିବା ଦ୍ୱାରା ଏହାର ପ୍ରତିକାର ହୁଏ। ମଳ ପରୀକ୍ଷା କରିବା ଦ୍ୱାରା କୃମି, ଆମିବା ସହିତ ଅନ୍ୟାନ୍ୟ ପେଟରୋଗର ଅନେକ କାରଣ ଜଣାପଡିଥାଏ। ସାଧାରଣ ଓ ସାମାନ୍ୟ ରକ୍ତକ୍ଷରଣ ଯାହାକି ଖାଦ୍ୟନଳୀ ଉଭୟ ଉପର ଓ ନିମ୍ନ ଭାଗରେ ହୁଏ ତାହା ମଧ୍ୟ ଧରାପଡେ।

ଆମର ବୃକ୍କରେ ରକ୍ତ ଛଣାଯାଇ ସେଥିରୁ କ୍ଷତିକାରକ ପଦାର୍ଥମାନ ନିର୍ଗମନ ହୋଇଥାଏ। ଏହା ମଧ୍ୟରେ ୟୁରିଆ ପ୍ରଧାନ । ତେଣୁ ପରୀକ୍ଷାଗୁଡ଼ିକ ମଧ୍ୟରେ ପରିସ୍ରା ପରୀକ୍ଷା ସବୁଠାରୁ ଅଧିକ ଗୁରୁତ୍ୱ ବହନ କରେ। ସାଧାରଣତଃ ପରିସ୍ରା ସମୟର ମଧ୍ୟଭାଗର ପରିସ୍ରା ପରିଷ୍କାର କାଚପାତ୍ରରେ ସଂଗ୍ରହ କରାଯାଏ। ଏଥିରୁ ଶର୍କରା, ପ୍ରୋଟିନ୍ ବା ଆଲବୁମିନ୍, ପସ୍ ସେଲ୍, ଲୋହିତରକ୍ତକଣିକା, ଶ୍ୱେତରକ୍ତକଣିକା, କ୍ରିଷ୍ଟାଲସ୍, ସେଡିମେଣ୍ଟ, କାଷ୍ଟ, ବ୍ୟାକ୍ଟେରିଆ, କାଇଲ୍, ଜଣ୍ଡିସ୍ କ୍ଷେତ୍ରରେ ବିଲିରୁବିନ୍ ବାଇଲ୍ ସଲ୍ଟ, ବାଇଲ୍‌ପିଗ୍‌ମେଣ୍ଟ, କିଟୋନ ଓ ଆହୁରି ଅନେକ କଥା ଜଣାପଡିଥାଏ।

ପରିସ୍ରା ପରୀକ୍ଷା ହେଉଛି କେବଳ ୟୁରୋଲଜିଷ୍ଟ ଓ ନେପ୍ରୋଲୋଜିଷ୍ଟମାନଙ୍କ ପାଇଁ ନୁହେଁ ସବୁ ବିଭାଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା। ମାତ୍ର ଏବେ ଆଧୁନିକ ଯୁଗରେ ଏହାର ଗୁରୁତ୍ୱ ଉପଲବ୍ଧ ହେଉନାହିଁ ଓ ଏହା ବଦଳରେ ଅନ୍ୟାନ୍ୟ ଆଧୁନିକ ପରୀକ୍ଷା କରାଯାଉଛି। ଜଣେ ମହାନ୍ ଚିକିତ୍ସକ କହିଥିଲେ, ପରିସ୍ରାର ଗୋଟିଏ ମାତ୍ର ବିନ୍ଦୁ ପରୀକ୍ଷାରୁ ୧୦୦ ପ୍ରକାର ରୋଗ ନିର୍ଣ୍ଣୟ କରାଯାଇପାରିବ।

ସେହିପରି ପାପ୍‌ସ୍ମିୟର ନାମକ ଏକ ଛୋଟ ପରୀକ୍ଷା ପ୍ରଥମରୁ କରାଇଲେ ଭୟାବହ 'ଜରାୟୁ ଗ୍ରୀବା' କର୍କଟରୁ ରକ୍ଷା ମିଳିଥାଏ। ୪୦–୪୫ ବର୍ଷରୁ ଊର୍ଦ୍ଧ୍ୱ ମହିଳାମାନଙ୍କ କ୍ଷେତ୍ରରେ ଏହା ଏକ ଉତ୍ତମ ପଦ୍ଧତି। ଏହାଦ୍ୱାରା ଆରମ୍ଭସ୍ତରରୁ ରୋଗ ନିର୍ଣ୍ଣୟ ହୋଇଥାଏ।


ସ୍ତନର ପରୀକ୍ଷା ରୋଗୀ ନିଜେ କରିପାରିବେ ବା "ନିଜ ପାପୁଲି ଦ୍ୱାରା ସ୍ତନ ପରୀକ୍ଷା" ଦ୍ୱାରା ସେଥିରେ ହୋଇଥିବା ଟ୍ୟୁମର ଓ କ୍ୟାନ୍‌ସରକୁ ପ୍ରଥମରୁ ଜାଣିହୁଏ। ଏଠାରେ ଜାଣି ରଖିବା ଉଚିତ୍ ଯେ ସ୍ତନର ଅଧିକାଂଶ ଟ୍ୟୁମର ହେଉଛି ଫାଇବ୍ରୋଆଡିନୋମା ବା ସାଧାରଣ ଟ୍ୟୁମର, ଏହା କୌଣସି କ୍ୟାନ୍‌ସର ନୁହେଁ।

ମଳଦ୍ୱାର ଦେଇ ରକ୍ତ ପଡ଼ିବା, ମଳ ସହିତ ଲାଗିକି ଆସିବା ଓ ଝାଡ଼ା କଠିନ ହେବା, ଝାଡା କରିବାରେ କଷ୍ଟ ହେବା ପରିଲକ୍ଷଣ ଦେଖାଗଲେ ପି.ଆର୍ ଓ ପ୍ରୋଟୋସ୍କପି ପରୀକ୍ଷା କରାଇନେବା ଉଚିତ। ଏହା ଡାକ୍ତରଙ୍କ ଦ୍ୱାରା ହୁଏ ଓ ଅତି ସାଧାରଣ ଅଟେ।

*–ଅତିରିକ୍ତ ନିର୍ଦ୍ଦେଶକ, ସେବିକା ନିର୍ଦ୍ଦେଶାଳୟ, ଭୁବନେଶ୍ୱର*
*ମୋ : ୯୪୩୭୭୪୨୪୯୯*

## ସ୍ମରଣଶକ୍ତି ପ୍ରଖରକରେ ନ୍ୟୁରୋନ୍

ସ୍ମରଣଶକ୍ତି ସନ୍ତୁଳିତ ଥିଲେ ଆମେ ସବୁ କଥା ମନେରଖିପାରୁ। ଏଥିରେ ଅସନ୍ତୁଳନ ପରିଲକ୍ଷିତ ହେଲେ ଆମେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଉ। ତେବେ ଏହାକୁ ପ୍ରଖର ରଖିବା କ୍ଷେତ୍ରରେ ନ୍ୟୁରୋନ୍ ନାମକ ତତ୍ତ୍ୱର ଭୂମିକା ରହିଛି। ଏହି ତତ୍ତ୍ୱ ଆମ ମସ୍ତିଷ୍କରେ ରହିଛି। ନ୍ୟୁରୋନ ତତ୍ତ୍ୱ ଯଦି ସକ୍ରିୟ ରହିଲା ତେବେ ଆମର ସ୍ମରଣଶକ୍ତି ଚଳଚଞ୍ଚଳ ରହିଥାଏ। ଏହାଦ୍ୱାରା ଆମେ ପ୍ରତିଟି କଥାକୁ ଅତି ସହଜରେ ମନେରଖିପାରୁ। ସ୍ମରଣଶକ୍ତିକୁ ସକ୍ରିୟ ରଖିବା ବ୍ୟତୀତ ନ୍ୟୁରୋନ୍ ଆମ ଶରୀରରେ ଆଉ କେତୋଟି ଗୁରୁତ୍ୱପୂର୍ଣ୍ଣ କାମ କରିଥାଏ। ସେଗୁଡ଼ିକ ମଧ୍ୟରେ ରହିଛି କେତେକ କୋଷ(ସେଲ୍) ସମ୍ପର୍କିତ ରୋଗ, ଆଲଜିମର୍ସ ଏବଂ ମସ୍ତିଷ୍କଜନିତ ରୋଗର ଚିକିତ୍ସା କ୍ଷେତ୍ରରେ ସାହାଯ୍ୟ କରିଥାଏ। କାରୋଲିନା ବିଶ୍ୱବିଦ୍ୟାଳୟର ସ୍ନାୟୁଶଲ୍ୟ ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ସଦ୍ୟତମ ଗବେଷଣାରୁ ଏ ସମ୍ପର୍କରେ ଅନେକ ତଥ୍ୟ ମିଳିପାରିଛି। ତେବେ ନ୍ୟୁରୋନ୍ ନାମକ ତତ୍ତ୍ୱ ଆମ ଶରୀର ପାଇଁ ଆଉ କି କି କାମ କରିଥାଏ ସେ ସମ୍ପର୍କରେ ଜାଣିବା ପାଇଁ ସେମାନେ ଗବେଷଣା ଜାରି ରଖିଛନ୍ତି।



## ସକାରାତ୍ମକ ମାନସିକତା ଓ ବ୍ୟବହାର

ମାନସିକତା ସକାରାତ୍ମକ ରହିଲେ ଆମେ ନିଜ କାମକୁ ସୁଚାରୁ ରୂପେ ତୁଲାଇପାରୁ। ତେବେ ଆଜିକାଲିର ବ୍ୟସ୍ତମୟ ଜୀବନରେ ମାନସିକତା ଏପରି ଅବସ୍ଥାରେ ରହିବା ଏତେଟା ସହଜ ନୁହେଁ। ତେବେ ଏପରି ଏକ ସରଳ ଉପାୟ ରହିଛି ଯାହାକୁ ଆପଣେଇ ପାରିଲେ ଆପଣ ଏଥିରେ ସଫଳ ହେବେ। ଯଦି ଜଣେ ବ୍ୟକ୍ତି ନିଜର ଆଚାରବ୍ୟବହାର, କଥାବାର୍ତ୍ତା ଶୈଳୀ ପ୍ରତି ନଜର ଦିଅନ୍ତି ତେବେ ତାହାର ଭଲ ପ୍ରଭାବ ମାନସିକତା ଉପରେ ପଡିଥାଏ। ଏପରି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କେତେକ ବ୍ୟକ୍ତିଙ୍କର ଆଚାର ବ୍ୟବହାରକୁ ଭଲ ଭାବରେ ତର୍ଜମା କରିଥିଲେ। ସେମାନଙ୍କର ଆଚାରବ୍ୟବହାର ନମ୍ର ଏବଂ ଭଦ୍ର ଥିଲା ସେହି ଅନୁସାରେ ସେମାନଙ୍କର ମାନସିକତା ସକାରାତ୍ମକ ରହୁଥିଲା ବୋଲି ଜଣାପଡିଥିଲା।

## ଦୃଷ୍ଟିଶକ୍ତିକୁ ଦୃଢ଼ କରେ ଚକୋଲେଟ୍



ଚକୋଲେଟ୍ ଖାଇଲେ ତାହା ଦୃଷ୍ଟି ଶକ୍ତିକୁ ଆହୁରି ଦୃଢ଼ କରିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଚକୋଲେଟ୍‌ର ସ୍ୱାସ୍ଥ୍ୟୋପକାରୀ ଗୁଣ ବିଷୟରେ ତର୍ଜମା କରିବା ସମୟରେ ସେମାନେ ଏହା ବ୍ୟତୀତ ଆଉ କେତେକ କଥା ମଧ୍ୟ ଜାଣିବାକୁ ପାଇଥିଲେ। ଚକୋଲେଟ୍ ଶରୀରରେ ଏକ ଆଣ୍ଟିଅକ୍ସିଡାଣ୍ଟ ଭାବରେ କାମକରେ ଏବଂ ବିଷାକ୍ତ ତତ୍ତ୍ୱକୁ ଶରୀରର କ୍ଷତି କରିବାକୁ ଦେଇ ନ ଥାଏ। ଏହାସହ ଚକୋଲେଟ୍ ଶରୀରରେ ମେଟାବୋଲେଜିମ୍‌କୁ ସନ୍ତୁଳିତ ରଖେ। କେବଳ ସେତିକି ନୁହେଁ, ମେଦବହୁଳତାକୁ କମାଇବାରେ ଏହା କେତେକାଂଶରେ ସହାୟକ ହୋଇଥାଏ। ଚକୋଲେଟ୍ ଖାଇଲେ ଏହା ଦୃଷ୍ଟିଶକ୍ତିକୁ ପ୍ରଖର କରିବା ସହ ରେଟିନାକୁ ସୁରକ୍ଷା ଦେଇଥାଏ। ଅପରପକ୍ଷରେ ମୁଡ୍‌କୁ ଫ୍ରେସ୍ କରିବାରେ ଚକୋଲେଟ ସାହାଯ୍ୟ କରିଥାଏ ବୋଲି ଏହି ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ମତ ଦେଇଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

- ସୁସ୍ଥ ରହିବା ପଛରେ ଖାଦ୍ୟପେୟର ଭୂମିକା ରହିଛି। ପ୍ରତିଦିନ ଏପରି ଖାଦ୍ୟ ଖାଉଛନ୍ତି ଯେପରି ତାହା ସହଜରେ ହଜମ ହୋଇପାରୁଥିବ।
- କୌଣସି ରୋଗର କାରଣ ସମ୍ପର୍କରେ ସୂଚନା ପାଇଲେ ତାହାକୁ ଆଦୌ ଅବହେଳା କରନ୍ତୁ ନାହିଁ। କାରଣ ପରବର୍ତ୍ତୀ ସମୟରେ ଏହା ଆପଣଙ୍କ ପାଇଁ ଗୁରୁତର ସମସ୍ୟାକୁ ଡାକି ଆଣିବାର ଯଥେଷ୍ଟ ଆଶଙ୍କା ରହିଛି।
- ଯଦି ଆପଣଙ୍କର ବୟସ ୪୦ ଟପିଲାଣି ତେବେ ବିଳମ୍ବ ନ କରି ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।



- ବ୍ରେକଫାଷ୍ଟରେ ତଟକା ଫଳମୂଳରେ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହା ମାନସିକତାକୁ ସକାରାତ୍ମକ ରଖିଥାଏ।
- କେତେକ ଡାକ୍ତରଙ୍କ ସହ ରୋଗ ବିଷୟରେ ଆଲୋଚନା କରିବା ସମୟରେ ତାଙ୍କୁ ରୋଗ ସମ୍ପର୍କିତ ସବିଶେଷ ତଥ୍ୟ ଦିଅନ୍ତୁ। ଏହାଫଳରେ ସେ ସେହି ରୋଗର ଉପଯୁକ୍ତ ଚିକିତ୍ସା କରିପାରିବେ।
- ଅଧିକାଂଶ ସମୟ ଅବସାଦ କିମ୍ବା ଟେନ୍‌ସନ୍‌ରେ ରହୁଥିଲେ ସେନେଇ ଚିନ୍ତିତ ହୁଅନ୍ତୁ ନାହିଁ। ବରଂ ସେଥିରୁ କିପରି ମୁକୁଳିବେ ସେ ସମ୍ପର୍କରେ ଯୋଜନା କରନ୍ତୁ।

## ସୂର୍ଯ୍ୟକିରଣ ଓ ଅସ୍ଥି

ଅସ୍ଥି ମଜଭୁତ ରହିବା ପାଇଁ ଭିଟାମିନ୍ 'ଡି'ର ପ୍ରମୁଖ ଭୂମିକା ରହିଛି। ତେଣୁ ଏପରି ଭିଟାମିନ୍‌ଯୁକ୍ତ ଖାଦ୍ୟକୁ ଆମେ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ଦରକାର। ସୂର୍ଯ୍ୟକିରଣ ଏହାର ଅନ୍ୟତମ ଉତ୍ସ ଭାବରେ ପରିଗଣିତ। ତେବେ ଅନ୍ୟଦିନ ଅପେକ୍ଷା ଶୀତଦିନର ସୂର୍ଯ୍ୟକିରଣ ଅସ୍ଥି ପାଇଁ ଅଧିକ ଲାଭଦାୟକ ହୋଇଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ସୂର୍ଯ୍ୟକିରଣ ଓ ଅସ୍ଥି' ଶୀର୍ଷକ ବିଷୟକୁ ନେଇ ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ କରିଥିବା ଗବେଷଣାରୁ ଏପରି ତଥ୍ୟ ମିଳିଛି। ଅନ୍ୟ ଋତୁ ଅପେକ୍ଷା ଶୀତଦିନେ ସୂର୍ଯ୍ୟକିରଣରେ ଉତ୍ତାପ କମ୍ ଥାଏ। ତେଣୁ ଏହି ଦିନରେ ସୂର୍ଯ୍ୟକିରଣ ସୁପ୍ରଭାବ ଅଧିକ ପରିମାଣରେ ଅସ୍ଥି ଉପରେ ପଡିଥାଏ। ତେଣୁ ଶୀତଦିନେ ଜଣେ ବ୍ୟକ୍ତି କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ତାହା ଅସ୍ଥିକୁ ମଜଭୁତ କରିଥାଏ



ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ତ୍ୱଚାରେ ଥିବା 'ଏଗ୍ରୋଷ୍ଟୋରେଲ' ତତ୍ତ୍ୱ ଭିଟାମିନ୍ 'ଡି'ରେ ରୂପାନ୍ତରିତ ହୋଇଥାଏ, ଯାହାଦ୍ୱାରା ମାଂସପେଶୀ ପୂର୍ବାପେକ୍ଷା ଶକ୍ତ ହୁଏ। ଅପରପକ୍ଷରେ ସୂର୍ଯ୍ୟକିରଣ ଆମ ଶରୀରରେ 'ଓଷ୍ଟିଓକ୍ଲେକିନ' ନାମକ ପ୍ରୋଟିନ୍ ପ୍ରସ୍ତୁତ କରେ ଯାହା ଅସ୍ଥିକୁ ମଜଭୁତ କରିବାରେ ସହାୟକ ହୋଇଥାଏ।



“ ସଡ଼କ ଏବଂ ପରିବହନ ଭିତ୍ତିଭୂମି ବିକାଶ ଲାଗି ଚଳିତ ବର୍ଷ ୫ ଲକ୍ଷ କୋଟି ଟଙ୍କା ବିନିଯୋଗ କରିବାକୁ ଲକ୍ଷ୍ୟ ରଖାଯାଇଛି।
– ନୀତିନ ଗଡକରି, କେନ୍ଦ୍ର ମନ୍ତ୍ରୀ



“ ୨୦୧୯–୨୦ ଆର୍ଥିକ ବର୍ଷ ଲାଗି ଭାରତ ଟିକସ ସଂଗ୍ରହ ଲକ୍ଷ୍ୟ ପୂରଣ କରି ନ ପାରେ।
– ସୁଭାଷ ଗର୍ଗ, ପୂର୍ବତନ ଅର୍ଥ ସଚିବ


# ଟିକସ କ୍ଷେତ୍ରରେ ଆସିପାରେ ବଡ଼ ଘୋଷଣା

**ବଜେଟ ୨୦୨୦-୨୧**

**ନୂଆଦିଲ୍ଲୀ,୧୯-୧: ବଜେଟ ପ୍ରସ୍ତୁତି ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ସୋମବାର ହାଲୱା ସେରିମନି ଅନୁଷ୍ଠିତ ହେବାକୁ ଯାଉଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସମେତ ବଜେଟ ପ୍ରସ୍ତୁତିରେ ସାମିଲ ଅଧିକାରୀମାନେ ବଜେଟ ଉପସ୍ଥାପନ ହେବା ଯାଏ ନର୍ଥ ବ୍ଲକରୁ ବାହାରିବା ବନ୍ଦ ହୋଇଯିବ। ବଜେଟ ସମ୍ପର୍କରେ କୌଣସି କଥା ସାଧାରଣରେ ଯେଭଳି ପ୍ରଘଟ ନ ହୁଏ ତାକୁ ଧ୍ୟାନରେ ରଖି ଏଭଳି ପରମ୍ପରା ରହିଛି। ଆଗାମୀ ବଜେଟକୁ ନେଇ ସାଧାରଣ ଲୋକ ଏବଂ କର୍ପୋରେଟ ଜଗତର ଅନେକ ଆଶା ରହିଛି। ଟିକସ କ୍ଷେତ୍ରରେ ୧୦ ପ୍ରମୁଖ ଘୋଷଣା ସରକାର କରିପାରନ୍ତି। ସେ ବିଷୟଗୁଡ଼ିକ ହେଲା...**




## ଆୟକର ହାର




ଆଗାମୀ ବଜେଟ୍‌ରେ ଲୋକଙ୍କର ସବୁଠାରୁ ବଡ଼ ଅପେକ୍ଷା ମଧ୍ୟରେ ଆୟକର ପ୍ରମୁଖ ରହିଛି। ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀଙ୍କ କହିବା ମୁତାବକ ସରକାର ୨୦ ଏବଂ ୩୦% ଟିକସକୁ ହଟାଇ ଏକ ଫ୍ଲାଟ ଟିକସ ହାର ଆଣିପାରନ୍ତି। ଏହାର ଟିକସ ହାର ୧୫ରୁ ୧୮% ରହିବ। ବର୍ତ୍ତମାନ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଛାଡ ମିଳୁଛି। ଅଢେଇ ଲକ୍ଷରୁ ୫ ଲକ୍ଷ ଆୟ ଉପରେ ୫% ଟିକସ, ୫ରୁ ୧୦ ଲକ୍ଷ ଆୟ ଉପରେ ୨୦% ଏବଂ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆୟ ଉପରେ ୩୦% ଟିକସ ଲାଗୁ ହେଉଛି।

## କର୍ପୋରେଟ ଟିକସ ହ୍ରାସ




ସରକାର ମାନ୍ଦାବସ୍ଥା ଯୋଗୁ କର୍ପୋରେଟ ଟିକସ ହାର ହ୍ରାସ କରିବା ସହ ଅର୍ଥ ବ୍ୟବସ୍ଥାରେ ଚାହିଦା ବଢାଇବା ଦିଗରେ ପଦକ୍ଷେପ ନେଇଛନ୍ତି। ଏଭଳି ସ୍ଥିତିରେ ଦେଶର କର୍ପୋରେଟ ଜଗତ ଫ୍ଲାଟ ୧୫% କର୍ପୋରେଟ ଟିକସ ଦେଶରେ ଲାଗୁ କରାଇବା ଲାଗି ଦାବି ରଖିଛି। ବର୍ତ୍ତମାନ କର୍ପୋରେଟ ଟିକସ ହାର ୨୨% ରହିଛି।

## ଡିଭିଡେଣ୍ଡ ଉପରେ ଟିକସ ହାର ହ୍ରାସ




ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ ଟାକ୍ସ (ଡିଡିଟି) ଉଚ୍ଛେଦ ନେଇ ଶିଳ୍ପ ପକ୍ଷରୁ ଦାବି ହେଉଛି। ଏହା ଯଦି ଲାଗୁ ହୁଏ ତେବେ ଏହାକୁ ୧୫%ରେ ସୀମିତ ରଖାଯାଉ ବୋଲି ଶିଳ୍ପ ପକ୍ଷରୁ କୁହାଯାଇଛି। ଏହା ବର୍ତ୍ତମାନ ୨୦.୫୬% ରହିଛି। ଡିଡିଟି ହଟିଲେ ଟିକସ ଚୋରି କମିବା ସହ କମ୍ପାନୀଗୁଡ଼ିକର ଲାଭ ବଢିବ ବୋଲି ଶିଳ୍ପଜଗତ ମତ ରଖିଛି।

## ଏଲଟିସିଜି




ଲଙ୍ଗଟର୍ମ କ୍ୟାପିଟାଲ ଗେନ୍ସ (ଏଲ୍‌ଟିସିଜି)କୁ ନେଇ ସରକାର ବଡ ଘୋଷଣା କରିପାରନ୍ତି। ବର୍ତ୍ତମାନ ଏହି ବର୍ଗରେ ୧୦% ଟିକସ ଲାଗୁ ହେଉଛି। ଇକ୍ୱିଟିରେ ଏଲ୍‌ଟିସିଜି ହଟାଇବା ଲାଗି ଇଣ୍ଡିଆ ଇଙ୍କ ପକ୍ଷରୁ ଦାବି ହେଉଛି। ଏହି ଟିକସ ହଟିଲେ ଦେଶକୁ ଅଧିକ ନିବେଶ ଆସିବ। ୨୦୧୮–୧୯ରେ ସରକାର ଏହି ଟିକସକୁ ପୁନଶ୍ଚ ଲାଗୁ କରାଇଛନ୍ତି। ସୂତ୍ର ଅନୁସାରେ ସରକାର ଆଗାମୀ ୨ ବର୍ଷ ଲାଗି ଏଲଟିସିଜି ଉପରେ ଲାଗୁ ହେଉଥିବା ଟିକସ ଛାଡ଼ କରିପାରନ୍ତି କିମ୍ବା ଏ କ୍ଷେତ୍ରରେ କିଛି ରିହାତି ପ୍ରଦାନ କରିପାରନ୍ତି।

## ହୋମ ଲୋନ

ବାସଗୃହ ଋଣ ସୁଧହାର କ୍ଷେତ୍ରରେ ଟିକସ ଛାଡ଼ ସୀମା ୨ ଲକ୍ଷ ଟଙ୍କାରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି ଘଟିପାରେ। ବର୍ତ୍ତମାନ ଆୟକର ଆଇନ ଧାରା ୨୪ ମୁତାବକ ୨ ଲକ୍ଷ ଟଙ୍କାର ଛାଡ଼ ମିଳୁଛି।

## ଟିକସ ବିବାଦ




ଦେଶରେ ଟିକସଜନିତ ବିବାଦ ସମାଧାନ ଲାଗି ଅନେକ ସମୟ ଲାଗୁଥିବା ବିଦେଶୀ କମ୍ପାନୀଗୁଡ଼ିକ ଅଭିଯୋଗ କରୁଛନ୍ତି। ଏହି କାରଣ ଯୋଗୁ ବିଦେଶୀ କମ୍ପାନୀଗୁଡ଼ିକ ଭାରତରେ ନିବେଶ ଏବଂ ବାଣିଜ୍ୟ କରିବା ଲାଗି ଡରୁଛନ୍ତି। ଇଜ ଅଫ ଡୁଇଂ ବିଜ୍‌ନେସକୁ ସରକାର ପ୍ରାଥମିକତା ଦେଉଛନ୍ତି। ଆଗାମୀ ବଜେଟରେ ସରକାର ଟିକସ ବିବାଦ ଜନିତ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେଇପାରନ୍ତି ବୋଲି କୁହାଯାଉଛି।

## ଲିମିଟେଡ ଲାଏବିଲିଟି ପାର୍ଟନରଶିପ




ବଜେଟରେ ଲିମିଟେଡ ଲାଏବିଲିଟି ପାର୍ଟନରଶିପି (ଏଲ୍‌ଏଲ୍‌ପି) ଏବଂ ବିଦେଶୀ କମ୍ପାନୀଗୁଡ଼ିକ ଉପରେ ଲାଗୁଥିବା ଟିକସ ହ୍ରାସ କରିବା ଲାଗି ଦାବି ହେଉଛି। ଏହାବାଦ ମିନିମମ୍ ଅଲଟରନେଟିଭ ଟାକ୍ସ(ମ୍ୟାଟ୍) କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ହୋଇପାରେ। ବର୍ତ୍ତମାନ ପ୍ରଫିଟ ବୁକିଂ ଉପରେ ମ୍ୟାଟ ଦର ୧୮.୫% ରହିଛି।

## ଏମ୍‌ଏସ୍‌ଏମ୍‌ଇ




ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକ ଲାଗି ଫଣ୍ଡ ଅଫ୍ ଫଣ୍ଡସ (ଏଫ୍‌ଓଏଫ୍) ସୁବିଧା ମିଳିପାରେ। ଏହି କ୍ଷେତ୍ରରେ ପାଣ୍ଠିଜନିତ ସମସ୍ୟାକୁ ହ୍ରାସ କରିବା ଲାଗି ସରକାର ଏଭଳି ଏକ ସୁବିଧା ଆଣିପାରନ୍ତି ବୋଲି କୁହାଯାଉଛି।

## ବର୍ଡର ଆଡଜଷ୍ଟମେଣ୍ଟ ଟାକ୍ସ

ସରକାର ବଜେଟରେ ନୂଆ ବର୍ଡର ଆଡଜଷ୍ଟମେଣ୍ଟ ଟାକ୍ସ ଆଣିପାରନ୍ତି। ଏହାକୁ ସୀମା ଶୁଳ୍କ ଆଇନ ଅନ୍ତର୍ଗତ ଲାଗୁ କରାଯାଇପାରେ। ଉଭୟ ଘରୋଇ ଏବଂ ବିଦେଶୀ କମ୍ପାନୀଙ୍କୁ ବ୍ୟବସାୟର ସମାନ ସୁଯୋଗ ଦେବା ଏବଂ ଯେଭଳି କାହାର କ୍ଷତି ନ ହୁଏ ଏହି ପ୍ରସଙ୍ଗ ସବୁକୁ ଧ୍ୟାନରେ ରଖି ସରକାର ଏଭଳି ପଦକ୍ଷେପ ଘୋଷଣା କରିପାରନ୍ତି।

## ୮୦ସି ସୀମା

ଗଣମାଧ୍ୟମ ରିପୋର୍ଟ ମୁତାବକ ଅର୍ଥ ମନ୍ତ୍ରଣାଳୟ ସେକ୍ସନ ୮୦ସି ଅନ୍ତର୍ଗତ ସଞ୍ଚୟ କ୍ଷେତ୍ରରେ ୨.୫ ଲକ୍ଷ ପର୍ଯ୍ୟନ୍ତ ରାଶି ଟିକସଛାଡ଼ ଅନୁମତି ଦେଇ ପାରେ। ବର୍ତ୍ତମାନ ୮୦ସିରେ ଦେଢ଼ ଲକ୍ଷ ଟଙ୍କା ଉପରେ ଟିକସ ଛାଡ଼ ମିଳୁଛି। ୮୦ସିରେ ଏବେ ପିପିଏଫ୍ ଏବଂ ନ୍ୟାଶନାଲ ସେଭିଙ୍ଗସ ସାର୍ଟିଫିକେଟ ସାମିଲ ରହିଛି। ନ୍ୟାଶନାଲ ସେଭିଙ୍ଗସ ସାର୍ଟିଫିକେଟରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ୍)ରେ ୨.୫ ଲକ୍ଷ ଟଙ୍କା ନିବେଶ ଟିକସ ଛାଡ଼ ହେବା ନେଇ ସମ୍ଭାବନା ରହିଛି।

## ବଜେଟକୁ ନେଇ ସୋସିଆଲ ମିଡିଆ କ୍ୟାମ୍ପେନ୍

ବଜେଟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ସୋସିଆଲ ମିଡିଆ କ୍ୟାମ୍ପେନ୍ ଆରମ୍ଭ କରାଯିବ। ଏହା ଚଳିତ ମାସ ୨୨ ଠାରୁ ଶୁଭାରମ୍ଭ ହେବ ବୋଲି ସୂଚନା ରହିଛି। ଏହାର ନାମ ଅର୍ଥଶାସ୍ତ୍ରୀ କ୍ୟାମ୍ପେନ୍ ରହିଛି। ଏହା ଦ୍ୱାରା ବିଭିନ୍ନ ଅର୍ଥନୈତିକ ଶବ୍ଦକୁ ଆନିମେଟେଡ ଭିଡିଓ ଦ୍ୱାରା ଲୋକଙ୍କ ସାମ୍ନାରେ ପରିବେଷଣ କରାଯିବ। ଫଳରେ ବଜେଟ ପ୍ରକ୍ରିୟାକୁ ଛାତ୍ରୀଛାତ୍ର ଏବଂ ସାଧାରଣ ଲୋକମାନେ ସହଜରେ ବୁଝିବାକୁ ସକ୍ଷମ ହେବେ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏଭଳି କାର୍ଯ୍ୟକ୍ରମ ଗତ ବର୍ଷ ବଜେଟ ଆଗରୁ ସରକାର ହାତକୁ ନେଇଥିଲେ। ସେହିଭଳି ବଜେଟରେ ରହିଥିବା ପ୍ରତିଶ୍ରୁତିକୁ ନେଇ ଆଉ ଏକ କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ଏହାର ଟ୍ୟାଗଲାଇନ ରହିଛି ‘ହମାରା ଭରୋସା’। ଏହାକୁ ୧୨ ଆଞ୍ଚଳିକ ଭାଷାରେ ଲଞ୍ଚ କରାଯାଇଛି। ସରକାରଙ୍କ ପ୍ରତିଶ୍ରୁତି ଏବଂ ସୁବିଧା ଯୋଗାଣ ଉପରେ ଏହା ଆଧାରିତ। ସ୍ୱାସ୍ଥ୍ୟ କ୍ଷେତ୍ର, ମାନବ ବିହୀନ ଲେଭଲ୍ କ୍ରସିଂ, ହାଉସିଂ ଫର ଅଲ୍ ଭଳି ବିଭିନ୍ନ ବିଷୟ ଏହା ମଧ୍ୟରେ ସାମିଲ ରହିଛି। ଉଭୟ କ୍ୟାମ୍ପେନ ଆସନ୍ତା ୨୯ ଯାଏ ଚାଲିବ ବୋଲି ଅଧିକାରୀ କହିଛନ୍ତି।

# ଅର୍ଥ ବ୍ୟବସ୍ଥାର ପ୍ରକୃତ ସ୍ଥିତି ମାପିବେ ସରକାର

ନୂଆଦିଲ୍ଲୀ,୧୯–୧

ଦେଶ ମଧ୍ୟରେ ଡାଟାର ଗୁଣବତ୍ତା ନ ଥିବା ଯୋଗୁ ସରକାରଙ୍କୁ ଅନେକେ ସମାଲୋଚନା କରିଥାନ୍ତି। ସେହିଭଳି ଡାଟା ହେରଫେରର ଅଭିଯୋଗ ସରକାରଙ୍କ ବିରୋଧରେ ଆସିଛି। ଏସବୁ ପ୍ରସଙ୍ଗକୁ ବିଚାର କରି ସରକାରୀ ପରିସଂଖ୍ୟାନ ଡାଟାର ପରିବର୍ତ୍ତନ କରି ଏହାକୁ ନୂଆ ରୂପରେ ଆଣିବା ଲାଗି ଅଗ୍ରସର ହେଉଥିବା ଜଣାପଡ଼ିଛି। ଗତ କିଛିବର୍ଷ ଧରି ଏ କ୍ଷେତ୍ରରେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ପାରିନାହିଁ। ହେଲେ ବର୍ତ୍ତମାନ ଅର୍ଥ ବ୍ୟବସ୍ଥାର କାର୍ଯ୍ୟକଳାପ ତଥା ପ୍ରକୃତ ସ୍ଥିତିକୁ ମାପିବା ଲାଗି ସରକାର ଆଗଭର ହେଉଛନ୍ତି। ଏ ନେଇ ଆଲୋଚନା ଆରମ୍ଭ ହୋଇଥିବା ଜଣାପଡ଼ିଛି। ଦେଶର ଆର୍ଥିକ କାର୍ଯ୍ୟକଳାପ ବିଶେଷ କରି ଅଣସଂଗଠିତ କ୍ଷେତ୍ରର ସ୍ଥିତି କ’ଣ ରହିଛି, ତାହା ଜାଣିବା ଲାଗି ସରକାର ଫୋକସ ରଖିଛନ୍ତି। ବର୍ତ୍ତମାନର ଟେକ୍ନୋଲୋଜିକୁ ବ୍ୟବହାର କରି ସରକାର ଡାଟାକୁ ଅପଡେଟ କରିବେ। ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ, ପରିସଂଖ୍ୟାନ ମନ୍ତ୍ରଣାଳୟ ଏବଂ ଅନ୍ୟ ପ୍ରମୁଖ ସରକାରୀ ଏଜେନ୍ସି ଏ ଦିଗରେ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି।

### ନୂଆ ରୂପରେ ଆସିବ ଅଫିସିଆଲ୍ ଡାଟା

କେନ୍ଦ୍ର ସରକାର ଅଭିବୃଦ୍ଧିର ଛବିକୁ ଅଧିକ କରି ଦେଖାଉଥିବା ବିଭିନ୍ନ ଅର୍ଥ ବିଶାରଦ ମାନେ ଅଭିଯୋଗ କରିଛନ୍ତି। ଦେଶର ଅଭିବୃଦ୍ଧି ହାରକୁ ନେଇ ଅନେକ ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି ହୋଇଛି। ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ ପୂର୍ବରୁ କହିଥିଲେ ଦେଶର ଜିଡିପି ଅଭିବୃଦ୍ଧି ୨.୫% ରହିଛି। ଏହାକୁ ସରକାର ପରିବର୍ତ୍ତିତ ଭାବେ ଅଧିକ କରି ଦେଖାଇଛନ୍ତି। ସରକାର ସେବା କ୍ଷେତ୍ର କାର୍ଯ୍ୟକଳାପକୁ ମାପିବା ଲାଗି ସଙ୍ଗଠିତ କ୍ଷେତ୍ରକୁ ବିଚାର କରିଥାନ୍ତି। ସେହିଭଳି ପରିବହନ ଏବଂ ରେଷ୍ଟୁରାଣ୍ଟ ସେଗ୍‌ମେଣ୍ଟରେ ମାତ୍ର ୧୫% ସଂସ୍ଥାଙ୍କୁ ନେଇ ଡାଟା ପ୍ରସ୍ତୁତ ହୋଇଥାଏ। ଢାବା ଏବଂ ଛୋଟ ଛୋଟ ଦୋକାନଗୁଡ଼ିକୁ ଏଥିରେ ବିଚାରକୁ ନିଆଯାଇ ନ ଥାଏ।

**OFFICE OF THE EXECUTIVE ENGINEER**
**RWS&S DIVISION, BARIPADA**
Tel. No. 06792-254029, Fax No. 06792-259464
E-Mail: eerwss_bpd@rediffmail.com, eerwss_bpd@ori.nic.in
**Govt. of Odisha e-Procurement Notice**
**Bid Identification No. 23 of 2019-20, Date: 14.01.2020**
No. O-860:

1. Nature of the work : Extension & Execution of Rural Piped Water Supply Projects under different Programmes in Lump-sum rate contract (11 packages) Double cover.
2. Estimated Cost : 8.12 lakh to 93.20 lakh.
3. Period of Completion : 120 days to 300 days.
4. Date and time of availability of bid document in portal : From 11 hour of 28.01.2020 to 03.02.2020 upto 17 hours.
5. Last Date / Time for receipt of bids in the portal : Upto 17 hours of 03.02.2020
6. Name and address of the O.I.T. : Executive Engineer, RWS&S Division, Baripada
7. Date & Time for Opening of Tender : 04.02.2020 at 11.00 AM
8. Corrigendum and addendum if any shall only be published in the above website http://www.tenderodisha.gov.in

Further details can be seen from the e-procurement portal: “https://tendersodisha.gov.in”

25014/11/0006/1920 *Sd./- Executive Engineer, RWS&S Division, Baripada*

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

CAPITAL FINANCE
CAPITAL ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
9992204486

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି଼ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଏପରି ଏକ ଋଣ ଯାହା ଘରକୁ ଖୁସି ଆଣେ
ଭାରତୀୟ ମୁଦ୍ରା ଯୋଜନା ଅଧୀନରେ
ଭାରତୀୟଙ୍କ ସବୁଠାରୁ ଭରସାଯୋଗ୍ୟ କମ୍ପାନୀ
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ, ଆଦି ସମସ୍ତ ଋଣ
1% ସୁଧ 50% ଛାଡ଼ — ଲୋନ୍ ଧମାକା
ATM Card ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ | ସବୁ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
(କାମ ଆମର, ବିଶ୍ୱାସ ଆପଣଙ୍କର)
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ଅଫର୍
073763-45374
087219-21764

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ–2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

SUCCESS
DHARITRI Career appointment Every Wednesday and Saturday

BUSINESS

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
8887184570

BUSINESS
ଭାରତ ସରକାର ଦ୍ୱାରା ମାନ୍ୟତାପ୍ରାପ୍ତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ରେ ଡିଜିଟାଲ ଟାୱର ଲଗାନ୍ତୁ
ଅଗ୍ରିମ - 70ଲକ୍ଷ, ଭଡା-50000 + 20 Years
କୋର୍ଟ ଆଗ୍ରୀମେଣ୍ଟ,
ଧୋଖା ଖାଇଥିବା ବ୍ୟକ୍ତି ଥରେ ଅବଶ୍ୟ କଲ କରି ଡାଇରେକ୍ଟ କମ୍ପାନୀ ସହ କଥା ହୁଅନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
Amit Tiwari: -
7429717631

INDUS TOWER COMPANY PVT. LTD
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରି ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍ ଉପରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ:70 ଲକ୍ଷ
ଭଡ଼ା: 40 ହଜାର
082784-55157
073761-01835
ADDRESS: T-51, GAUTAMPURI, DELHI

JOB JOB
ଶିବାନୀ SMS ଜବ୍ ପାର୍ଟ ଟାଇମ୍/ଫୁଲ୍ ଟାଇମ୍ JOB ALL ଓଡ଼ିଶାର ସବୁ ଜିଲ୍ଲା ଅନୁସାରେ ପୁଅ/ଝିଅ, ବେରୋଜଗାର, ଗୃହିଣୀ, ବେରୋଜଗାରୀ/ମାନ୍ଦାବସ୍ଥା ସମୟରେ ଆୟର ସୁବର୍ଣ୍ଣ ସୁଯୋଗ 15,000/-ରୁ 20,000/- ରୋଜଗାର କରନ୍ତୁ। ଲାପଟପ୍, ମୋବାଇଲ, ବାଇକ୍ ମାଗଣା। ଅନ୍‌ଲାଇନ୍ SMS କରନ୍ତୁ। ଜବ୍ ଆଇ.ଡି. ପାଇଁ ଯୋଗାଯୋଗ କରନ୍ତୁ।
7265982706
7064678575

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
073762-57896
094994-92906
ADDRESS: T-51, GAUTAMPURI, DELHI

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକର୍ଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଳି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION

ଭାରତ ସରକାରଙ୍କ ନର୍ସିଂ ଓ ଫାୟାର ସେଫଟି ପାଠ୍ୟକ୍ରମ ଓ ନିଯୁକ୍ତି ସୁଯୋଗ
Nursing: OT.TECH, DM.L.T TECH, PHRAMACY, I.C.U, DIALYSIS, E.C.G, G.N.M
Fire Safety: Fire & Safety Engg. Tech., Fire and Industrial Safety Management
Hospital Practical, Hostel, Transport Facility Available Here
KIMS, KHANDAGIRI, BBSR
8658179869
7752094125

# ଶୁଟ୍ ଆଉଟରେ ଜିତିଲା ଭାରତ

ଭୁବନେଶ୍ୱର, ୧୯।୧
(କ୍ରୀଡ଼ା ପ୍ରତିନିଧି)

ନିର୍ଦ୍ଧାରିତ ସମୟ ଖେଳ ୩-୩ରେ ସମାନ ରହିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍ ଆଉଟର ସହାୟତା ନିଆଗଲା। ଏହି ପର୍ଯ୍ୟାୟରେ ଚାପର ବଶବର୍ତ୍ତୀ ନ ହୋଇ ଭାରତ ୩-୧ ଗୋଲରେ ବିଜୟୀ ହେଲା। ଭାଗ୍ୟ ସହାୟ ନ ହେବାରୁ ନେଦରଲାଣ୍ଡ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କଲା। ଏଫ୍ଆଇଏଚ୍ ହକି ପ୍ରୋ ଲିଗ୍ର ଏପରି ଏକ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶୁଟ୍ ଆଉଟରେ ଫଳାଫଳ ନିର୍ଣ୍ଣିତ ହୋଇଥିବାରୁ ନିୟମ ଅନୁସାରେ ଭାରତ ୨ ଓ ନେଦରଲାଣ୍ଡ ୧ ପଏଣ୍ଟ ହାସଲ କରିଛି। ଶନିବାର ଏହି ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ରେ ଭାରତ ୫-୨ ଗୋଲରେ ବିଜୟୀ ହୋଇ ୩ ପଏଣ୍ଟ ପାଇଥିଲା। ତେଣୁ ପ୍ରୋ ଲିଗ୍ର ପ୍ରଥମ ଦୁଇ ମ୍ୟାଚ୍ ଶେଷରେ ଭାରତ ୫ ଓ ନେଦରଲାଣ୍ଡ ୧ ପଏଣ୍ଟ ପାଇଛି।



ନେଦରଲାଣ୍ଡ ବିପକ୍ଷରେ ବିଜୟୀ ଭାରତୀୟ ହକି ଦଳ। (ଫଟୋ: ବିକାଶ ନାୟକ)

## କଡ଼ା ଟକ୍କର

ପ୍ରୋ ଲିଗ୍ର ପ୍ରଥମ ମ୍ୟାଚ୍ରେ ଭାରତ ସହଜ ବିଜୟ ହାସଲ କରିଥିଲା। ତ୍ରୁଟିରୁ ଶିକ୍ଷାଲାଭ କରିଥିବା ନେଦରଲାଣ୍ଡ ଦ୍ୱିତୀୟ ମ୍ୟାଚ୍ରେ କଡ଼ା ଟକ୍କର ଦେଇଥିଲା। ପ୍ରଥମ କ୍ୱାର୍ଟରରେ ଉଭୟ ଦଳ ଅନେକ ସୁଯୋଗ ସୃଷ୍ଟି କରିଥିଲେ ହେଁ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଚମତ୍କାର ଖେଳିଥିଲା ନେଦରଲାଣ୍ଡ। ୨୩ତମ ମିନିଟ୍ରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାନ୍ ଡର ୱିର୍ଡେନ ମିଙ୍କ୍ ମ୍ୟାଚ୍ରେ ଗୋଲ ସ୍କୋରିଂ ଖାତା ଖୋଲିଥିଲେ। ଏହାର ୨ ମିନିଟ୍ ପରେ ଲଳିତ ଉପାଧ୍ୟାୟ ଗୋଲ୍ଟି ପରିଶୋଧ କରିବାରୁ ମ୍ୟାଚ୍ ରୋମାଞ୍ଚକ ହୋଇଥିଲା। ତେବେ ୨୬ତମ ମିନିଟରେ ଜେରୋନ ହର୍ଜବର୍ଜର ଓ ୨୭ତମ ମିନିଟରେ ଜର୍ନ କିଲରମ୍ୟାନ ଗୋଟିଏ ଲେଖାଏ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ନେଦରଲାଣ୍ଡ ୩-୧ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ତୃତୀୟ କ୍ୱାର୍ଟରରେ ମ୍ୟାଚ୍କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଭାରତ ଜୋର୍ଦାର ଉଦ୍ୟମ କରିଥିଲା। ତେବେ ୪୧ତମ ମିନିଟ୍ରେ ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ ବିପଜ୍ଜନକ ଖେଳ ପାଇଁ ହଳଦିଆ କାର୍ଡ ପାଇବାରୁ ତୃତୀୟ କ୍ୱାର୍ଟରର ଶେଷ ୧୦ ମିନିଟ୍ ଭାରତ ୧୦ ଜଣିଆରେ ଖେଳିଥିଲା। ତେବେ ନେଦରଲାଣ୍ଡ ଏଥିରୁ ଫାଇଦା ନେଇପାରି ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଅସଲ ଖେଳ ହୋଇଥିଲା। ଘରୋଇ ପରିବେଶ ଓ ଦର୍ଶକଙ୍କ ସମର୍ଥନରେ ଉତ୍ସାହିତ ହୋଇ ଭାରତୀୟ ଖେଳାଳିମାନେ ଜୋସ୍ ଦେଖାଇଥିଲେ। ୫୧ତମ ମିନିଟ୍ରେ ଭାରତ ଏକ ପେନାଲ୍ଟି କର୍ନର ହାସଲ କରିଥିଲା। ଏସ୍.ଭି. ସୁନୀଲଙ୍କ ପୁସ୍ରେ ରୂପିନ୍ଦରପାଲ ସିଂଙ୍କ ଶଟ୍ ନେଦରଲାଣ୍ଡ ଗୋଲକିପରଙ୍କ ପ୍ୟାଡ୍ରେ ବାଜି ଫେରି ଆସୁଥିବାବେଳେ ବନଦୀପ ସିଂଙ୍କ ରିବାଉଣ୍ଡ ଶଟ୍ ଗୋଲରେ ପରିଣତ ହୋଇଥିଲା। ୫୫ତମ ମିନିଟରେ ଦଳକୁ ଆଉ ଏକ ପେନାଲ୍ଟିକର୍ନର ମିଳିଥିଲା। ଏଥର କିନ୍ତୁ ରୂପିନ୍ଦରପାଲ ଭୁଲ କରି ନ ଥିଲେ। ଡ୍ରାଗ୍ ଫ୍ଲିକ୍ ଶଟ୍ ଜରିଆରେ ସେ ଗୋଲ ଦେବାରୁ ମ୍ୟାଚ୍ ସମାନ ସ୍ତରକୁ ଚାଲିଆସିଥିଲା। ଶେଷ ୫ ମିନିଟ୍ର ଲଢ଼େଇ ଉତ୍ତେଜନାପୂର୍ଣ୍ଣ ରହିଥିଲା। ୫୯ତମ ମିନିଟ୍ରେ ନେଦରଲାଣ୍ଡ ପାଇଁ ମ୍ୟାଚ୍ ଜିତିବାକୁ ସୁବର୍ଣ୍ଣ ସୁଯୋଗ ଆସିଥିଲା। ମାତ୍ର ଭାରତୀୟ ଦ୍ୱିତୀୟ ପସନ୍ଦ ଗୋଲକିପର କ୍ରିଷ୍ଣନ ପାଠକ ଚମତ୍କାର ସେଭ୍ କରି ମ୍ୟାଚ୍କୁ ଶୁଟ୍ ଆଉଟକୁ ପଠାଇ ଦେଇଥିଲେ।

### ଏଫଆଇଏଚ୍ ହକି ପ୍ରୋ ଲିଗ୍

- ନିର୍ଦ୍ଧାରିତ ସମୟ ଖେଳ ୩-୩
- ଶୁଟ ଆଉଟ: ଭାରତ ୩, ନେଦରଲାଣ୍ଡ ୧
- ଭାରତକୁ ୨,ନେଦରଲାଣ୍ଡକୁ ୧ ପଏଣ୍ଟ




ପରାଜୟରେ ମର୍ମାହତ ନେଦରଲାଣ୍ଡ ଖେଳାଳି ଜେରୋନ ହର୍ଜବର୍ଜର।

## ଶୁଟ୍ ଆଉଟର ରୋମାଞ୍ଚ

ଶୁଟ୍ ଆଉଟ ପର୍ଯ୍ୟାୟରେ ପ୍ରଥମେ ଆସିଥିଲେ ଭାରତର ହରମନପ୍ରୀତ ସିଂ। ମାତ୍ର ସେ ନେଦରଲାଣ୍ଡ ଗୋଲକିପର ଭାନ ଡର ଭେନ୍ ସାମ୍ଙ୍କୁ ଅତିକ୍ରମ କରିବାକୁ ସକ୍ଷମ ହୋଇ ନ ଥିଲେ। ନେଦରଲାଣ୍ଡର ଜେରୋନ ହର୍ଜବର୍ଜର ମଧ୍ୟ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶଙ୍କୁ ଚକ୍ମା ଦେବାରେ ବିଫଳ ହୋଇଥିଲେ। ଦ୍ୱିତୀୟରେ ଆସିଥିବା ବିବେକ ସାଗର ପ୍ରସାଦ କିନ୍ତୁ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ନେଦରଲାଣ୍ଡର ଗ୍ଲେନ ସ୍କୁରମ୍ୟାନ ବିଫଳ ହେବାରୁ ଭାରତର ଅଗ୍ରଣୀ ବଳବତ୍ତର ରହିଥିଲା। ଭାରତର ରୂପିନ୍ଦରପାଲ ବିଫଳ ହେବାରୁ ନେଦରଲାଣ୍ଡ ଆଶା ଉଜ୍ଜୀବିତ ରହିଥିଲା। ମାତ୍ର ଦଳକୁ ଭାଗ୍ୟଦେବୀ ସହାୟ ହୋଇ ନ ଥିଲେ। ଥିଏରୀ ବ୍ରିଙ୍କମ୍ୟାନ ମଧ୍ୟ ଗୋଲ ଦେବାରେ ବିଫଳ ହୋଇଥିଲେ। ଭାରତର ୪ର୍ଥ ଷ୍ଟ୍ରାଇକର ଗୁରଜାନ୍ତ ସିଂ ଗୋଲ ଦେବାରୁ ଘରୋଇ ଦଳର ପଲା ଭାରି ହୋଇଯାଇଥିଲା। ନେଦରଲାଣ୍ଡର ମିର୍କୋ ପ୍ରୁଜ୍ସେର ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ତେବେ ଆକାଶଦୀପ ସିଂ ଗୋଲ ଦେବା ପରେ ଭାରତୀୟ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ଭାରତ ୩-୧ରେ ଅଗ୍ରଣୀ ହୋଇଥିବାରୁ ଆଉ ନେଦରଲାଣ୍ଡ ଖେଳାଳି ଶୁଟ୍ ଆଉଟ ମାରିବା ଆବଶ୍ୟକ ହୋଇ ନ ଥିଲା। ମ୍ୟାଚ୍ ଓ ଶୁଟ୍ ଆଉଟରେ ଗୋଲ ଦେଇଥିବା ରୂପିନ୍ଦରପାଲ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।




## ଗ୍ୟାଲେରୀ କର୍ନର

### ମ୍ୟାଚ ଦେଖିଲେ ହରେନ୍ଦ୍ର

ଭୁବନେଶ୍ୱର, ୧୯।୧(କ୍ରୀଡ଼ା ପ୍ରତିନିଧି)



କଳିଙ୍ଗ ଷ୍ଟାଡିୟମରେ ରବିବାର ଭାରତ-ନେଦରଲାଣ୍ଡ ଏଫ୍ଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ୍ ଅବସରରେ ପୂର୍ବତନ କୋଚ୍ ହରେନ୍ଦ୍ର ସିଂ ଗ୍ୟାଲେରିରେ ବସି ମ୍ୟାଚ୍ ଉପଭୋଗ କରୁଥିବା ପରିଲକ୍ଷିତ ହୋଇଥିଲା। ୨୦୧୮ ହକି ବିଶ୍ୱକପ୍ ଅବସରରେ ହରେନ୍ଦ୍ର ଭାରତୀୟ ପୁରୁଷ ହକି କୋଚ୍ ଥିଲେ। କ୍ୱାର୍ଟର ଫାଇନାଲରେ ଭାରତ ଏହି ନେଦରଲାଣ୍ଡ ନିକଟରୁ ପରାଜିତ ହେବାରୁ ହରେନ୍ଦ୍ରଙ୍କୁ ପଦ ଛାଡ଼ିବାକୁ ପଡ଼ିଥିଲା। ଏବେ ତାଙ୍କ ସାମ୍ନାରେ ନେଦରଲାଣ୍ଡର ପରାଜୟ ନିଶ୍ଚିତ ହରେନ୍ଦ୍ରଙ୍କୁ ଉଲ୍ଲସିତ କରିଥିବ।

### ଉପଭୋଗ କଲେ ଶ୍ରଦ୍ଧାଞ୍ଜଳି, ଅନୁରାଧା

ଗ୍ୟାଲେରିରେ ଉପସ୍ଥିତ ରହି ଭାରତୀୟ ମହିଳା ଫୁଟ୍ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ହର୍ଡଲ୍ସ କୁଇନ୍ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଭାରତ-ନେଦରଲାଣ୍ଡ ମ୍ୟାଚ୍ ଉପଭୋଗ କରିଥିଲେ। ଏହି ଅବସରରେ ଅନୁରାଧାଙ୍କ ପରିବାର ମଧ୍ୟ ଉପସ୍ଥିତ ଥିଲେ। ତାଙ୍କ ଝିଅ ତଥା ଓଡ଼ିଶାର ଉଦୀୟମାନ ଶଟ୍ପୁଟ ପ୍ରତିଭା ଆଂଶିକା ରାଉତରାୟ ମଧ୍ୟ ମ୍ୟାଚ୍ ଉପଭୋଗ କରିଥିଲେ।



ଦର୍ଶକଙ୍କ ଗହଣରେ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ (ବାମ)।



ପରିବାର ସହ ଅନୁରାଧା ବିଶ୍ୱାଳ (ଡାହାଣ)।

### ବିଜୟର ମଜା ନେଲେ ଦର୍ଶକ

ଭାରତ ଓ ନେଦରଲାଣ୍ଡ ମଧ୍ୟରେ ଅନୁଷ୍ଠିତ ୨ଟିଯାକ ମ୍ୟାଚ୍ରେ ଘରୋଇ ଦଳ ବିଜୟୀ ହୋଇଥିବାରୁ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ ଭଲ ସ୍ମୃତି ନେଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରବିବାର ଭାରତୀୟ ଦଳ ପଛୁଆ ରହିଥିବାବେଳେ ମଧ୍ୟ ଦର୍ଶକମାନେ ହତାଶ ହୋଇ ନ ଥିଲେ। ପ୍ରତିଟି ମୁଭ୍ରେ ସେମାନେ ଭାରତୀୟ ଖେଳାଳିଙ୍କୁ କୋଳାହଳ ମାଧ୍ୟମରେ ଉତ୍ସାହିତ କରୁଥିଲେ। ଫଳସ୍ୱରୂପ ଭାରତ ପ୍ରଥମେ ମ୍ୟାଚ୍କୁ ସମାନ ସ୍ତରକୁ ଆଣିବା ଏବଂ ପରେ ଶୁଟ୍ ଆଉଟରେ ଜିତିବା ସମ୍ଭବ ହୋଇଥିଲା।


# କ୍ରୀଡ଼ା ସଂସ୍କୃତିର ବିକାଶରେ ସ୍ପୋର୍ଟ୍ସ ଆଇଟି ସହାୟ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୧
(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଜାଭିୟର ଏମ୍ଲିୟନ ବିଜନେସ ସ୍କୁଲ (ଏକ୍ସଇବିଏସ୍) ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ସ୍ପୋର୍ଟ୍ସ ଆଇଟି-୨୦୨୦ ଉଦ୍ଯାପିତ ହୋଇଛି। ଦେଶରେ ପ୍ରଥମଥର ପାଇଁ ଏଭଳି ସ୍ପୋର୍ଟ୍ସ ଓ ଇନୋଭେଶନ ଫେଷ୍ଟିଭାଲ ଗତ ଦୁଇଦିନ ଧରି ବେଶ୍ ସଫଳତାର ସହ ଆୟୋଜିତ ହୋଇଛି। ଉଦ୍ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ କ୍ରୀଡ଼ାର ଉନ୍ନତି ତଥା ନବୀକରଣରେ ଏହି ଫେଷ୍ଟିଭାଲ ଭୂମିକାକୁ ପ୍ରଶଂସା କରିଥିଲେ। ଏହି ଫେଷ୍ଟିଭାଲ ମାଧ୍ୟମରେ କ୍ରୀଡ଼ାର ବ୍ୟବସାୟୀକରଣ ଓ ଇନୋଭେଶନକୁ ତ୍ୱରିତ କରିବା ଲାଗି ଆମେ ଏକ ପ୍ଲାଟ୍ଫର୍ମ ପ୍ରସ୍ତୁତ କରିବାକୁ ଚାହୁଁଛୁ। ଏଥିରେ କ୍ରୀଡ଼ାବିତ୍, କ୍ରୀଡ଼ା ଅନୁଷ୍ଠାନ, ହାଇପରଫର୍ମାନ୍ସ ସେଣ୍ଟର ଓ ଛାତ୍ରୀଛାତ୍ରଙ୍କୁ ଯଥେଷ୍ଟ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ଏହା ଦ୍ୱାରା କ୍ରୀଡ଼ା ସହ ଜଡ଼ିତ ବ୍ୟକ୍ତିମାନେ ପରସ୍ପର ସହିତ ଜ୍ଞାନ ଓ ଭାବର ଆଦାନପ୍ରଦାନ କରିପାରିବେ। ଏହି ଅବସରରେ ସେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। କ୍ରମାଗତ ଦ୍ୱିତୀୟଥର ପାଇଁ ଓଡ଼ିଶା 'ବେଷ୍ଟ ଷ୍ଟେଟ୍ ଫର୍ ସ୍ପୋର୍ଟ୍ସ ପ୍ରମୋଶନ' ପୁରସ୍କାର ପାଇଥିବା କଥା ସେ ଉଲ୍ଲେଖ କରିଥିଲେ। ଏହା ଦ୍ୱାରା କ୍ରୀଡ଼ାର ଉନ୍ନତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ସୂଚାଉଛି ବୋଲି ସେ କହିଥିଲେ। ଏହି ଫେଷ୍ଟିଭାଲ ଦ୍ୱାରା ରାଜ୍ୟରେ କ୍ରୀଡ଼ା ସଂସ୍କୃତିର ଉନ୍ନତି ହେବା ସଙ୍ଗେସଙ୍ଗେ କ୍ରୀଡ଼ାରେ ନୂତନତା ଆସିବ ବୋଲି ସେ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀର ଜଣାଶୁଣା କ୍ରୀଡ଼ା ଅନୁଷ୍ଠାନ ଫୁନ୍ଗାଗେକୁ ବେଷ୍ଟ ଷ୍ଟାର୍ଟଅପ୍ ପୁରସ୍କାର ପ୍ରଦାନ କରିଥିଲେ। ଫ୍ରାନ୍ସର ଏମ୍ଲିୟନ ବିଜନେସ ସ୍କୁଲ ତରଫରୁ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ହେକ୍ଥାଥଲନ ପ୍ରତିଯୋଗିତା ଜିତିଥିବା ଦଳଗୁଡ଼ିକୁ ମଧ୍ୟ ସେ ପୁରସ୍କୃତ କରିଥିଲେ। ଏହି ଦଳଗୁଡ଼ିକରେ ଟେନିସ୍ ଖେଳାଳି ଚିନ୍ମୟ ପ୍ରଧାନ, ପାରା ଆଥ୍ଲେଟ ଦିଲେଶ୍ୱର ରାଓ, ନାଭାଲ ଟାଟା ଏକାଡେମୀ ପ୍ରୋଗ୍ରାମ ମ୍ୟାନେଜର ଦେବାଶିଷ ନାୟକ, ବାସ୍କେଟ୍ବଲ ଖେଳାଳି ରାଜେଶ ସିଂ ଓ ପ୍ରଫେସର ସ୍ପୋର୍ଟ୍ସ ସେଭନ ପଟ୍ଟନାୟକ ସାମିଲ ଥିଲେ। ସେପ୍ଟେମ୍ବରରେ ଏମାନେ ଲିୟନ ଯାତ୍ରା କରିବେ ଓ ୟୁରୋପର ସର୍ବବୃହତ୍ ସ୍ପୋର୍ଟ୍ସ ଇନୋଭେଶନ ଫେଷ୍ଟିଭାଲ 'ସ୍ପୋର୍ଟ୍ସ ଅନ୍ଲିମିଟେକ୍'ରେ ଅଂଶଗ୍ରହଣ କରିବେ।

ଶିକ୍ଷମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ଅବସରରେ ଫେଷ୍ଟିଭାଲରେ ଅଂଶଗ୍ରହଣ କରିଥିବା ୧୨ଟି ଷ୍ଟାର୍ଟଅପ୍ ଏଣ୍ଟ୍ରେପ୍ରେନ୍ୟୁର୍ସଙ୍କୁ ପୁରସ୍କୃତ କରିଥିଲେ। ଉଦ୍ଯାପନୀ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ବିଶାଲ କୁମାର ଦେବ, କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଆର. ଭିନିଲ କ୍ରିଷ୍ଣା, ଜାଭିୟର ବିଶ୍ୱବିଦ୍ୟାଳୟ ଭାଇସ୍ ଚାନ୍ସଲର ପ୍ରଫେସର ଟୋନି ଉଭାରୀ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପ୍ରତିଷ୍ଠାତା ବିଜୟ ସାହୁ, ଗୁପ୍ତା ପାୱାର ମ୍ୟାନେଜିଂ ଡାଇରେକ୍ଟର ମହେନ୍ଦ୍ର ଗୁପ୍ତା ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଦୁଇଦିନ ଧରି ଆୟୋଜିତ ହୋଇଥିବା ଏହି ଫେଷ୍ଟିଭାଲରେ ଭିନ୍ନକ୍ଷମ ପିଲାମାନଙ୍କ ସହ ୧୬୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।




ସ୍ପୋର୍ଟ୍ସ ଆଇଟି-୨୦୨୦ ଉଦ୍ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଶିକ୍ଷମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଅନ୍ୟମାନେ।

### ସ୍ପୋର୍ଟ୍ସ ଆଇଟି ଉଦ୍ଯାପିତ



ଧୋନୀ ପୁନର୍ବାର ଭାରତ ପାଇଁ ଖେଳନ୍ତୁ ବା ନ ଖେଳନ୍ତୁ ୨୦୨୧ ଆଇପିଏଲ ନିଲାମୀରେ କିନ୍ତୁ ସେ ଚେନ୍ନାଇ ସୁପର କିଙ୍ଗ୍ସ ଦଳରେ ରହିବେ।-ଏନ୍. ଶ୍ରୀନିବାସନ, ପୂର୍ବତନ ବିସିସିଆଇ ସଭାପତି



ବାରମ୍ବାର ଇଞ୍ଜୁରୀ ସମସ୍ୟାରେ ରହୁଥିବା ଆଣ୍ଡି ମୁରେ ଅଷ୍ଟ୍ରେଲିଆନ ଓପନରୁ ଓହରିଯାଇଥିଲେ ହେଁ ସେ ଆହୁରି କେତେ ବର୍ଷ ଟେନିସ ଖେଳିପାରିବେ। -ବବ୍ ବ୍ରାଏନ, ଡବଲ୍ସ ଟେନିସ୍ କିମ୍ବଦନ୍ତୀ

## ସଂକ୍ଷେପରେ

### ଦିନିକିଆରେ ରୋହିତଙ୍କ ୯ ହଜାର

ବେଙ୍ଗାଲୁରୁ,୧୯।୧(ପି.ଟି.): ଭାରତୀୟ ଓପନର ରୋହିତ ଶର୍ମା ରବିବାର ଦିନିକିଆ କ୍ରିକେଟରେ ୯ ହଜାର ରନ୍ ପୂରଣ କରିଛନ୍ତି। ଏହି ମାଇଲଷ୍ଟୋନ ସ୍ପର୍ଶ କରିବାରେ ସେ ବିଶ୍ୱର ତୃତୀୟ ଦ୍ରୁତତମ ବ୍ୟାଟ୍ସମ୍ୟାନ। ଅଷ୍ଟ୍ରେଲିଆ ବିପକ୍ଷରେ ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆର ପ୍ରଥମ ଓଭରରେ ସେ ଏହି ସଫଳତା ପାଇଥିଲେ। ସେ ୨୧୭ ଇନିଂସରେ ୯ ହଜାର ରନ୍ ପୂରଣ କରିଛନ୍ତି। ଅଧିନାୟକ କୋହଲି ୯ ହଜାର ରନ୍ ପୂରଣ କରିବାରେ ଦ୍ରୁତତମ ବ୍ୟାଟ୍ସମ୍ୟାନ। ସେ ୧୯୪ତମ ଇନିଂସରେ ଏହି ମାଇଲଷ୍ଟୋନ ଛୁଇଁଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କ ବ୍ୟତୀତ ସଚିନ ତେନ୍ଦୁଲକର (୧୮,୪୨୬ ରନ୍), ସୌରଭ ଗାଙ୍ଗୁଲି (୧୧,୨୨୧), ରାହୁଲ ଦ୍ରାବିଡ (୧୦,୭୬୮), ମହେନ୍ଦ୍ର ସିଂ ଧୋନୀ (୧୦,୫୯୯) ଓ ମହମ୍ମଦ ଆଜାରୁଦ୍ଦିନ (୯,୩୭୮)ଙ୍କ ଭଳି ଭାରତୀୟ କିମ୍ବଦନ୍ତୀ ଦିନିକିଆରେ ୯ ହଜାର ରନ୍ କରିସାରିଛନ୍ତି।

### ବ୍ଲାକ ବ୍ୟାଣ୍ଡ ପିନ୍ଧିଲେ ଭାରତୀୟ ଖେଳାଳି

ବେଙ୍ଗାଲୁରୁ,୧୯।୧(ପି.ଟି.): ଭାରତୀୟ ଦଳର ସଦସ୍ୟମାନେ ରବିବାର ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ହାତରେ ବ୍ଲାକ ବ୍ୟାଣ୍ଡ ପିନ୍ଧି ପଡ଼ିଆକୁ ପ୍ରବେଶ କରିଥିଲେ। ପୂର୍ବତନ ଭାରତୀୟ ଅଲରାଉଣ୍ଡର ବାପୁ ନଦକାର୍ନିଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ପାଇଁ ବିରାଟ ବାହିନୀ ଏହି ବ୍ୟାଣ୍ଡ ପରିଧାନ କରିଥିଲେ। ମୃତ୍ୟୁ ବେଳକୁ ବାପୁଙ୍କୁ ୮୬ ବର୍ଷ ହୋଇଥିଲା। ମୁମ୍ବାଇ ଷ୍ଟାଲୱାର୍ଟ ଦେଶ ପାଇଁ ୪୧ ଟେଷ୍ଟ ଖେଳି ୧୪୧୪ ରନ୍ କରିବା ସହ ୮୮ ଉଇକେଟ ନେଇଥିଲେ। ବାମହାତୀ ବୋଲର ଗୋଟିଏ ମ୍ୟାଚ୍‌ରେ ଲଗାତର ୨୧ ମେଡେନ ଓଭର ପକାଇ ରେକର୍ଡ କରିଥିଲେ। ଏହି ରେକର୍ଡ ଏବେ ମଧ ତିଷ୍ଠି ରହିଛି।

### ବାଦ୍ ପଡ଼ିଲେ ଧାୱନ

ବେଙ୍ଗାଲୁରୁ,୧୯।୧(ପି.ଟି.): ଭାରତୀୟ ଦଳର ସିନିୟର ଓପନର ଶିଖର ଧାୱନ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବାବେଳେ ବାମ କାନ୍ଧରେ ଆଘାତ ପାଇଥିଲେ। ଅଷ୍ଟ୍ରେଲିଆ ଇନିଂସର ୫ମ ଓଭରରେ ପ୍ରତିପକ୍ଷ ଅଧିନାୟକ ଆରୋନ ଫିଞ୍ଚଙ୍କ ଏକ ଶଟକୁ ରୋକିବାକୁ ଯାଇ ଆହତ ହୋଇଥିଲେ। ଆହତ ହେବା ପରେ ସେ ତୁରନ୍ତ ପଡ଼ିଆ ଛାଡ଼ି ଚାଲିଯାଇଥିଲେ।

# ରୋହିତ-କୋହଲିଙ୍କ କମାଲ

ବେଙ୍ଗାଲୁରୁ,୧୯।୧(ପି.ଟି.)

ଅଲରାଉଣ୍ଡ ପ୍ରଦର୍ଶନ କରି ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଦିନିକିଆ ସିରିଜରେ ଭ୍ରମଣକାରୀ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆରେ ଭାରତ ୧୫ଟି ବଲ ବାକି ରଖି ୭ ଉଇକେଟରେ ବିଜୟ ହାସଲ କରିଛି। ଫଳରେ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ଭାରତ ୨-୧ରେ ବାଜି ମାରିଛି। ଏଥିସହିତ ଭାରତ ଗତବର୍ଷ ଘରୋଇ ସିରିଜ ପରାଜୟର ମଧୁର ପ୍ରତିଶୋଧ ନେଇଛି। ୨୮୭ ରନ ଟାର୍ଗେଟର ପିଛା କରି ଭାରତ ଦେଖିଚାହିଁ ଆରମ୍ଭ କରିଥିଲା। ପ୍ରଥମ ଉଇକେଟରେ ଦୁଇ ଓପନର ରୋହିତ ଶର୍ମା ଓ ଲୋକେଶ ରାହୁଲ ୬୯ ରନ ସଂଗ୍ରହ କରିଥିଲେ। ତେବେ ଇନ୍‌ଫର୍ମ ରାହୁଲ ୧୯ ରନ କରିଥିବା ବେଳେ ଲାଇନ୍ ମିସ୍ କରି ଆଷ୍ଟନ ଅଗରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ରୋହିତ ୧୨୮ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୬ ଛକା ସହ ୧୧୯ ରନର ଶତକୀୟ ପାଳି ଖେଳି ସ୍ପିନର ଆଡାମ ଜାମ୍ପାଙ୍କ ବଲ୍‌ରେ ଲଙ୍ଗ୍‌ଅନ୍‌ରେ ମିଚେଲ ଷ୍ଟାର୍କଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ରୋହିତଙ୍କୁ ଆଉଟ କରି ଜାମ୍ପା ଅଷ୍ଟ୍ରେଲିଆକୁ ଏକ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ। ରୋହିତ ଏଥିସହିତ କ୍ୟାରିୟରର ୨୯ତମ ଶତକ ହାସଲ କରିଛନ୍ତି। ଦ୍ୱିତୀୟ ଉଇକେଟରେ ଅଧିନାୟକ ବିରାଟ କୋହଲି ଓ ରୋହିତ ୧୩୭ ରନ ସଂଗ୍ରହ କରି ବିଜୟର ମୂଳଦୁଆ ପକାଇଥିଲେ। ତେବେ କୋହଲି ୯୧ ବଲରୁ ୮ ଚୌକା ସହ ୮୯ ରନ ସଂଗ୍ରହ କରି ଜୋଶ ହାଜେଲଉଡଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ମିଡ୍ ଉଇକେଟକୁ ସୁଇପ୍ କରିବାକୁ ପ୍ରୟାସ କରିଥିବା ବେଳେ ବଲ୍ ପ୍ୟାଡ୍‌ରେ ବାଜିଥିଲା ଓ ସେ ବୋଲ୍ଡ ହୋଇଥିଲେ। କୋହଲି ଓ ଶ୍ରେୟାସ ଆୟାର ତୃତୀୟ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ୬୮ ରନ ସଂଗ୍ରହ କରିଥିଲେ। ଆୟାର ୪୪ (୩୫ ବଲ, ୬ ଚୌକା, ୧ ଛକା) ଓ ମନୀଷ ପାଣ୍ଡେ ୮ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ହାଜେଲଉଡ, ଆଷ୍ଟନ ଅଗର ଓ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

### ସ୍ମିଥ୍‌ଙ୍କ ଶତକ ନିଷ୍ଫଳ

କ୍ରମାଗତ ତୃତୀୟ ଥର ପାଇଁ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍‌ଙ୍କ ଲଢୁଆ ଶତକ ସହାୟତାରେ ସମ୍ମାନଜନକ ସ୍କୋର ହାସଲ କରିଥିଲା। ୧୩୨ଟି ବଲର ସମ୍ମୁଖୀନ ହୋଇ ସ୍ମିଥ୍ ୧୪ ଚୌକା ଓ ୧ ଛକା ସହାୟତାରେ ୧୩୧ ରନ ସଂଗ୍ରହ କରି କ୍ୟାରିୟରର ନବମ ଦିନିକିଆ ଶତକ ହାସଲ କରିଥିଲେ। ମହମ୍ମଦ ସାମିଙ୍କ ବଲ୍‌ରେ ସେ ମିଡ ଉଇକେଟରେ ଶ୍ରେୟାସ ଆୟାରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଇନ୍‌ଫର୍ମ ମାର୍ନସ ଲାବୁସେନ ୬୪ ବଲ୍ ଖେଳି ୫ ଚୌକା ସହ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ଏକ୍ସଟ୍ରା କଭରରେ ବିରାଟ କୋହଲିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଲାବୁସେନଙ୍କୁ ଆଉଟ କରି ଜାଡେଜା ଭାରତକୁ ବ୍ରେକ ଥ୍ରୁ ଦେଇଥିଲେ। ଲାବୁସେନ ଆଉଟ ହେବା ପରେ ସ୍ମିଥ୍‌ଙ୍କୁ ଅନ୍ୟ ବ୍ୟାଟ୍ସମ୍ୟାନ ସହଯୋଗ କରିପାରି ନ ଥିଲେ। ସେହିପରି ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କାରେ ୩୫ ରନ କରି କୁଲଦୀପ ଯାଦବଙ୍କ ବଲ୍‌ରେ ଆୟାରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ବାକି ବ୍ୟାଟ୍ସମ୍ୟାନ ସଫଳ ହୋଇପାରି ନ ଥିଲେ। ଦୁଇ ଓପନର ଡେଭିଡ ୱାର୍ନର ଓ ଆରୋନ ଫିଞ୍ଚ୍ ଯଥାକ୍ରମେ ୩ ଓ ୧୯ ରନ କରି ସଅଳ ଆଉଟ ହୋଇଥିଲେ। ଫିଞ୍ଚ୍ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ। ତୃତୀୟ ଉଇକେଟରେ ସ୍ମିଥ୍ ଓ ଲାବୁସେନ ୧୨୭ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ମିଚେଲ ଷ୍ଟାର୍କ ଓ ପ୍ୟାଟ କମିନ୍ସ ଖାତା ଖୋଲିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଷ୍ଟନ ଟର୍ନର ୪, ଆଡାମ ଜାମ୍ପା ୧ ରନ କରି ଆଉଟ ହୋଇଥିବା ବେଳେ ଆଷ୍ଟନ ଅଗର ୧୧ ଓ ଜୋସ ହାଜେଲଉଡ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ମହମ୍ମଦ ସାମି ଡେଥ୍ ଓଭରରେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଘରୋଇ ବୋଲରଙ୍କ ମାପଚୁପ ବୋଲିଂ କାରଣରୁ ଶେଷ ୧୦ ଓଭରରେ ଅଷ୍ଟ୍ରେଲିଆ ୫ ଉଇକେଟ ହରାଇ ମାତ୍ର ୬୩ ରନ ସଂଗ୍ରହ କରିଥିଲା। ସାମି ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ରବୀନ୍ଦ୍ର ଜାଡେଜା ୨, ନବଦୀପ ସଇନି ଓ କୁଲଦୀପ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଭାରତୀୟ ଦଳରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା।



ଶତକୀୟ ଭାଗୀଦାରି ଅବସରରେ ରୋହିତ ଶର୍ମା ଓ ବିରାଟ କୋହଲି ।

**ସର୍ବାଧିକ ଦିନିକିଆ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ**

| ଶତକ ସଂଖ୍ୟା | ବ୍ୟାଟ୍ସମ୍ୟାନ |
|---|---|
| ୪୯ | ସଚିନ ତେନ୍ଦୁଲକର (ଭାରତ) |
| ୪୩ | ବିରାଟ କୋହଲି (ଭାରତ) |
| ୩୦ | ରିକି ପଣ୍ଟିଂ (ଅଷ୍ଟ୍ରେଲିଆ) |
| ୨୯ | ରୋହିତ ଶର୍ମା (ଭାରତ) |
| ୨୮ | ସନଥ ଜୟସୁରିୟା (ଶ୍ରୀଲଙ୍କା) |
| ୨୭ | ହାସିମ ଆମଲା (ଦକ୍ଷିଣ ଆଫ୍ରିକା) |

**ନିର୍ଦ୍ଦିଷ୍ଟ ଦଳ ବିପକ୍ଷରେ ସର୍ବାଧିକ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ**

| ଶତକ | ବ୍ୟାଟ୍ସମ୍ୟାନ | ପ୍ରତିପକ୍ଷ ଦଳ |
|---|---|---|
| ୯ | ସଚିନ ତେନ୍ଦୁଲକର | ଅଷ୍ଟ୍ରେଲିଆ |
| ୯ | ବିରାଟ କୋହଲି | ୱେଷ୍ଟଇଣ୍ଡିଜ |
| ୮ | ସଚିନ ତେନ୍ଦୁଲକର | ଶ୍ରୀଲଙ୍କା |
| ୮ | ବିରାଟ କୋହଲି | ଶ୍ରୀଲଙ୍କା |
| ୮ | ବିରାଟ କୋହଲି | ଅଷ୍ଟ୍ରେଲିଆ |
| ୮ | ରୋହିତ ଶର୍ମା | ଅଷ୍ଟ୍ରେଲିଆ |

### ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**
ୱାର୍ନର-କ-ରାହୁଲ-ବୋ-ସାମି-୩
ଫିଞ୍ଚ୍-ରନ ଆଉଟ-୧୯
ସ୍ମିଥ୍-କ-ଶ୍ରେୟାସ-ବୋ-ସାମି-୧୩୧
ଲାବୁସେନ-କ-କୋହଲି-ବୋ-ଜାଡେଜା-୫୪
ଷ୍ଟାର୍କ-କ-ଚହଲ (ବଦଳ)-ବୋ ଜାଡେଜା-୦
କାରେ-କ-ଶ୍ରେୟାସ-ବୋ-କୁଲ୍‌ଦୀପ-୩୫
ଟର୍ନର-କ-ରାହୁଲ-ବୋ-ସଇନି-୪
ଅଗର-ନଟଆଉଟ-୧୧
କମିନ୍ସ-ବୋ-ସାମି-୦
ଜାମ୍ପା-ବୋ-ସାମି-୧
ହାଜେଲ୍‌ଉଡ୍-ନଟଆଉଟ-୧
ଅତିରିକ୍ତ-୨୭
**ମୋଟ:** (୫୦ ଓଭର, ୯ ଉଇକେଟ) ୨୮୬।
**ଉଇକେଟପତନ:** ୧/୧୮, ୨/୪୬, ୩/୧୭୩, ୪/୧୭୩, ୫/୨୩୧, ୬/୨୩୮, ୭/୨୭୩, ୮/୨୭୬, ୯/୨୮୨।

**ବୋଲିଂ (ଭାରତ)**
ଯଶପ୍ରୀତ ବୁମ୍‌ରା ୧୦-୦-୩୮-୦
ମହମ୍ମଦ ସାମି ୧୦-୦-୬୩-୪
ନବଦୀପ ସଇନି ୧୦-୦-୬୫-୧
କୁଲଦୀପ ଯାଦବ ୧୦-୦-୬୨-୧
ରବୀନ୍ଦ୍ର ଜାଡେଜା ୧୦-୧-୪୪-୨।

**ଭାରତ ଇନିଂସ**
ରୋହିତ-କ-ଷ୍ଟାର୍କ-ବୋ-ଜାମ୍ପା-୧୧୯
ଲୋକେଶ-ଏଲ୍‌ବିଡବ୍ଲ୍ୟୁ-ଅଗର-୧୯
କୋହଲି-ବୋ-ହାଜଲେଉଡ୍-୮୯
ଶ୍ରେୟାସ ଆୟାର-ନଟ ଆଉଟ-୪୪
ମନୀଷ ପାଣ୍ଡେ-ନଟ ଆଉଟ-୮
ଅତିରିକ୍ତ-୧୦
ମୋଟ: (୪୭.୩ ଓଭର,୩ ଉଇକେଟ) ୨୮୯।
ଉଇକେଟ ପତନ: ୧/୬୯, ୨/୨୦୬, ୩/୨୭୪।

**ବୋଲିଂ (ଅଷ୍ଟ୍ରେଲିଆ)**
ପ୍ୟାଟ୍ କମିନ୍ସ ୭-୦-୬୪-୦
ମିଚେଲ ଷ୍ଟାର୍କ ୯-୦-୬୬-୦
ଜୋସ ହାଜେଲଉଡ୍ ୯.୩-୧-୫୫-୧
ଆଷ୍ଟନ ଅଗର ୧୦-୦-୩୮-୧
ଆଡାମ ଜାମ୍ପା ୧୦-୦-୪୪-୧
ମାର୍ନସ ଲାବୁସେନ ୧-୦-୧୧-୦
ଆରୋନ ଫିଞ୍ଚ୍ ୧-୦-୯-୦

## ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଓସ୍‌ଜା ବିଜୟୀ

ଭୁବନେଶ୍ୱର,୧୯।୧(ସ୍ପୋର୍ଟ୍ସ ବ୍ୟୁରୋ)

୬ଷ୍ଠ ପ୍ରଶାନ୍ତ ରାଉତରାୟ ଅଲ ଓଡ଼ିଶା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ କମିଶନରେଟ ପୋଲିସ ଓ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କମିଶନରେଟ ପୋଲିସ ଧାର୍ଯ୍ୟ ୨୦ ଓଭରରେ ୩ ଉଇକେଟ ହରାଇ ୧୭୬ ରନ୍ କରିଥିଲା। ଦଳ ପାଇଁ ଆର. ସତୀଶ ରାଓ ୭୦ ଓ ଏସ୍.କେ. ଶତପଥୀ ୪୩ ରନ୍ କରିଥିଲେ। ବୋଲିଂରେ ଓସ୍‌ଜା ପକ୍ଷରୁ ମହମ୍ମଦ ଅଜିଜ୍ ୨ ଉଇକେଟ ହାସଲ କରିଥିଲେ। ଜବାବରେ ଦିଲୀପ ନାଥଙ୍କ ୬୬ ରନ୍‌ର ଇନିଂସ୍ ବଳରେ ଓସ୍‌ଜା ୧୯.୧ ଓଭରରେ ୮ ଉଇକେଟ ହରାଇ ୧୭୭ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ବିଜୟୀ ଦଳ ପାଇଁ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଦିଲୀପ ନାଥଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ମ୍ୟାଚ୍‌କୁ ଡିଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡିସିପି ଅନୁପ ସାହୁ, ବିଧାୟକ ଅରବିନ୍ଦ ଢାଲି ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌କୁ କେନ୍ଦ୍ରାପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ଉଦ୍‌ଘାଟନ କରିଥିଲେ। ମ୍ୟାଚ୍‌ରେ ପ୍ରଶାସକ ଏକାଦଶ ୬ ଉଇକେଟରେ ଭୁବନେଶ୍ୱର ବାର ସମ୍ପାଦକ ଏକାଦଶକୁ ପରାସ୍ତ କରିଛି। ଶାନ୍ତନୁ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।



ଟ୍ରଫି ସହ ଓସ୍‌ଜା ଦଳ ।

## ଭାରତର ବିଜୟ ଅଭିଯାନ

ବ୍ଲୋଏମ୍‌ଫୋଣ୍ଟେନ,୧୯।୧(ପି.ଟି.)

### ୧୯ ବର୍ଷରୁ କମ୍ ବିଶ୍ୱକପ୍

ଦକ୍ଷିଣ ଆଫ୍ରିକାରେ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ୧୩ତମ ସଂସ୍କରଣରେ ଗତଥରର ଚାମ୍ପିୟନ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଅଧିନାୟକ ପ୍ରିୟମ ଗର୍ଗ (୫୬), ଓପନର ଯଶସ୍ୱୀ ଜୈସୁଆଲ (୫୯) ଓ ଉଇକେଟ କିପର ଧ୍ରୁବ ଜୁରେଲ (ଅପରାଜିତ ୫୨)ଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୯୦ ରନରେ ପରାସ୍ତ କରିଛି। ଅଲରାଉଣ୍ଡ ପ୍ରଦର୍ଶନ କରି ଭାରତ ଏହି ବିଜୟ ସହ ୨ ପଏଣ୍ଟ ହାସଲ କରିଛି। ମଙ୍ଗଳବାର ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଜାପାନକୁ ଭେଟିବ। ସ୍ଥାନୀୟ ମାନଗୁଆଙ୍ଗ ଓଭାଲ ଗ୍ରାଉଣ୍ଡରେ ରବିବାର ଖେଳାଯାଥିବା ଗ୍ରୁପ୍ ଏ'ର ଏକ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଭାରତ ୪ ଉଇକେଟ ହରାଇ ୨୯୭ ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ୪୫.୨ ଓଭରରେ ୨୦୭ ରନ କରି ଅଲଆଉଟ ହେବା ସହ ଆତ୍ମସମର୍ପଣ କରିଛି। ଶ୍ରୀଲଙ୍କା ତରଫରୁଅଧିନାୟକ ନିପୁନ ଧନଞ୍ଜୟ ସର୍ବାଧିକ ୫୦, ରବିନ୍ଦୁ ରସନ୍ଥା ୪୯, ଉଇକେଟକିପର କାମିଲ ମିଶାରା ୩୯ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଆକାଶ ସିଂ, ସିଦ୍ଧେଶ ବୀର, ରବି ବିଷ୍ଣୋଇ ଦୁଇଟି ଲେଖାଏ, କାର୍ତ୍ତିକ ତ୍ୟାଗୀ, ସୁଶାନ୍ତ ମିଶ୍ରା ଓ ଜୈସୁଆଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଭାରତ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଦିବ୍ୟାଂଶ ସାକସେନା ୨୩, ତିଳକ ବର୍ମା ୪୬ ଓ ସିଦ୍ଧେଶ ବୀର ଅପରାଜିତ ୪୪ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଅମଶି ଡି ସିଲଭା, ଅଶିଆନ ଡାନିଏଲ, ଦିଲସାନ ମଦୁଶଙ୍କା, କାଭିନ୍ଦୁ ନାଦିଶାନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**


ଭାରତ ୫୦ ଓଭରରେ ୨୯୭/୪ (ଜୟସୁୱାଲ- ୫୯, ଗର୍ଗ- ୫୬, ଜୁରେଲ- ୫୨*, ବୀର- ୪୪*, ତିଳକ- ୪୬, ସିଲଭା- ୧/୪୦, ଡାନିଏଲ- ୧/୩୯, ମଦୁଶଙ୍କା- ୧/୬୯, ନାଦିଶାନ- ୧/୫୮)।

ଶ୍ରୀଲଙ୍କା ୪୫.୨ ଓଭରରେ ୨୦୭ ଅଲଆଉଟ (ନିପୁନ- ୫୦, ରସନ୍ଥା- ୪୯, ଆକାଶ- ୨/୨୯, ବୀର- ୨/୩୪, ବିଷ୍ଣୋଇ- ୨/୪୪)।

## ମଙ୍ଗଳା କ୍ଲବ ତମାଣ୍ଡୋ କପ୍ ଚାମ୍ପିୟନ

ଭୁବନେଶ୍ୱର,୧୯।୧(ସ୍ପୋର୍ଟ୍ସ ବ୍ୟୁରୋ)

ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ତମାଣ୍ଡେ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ କଟକର ମଙ୍ଗଳା କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲରେ ମଙ୍ଗଳା କ୍ଲବ ୨-୧ ଗୋଲରେ ଭୁବନେଶ୍ୱରର ସଂଘର୍ଷ କ୍ଲବକୁ ପରାସ୍ତ କରିଛି। ମ୍ୟାଚ୍‌ର ୧୧ତମ ମିନିଟ୍‌ରେ ମଙ୍ଗଳା କ୍ଲବ ପକ୍ଷରୁ ଗଣେଶ ସେଠୀ ଗୋଲ ସ୍କୋର କରି ଦଳକୁ ୧-୦ ବ୍ୟବଧାନର ଅଗ୍ରଣୀ ଆଣିଦେଇଥିଲେ। ଏହାର ୩ ମିନିଟ୍ ପରେ ସୁନୀଲ ସର୍ଦ୍ଦାରଙ୍କ ଗୋଲ ବଳରେ ସଂଘର୍ଷ କ୍ଲବ ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲା। ଦ୍ୱିତୀୟାର୍ଦ୍ଧର ୬୩ତମ ମିନିଟ୍‌ରେ ଦୀନବନ୍ଧୁ ଦାସଙ୍କ ଗୋଲ ମଙ୍ଗଳା କ୍ଲବ ପାଇଁ ବିଜୟସୂଚକ ସାବ୍ୟସ୍ତ ହୋଇଥିଲା। ମ୍ୟାଚ୍‌କୁ ଶିବ ପ୍ରସାଦ ଦାସ, ଟି. ମୋହନ ରାଓ, ଦିଗ୍‌ବିଜୟ ଦାସ, ଚନ୍ଦ୍ରକାନ୍ତ ବାରିକ ରେଫରି ଭାବେ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ସଭା ସଦସ୍ୟ ଡା. ସସ୍ମିତ୍ ପାତ୍ର କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ରାକେଶ ସାହୁ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଦୀନବନ୍ଧୁ ଦାସ, ଶୃଙ୍ଖଳିତ ଦଳ ଫୁଲବାଣୀ କ୍ଲବ, ଟୁର୍ନାମେଣ୍ଟ ଚାମ୍ପିୟନ ମଙ୍ଗଳା କ୍ଲବକୁ ଟ୍ରଫି ସହ ୧୫ ହଜାର ଓ ରନର୍ସଅପ୍ ସଂଘର୍ଷ କ୍ଲବକୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସୁକାନ୍ତ ପଟ୍ଟନାୟକ, ମହେନ୍ଦ୍ର କୁମାର ବଳ, ବିପିନ ବିହାରୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।




ତମାଣ୍ଡୋ କପ୍ ଚାମ୍ପିୟନ କଟକର ମଙ୍ଗଳା କ୍ଲବ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।



## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



ସ୍ୱର୍ଗତା ହେମ ଦାଶ
ସ୍ୱାମୀ: ଦାମୋଦର ଦାଶ
ଆବିର୍ଭାବ: ୧୮।୧୦।୧୯୩୦
ତିରୋଧାନ: ୧୧।୦୧।୨୦୨୦
ବିଜିପୁର, ଭାପୁର, ନୟାଗଡ଼
ବୋଉ! ତୁମେ ଏବେ ଖୁବ୍ ମନେପଡୁଛ। ତୁମ ଅନୁପସ୍ଥିତି ଆମ ସମସ୍ତଙ୍କୁ ହତଭାଗା କରିଦେଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଆତ୍ମାକୁ ଶାନ୍ତି ଦିଅନ୍ତୁ।
ଶୋକସନ୍ତପ୍ତ ପରିବାରବର୍ଗ:
ପୁଅ, ବୋହୂ, ନାତିନାତୁଣୀ ଓ ବନ୍ଧୁବାନ୍ଧବବର୍ଗ ।
ଧ-୧୬୨୦୯

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଦୁର୍ଗାପ୍ରସନ୍ନ ପଟ୍ଟନାୟକ
ଦିବଂଗତ ଆଡଭୋକେଟ
ଲୁଇସ୍ ରୋଡ, ଭୁବନେଶ୍ୱର
ପୂର୍ବତନ ଚେୟାରମ୍ୟାନ ରାଜ୍ୟ ବାର୍ କାଉନସିଲ
ପୂର୍ବତନ ଚେୟାରମ୍ୟାନ ଭୁବନେଶ୍ୱର ମ୍ୟୁନିସିପାଲିଟି
ଆବିର୍ଭାବ: ୧୯୨୭ ମସିହା ଦୁର୍ଗାଷ୍ଟମୀ
(ଜନ୍ମସ୍ଥାନ- ଗ୍ରାମଣ୍ଠିହ, ଚନ୍ଦକା, ଖୋର୍ଦ୍ଧା)
ତିରୋଧାନ: ୨୦୦୮ ମସିହା (ଏକାଦଶୀତିଥି)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ।
ଶୋକସନ୍ତପ୍ତ:
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୬୭୨୭୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଶ୍ରୀମତୀ ପ୍ରମୋଦିନୀ ସାବତ
ଆବିର୍ଭାବ: ୧୯।୦୪।୧୯୫୫
ତିରୋଧାନ: ୨୦।୦୧।୨୦୧୨
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାର ଓ ବନ୍ଧୁବର୍ଗଙ୍କ ସହ ଏ.କେ ସାବତ ଆଣ୍ଡ କମ୍ପାନୀର ପାର୍ଟନର୍ସ ଏବଂ ସମସ୍ତ କର୍ମକର୍ତ୍ତା ବୃନ୍ଦ।
ଧ-୧୬୨୩୦

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ବଂଶୀଧର ସ୍ୱାଇଁ
ବଡ଼ପାଟସୁନ୍ଦରପୁର, ଗୋବିନ୍ଦପୁର, କଟକ
ଆବିର୍ଭାବ: ୦୫।୧୨।୧୯୩୫
ତିରୋଧାନ: ୧୦।୦୧।୨୦୨୦ (ପୁଷ ପୂର୍ଣ୍ଣିମା)
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ସ୍ୱାଇଁ ପରିବାର ଆତ୍ମୀୟସ୍ୱଜନ ଓ ବଡ଼ପାଟସୁନ୍ଦରପୁର ଗ୍ରାମବାସୀବୃନ୍ଦ
ଧ-୧୬୨୮୬

# ମାର୍କେଟ ବିଲ୍ଡିଂ ଘଟଣା: ମୁଖ୍ୟ ଅଭିଯୁକ୍ତ ଚିଣ୍ଟୁ ଗିରଫ

ଭୁବନେଶ୍ୱର, ୧୯।୧(ବ୍ୟୁରୋ)

ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଭଙ୍ଗାରୁଜା ଓ ଆକ୍ରମଣ କରି ଆତଙ୍କ ସୃଷ୍ଟି କରିବା ଘଟଣାରେ କ୍ୟାପିଟାଲ ଥାନା ପୋଲିସ ରବିବାର ମୁଖ୍ୟ ଅଭିଯୁକ୍ତ ତଥା ବଡ଼ଗଡ଼ ପୋଡ଼ାସାହିର ରାକେଶ ମହାନ୍ତି(୨୪) ଓରଫ ଚିଣ୍ଟୁ ଓ ତାଙ୍କ ୫ ସହଯୋଗୀଙ୍କୁ ଗିରଫ କରିଛି। ଗିରଫ ୫ ସହଯୋଗୀ ହେଲେ ବ୍ରିଟ୍ କଲୋନୀର ସାଇପ୍ରୀତମ ପଟ୍ଟନାୟକ ଓରଫ ପ୍ରୀତମ୍(୧୯), ରସୁଲଗଡ଼ ଚଣ୍ଡୀମାତା କଲୋନୀର ଉଦିତ୍ ନାରାୟଣ ପ୍ରଧାନ ଓରଫ କାହ୍ନା(୨୧), ଧଉଳି ବିଜୟବିହାରର ପଙ୍କଜ ରାଜ ଓରଫ ବାପି(୩୩), ପୁରୁଣା ଭୁବନେଶ୍ୱରର ସ୍ମୃତିସାଗର ମହାପାତ୍ର ଓରଫ ପିନୁ(୩୪) ଓ ବିଜେବିନଗରର ସୁରଜ ସାହା ଓରଫ ସୁରଜ(୧୯)। ଘଟଣାକୁ ନେଇ କେସ୍ ନଂ-୧୬/୨୦ ରୁଜୁ ହୋଇଛି। ପୋଲିସ ଆଇପିସି ଦଫା ୧୪୭, ୩୪୧, ୩୨୩, ୩୨୪, ୩୨୫, ୨୯୪, ୩୮୬, ୩୦୭, ୩୯୫, ୪୨୭, ୫୦୬, ୧୪୮, ୧୪୯ ଏବଂ ଆର୍ମ ଆକ୍ଟ ଅନୁଯାୟୀ ପୋଲିସ ୬ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଘଟଣାରେ ପୋଲିସ ମୋଟ ୨୯ଜଣଙ୍କୁ ଧରିଥିବାବେଳେ ସେମାନଙ୍କ ମଧ୍ୟରେ ୧୬ଜଣ ନାବାଳକ ରହିଛନ୍ତି।

ଅନ୍ୟପକ୍ଷରେ ଏକାଧିକ ଅଭିଯୁକ୍ତ ଫେରାର ଅଛନ୍ତି। କିନ୍ତୁ ସେମାନେ ପୋଲିସ ଉପସ୍ଥିତିରେ ଖଟି କରୁଥିବାବେଳେ ସେମାନଙ୍କୁ ଗିରଫ କରାଯାଉନାହିଁ। ଏହାକୁ କିନ୍ତୁ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ଖଣ୍ଡନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସନ୍ଧ୍ୟା ହେଲେ ଅଭିଯୁକ୍ତମାନେ ୟୁନିଟ୍-୨ ବାଳିକା ହାଇସ୍କୁଲ ନିକଟ ଚିଲଡ୍ରେନ୍ ପାର୍କରେ ଖଟି କରୁଛନ୍ତି। ଏପରିକି ସେଠାରେ ଆପରାଧିକ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ଏସବୁ ପୋଲିସ ନାକତଳେ ଚାଲୁଥିଲେ ମଧ୍ୟ ତାହା କିଭଳି ଜାଣିପାରୁନାହିଁ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ସେହିପରି ମୁଖ୍ୟ ଅଭିଯୁକ୍ତ ଚିଣ୍ଟୁଙ୍କ ରାଜନୈତିକ ଲିଙ୍କ୍ ପଦାକୁ ଆସିଛି। ସେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାଙ୍କ ସହ ମିଳାମିଶା କରିବା ସହ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜଣାପଡ଼ିଛି। ଫଳରେ ଚିଣ୍ଟୁ ଭାଇଗିରି ଦେଖାଇବା ପାଇଁ ସ୍କୁଲ ପିଲାଙ୍କୁ ଟଙ୍କା ଏବଂ ଭୋଜି ଦେଇ ଏଭଳି କାରନାମା କରିଥିବା ଜଣାପଡ଼ିଛି।



ଗିରଫ ଅଭିଯୁକ୍ତ।

- ପ୍ରୀତମ, ଉଦିତ୍‌ଙ୍କ ସମେତ ୫ ସହଯୋଗୀ ବନ୍ଧାହେଲେ
- ପୋଲିସ ହାତରେ ଧରାପଡ଼ିଲେଣି ୨୯
- ପୋଲିସ ଉପସ୍ଥିତିରେ ଖଟି କରୁଛନ୍ତି ଫେରାର ଅଭିଯୁକ୍ତ

ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ, ମାର୍କେଟ ବିଲ୍ଡିଂ କେଶରୀ ମଲ୍ ଆଗରେ ଧନଞ୍ଜୟ କୁମାରଙ୍କ ଘଣ୍ଟା ଦୋକାନ ରହିଛି। ସେଠାରେ ନୀତିଶ୍ କୁମାର ନାମକ ଜଣେ ଯୁବକ କାର୍ଯ୍ୟ କରନ୍ତି। ଗତ ୯ ତାରିଖ ରାତି ୯ଟାରେ ଜଣେ ଯୁବତୀ ଘଣ୍ଟା ନେବା ପାଇଁ ସେଠାକୁ ଯାଇଥିଲେ। ଘଣ୍ଟାର ଦାମ୍‌କୁ ନେଇ ନୀତିଶ୍‌ଙ୍କ ସହିତ ଯୁବତୀଙ୍କର ବଚସା ହୋଇଥିଲା। ଏହାପରେ ଯୁବତୀ ଜଣକ ତାଙ୍କ ଭାଇକୁ ଫୋନ୍ କରି ଜଣାଇଥିଲେ। ଫଳରେ ଗଣ୍ଡଗୋଳ ହେବା ସହ ଉଭୟ ପକ୍ଷ ଥାନାକୁ ଯାଇଥିଲେ। ପରଦିନ ଅର୍ଥାତ୍ ଗତ ୧୦ ତାରିଖ ଯୁବତୀଙ୍କ ଭାଇ ଚିଣ୍ଟୁଙ୍କ ସହଯୋଗ ନେଇଥିଲେ। ଫଳରେ ଚିଣ୍ଟୁ ଓ ତାଙ୍କର କେତେଜଣ ସହଯୋଗୀ ପ୍ରାୟ ୩୮ ପିଲାଙ୍କୁ ଧରି ଖଣ୍ଡା, ଲୁହାରଡ଼, ବନ୍ଧୁକ ସହ ସନ୍ଧ୍ୟା ୭ଟାରେ ମାର୍କେଟ ବିଲ୍ଡିଂରେ ପହଞ୍ଚିଥିଲେ। ଦେଖୁ ଦେଖୁ ସେମାନେ ପ୍ରାୟ ୪୦ ଉଠା ଦୋକାନରେ ଭଙ୍ଗାରୁଜା କରିବା ସହ ଗ୍ରାହକ, ବ୍ୟବସାୟୀ ଯିଏ ଆଗରେ ପଡ଼ିଲେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଶିବନାଥ ରାୟ, ରାଜେଶ ଦାଶ, ସମେନ୍ଦ୍ର ଶାହା, କୃଷ୍ଣା ରାଉତରାୟ ଆହତ ହୋଇଥିଲେ।

## ଚିଲିକାରେ ଗଣା ହେଲେ ଡଲଫିନ୍

ବ୍ରହ୍ମଗିରି,୧୯।୧(ଡି.ଏନ.ଏ)

ଚଳିତବର୍ଷ ଚିଲିକାର ବାହ୍ୟନାଳି ଅଞ୍ଚଳରେ ରବିବାର ଡଲ୍‌ଫିନ ଗଣନା କରାଯାଇଛି। ବନ ବିଭାଗ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଡବ୍ଲୁଡବ୍ଲୁଏଫ, ଓୟୁଏଟିର ଫରେଷ୍ଟ ବିଭାଗର ଛାତ୍ର, ଆଞ୍ଚଳିକ ମୋଟରବୋଟ ସଂଘର କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନର ମିଳିତ ଉଦ୍ୟମରେ ଏହି ଗଣନା କାର୍ଯ୍ୟ କରାଯାଇଛି। ଚିଲିକାର ଏହି ଡଲଫିନ ଗଣନା ପାଇଁ ୧୮ଟି ଟିମ ଗଠନ କରାଯାଇ ୧୩୨ଜଣ ଗଣନକାରୀ ସାମିଲ ଥିଲେ। ବାଲୁଗାଁ ଡିଭିଜନରୁ ୧୦ଟି ଗଣନାକାରୀ ଦଳ ଓ ସାତପଡ଼ା ଡିଭିଜନରୁ ୮ଟି ଦଳ ବାହାରି ପାରାଲାଲ ଟ୍ରାନଜିକ୍ଟ ମେଥଡରେ ଗଣନା କରାଯାଇଛି। ଚିଲିକାରେ ପାଗ ପ୍ରତିବନ୍ଧକ ସାଜିଥିଲେ ମଧ୍ୟ ଗତବର୍ଷ ଅପେକ୍ଷା ଡଲଫିନଙ୍କ ସଂଖ୍ୟା ବୃଦ୍ଧି ହୋଇଥିବା ଏହି ଗଣନାକାରୀ ଦଳ ସୂଚନା ଦେଇଛନ୍ତି। ୨୦୧୮ରେ ୧୬୩, ୨୦୧୯ରେ ଚିଲିକାରେ ଡଲଫିନ ସଂଖ୍ୟା ୧୫୦ ଥିବା ପ୍ରକାଶ ପାଇଥିଲା। ଏହି ଗଣନା କାର୍ଯ୍ୟରେ ଉପବନ ସଂରକ୍ଷକ ପ୍ରଦୀପ୍ତ ସାହୁ, ମିହିର ବିଶ୍ୱାଳ, ଏସିଏଫ ଶରତ କୁମାର ମିଶ୍ର, ବାଲୁଗାଁ ଡିଏଫ୍‌ଓ ଆଲୋକ ରଞ୍ଜନ ହୋତା ପ୍ରମୁଖ ସାମିଲ ଥିଲେ। ଏହି ଗଣନା ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ଫଳାଫଳ ଅସ୍ପଷ୍ଟ ରହିଛି।

## ଆଜିଠୁ 'କୃଷି ଓଡ଼ିଶା-୨୦୨୦'

**ଭୁବନେଶ୍ୱର, ୧୯।୧(ବ୍ୟୁରୋ):** କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆଜିଠାରୁ ଜନତା ମଇଦାନରେ ଆରମ୍ଭ ହେବ ରାଜ୍ୟସ୍ତରୀୟ କୃଷି ମହୋତ୍ସବ 'କୃଷି ଓଡ଼ିଶା-୨୦୨୦'। ଦେଶ, ବିଦେଶରେ କୃଷି କ୍ଷେତ୍ରରେ ପ୍ରୟୋଗ ହେଉଥିବା ନୂତନ ଜ୍ଞାନକୌଶଳ ଓ କୃଷି ପ୍ରଣାଳୀ ସହିତ ରାଜ୍ୟର କୃଷକମାନଙ୍କୁ ପରିଚିତ କରାଇବା ଲକ୍ଷ୍ୟରେ ଆୟୋଜିତ ଏହି ମହୋତ୍ସବ ୫ ଦିନ ଧରି ଚାଲିବ। ଏହି ଅବସରରେ ପ୍ରତ୍ୟହ ପାଠଶାଳା ଓ ଆଲୋଚନାଚକ୍ର ଆୟୋଜିତ ହେବ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପ୍ରାୟ ୧୧୨ କମ୍ପାନୀ ଏଥିରେ ଯୋଗଦେବେ। କୃଷିର ଗୁରୁତ୍ୱ ଏବଂ କୃଷକଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ସହ କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରଦର୍ଶନ ଲକ୍ଷ୍ୟରେ ଚଳିତ ବର୍ଷ ମହୋତ୍ସବରେ ୨୨୮ ଷ୍ଟଲ ନିର୍ମାଣ କରାଯାଇଛି।

## ସମୁଦ୍ରରେ ବୁଡ଼ିଯାଇ ସିଆଇଏସ୍‌ଏଫ୍ ଯବାନ ଗୁରୁତର

ପୁରୀ ଅଫିସ,୧୯।୧

ସମୁଦ୍ରରେ ସ୍ନାନବେଳେ ବୁଡ଼ିଯାଇ ଗୁରୁତର ହୋଇପଡିଛନ୍ତି ଜଣେ ସିଆଇଏସ୍‌ଏଫ୍ ଯବାନ। ସେ ହେଲେ ତାମିଲନାଡୁର କନ୍ୟାକୁମାରୀରେ ରହୁଥିବା ସି. ବିନୋଥ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ପୁରୀ ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, କଟକ ମୁଣ୍ଡଳୀସ୍ଥିତ ସିଆଇଏସ୍‌ଏଫ୍ ସେଣ୍ଟରରୁ ୪ ଯବାନଙ୍କ ସହ ବିନୋଥ ପୁରୀ ବୁଲିବାକୁ ଆସିଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେମାନେ ଦିଗବାରିଣୀ ନିକଟ ସମୁଦ୍ରରେ ସ୍ନାନ କରୁଥିଲେ। ଏହି ସମୟରେ ବିନୋଥ ବୁଡ଼ିଯାଇଥିଲେ। ଏହାଦେଖି ତାଙ୍କ ସହଯୋଗୀମାନେ ପାଟି କରି ଡାକିବାରୁ ଲାଇଫ୍‌ଗାର୍ଡ ଆପିଲ୍ କ୍ରିଷ୍ଣା ତାଙ୍କୁ ଉଦ୍ଧାର କରିଥିଲେ। ପରେ ଲାଇଫ୍‌ଗାର୍ଡ ଅଫିସର ଧନଞ୍ଜୟ ମଲ୍ଲିକ ସେଠାରେ ପହଞ୍ଚି ଆମ୍ବୁଲାନ୍ସ ଡକାଇଥିଲେ। ବେଳାଭୂମିରେ ତାଙ୍କ ପେଟରୁ ପାଣି ବାହାର କରାଯାଇ ସଦର ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା।

## ଖାଲି ପଡ଼ିଥିବା ଓଇଏସ୍ ପଦବୀ ତୁରନ୍ତ ପୂରଣ ଦାବି

ଭୁବନେଶ୍ୱର, ୧୯।୧ (ବ୍ୟୁରୋ)

ଅଧିକାଂଶ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବହୁ ପଦବୀ ଖାଲି ପଡ଼ିଛି। ଖାଲି ପଡ଼ିଥିବା ବିଇଓ, ଏବିଇଓ, ବିଆର୍‌ସିସି ପଦବୀ ପୂରଣ କରାଯାଉ ନ ଥିବାରୁ ଶିକ୍ଷା ବ୍ୟବସ୍ଥା ଗୁରୁତର ପ୍ରଭାବିତ ହୋଇଛି। ସରକାର ଏଥିପ୍ରତି ଆଦୌ ତତ୍ପରତା ପ୍ରକାଶ କରୁନାହାନ୍ତି। ୭ ବର୍ଷରୁ ଊର୍ଦ୍ଧ୍ୱ ହେବ ରାଜ୍ୟରେ ଓଡ଼ିଶା ଏଜୁକେଶନ ସର୍ଭିସ୍ (ଓଇଏସ୍) ପରୀକ୍ଷା କରାଯାଇନାହିଁ। ଫଳରେ ଅନେକ ଯୋଗ୍ୟ ତଥା ଦକ୍ଷ ଶିକ୍ଷକ ଏଥିରୁ ବଞ୍ଚିତ ହୋଇଛନ୍ତି। ଏପରି କି ବିନା ପଦୋନ୍ନତିରେ ଅନେକ ଶିକ୍ଷକ ଅବସର ଗ୍ରହଣ ମଧ୍ୟ କରିସାରିଲେଣି। ତେଣୁ ରାଜ୍ୟରେ ଓଇଏସ୍ ପରୀକ୍ଷା କରାଯାଇ ଖାଲି ପଡ଼ିଥିବା ପଦବୀ ତୁରନ୍ତ ପୂରଣ କରିବାକୁ ରାଜ୍ୟ ବିଏଡ୍ କନିଷ୍ଠ ଶିକ୍ଷକ ସଂଘ ସଭାପତି ସରୋଜ କୁମାର ପଣ୍ଡା ଦାବି କରିଛନ୍ତି।

ରବିବାର ସେ ଏକ ପ୍ରେସ୍ ବିବୃତିରେ କହିଛନ୍ତି, ରାଜ୍ୟ ସରକାର ସମସ୍ତ ବିଭାଗର କର୍ମଚାରୀଙ୍କୁ ପ୍ରମୋଶନ ଦେଇ ଖୁସି କରାଇଛନ୍ତି। ୫-ଟି ଲଗାଇ ସବୁ ବିଭାଗଗୁଡ଼ିକୁ ବ୍ୟବସ୍ଥିତ କରିବାକୁ ଚେଷ୍ଟା ଚଳାଇଛନ୍ତି। କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ, ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ କାହିଁକି ଏତେ ଅଣଦେଖା କରାଯାଉଛି। ଯଦି ରାଜ୍ୟରେ ଖାଲି ପଡ଼ିଥିବା ସମସ୍ତ ଶିକ୍ଷକ ପଦବୀ ପୂରଣ ହେବା ସହ ଶ୍ରେଣୀ ଅନୁସାରେ ଶିକ୍ଷକ ନିଯୁକ୍ତି ଦିଆଯିବ ତେବେ ରାଜ୍ୟରେ ଶିକ୍ଷାର ମାନ ବଢ଼ିବ। ପିଲାଙ୍କୁ ଭଲ ଶିକ୍ଷା ମିଳିବ। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକଙ୍କ ମଧ୍ୟରୁ ଯୋଗ୍ୟତା ଆଧାରରେ ପରୀକ୍ଷା କରାଇ ଉପଯୁକ୍ତ ସ୍ଥାନରେ ଅବସ୍ଥାପିତ କରନ୍ତୁ ବୋଲି ସଂଘ ଦାବି କରି ଆସୁଥିବା ସେ କହିଛନ୍ତି।

## ଏଆଇସିସିରୁ ପ୍ରଶିକ୍ଷଣ ନେବେ ୩୩ ସାଙ୍ଗଠନିକ ଜିଲାର ଯୁବକ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

**ଦଳର ନେତୃତ୍ୱ ଯୁବ ନେତା ନେଲେ ଏହା ସମ୍ଭବ: ଇତିଶ**

ରାଜ୍ୟ କଂଗ୍ରେସର ସାଙ୍ଗଠନିକ ରୂପରେଖ ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯିବ। ଜିଲା କମିଟି, ପ୍ରଦେଶ କଂଗ୍ରେସ କମିଟି ଆଦିର ପୁନର୍ଗଠନ ହେବ। ଏଥିଲାଗି ବିଶେଷ ସମୟ ମଧ୍ୟ ଲାଗିବ ନାହିଁ ଖୁବ୍‌ଶୀଘ୍ର ହେବ ବୋଲି ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ନିକଟରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏହାସହ ସେ ଆହୁରି କହିଛନ୍ତି ଯେ, ଏଥର ୪୦ରୁ ୫୦ବର୍ଷ ବୟସର ନେତାଙ୍କୁ ବିଶେଷଭାବେ ଜିଲା ସଭାପତି ପଦରେ ଅବତରଣ କରାଯିବ। ଯେଉଁ ଯୁବକମାନେ କିଛି କରିବା ପାଇଁ ଇଚ୍ଛା କରୁଥିବେ ସେମାନଙ୍କୁ ବିଶେଷ ପ୍ରାଧାନ୍ୟ ଦିଆଯିବା ସହିତ ଦଳ ତରଫରୁ ଏକ ଟ୍ୟାଲେଣ୍ଟ ସର୍ଚ୍ଚ କାର୍ଯ୍ୟକ୍ରମ ହେବ ବୋଲି ସେ କହିଥିଲେ। ଏନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଯବଗୋଷ୍ଠୀକୁ ଦଳରେ ବିଶେଷ ପ୍ରାଧାନ୍ୟ ଦେବା ପାଇଁ ଏକ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି। ଜିଲାସ୍ତରରୁ ଯୁବକମାନଙ୍କୁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଏକ ପ୍ରଶିକ୍ଷଣ ଦେବ। ଏଥିପାଇଁ ପ୍ରତ୍ୟେକ ଜିଲାରୁ ଜଣେ ଲେଖା ଅର୍ଥାତ୍ ୩୩ ସାଙ୍ଗଠନିକ ଜିଲାରୁ ଜଣେ ଲେଖା ଏଆଇସିସି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ସେହି ଯୁବଗୋଷ୍ଠୀ ପ୍ରଶିକ୍ଷଣରୁ ଫେରିବାପରେ ଗ୍ରାମାଞ୍ଚଳସ୍ତରର ଯୁବକଙ୍କୁ ଏଆଇସିସି ପକ୍ଷରୁ ଦିଆଯିବା ମନ୍ତ୍ରକୁ ବୁଝାଇବେ ବୋଲି ପଟ୍ଟନାୟକ କହିଛନ୍ତି। ତେବେ ଦଳରେ ଯୁବକଙ୍କୁ ପ୍ରାଧାନ୍ୟ ଦିଆଯିବା ଘଟଣାକୁ କିନ୍ତୁ ବହୁ ନେତା ସମାଲୋଚନା କରିଛନ୍ତି। କେତେଜଣ ବରିଷ୍ଠ ନେତା କହିଛନ୍ତି, ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ଅଧିକାଂଶ ଯୁବକଙ୍କୁ ଟିକେଟ ଦିଆଯିବ ବୋଲି ପିସିସି ସଭାପତି କହିଥିଲେ। ମାତ୍ର ବାସ୍ତବରେ ଓଲଟା ହେଲା, ଯୁବକଙ୍କୁ ଟିକେଟ ମିଳିବା କ୍ଷେତ୍ରରେ ପାତରଅନ୍ତର କରାଗଲା। ତେବେ ପୂର୍ବତନ ଛାତ୍ର କଂଗ୍ରେସ ଆବାହକ ଇତିଶ ପ୍ରଧାନ କହିଛନ୍ତି, ଯଦି ଯୁବକଙ୍କୁ ପ୍ରାଧାନ୍ୟ ଦେବା କଥା ଉଠୁଛି ତେବେ ପିସିସି ସଭାପତି ମଧ୍ୟ ଜଣେ ଯୁବକ ହେବା ଦରକାର। ଯେଉଁ ଯୁବ ନେତୃତ୍ୱ ରାଜ୍ୟସାରା ବୁଲି ଦଳର ସଙ୍ଗଠନ ବନାଇଥିବ ସେ ହିଁ ଜାଣିଥିବେ କେଉଁ ଜିଲାରେ ପ୍ରକୃତ ଯୁବକମାନେ କାର୍ଯ୍ୟ କରୁଛନ୍ତି। ଏଠି ବେପାରୀମାନଙ୍କ ପୁଅଙ୍କୁ ଥଇତାନ କରିବାକୁ ଲକ୍ଷ୍ୟ ରଖାଯାଉଛି। ଯେଉଁ ଛାତ୍ର, ଯୁବ ନେତାମାନେ ଦଳ ପାଇଁ ଖଟୁଛନ୍ତି ସେମାନଙ୍କୁ ବିଦା କରାଯାଉଛି। ତେଣୁ ଯୁବକଙ୍କୁ ପ୍ରାଧାନ୍ୟ ଜଣେ ଯୁବ ନେତୃତ୍ୱ ଦେଇପାରିବେ ବରିଷ୍ଠ ନୁହନ୍ତି ବୋଲି ଇତିଶ କହିଛନ୍ତି।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଅଗ୍ନିକାଣ୍ଡରେ ଦୋକାନ ଜଳିଗଲା

କଟକ ସଦର,୧୯।୧(ଡି.ଏନ୍.ଏ.): ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪୨ ମୌଜା ଅଧୀନ କୃଳକଳପଡା କାଠଯୋଡୀ ନଦୀବନ୍ଧରେ ଥିବା ପ୍ରିୟ ରଞ୍ଜନ ପରିଡାଙ୍କ ଦୋକାନ ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି।

### ସଂକ୍ଷେପରେ

## କାର ଚୋରି ଘଟଣା: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୧୯।୧:** କାର ଚୋରି ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ମଧୁପାଟଣା ପୋଲିସ ରବିବାର ଫୁଲବାଣୀରୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ତିଗିରିଆ ଥାନା ଅଞ୍ଚଳର କଳ୍ପତରୁ ଜେନା(୨୮)। ମିଳିଥିବା ସୂଚନା ଅନୁଯାୟୀ, ୨୦୧୯ ଜୁନ୍‌ରେ ଅଭିଯୁକ୍ତମାନେ ମଧୁପାଟଣା ଥାନା ଅନ୍ତର୍ଗତ ଲିଙ୍କ୍‌ରୋଡ ନିକଟରୁ ଏକ କାର ଚୋରି କରିନେଇଥିଲେ। ଏ ନେଇ କାର ମାଲିକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୩/୧୯) ରୁଜୁ କରିଥିଲା। ପରେ ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଥିଲାବେଳେ କଳ୍ପତରୁ ଫେରାର ହୋଇଯାଇଥିଲେ। ତେବେ କଳ୍ପତରୁ ଫୁଲବାଣୀରେ ଲୁଚିଥିବା ଖବର ପାଇବା ପରେ ପୋଲିସର ଏକ ଟିମ୍ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

## ଜିଲାସ୍ତରୀୟ ପ୍ରତିଯୋଗିତା

**କଟକ ଅଫିସ, ୧୯।୧:** ନେତାଜୀ ଜୟନ୍ତୀ ଉପଲକ୍ଷେ ଏଆଇଡିଏସ୍‌ଓ ପକ୍ଷରୁ ରବିବାର ରେଲ୍‌ୱେ ସେଟେଲ୍‌ମେଣ୍ଟ ହାଇସ୍କୁଲଠାରେ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଯୋଗଦେଇ ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସଙ୍ଗଠନର ଜିଲା କମିଟି ସଭାପତି ଭାଗ୍ୟରବି ଦାସ, ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ, କୋଷାଧ୍ୟକ୍ଷ ଇଶା ଧର ପ୍ରମୁଖ ପ୍ରତିଯୋଗିତା ସଞ୍ଚାଳନ କରିଥିଲେ। ଆସନ୍ତା ୨୩ ତାରିଖରେ କଲେଜଛକଠାରେ ନେତାଜୀ ଜୟନ୍ତୀ ପାଳନ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ସେହିପରି ନେତାଜୀ ଜୟନ୍ତୀ ଉପଲକ୍ଷେ ଇଣ୍ଟରନ୍ୟାଶନାଲ କ୍ଲବ ପକ୍ଷରୁ ସ୍କୁଲସ୍ତରୀୟ ଚିତ୍ରାଙ୍କନ ଓ ହସ୍ତାକ୍ଷର ପ୍ରତିଯୋଗିତା ରବିବାର କାଠଗୋଲାସ୍ଥିତ ନୀଳକଣ୍ଠେଶ୍ୱର ଉପ୍ରା ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ବିଭିନ୍ନ ବିଦ୍ୟାଳୟରୁ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨୬ ତାରିଖରେ କ୍ଲବର କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମରେ ସମସିର ମହମ୍ମଦ, ସତ୍ୟ ଜେନା, ବିଜୟ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ଉପରେ ଧ୍ୟାନ ଦିଅନ୍ତି ଶିକ୍ଷକ

**କଟକ ଅଫିସ, ୧୯।୧:** କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ପ୍ରଫେସର ଜଗମୋହନ ରାଠୋର ସ୍ମୃତି ସଂସଦ ପକ୍ଷରୁ ପ୍ରଫେସର ଜଗମୋହନ ରାଠୋର ସମ୍ମାନ ପ୍ରଦାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ତମ୍ଭକାର ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଦେବଦାସ ଛୋଟରାୟ ଓ ସମ୍ମାନିତ ଅତିଥି ଭାବେ ଡ. ବିଜୟାନନ୍ଦ ସିଂହ ଯୋଗଦେଇଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ବିଶ୍ୱରଞ୍ଜନ କହିଥିଲେ, ଶିକ୍ଷକ ହିଁ ପ୍ରତ୍ୟେକ ମଣିଷକୁ ତିଆରି କରନ୍ତି। ଆଦର୍ଶ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ଉପରେ ଧ୍ୟାନ ଦେଇଥାନ୍ତି। ଯାହାଦ୍ୱାରା ଦେଶର ସୁନାଗରିକ ଗଠନ ହୋଇଥାନ୍ତି ବୋଲି ସେ କହିଥିଲେ। ଏହି ଉତ୍ସବରେ ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଅତିଥି ପରିଚୟ ପ୍ରଦାନ ଓ ଡ. ଲକ୍ଷ୍ମୀନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମଦ ଡିପୋ ସେଲ୍ସମ୍ୟାନଙ୍କଠାରୁ ଲୁଟ୍ ଘଟଣା: ୪ ଗିରଫ

**କଟକ ଅଫିସ,୧୯।୧**




ଗିରଫ ଅଭିଯୁକ୍ତ, ଜବତ ବାଇକ, ମୋବାଇଲ ଓ ଟଙ୍କା।

ଜଗତ୍‌ପୁର ଥାନା ଅଧୀନ ଆଇବି ରୋଡରେ ବିଦେଶୀ ମଦ ଡିପୋର ସେଲ୍ସମ୍ୟାନଙ୍କୁ ବନ୍ଧୁକ ଦେଖାଇ ୫ ଲକ୍ଷ ଟଙ୍କା ଲୁଟ୍ କରିବା ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ଟାଙ୍ଗୀ ଭଗତପୁର ମୁସ୍‌ଲିମ୍ ସାହିର ସାହେଦ ଖାନ୍(୩୮), ମହମ୍ମଦ ଜାସିମ(୩୩), ଭଗତପୁର ବେହେରା ସାହିର ବନମାଳି ବେହେରା(୨୮) ଓ ଭଗତପୁର ନାଥସାହିର ସତ୍ୟଜିତ ନାଥ(୨୩)। ସେମାନଙ୍କ ନିକଟରୁ ୭୮ହଜାର ଟଙ୍କା, ଦୁଇଟି ବାଇକ ଓ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। ପୂର୍ବରୁ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତ ଏସ୍‌କେ ଇର୍ସାଦ୍ ମହମ୍ମଦ ଓ ଗ୍ୟାଙ୍ଗଷ୍ଟର ଆରିଫଙ୍କ ମା' ଜୋହରା ବିବି(୫୩)ଙ୍କୁ ଗିରଫ କରିଥିଲା। ତେବେ ଏହି ଘଟଣାରେ ଆଉ ୩/୪ଜଣଙ୍କର ସମ୍ପୃକ୍ତି ଥିବା ନେଇ ପୋଲିସ ସନ୍ଦେହ କରୁଛି। ସେମାନଙ୍କୁ ଧରିବା ପାଇଁ ଚଢାଉ କରାଯାଉଛି ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଟାଙ୍ଗୀ ଅଞ୍ଚଳର ଜ୍ଞାନେନ୍ଦ୍ର ବେହେରା ଓ ସଞ୍ଜୟ ଜେନା କଟକର ଏକ ବିଦେଶୀ ମଦ ଡିପୋରେ ସେଲ୍ସମ୍ୟାନ ଭାବେ କାମ କରନ୍ତି। ଗତ ୬ ତାରିଖ ସାଢେ ୧୨ଟାରେ ଉଭୟ ଟାଙ୍ଗୀ ଅଞ୍ଚଳରେ ଥିବା ଏକ ମଦ କାଉଣ୍ଟରରୁ ଟଙ୍କା ଆଦାୟ କରି ବାଇକରେ କଟକ ଫେରୁଥିଲେ। ସଞ୍ଜୟ ବାଇକ ଚଳାଉଥିବାବେଳେ ଜ୍ଞାନେନ୍ଦ୍ର ଟଙ୍କା ବ୍ୟାଗ୍ ଧରି ପଛରେ ବସିଥିଲେ। ଏହି ସମୟରେ ଜଗତ୍‌ପୁର ଆଇବି ରୋଡ ନିକଟରେ ୫ ଜଣ ଦୁର୍ବୃତ୍ତ ଦୁଇଟି ବାଇକରେ ଆସି ଜ୍ଞାନେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗାଡିରୁ ତଳେ ପଡି ଯିବାରୁ ଦୁର୍ବୃତ୍ତମାନେ ପୁଣି ତାଙ୍କୁ ଚାପଡରେ ଆକ୍ରମଣ କରିଥିଲେ। ସେହି ସମୟରେ ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଜଣେ ଜ୍ଞାନେନ୍ଦ୍ରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ବ୍ୟାଗ୍ ମାଗିଥିଲେ। ଫଳରେ ସେ ଭୟରେ ତାଙ୍କୁ ଟଙ୍କା ବ୍ୟାଗ୍ ଦେଇଥିଲେ। ପରେ ସେମାନେ ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ଜ୍ଞାନେନ୍ଦ୍ର ଜଗତପୁର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ. ୫/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ବ୍ୟାଗରେ ପ୍ରାୟ ୫ଲକ୍ଷ ଟଙ୍କା ରହିଥିଲା ବୋଲି ଜ୍ଞାନେନ୍ଦ୍ର ଅଭିଯୋଗପତ୍ରରେ ଦର୍ଶାଇଥିଲେ।

- ମଦ କାଉଣ୍ଟରରେ କାମ କରୁଥିବା ଯୁବକ ଦେଉଥିଲେ ଖବର
- ବାଇକ୍, ମୋବାଇଲ ଫୋନ, ଟଙ୍କା ଜବତ
- ପୂର୍ବରୁ ୨ ଅଭିଯୁକ୍ତ ଗିରଫ ହୋଇଥିଲେ

### କେମିତି ଘଟିଥିଲା ଲୁଟ୍

ସତ୍ୟଜିତ୍ ଟାଙ୍ଗୀ ଅଞ୍ଚଳରେ ଥିବା ଏକ ମଦ କାଉଣ୍ଟରରେ କାମ କରୁଥିଲେ। ଏହି ଠାରୁ ସେ ତାଙ୍କ ସହଯୋଗୀଙ୍କୁ ସମସ୍ତ ଖବର ଦେଉଥିଲେ। କେତେବେଳେ କିଏ କେତେ ଟଙ୍କା ନେଇକି ଯାଉଛନ୍ତି ସେ ସମସ୍ତ ଖବର ସତ୍ୟଜିତ ନିଜ ସହଯୋଗୀଙ୍କୁ ଜଣାଉଥିଲେ। ପରେ ସେମାନେ ଆରିଫଙ୍କ ଗ୍ୟାଙ୍ଗ ସହ ହାତ ମିଳାଇ ଲୁଟ୍‌ର ପ୍ଲାନ କରୁଥିଲେ। ତେବେ ଘଟଣା ଦିନ ଜ୍ଞାନେନ୍ଦ୍ର ଓ ସଞ୍ଜୟ ଉକ୍ତ ମଦ କାଉଣ୍ଟରରୁ ଟଙ୍କା ନେଇ ଫେରୁଥିବା ସମ୍ପର୍କରେ ସତ୍ୟଜିତ ଫୋନ୍‌ରେ ଆରିଫ୍‌ଙ୍କ ସହଯୋଗୀ ମହମ୍ମଦ ଜାସିମଙ୍କୁ ଜଣାଇଥିଲେ। ଏଥିସହିତ ସେ ସେମାନଙ୍କୁ ଫଲୋ କରିଥିଲେ। ଜ୍ଞାନେନ୍ଦ୍ର ଓ ସଞ୍ଜୟ ଆଇବି ରୋଡ ନିକଟରେ ହେବା ପରେ ଫାଙ୍କା ସ୍ଥାନ ଦେଖି ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ମହମ୍ମଦ ଜାସିମ ଓ ଅନ୍ୟ ସହଯୋଗୀ ପହଞ୍ଚିଥିଲେ। ଦୁର୍ବୃତ୍ତମାନେ ପ୍ରଥମେ ଜ୍ଞାନେନ୍ଦ୍ରଙ୍କୁ ଆକ୍ରମଣ କରିବାରୁ ସେ ବାଇକ୍‌ରୁ ତଳେ ପଡିଯାଇଥିଲେ। ସେହି ସମୟରେ ସେମାନେ ତାଙ୍କୁ ଆକ୍ରମଣ କରିବା ସହ ଟଙ୍କା ବ୍ୟାଗ ମାଗିଥିଲେ। ସେହିପରି ଦୁର୍ବୃତ୍ତମାନେ ମଧ ସଞ୍ଜୟଙ୍କୁ ମାରଣାସ୍ତ୍ର ଦେଖାଇ ସେଠାରେ ଛିଡା କରାଇଥିଲେ। ଲୁଟ୍ ସମୟରେ ସତ୍ୟଜିତ୍ ଓ ଅନ୍ୟ ଜଣେ ଦୁର୍ବୃତ୍ତ କିଛି ଦୂରରେ ଠିଆ ହୋଇଥିଲେ। ଜାସିମ, ଇର୍ସାଦ, ସାହେଦ ଖାନ, ବାନା, ମିଟୁ ଓ ଆଉ ଜଣେ ଦୁର୍ବୃତ୍ତ ଜ୍ଞାନେନ୍ଦ୍ରଙ୍କଠାରୁ ଟଙ୍କାବ୍ୟାଗ ନେଇ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ଏହି ଟଙ୍କାକୁ ନିଜ ଭିତରେ ବାଣ୍ଟି ନେଇଥିଲେ ବୋଲି ଡିସିପି ସୂଚନା ଦେଇଛନ୍ତି।

## ପୁରାତନ ଛାତ୍ର ସଂସଦର ବାର୍ଷିକ ସମାବେଶ

**କଟକ ଅଫିସ, ୧୯।୧**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ପୁରାତନ ଛାତ୍ର ସଂସଦର ବାର୍ଷିକ ସମାବେଶ ବିଶ୍ୱବିଦ୍ୟାଳୟ ସେଭେନ୍ ପିଲାରସ୍ଥିତ ଆନେକ୍ସ-୨ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ କୁଳସଚିବ ଅଶୋକ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ପୁରାତନ ଛାତ୍ର ସଂସଦର କାର୍ଯ୍ୟାବଳୀଗୁଡ଼ିକୁ ବର୍ତ୍ତମାନର ଛାତ୍ରୀଛାତ୍ରମାନେ ଅନୁକରଣ କରିବା ଆବଶ୍ୟକ। ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ପାର୍ବତୀ ପତି ଓ ପ୍ରଫେସର ପଦନ କୁମାର ଜେନା ଯୋଗଦେଇଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଲୁନା ସାମନ୍ତ ସ୍ୱାଗତ ଭାଷଣ ଓ ସଂସଦର ଉପସଭାପତି ସନ୍ତୋଷ କୁମାର ଜେନା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ସେମିନାରିଆନ ଭାବେ ସ୍ନାତକ ଛାତ୍ର ଲିଙ୍ଗରାଜ ପ୍ରଧାନ, ଛାତ୍ରୀ ସୁପ୍ରିୟା ଦାସ, ସ୍ନାତକୋତ୍ତର ଛାତ୍ର ସୁଖଦେବ ରାଣାଙ୍କୁ ନମିତା ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଡ. ମନୋରମା ପତ୍ରି ଧନ୍ୟବାଦ ଦେଇଥିଲେ।



ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

## ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ: ତାଳବରକୋଟ କ୍ଲବ ଚାମ୍ପିୟନ

**ଚୌଦ୍ୱାର,୧୯।୧(ଡି.ଏନ.ଏ.)**

ଚୌଦ୍ୱାର ପୌରାଞ୍ଚଳ ବାଣୀପଦାସ୍ଥିତ ବନ୍ଦାଳ ଖେଳ ପଡିଆରେ ନେତାଜୀ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଢେଙ୍କାନାଳର ତାଳବରକୋଟ କ୍ଲବ ଓ ଭୁବନେଶ୍ୱରର ବୀରବିରସା କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳବରକୋଟ କ୍ଲବ ଟ୍ରାଇବ୍ରେକ୍ ଜରିଆରେ ୧-୦ ଗୋଲରେ ଚାମ୍ପିୟନ ହୋଇଥିଲା। ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳ ଫାଇନାଲ ମ୍ୟାଚ ଉଦ୍‌ଘାଟନ କରିଥିଲେ। ଏଥିରେ ପୂର୍ବତନ ସରପଞ୍ଚ ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜିତେନ୍ଦ୍ର ସ୍ୱାଇଁ, ରିଡୁ ବିଶ୍ୱାଳ, ପବିତ୍ର ରାଉତ, କାର୍ତ୍ତିକ ସ୍ୱାଇଁ, ବେଣୁଧର ରାଉତ, ସୋମନାଥ ସାମଲ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୨ଦିନ ବ୍ୟାପୀ ଚାଲିଥିବା ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ।

## ଫୁଟବଲ ଟୁର୍ନାମେଣ୍ଟ: ମା' ବନଦୁର୍ଗା ଚାମ୍ପିୟନ

**ଖୁଣ୍ଟୁଣୀ,୧୯।୧(ଡି.ଏନ୍.ଏ.)**



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଖୁଣ୍ଟୁଣୀ ଥାନା ରାଧାକିଶୋରପୁର ଖେଳପଡ଼ିଆରେ ଚାଲିଥିବା ୧୧ତମ ରାଧାକିଶୋରପୁର ଚ୍ୟାଲେଞ୍ଜ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଗୁରୁଡ଼ିଝାଟିଆ ଜୟଦୁର୍ଗା କ୍ଲବକୁ ୧-୦ ଗୋଲରେ ହରାଇ ମା' ବନଦୁର୍ଗା ବିର୍ସାମୁଣ୍ଡା ମୁଷ୍ଟୁଳିଆ କ୍ଲବ ଚାମ୍ପିୟନ ହୋଇଛି। ମ୍ୟାଚ୍‌ର ୧୦ମ ମିନିଟରେ ମୁଷ୍ଟୁଳିଆ ଦଳ ପକ୍ଷରୁ ଗୋଟେ ଗୋଲ ସ୍କୋର ହୋଇଥିଲା। ରେଫରି ଭାବେ ସଞ୍ଜୀବ ଦାସ ଓ ଲାଇନରେ ରଜାକ ଖାଁ, ଅମୂଲ୍ୟ ସାମଲ ଖେଳ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳି ଓ ଗୋଲକିପର ଭାବେ ଚୈତନ୍ୟ ହେମ୍ବ୍ରମ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସିରିଜ୍ ଦାରା ସିଂ ବିବେଚିତ ହୋଇଛନ୍ତି। ଅତିଥି ଭାବେ ଅଧିକାରୀ ପଣ୍ଡା, ରଞ୍ଜନ କୁମାର ଆଚାର୍ଯ୍ୟ, ସରପଞ୍ଚ ଭୁବନେଶ୍ୱର ସ୍ୱାଇଁ, ସମିତି ସଭ୍ୟା ସୌଭାଗ୍ୟବତୀ ନାୟକ, ଗ୍ରାମ ସଭାପତି ବିଧାନ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ବିଭୁଦତ୍ତ ସ୍ୱାଇଁ, ଯୁଗଳ ନାୟକ, ଚନ୍ଦ୍ରକାନ୍ତ ସ୍ୱାଇଁ, ରବୀନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଶକ୍ତିମୟୀ ସ୍ପୋର୍ଟ୍ସ କ୍ଲବ ସଭାପତି ପ୍ରବୋଧ ସ୍ୱାଇଁ, ସମ୍ପାଦକ ଲକ୍ଷ୍ମୀଧୀର ବେହେରା, ସୁରେଶ ନାୟକ, ରଞ୍ଜନ ସାହୁ, ମାନସ ବେହେରା ଓ ଲିପୁନ ବେହେରା ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହାୟତା କରିଥିଲେ।

## ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଶ୍ରାଦ୍ଧୋତ୍ସବ

**ଚୌଦ୍ୱାର, ୧୯।୧(ଡି.ଏନ୍.ଏ.)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘ ଓଡ଼ିଶା ଶାଖାର ପ୍ରତିଷ୍ଠାତା ତଥା ମହାନ ସେବକ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଶ୍ରାଦ୍ଧୋତ୍ସବ ଓ ଚୌଦ୍ୱାର କେନ୍ଦ୍ରର ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଶିଶୁ ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଧନଞ୍ଜୟ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲକ୍ଷ୍ମୀନାରାୟଣଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ନରେନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇଥିଲେ। ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ଶାହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଆନ୍ତଃ ବିଦ୍ୟାଳୟ ବକ୍ତୃତା, ଚିତ୍ରାଙ୍କନ, ଦେଶାତ୍ମବୋଧ ସଙ୍ଗୀତ, ହସ୍ତକଳା ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ବିବରଣୀ ପାଠ ଓ ପରିଚାଳକ ସୀମାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ମଧ୍ୟାହ୍ନରେ କେନ୍ଦ୍ରର ମୁଖ୍ୟ ଦାମୋଦର ସାହୁ ଶତାଧିକ କୁଷ୍ଠ ରୋଗୀ ଓ ନିଃସହାୟମାନଙ୍କୁ ବସ୍ତ୍ର ବଣ୍ଟନ କରିଥିଲେ। ପ୍ରଭାତରେ ସର୍ବଧର୍ମ ପ୍ରାର୍ଥନା, ଗୀତାପାଠ, ସମୂହ ବେଦ ଆବୃତ୍ତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ସଦସ୍ୟ ରମାକାନ୍ତ ଲେଙ୍କା, ଅଧ୍ୟାପକ ଏସ୍.କେ. ପଣ୍ଡା, କିଶୋର କୁମାର ମିଶ୍ର, ସଞ୍ଜୟ କୁମାର ସିଂ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରଭାତରେ କଟକ ଉପ ଜିଲାପାଳ ଶୁଭ୍ରାଂଶୁ ଶେଖର ମିଶ୍ର ଶିଶୁ ସମାରୋହ ଉଦ୍‌ଘାଟନ କରିଥିଲେ।

## ଖବରକାଗଜ ବିକ୍ରେତାଙ୍କ ବିୟୋଗରେ ଶୋକସଭା



**କଟକ ଅଫିସ, ୧୯।୧**

ଖବରକାଗଜ ବିକ୍ରେତା ଶଶିକାନ୍ତ ଚମ୍ପତିରାୟଙ୍କ ବିୟୋଗରେ ରବିବାର ବକ୍ସିବଜାରଠାରେ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ଉପସଭାପତି ସିନୁ ରେଡ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ଗୋବିନ୍ଦ ଚନ୍ଦ୍ର ଦାଶ, ମୁକୁଳ ଦାଶ, ପ୍ରଭାସ ପ୍ରଧାନ, ହାଡିବନ୍ଧୁ ବେହେରା, ରବି ପାଲ, ବଂଶୀଧର ବେହେରା, ଉମେଶ ସାହୁ, ହେମନ୍ତ ପଟ୍ଟନାୟକ, ମହନ୍ତ ସାହୁ, ଅରକ୍ଷିତ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସୂଚନାଯୋଗ୍ୟ, କିଛିଦିନ ହେବ ଶଶିକାନ୍ତ ଅସୁସ୍ଥ ଥାଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୩ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

## ପ୍ରକୃତିର ରୂପରେଖକୁ ଚିତ୍ରଣ କରେ ରୋମାଣ୍ଟିକ ସୃଷ୍ଟି

**କଟକ ଅଫିସ, ୧୯।୧**

କଟକ ବକ୍ସିବଜାରସ୍ଥିତ ପାନ୍ଥନିବାସରେ ପ୍ରାଚୀ ପ୍ରଜ୍ଞା ପ୍ରତିଷ୍ଠାନ ପକ୍ଷରୁ ରବିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ପ୍ରଦୋଷ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ଚନ୍ଦ୍ରଶେଖର ଦାସ ଯୋଗଦେଇ ରୋମାଣ୍ଟିକ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିରେ ବକ୍ତା ଭାବେ ପ୍ରଫେସର ଜୟଶ୍ରୀ ଛୋଟରାୟ ଯୋଗଦେଇ କହିଥିଲେ, ରୋମାଣ୍ଟିକ ସୃଷ୍ଟିଗୁଡିକ ପ୍ରାୟତଃ ପ୍ରକୃତିର ରୂପରେଖକୁ ଚିତ୍ରଣ କରିଥାଏ। ସେହି ପ୍ରକୃତିର ମନୋରମ ସବୁଜିମା ପରିବେଶରେ ସକଳ ସମସ୍ୟାର ସମାଧାନ ଲୁଚି ରହିଛି, ଯାହାକୁ କବି ନିଜ କବିତା ମାଧ୍ୟମରେ ଦର୍ଶାଇଥାଏ ବୋଲି ସେ କହିଥିଲେ। ପ୍ରଯୋଜକ ପ୍ରଭାତ କୁମାର ଜେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରଫେସର ସୁଧୀର କୁମାର ଜେଠୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାବିତ୍ରୀ ଜେଠୀ, ଶିକ୍ଷାବିତ୍ ସତ୍ୟଜିତ ମହାପାତ୍ର, ଶ୍ରେୟାସ ଜେଠୀ, ସ୍ନିଗ୍ଧା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ଜିଲାସ୍ତରୀୟ ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା

**କଟକ ଅଫିସ, ୧୯।୧**

ଓଡ଼ିଶା ଯୁବ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଉପଲକ୍ଷେ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲରେ ଜିଲାସ୍ତରୀୟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ପୃଷ୍ଠପୋଷକ ଡା. ଦୁର୍ଗାଚରଣ ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ଏକକ ଅଭିନୟ, ସଙ୍ଗୀତ, ନୃତ୍ୟ ଓ ବକ୍ତୃତାରେ ପ୍ରତିଯୋଗିତା ହୋଇଥିଲା। ୪ଟି ବିଭାଗରେ ହୋଇଥିବା ଏହି ପ୍ରତିଯୋଗିତାରେ ଜିଲାର ବହୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟ ୧୬୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୯ ତାରିଖରେ କଟକ ଟାଉନ ହଲ୍‌ଠାରେ ଅନୁଷ୍ଠିତ ସଂଘର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ଉଲ୍ଲାସ ସେନ, ସବିତା ମହାନ୍ତି, ବବିତା ସ୍ୱାଇଁ, ସୁଧାକର କୁମାର ଓ ବିଶ୍ୱଜିତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



କଟକ କଲେଜ ଛକଠାରୁ ତୈଳ ମନ୍ତ୍ରଣାଳୟ ପକ୍ଷରୁ ବାହାରିଥିବା ସଚେତନତା ସାଇକେଲ ଶୋଭାଯାତ୍ରା।



କଟକ ଚାନ୍ଦିନୀଚୌକ ତହସିଲ ଅଫିସ ପରିସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ତ୍ରିଧାରା ପକ୍ଷରୁ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଉଛି।



ଭାଇଠାରୁ ବଳି ତୁମର କେହି ଶ୍ରେଷ୍ଠ ବନ୍ଧୁ ନାହାନ୍ତି। କର୍କଶ ବ୍ୟବହାର ଦ୍ୱାରା ଭାଇକୁ ଶତ୍ରୁ କର ନାହିଁ।
-କୌଟିଲ୍ୟ ଚାଣକ୍ୟ



# ଯୌତୁକଜନିତ ବଧୂହତ୍ୟା ଅଭିଯୋଗ

- ଗ୍ରାମରେ ଉତ୍ତେଜନା, ଥାନାରେ ସ୍ୱାମୀ ଅଟକ
- ପୂର୍ବରୁ ଦୁଇ ଥର ବସିଥିଲା ବୈଠକ
- ବିଷ ଦେଇ ମାରିଥିବା ଅଭିଯୋଗ

**ନରସିଂହପୁର, ୧୯।୧ (ଡି.ଏନ୍.ଏ.)**

ନରସିଂହପୁର ଥାନା ଅନ୍ତର୍ଗତ ଡମକଟା ଗ୍ରାମରେ ଯୌତୁକ ପାଇଁ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛନ୍ତି। ସେ ହେଲେ ମାନି ପ୍ରଧାନ। ଏନେଇ ମୃତକଙ୍କ ମା'ଭୁଲି ଭୋଲ ନରସିଂହପୁର ଥାନାରେ ରବିବାର ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଥାନା ପକ୍ଷରୁ ମାମଲା (ନଂ.୧୦/୨୦) ରୁଜୁ କରାଯାଇ ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାରେ ଅଟକ ରଖାଯାଇଛି। ଅଭିଯୋଗ ଅନୁଯାୟୀ, ପତଣ୍ଡା ଗ୍ରାମର ଭୁଲି ଭୋଲଙ୍କ ଝିଅ ମାନିଙ୍କ ସହ ଡମକଟା ଗ୍ରାମର ଜଣେ ବ୍ୟକ୍ତିଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ବରଘର ଦାବି ଅନୁସାରେ ଜାନିଯୌତୁକ ଦିଆଯାଇଥିଲା। ମାତ୍ର ବିବାହ ପରେ ଅଧିକ ୩୦ହଜାର ଟଙ୍କା ଯୌତୁକ ଦାବି କରି ଶାଶୁଘର ପକ୍ଷରୁ ମାନିଙ୍କୁ ନିର୍ଯାତନା ଦିଆଯାଉଥିଲା। ଏନେଇ ବନ୍ଧୁ ବାନ୍ଧବଙ୍କ ପକ୍ଷରୁ ୨ଥର ବୈଠକ ବସି ସମାଧାନ କରାଯାଇଥିଲା। ଶନିବାର ଶାଶୁଘର ଲୋକେ ମାନିଙ୍କୁ ପୁନର୍ବାର ନିର୍ଯାତନା ଦେବା ସହ ବିଷ ପିଆଇ ଏକ ଘରେ ବନ୍ଦ କରି ଦେଇଥିଲେ। ବିଳମ୍ବରେ ତାଙ୍କୁ ନରସିଂହପୁର ଚିକିତ୍ସାଳୟରେ ଭର୍ତ୍ତି କରାଯିବାରୁ ତାଙ୍କ ମୃତ୍ୟୁ ଘଟିଛି ବୋଲି ମୃତକଙ୍କ ମା' ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ନରସିଂହପୁର ଥାନାରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ରିପୋର୍ଟ ଆସିଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା କହିଛନ୍ତି।

## ସଂକ୍ଷେପରେ

### ରାସ୍ତା କଡ଼ରେ ବିପଦ ସଙ୍କୁଳ ଅବସ୍ଥାରେ ଗଛଡାଳ



**ନରାଜ,୧୯।୧(ଡି.ଏନ୍.ଏ.):** ତ୍ରିଶୁଳିଆ ଛକରୁ ବାଙ୍କୀ ଆଠଗଡ ରାସ୍ତାର ପାଟପୁର ଛକରେ ଏକ ଗଛ ଡାଳ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଫନୀ ବାତ୍ୟା ପରଠୁ ଡାଳଟି ରାସ୍ତାଉପରକୁ ନଇଁ ପଡିଛି। ଫଳରେ ରାସ୍ତା ଦେଇ ଯାତାୟାତ କରୁଥିବା ବଡ ଗାଡି ବହୁ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଗାଡ଼ିଗୁଡିକର କେବିନ ଡାଳରେ ବାଜିବା ଯୋଗୁ ଏସବୁ ଦୁର୍ଘଟଣା ହେଉଛି। ରାସ୍ତାଦେଇ ଦୈନିକ ବାଙ୍କୀ,ଆଠଗଡ ଓ ଅନୁଗୋଳକୁ ବହୁ ଯାତ୍ରୀ ଯାତାୟତ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାସ୍ତାକୁ ମାଡିଯାଇଥିବା ଗଛର ଡାଳକୁ ତୁରନ୍ତ କାଟିବା ପାଇଁ ଲୋକେ ଦାବି କରିଛନ୍ତି।

### ପୋଲିସ କାର୍ଯ୍ୟରେ ବାଧାଦେବା ଘଟଣାରେ ୨ଗିରଫ

**କଣ୍ଟାପଡା, ୧୯।୧(ଡି.ଏନ୍.ଏ.):** ଅପହରଣ ମାମଲାର ତଦନ୍ତ କରିବାକୁ ଯାଇଥିବା ପୋଲିସ ଓ ମହିଳା କନଷ୍ଟେବଲଙ୍କୁ କାର୍ଯ୍ୟରେ ବାଧାଦେବା ଘଟଣାରେ କଟକ ସଦର ପୋଲିସ ୨ଜଣଙ୍କୁ ଗିରଫକରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ସଦର ଥାନା ଅଧୀନ ଗୋପାଳପୁର ଗ୍ରାମର ଚିତ୍ତରଞ୍ଜନ ବେହେରା ଓ ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ବୋତଲଟାଙ୍ଗ ଗ୍ରାମର ବୈଲୋଚନ ଦାସ। ପୋଲିସ ସୂତ୍ରରୁ ପ୍ରକାଶ, ତିଗିରିଆ ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ଯୁବତୀଙ୍କୁ ଗୋପାଳପୁର ଗ୍ରାମରେ ଦୁର୍ବୃତ୍ତମାନେ ଲୁଚାଇ ରଖିଥିଲେ। କୌଣସି ସୂତ୍ରରୁ ଖବର ପାଇବା ପରେ କିଛିଦିନ ତଳେ କଟକସଦର ଓ ତିଗିରିଆ ଥାନା ପୋଲିସ ମିଳିତଭାବେ ସେଠାରେ ଚଢାଉ କରିଥିଲେ। ତେବେ ଚଢାଉବେଳେ ଦୁର୍ବୃତ୍ତମାନେ ପୋଲିସ କାର୍ଯ୍ୟରେ ବାଧାଦେବା ସହ ଜଣେ ମହିଳା କନେଷ୍ଟବଲଙ୍କୁ ଧକ୍କାମାରି ଫେରାର ହୋଇଯାଇଥିଲେ। ଏ ନେଇ କଟକ ସଦର ଥାନାରେ ଏକ ମାମଲା(ନଂ.୩୭/୨୦) ରୁଜୁ ହୋଇଛି।

### ସେବା ସମବାୟ ସମିତିର ବାର୍ଷିକ ସଭା

**ତିଗିରିଆ, ୧୯।୧(ଡି.ଏନ୍.ଏ.):** ତିଗିରିଆ ବ୍ଲକ ଅର୍ନ୍ତଗତ ନୂଆପାଟଣାସ୍ଥିତ ସେବା ସମବାୟ ସମିତର ୨୦୧୯-୨୦ ବର୍ଷର ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତି ପରିସରରେ ଆୟୋଜିତ ସଭାରେ ସଭାପତି ପ୍ରକାଶ କୁମାର ରାଉତ ସଭାପତିତ୍ୱ କରିଥିଲେ। ସମିତିର ସମ୍ପାଦକ ଚନ୍ଦନ କୁମାର ଜେନା ବାର୍ଷିକ ବିବରଣୀ ଓ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ତିଗିରିଆ ବ୍ଲକ ସମ୍ପ୍ରସାରଣ ଅଧିକାରୀ ହାଡିବନ୍ଧୁ ରଣା, ଭାଗିରଥୀ ନନ୍ଦ, ରାମଚନ୍ଦ୍ର ବାରିକ, ବସନ୍ତ ବେହେରା ଓ ପ୍ରହ୍ଲାଦ କର ପ୍ରମୁଖ ଉପସ୍ଥିତ ଥିଲେ।

### ବେଲଗଛିଆ ପଞ୍ଚାୟତର ପ୍ରଥମ ସରପଞ୍ଚଙ୍କ ଦେହାନ୍ତ

**ନରାଜ, ୧୯।୧ (ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ବେଲଗଛିଆ ପଞ୍ଚାୟତ ଅନ୍ତର୍ଗତ ନରଣପୁର ଗ୍ରାମର ବୈକୁଣ୍ଠ ରାଉତଙ୍କ (୯୪) ରବିବାର ପୂର୍ବାହ୍ନରେ ପରଲୋକ ଘଟିଛି। ବାରଙ୍ଗ ବ୍ଲକର ମଧୁପୁର ପଞ୍ଚାୟତ ବିଭାଜନ ପରେ ନୂତନ ପଞ୍ଚାୟତ ବେଲଗଛିଆର ସେ ପ୍ରଥମ ସରପଞ୍ଚ ଭାବେ ୧୯୬୭ରେ ନିର୍ବାଚିତ ହୋଇଥିଲେ। ସେ ଜଣେ ମେଳାପି, ପରୋପକାରୀ, ସଚ୍ଚୋଟ ଓ ଧର୍ମପରାଣୟ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଗ୍ରାମ ତଥା ବାରଙ୍ଗ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଏହି ଖବର ପ୍ରଚାରିତ ହେବାପରେ ଅଞ୍ଚଳର ବହୁ ମାନ୍ୟଗନ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ଜିଲାପାଳ, ଉପଜିଲାପାଳ



ଜିଲାପାଳ ଓ ଉପଜିଲାପାଳ ସେବାଶ୍ରମ ବିଦ୍ୟାଳୟରେ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି।

**ପୋପରା ସେବାଶ୍ରମରେ ଛାତ୍ରଙ୍କୁ ହାଡ଼ଫୁଟି ଘଟଣା**

**ତିଗିରିଆ, ୧୯।୧(ଡିଏନଏ)**

ତିଗିରିଆ ବ୍ଲକ ପାଞ୍ଚଗାଁ ଅନ୍ତର୍ଗତ ନୂଆସଡ଼କସ୍ଥିତ ପୋପରା ଆଶ୍ରମ ବିଦ୍ୟାଳୟରେ ୨୦ଜଣ ଛାତ୍ର ହାଡଫୁଟିରେ ଆକ୍ରାନ୍ତ ହୋଇଥିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାପରେ କଟକ ଜିଲାପାଳ ଭବାନୀଶଙ୍କର ଚୟିନୀ ଓ ଆଠଗଡ଼ ଉପଜିଲାପାଳ ଅମିୟ କୁମାର ସାହୁ ରବିବାର ଅପରାହ୍ନରେ ଆଶ୍ରମ ବିଦ୍ୟାଳୟ ପହଞ୍ଚି ଆକ୍ରାନ୍ତ ଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ଏଥିସହ ବେଡସିଟ୍ ଓ ମଶାରି ପାଇଁ ୨୦ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ତିଗିରିଆ ମଣ୍ଡଳ ଉନ୍ନୟନ ଅଧିକାରୀ ପରେଶ କୁମାର ନାୟକ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ରାଉତ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଶନିବାର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉକ୍ତ ଆଶ୍ରମ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଏହାପରେ କଟକ ଜିଲା ସମାଜ ମଙ୍ଗଳ ଅଧିକାରୀ ସମସାଦ୍ ଅଖତରୀ ଆଶ୍ରମ ପରିଦର୍ଶନ କରି କଟକ ଜିଲାପାଳ କାର୍ଯ୍ୟାଳୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଚିଠି (ନଂ ୧୨୮/୧୮-୧-୨୦) ଅନୁଯାୟୀ ପ୍ରଧାନଶିକ୍ଷୟିତ୍ରୀ ରାଉତଙ୍କୁ ରାହାଙ୍ଗୋଳ ଆଶ୍ରମ ବିଦ୍ୟାଳୟକୁ ବଦଳି କରାଯାଇଥିବା କହିଥିଲେ। ନୂତନ ଆଦେଶ ନ ଆସିବା ପର୍ଯ୍ୟନ୍ତ ଏହି ବଦଳି ହୋଇପାରିବ ନାହିଁ ବୋଲି ଜିଲାପାଳ ବିଦ୍ୟାଳୟ ପରିଦର୍ଶନ ସମୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କହିଛନ୍ତି।

## ୩ୟ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

**ବଡମ୍ବା,୧୯।୧(ଡି.ଏନ୍.ଏ.)**

ବଡମ୍ବା ଅଞ୍ଚଳର ଜଣେ ବ୍ୟକ୍ତି ୩ୟ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେଇ ମାଡ଼ମାରିଥିବା ନେଇ ଶନିବାର ମାଣିଆବନ୍ଧ ଫାଣ୍ଡିରେ ଅଭିଯୋଗ ହୋଇଛି । ଏନେଇ ମାଣିଆବନ୍ଧ ଫାଣ୍ଡି ଅଧିକାରୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଶନିବାର ଗିରଫ କରିଥିବା ବେଳେ ରବିବାର କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବଡମ୍ବା ଥାନା ଅନ୍ତର୍ଗତ ଖୁଣ୍ଟକଟା ଗ୍ରାମର ବିନାୟକ ପ୍ରଧାନ (୫୨)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଡ଼ମ୍ବା ଉପ-କାରାଗାରକୁ ପଠାଇଦିଆଯାଇଛି। ଏଥିସହ ତାଙ୍କ ପାଖରେ ରହୁଥିବା ୨ୟ ସ୍ତ୍ରୀଙ୍କ ୬ ବର୍ଷ ପୁଅ ଶିଶୁପୁତ୍ର ବିଶ୍ୱ ରଞ୍ଜନ ପ୍ରଧାନଙ୍କୁ ନରସିଂହପୁର ଥାନା ଅନ୍ତର୍ଗତ ଯୋଡମୁଣ୍ଡିତ ଏକ ଅନାଥାଶ୍ରମକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ବିନାୟକ ଏୟାରଫୋର୍ସରେ ଚାକିରୀ କରି ଅବସର ନେବାପରେ ଏକ ବ୍ୟାଙ୍କରେ କିରାନୀ ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କ ପ୍ରଥମ ସ୍ତ୍ରୀ ଛାଡି ଚାଲିଯିବା ପରେ ଛତିଶଗଡ ଅଞ୍ଚଳର ଜଣେ ମହିଳା ସହ ୨ୟ ବିବାହ ହୋଇଥିଲା। କୌଣସି କାରଣରୁ ତାଙ୍କ ମୃତ୍ୟୁ ଘଟିବା ପରେ ଝୁନୁବାଳା ପ୍ରଧାନଙ୍କ ସହ ବିବାହ ହୋଇଥିଲା। ବିବାହ ପରେ ବିନାୟକ ତାଙ୍କଠାରୁ ଯୌତୁକ ଦାବି କରି ଶାରିରୀକ ନିର୍ଯାତନା ଦେଉଥିଲେ। ନିର୍ଯାତନା ସହି ନ ପାରି ଶେଷରେ ଝୁନୁବାଳା ମାଣିଆବନ୍ଧ ଫାଣ୍ଡିରେ ଅଭିଯୋଗ କରିଥିଲେ । ମାଣିଆବନ୍ଧ ଫାଣ୍ଡି ଅଧିକାରୀ ବସନ୍ତ କୁମାର ଶତପଥୀ ଏହାର ତଦନ୍ତ କରିବା ପରେ ବଡ଼ମ୍ବା ଥାନାରେ ମାମଲା (ନଂ,୧୪/୨୦) ରୁଜୁ ହୋଇଥିଲା।

## ପ୍ରଶିକ୍ଷଣ ଶିବିର

**କଟକ ଅଫିସ, ୧୯।୧**

ରେଭେନ୍ସା କଲିଜିଏଟ୍ ସ୍କୁଲ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣରେ କାର୍ଯ୍ୟରତ ସମସ୍ତ ପାରା ଲିଗାଲ ଭଲ୍ୟୁଣ୍ଟିୟରମାନଙ୍କ ନିମନ୍ତେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। କଟକ ଜିଲା ଦୌରାଜଜ୍ ଓ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ରାଜ ସାହୁ ପାରା ଲିଗାଲ ଭଲ୍ୟୁଣ୍ଟିୟରମାନଙ୍କର କାର୍ଯ୍ୟ ଓ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଅଯଥା ମକଦ୍ଦମାରେ ସାମିଲ ନ ହୋଇ କିପରି ମଧ୍ୟସ୍ଥତା ମାଧ୍ୟମରେ ସମସ୍ୟାର ସମାଧାନ କରାଯାଇପାରିବ ସେ ଦିଗରେ ଅଧ୍ୟକ୍ଷ ସାହୁ ମତବ୍ୟକ୍ତ କରିଛନ୍ତି। ଶିବିରରେ ହିମାଂଶୁ ଶେଖର ମଲ୍ଲିକ ଯୋଗଦେଇ ସିଭିଲ ଲ ଏବଂ ଏସ୍‌ସି/ଏସ୍‌ଟି ଆକ୍ଟ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଏଥିରେ ପ୍ରୋଟୋକଲ ଅଫିସର ବି.ବି. ରାୟ, ସୁଶାନ୍ତ ମିଶ୍ର ଓ ସିଭିଲ କୋର୍ଟସ୍ ରେଜିଷ୍ଟ୍ରାର ପଦ୍ମଲୋଚନ ବଡ଼ଜେନା ଉପସ୍ଥିତ ଥିଲେ। ଏସ୍‌ଡିଜେଏମ୍(ସଦର) ଶୀତିକଣ୍ଠ ପ୍ରଧାନ କଟକ ଫୌଜଦାରି ଆଇନ ଏବଂ କଏଦୀମାନଙ୍କର ଅଧିକାର ସମ୍ପର୍କରେ କହିଥିଲେ। ସମସ୍ତ ତାଲିମପ୍ରାପ୍ତ ପାରା ଲିଗାଲ ଭଲ୍ୟୁଣ୍ଟିୟରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଗାର୍ଗୀ ପଟ୍ଟନାୟକ ଶିବିର ପରିଚାଳନା କରିଥିଲେ।

## ଶହୀଦ ସଂଘ କ୍ରିକେଟ: ରାମକୃଷ୍ଣପୁର ଚାମ୍ପିୟନ

**ମାହାଙ୍ଗା,୧୯।୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଅଲିଅରାଠାରେ ଶହୀଦ ଯୁବକ ସଂଘ ଚତୁର୍ଥ ବାର୍ଷିକ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଶନିବାର ବିଳମ୍ବିତ ରାତିରେ ଶେଷ ହୋଇଛି। ଏଥିରେ ରାମକୃଷ୍ଣପୁର ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ରାମକୃଷ୍ଣପୁର କ୍ରିକେଟ ଟିମ୍ ଓ ନତକାଇ କ୍ରିକଟେ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାମକୃଷ୍ଣପୁର ଟିମ ପ୍ରଥମେ ଟସ ଜିତି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍ ହରାଇ ୬୫ ରନ ସଂଗ୍ରହ କରିଥିଲା। ଜବାବରେ ନତକାଇ ଟିମ୍ ମାତ୍ର ୪୫ ରନରେ ସମସ୍ତ ଉଇକେଟ୍ ହରାଇଥିଲା। ଫଳରେ ରାମକୃଷ୍ଣପୁର ବିଜୟୀ ହୋଇଥିଲା। ସଂଗ୍ରାମ ଜେନା ଓ ଦେବାଶିଷ ଜେନା ମ୍ୟାଚ ପରିଚାଳନା କରିଥିଲେ। ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା ଏହାକୁ ଉଦ୍‌ଘାଟନ କରିଥଲେ । ଆୟୋଜିତ ଉତ୍ସବରେ ଡ. ଜୟରାମ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ମାହାଙ୍ଗା ମହିଳା ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରଶାନ୍ତ ସିଂହ ,ସାମାଜିକ କର୍ମୀ ବାବୁଲି ରାଉତ, ୱାର୍ଡ ସଭ୍ୟ ବେବିନା ଘଡେଇ, ନାୟବ ସରପଞ୍ଚ ନୀଳମଣି ରାଉତ ପ୍ରମୁଖ ଯୋଗଦେଇଥିଲେ।

## ମନମୋହିଲା ସାଂସ୍କୃତିକ, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ



ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ।

**ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଓରାୟନ' ଉଦ୍‌ଯାପିତ**

**ନରାଜ,୧୯।୧(ଡି.ଏନ୍.ଏ.)**

କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଓରାୟନ' ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଏସକେ ଅଜହର ଅଲ୍ଲି ଓ ବିଚାରକ ଭାବେ କବିତା ଆବୃତିରେ ସିପୁନ ମିଶ୍ର ଓ ସିଲେଷ୍ଟିଆ ଫ୍ୟାଶନ ସୋରେ ପୁପୁଲ ଭୁୟାଁ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗୀମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହି ଥିଲା। ଶେଷରେ ସଫଳ ପ୍ରତିଯୋଗିମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ଧନ୍ୟବାଦ ଦିଆଯାଇଥିଲା। ଏହି ଅବସରରେ ସଚେତ ଟଣ୍ଡନ ଓ ପରମ୍ପରା ଠାକୁରଙ୍କ ବିଭିନ୍ନ ବଲିଉଡ ସଂଗୀତ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା।

## ଆସିଲେନି ମିଲର: ମଣ୍ଡିରେ ରହିଛି ଧାନ



ମଣ୍ଡିରେ ଗଦା ହୋଇ ରହିଥିବା ଧାନ।

**ନରସିଂହପୁର,୧୯।୧ (ଡି.ଏନ୍.ଏ.)**

ନରସିଂହପୁର ବ୍ଲକ ବାଲିଝରୀ ଗ୍ରାମରେ ଥିବା ଧାନ ମଣ୍ଡିରେ ଅବ୍ୟବସ୍ଥା ଦେଖା ଦେଇଛି । ଚାଷୀମାନେ ମଣ୍ଡିରେ ଧାନ ବସ୍ତା ରଖି ଜଗିଥିବା ବେଳେ ମିଲର ନ ଆସିବାରୁ ଏସବୁ ଖୋଲାରେ ପଡିରହିଛି। ଶନିବାର ବାଲିଝରୀ ମଣ୍ଡିରୁ ଧାନ ଉଠିବାର ପାଳି ଥିଲା ବେଳେ ୨ ଦିନ ହେବ ମିଲର ଆସି ନାହିଁ ବୋଲି ଏହି ସେବା ସମବାୟ ସମିତିର ସମ୍ପାଦକ ବୈକୁଣ୍ଠ ବେହେରା କହିଛନ୍ତି। ଆଠଗଡ ଉପଜିଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ୧୯୬୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

**କଟକ ସଦର,୧୯।୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳସ୍ମୃତି ବିଦ୍ୟାପୀଠ ୧୯୬୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ରବିବାର କୁଲେଇଶୁଣୀ ପୀଠରେ ଅନୁଷ୍ଠିତ ହୋଇଛି। ଏଥିରେ ବୈଜ୍ଞାନିକ ନାରାୟଣ ଚନ୍ଦ୍ର ସାହୁ, ମନମୋହନ ପରିଡା, ସଚ୍ଚିଦାନନ୍ଦ ରାଉତ ଯୋଗଦେଇଥିଲେ। ୨୦୧୯ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସସ୍ମିତା ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହୃଦାନନ୍ଦ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆକ୍ରମଣ, ଲୁଟ୍ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ନରସିଂହପୁର ୧୯।୧ (ଡି.ଏନ.ଏ.)**

ନରସିଂହପୁର ଥାନା କମଳାଦେଇପୁର ଛକରେ ଗତ ୧୬ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏକ କାରକୁ ଆକ୍ରମଣ କରି ଯାତ୍ରୀମାନଙ୍କୁ ମାଡ଼ ମାରିବା ସହ ସେମାନଙ୍କଠାରୁ ସାମଗ୍ରୀ ଲୁଟି ନେଇଥିଲେ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଶନିବାର ନରିସିଂହପୁର ପୋଲିସ ହାତରେ ଧରାପଡ଼ିଛି। ସେ ହେଲେ ନରସିଂହପୁର ଥାନା ଅନ୍ତର୍ଗତ ଅଲରା ଗ୍ରାମର ବିଘ୍ନେଶ୍ୱର ନାୟକ। ସେ ହିରାଖଣ୍ଡ ଏକ୍ସପ୍ରେସରେ କୋରାପୁଟ ଆସି କଟକ ରେଳ ଷ୍ଟେଶନରେ ପହଞ୍ଚିବା ପରେ ପୋଲିସ ହାତରେ ଧରାପଡିଥିଲେ। ମାଲଗୋଦାମ ଥାନାର ୧୦ ଓ ନରସିଂହପୁର ଥାନାର ୬ ଜଣ ପୋଲିସ କର୍ମଚାରୀ ସାଧା ପୋଷାକରେ ତାଙ୍କୁ ଧରିଥିଲେ। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଡକାୟତି, ମାଡପିଟ ଭଳି ୯ଟି ଅଭିଯୋଗ ରହିଛି ବୋଲି ରବିବାର ଖବରଦାତା ସମ୍ମିଳନୀରେ କଟକ ଅତିରିକ୍ତ ଏସ୍‌ପି ଅଲେଖ ଚନ୍ଦ୍ର ପହି, ଆଠଗଡ ଉପଖଣ୍ଡ ପୋଲିସ ଅଧିକାରୀ ଆଲୋକ ରଞ୍ଜନ ରାୟ, ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା କହିଛନ୍ତି। ୧୬ ତାରିଖରେ କାର୍ ଲୁଟ ପରେ ସେ କୋରପୁଟ ଚାଲିଯାଇଥିଲେ ବୋଲି ପୋଲିସ କହିଛି। ସନ୍ଧ୍ୟାରେ ଅଭିଯୁକ୍ତ ବିଘ୍ନେଶ୍ୱରଙ୍କୁ ଗିରଫ କରାଯାଇ ନରସିଂହପୁର କୋର୍ଟରେ ହାଜର କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନରସିଂହପୁରସ୍ଥିତ ସବ୍‌ଜେଲକୁ ପଠାଇ ଦିଆଯାଇଛି।

## ଆଦ୍ୟଶୈଶବ ଯତ୍ନ ଶିକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବାଙ୍କୀ, ୧୯।୧(ସ୍ୱ.ପ୍ର.)**

ବାଙ୍କୀ ବ୍ଲକରେ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ୬ ଦିନ ବ୍ୟାପୀ ଚାଲିଥିବା ଆଦ୍ୟ ଶୈଶବ ଯତ୍ନ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହିଳା ଶିଶୁ ବିକାଶ ଅଧିକାରୀ ରୂପାଲି ମିତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ କଳାପଥର ଅନ୍ତର୍ଗତ ବୈଦେଶ୍ୱର ଓ ବଳଭଦ୍ରପୁରର ୩୫ ଜଣ ଅଙ୍ଗନୱାଡି କର୍ମୀଙ୍କୁ ତାଲିମ ଦିଆଯାଇଥିଲା। ଶିଶୁଙ୍କ ସୃଜନଶୀଳତା, ଶିକ୍ଷାର ବିକାଶ ଓ ଗର୍ଭବତୀଙ୍କ ସ୍ୱାସ୍ଥ୍ୟର ଉନ୍ନତି କରଣ ସମ୍ପର୍କରେ ତାଲିମ୍ ଦିଆଯାଇଥିଲା। ମାତୃ ଓ ଶିଶୁ ମୃତ୍ୟୁହାର କିପରି ରୋକିବା ପାଇଁ ଯତ୍ନବାନ ହେବାକୁ ଅଙ୍ଗନୱାଡି କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଲିଲିବାଳା ବେହେରା, ପ୍ରମୋଦିନୀ ପାଢୀ, ଅନ୍ନପୂର୍ଣ୍ଣା ପ୍ରଧାନ, ମାଳତୀ ନାୟକ ଓ ସୁଜାତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କଟକ ନେହେରୁ କ୍ଲବ ବିଜୟୀ

**ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ୮ମ ଦିବସ**


**ବାଙ୍କୀ,୧୯।୧(ସ୍ୱ.ପ୍ର.)**

ବାଙ୍କୀ କଚେରି ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଗୋପାଳ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଟୁର୍ନାମେଣ୍ଟର ରବିବାର ୮ମ ଦିନରେ କଟକ ନେହେରୁ କ୍ଲବ ବିଜୟୀ ହୋଇଛି। କଳିଙ୍ଗ କ୍ଲବ ଖୋର୍ଦ୍ଧା ଓ ନେହେରୁ କ୍ଲବ କଟକ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। କଳିଙ୍ଗ କ୍ଲବ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୮୩ ରନ୍ କରିଥିଲା। ଜବାବ୍‌ରେ କଟକ ନେହେରୁ କ୍ଲବ ୨୨ ଓଭରରେ ୯ ଉଇକେଟ୍ ହରାଇ ୧୮୪ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜୀବନ ସାମଲ ୪୨ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କ୍ରୀଡାବିତ୍ ବସନ୍ତ ଦାଶ ତାଙ୍କୁ ପୁରସ୍କୃତ କରିଥିଲେ। ମ୍ୟାଚକୁ ଲକ୍ଷ୍ମୀକାନ୍ତ ପାତ୍ର ଉଦ୍‌ଘାଟନ କରିଥିଲେ। ରାଜକିଶୋର ମହାପାତ୍ର ଓ ଆଲୋକ ବେହେରା ଏହାକୁ ପରିଚାଳନା କରିଥିଲେ। ପ୍ରଶାନ୍ତ ଦାଶ, ସାଗର ବେହେରା, ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍‌ର ସନ୍ତୋଷ କୁମାର ରଣା ଓ ଆଦର୍ଶ ମହାପାତ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଦିଶା ବୈଦେଶ୍ୱର ଚାମ୍ପିୟନ

**ଗଦାଧରପୁର କପ୍ କ୍ରିକେଟ**

**ତିଗିରିଆ,୧୯।୧(ଡି.ଏନ୍.ଏ.)**



ଚାମ୍ପିୟନ୍ ଟ୍ରଫି ସହ ବିଜୟୀ ଦଳର ଖେଳାଳି ଓ ଅନ୍ୟମାନେ।

ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ହାଇସ୍କୁଲ ଖେଳପଡ଼ିଆରେ ମା'ଭବାନୀ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୯ତମ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଫଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଶା ବୈଦେଶ୍ୱର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦିଶା ବୈଦେଶ୍ୱର କ୍ରିକେଟ କ୍ଲବ ଓ ରତାପାଟର ବ୍ଲୁ ଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲୁଷ୍ଟାର କ୍ରିକେଟ କ୍ଲବ ରତାପାଟ ପ୍ରଥମେ ଟସ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ୍ ହରାଇ ୨୫୯ରନ କରିଥିଲା। ଜବାବରେ ଦିଶା ବୈଦେଶ୍ୱର କ୍ରିକେଟ କ୍ଲବ ୧୭.୪ ଓଭରରେ ୪ଉଇକେଟ୍ ବିନିମୟରେ ୨୬୦ରନ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥିଭାବେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୂପା ଦଳେଇ ଯୋଗଦେଇ ଚାମ୍ପିୟନ ଦିଶା ବୈଦେଶ୍ୱରକୁ ଚମ୍ପିୟନ ଟ୍ରଫି ସହିତ ୫୦୦୦ ଟଙ୍କା ଓ ରନର୍ସ ଅପ୍ ରତାପାଟ କ୍ଲବକୁ ରନସ୍‌ଅପ୍ ଟ୍ରଫି ସହ ୩ ହଜାର ଟଙ୍କା ଦେଇଥିଲେ। ଟୁର୍ନାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସୁଶାନ୍ତ ପଣ୍ଡାଙ୍କୁ ମ୍ୟାନ ଅଫ ଦ ସିରିଜ ଟ୍ରଫି ଓ ମ୍ୟାଚ ପାଇଁ ବୈଦେଶ୍ୱରର କ୍ଲବର ଗିରିଶ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ଦିଆଯାଇଥିଲା। ସମ୍ମାନିତ ଅତିଥିଭାବେ ବ୍ୟବସାୟୀ ରବୀନ୍ଦ୍ର କୁମାର ବଳ ଯୋଗଦେଇଥିଲେ। ଫାଇନାଲ ମ୍ୟାଚକୁ ନରେଶ କୁମାର ରାଉତ ଓ ରମେଶ ସ୍ୱାଇ ପରିଚାଳନା କରିଥିଲେ। ତୁଷାରକାନ୍ତ ସେଠୀ ଓ ଅଶୋକ ଖଟୁଆ ଧାରା ବିବରଣୀ ପ୍ରଦାନ କରିଥିଲେ ।



“ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ, ଧନୀ ମଧ ଦରିଦ୍ର ଉପରେ ନିର୍ଭର କରେ।- **ପଣ୍ଡିତ ନୀଳକଣ୍ଠ ଦାସ**



## ସଂକ୍ଷେପରେ

### ନିଆଁରେ ପୋଡ଼ି ମହିଳାଙ୍କ ମୃତ୍ୟୁ

**ଯାଁଳା,୧୯।୧(ଡି.ଏନ.ଏ.):** ନିଆଁରେ ପୋଡ଼ିହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ଯାଁଳା ଓଗାଳପଡ଼ା ଗ୍ରାମର ମହିଳା ମାଳତି ବେହେରାଙ୍କ ରବିବାର ମୃତ୍ୟୁ ଘଟିଛି। ଘରେ ରୋଷେଇ କରୁଥିବା ସମୟରେ ଚୁଲି ନିଆଁ ଲାଗି ଶନିବାର ସେ ଗୁରୁତର ହୋଇ ପଡ଼ିଥିଲେ। କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

### ପୋଲିଓ ବୁନ୍ଦା ଖାଇଲେ ଶିଶୁ

**ଟାଙ୍ଗୀ (ଖୋର୍ଦ୍ଧା),୧୯।୧ (ଡି.ଏନ.ଏ.):** ଜାତୀୟ ପୋଲିଓ ନିରାକରଣ ଦିବସ ଅବସରରେ ରବିବାର ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୫ ବର୍ଷର ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିଲା। ଏଥିରେ ମୋଟ ୧୨,୮୧୪ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡ଼ିକାଲ ଅଫିସର ଡା. ଜିତେନ୍ଦ୍ର କୁମାର ସାହୁଙ୍କ ସୂତ୍ରରୁ ଜଣାପଡିଛି।

### ପାଠଶାଳାର ବାର୍ଷିକୋତ୍ସବ

**ଖୋର୍ଦ୍ଧା ଅଫିସ, ୧୯।୧:** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଖୋର୍ଦ୍ଧା ମୁଖ୍ୟ ସେବାକେନ୍ଦ୍ର ଅଧୀନରେ ଥିବା ମୁକୁନ୍ଦପ୍ରସାଦ ବ୍ରହ୍ମାକୁମାରୀ ପାଠଶାଳାର ୪ର୍ଥ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସଞ୍ଚାଳିକା ଅନୁରାଧା ଭଉଣୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ସମ୍ପାଦକ ସୁଧୀର କୁମାର ମାନସିଂହ, ଖୋର୍ଦ୍ଧା ବାର ଆସୋସିଏଶନ ସଭାପତି ପ୍ରାଣକୃଷ୍ଣ ଦଳବେହେରା, ସାମାଜିକ କର୍ମୀ ନୀଳାଦ୍ରିନାଥ ଜଗଦେବ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ବ୍ରହ୍ମାକୁମାର ଜୟକୃଷ୍ଣ ସଭା ପରିଚାଳନା କରିଥିବାବେଳେ ବ୍ରହ୍ମାକୁମାର ପବିତ୍ର ସ୍ୱାଗତ ଭାଷଣ ଦେଇଥିଲେ।

### ପଳାସପୁର କ୍ରିକେଟ୍ ଉଦ୍‌ଘାଟିତ: କାଇପଦର ବିଜୟୀ

**ଖୋର୍ଦ୍ଧା ଅଫିସ, ୧୯।୧:** ସାଇ ସ୍ପୋଟସ୍ ଆନୁକୂଲ୍ୟରେ ପନଳାସପୁରରେ ରବୀନ୍ଦ୍ରନାଥ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ୍ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ କାଇପଦର ୨ ଉଇକେଟରେ ବିଜୟୀ ହୋଇଛି। ଟସ୍ ଜିତି କାଇପଦର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରିଥିଲା। ଜବାବରେ ସୁଆଙ୍ଗ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୬୦ ରନ କରିଥିଲା।

### ଗଡ଼ମାଣତୀର କ୍ରିକେଟ: ସାଆନ୍ତା ଚାମ୍ପିୟନ

**ଖୋର୍ଦ୍ଧା ଅଫିସ, ୧୯।୧:** ମା’ ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗଡ଼ମାଣତୀରରେ ତୃତୀୟ ବିପିନ ବିହାରୀ ସୁନ୍ଦରାୟ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଚାଲିଥିଲା। ରବିବାର ଉଦ୍‌ଯାପନୀ ମ୍ୟାଚରେ ସାଆନ୍ତା କ୍ରିକେଟ କ୍ଲବ ୭ ଉଇକେଟରେ ସିକୋ କ୍ରିକେଟ୍ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଟସ୍ ଜିତି ସିକୋ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୨୭ ରନ କରିଥିଲା। ଜବାବରେ ସାଆନ୍ତା ଟିମ୍ ୧୪ ଓଭରରେ ୩ ଉଇକେଟ ହରାଇ ୧୨୮ ରନ କରି ବିଜୟୀ ହୋଇଥିଲା। ସୂର୍ଯ୍ୟକାନ୍ତ ଯୁଝାରସିଂହ ଏହାକୁ ପରିଚାଳନା କରିଥିଲେ।

# ଗୁଣାତ୍ମକ ସେବା ନାହିଁ: ବିଦ୍ୟୁତ୍ ସଂଯୋଗ କାଟ

**ଜଟଣୀ,୧୯।୧(ଡି.ଏନ.ଏ.)**

ବିଦ୍ୟୁତ୍ ବିଭାଗ ବକେୟା ଆଦାୟ ସହ ସଂଯୋଗ କାଟ ଉପରେ ଗୁରୁତ୍ୱ ଦେଉଛି। ହେଲେ ସେହିପରି ନୀରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇବା କ୍ଷେତ୍ରରେ ତତ୍ପରତା ଦେଖାଉନାହିଁ। ଏହାକୁ ନେଇ ଜଟଣୀ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜଟଣୀ ସବ୍‌ଡିଭିଜନରେ ସେସୁ ପକ୍ଷରୁ ଘୋଷଣା ହୋଇଥିବା ତାରିଖ ଅତିକ୍ରାନ୍ତ ପରେ ବିଦ୍ୟୁତ୍ ସଂଯୋଗ କାଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଜାନୁୟାରୀ ୧୬ରୁ ଏହାର ଫ୍ରାଞ୍ଚାଇଜ୍ ନେଇଥିବା ଫେଡ୍‌କୋ ପକ୍ଷରୁ ଅଭିଯାନ ଚାଲିଛି। ତେବେ ପ୍ରଥମାବସ୍ଥାରେ ବ୍ୟବସାୟିକ ପ୍ରତିଷ୍ଠାନ ଓ ଶିଳ୍ପସଂସ୍ଥାରୁ ବକେୟା ଦେୟ ଆଦାୟ ସହ ସଂଯୋଗ ବିଚ୍ଛିନ୍ନ କରାଯିବା କାମ ଆରମ୍ଭ ହୋଇଛି। ଜଟଣୀ ସବ୍‌ଡିଭିଜନରେ ବ୍ୟବସାୟ ପ୍ରତିଷ୍ଠାନ, ଶିଳ୍ପ, ସରକାରୀ ଓ ଘରୋଇ ଉପଭୋକ୍ତାଙ୍କ ଉପରେ ୨୧ କୋଟି ୨୮ ଲକ୍ଷ ଟଙ୍କା ବିଦ୍ୟୁତ୍ ଦେୟ ବକେୟା ରହିଛି।

### ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ



ଅନେକ ସମୟରେ ଜଟଣୀରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି। ଅଭିଯୋଗ ପାଇଁ ଥିବା କଷ୍ଟମର କେୟାର ନମ୍ବରକୁ ଫୋନ୍ କଲେ ବହୁ ସମୟରେ ଟିଂ ହୋଇ କଟୁଛି। ଯଦି ଫୋନ୍ କେହି ଉଠାଇ ଅଭିଯୋଗ ରଖିଲେ ପରେ ପ୍ରତିକାର ପାଇଁ କର୍ମଚାରୀ ଆସୁନାହାନ୍ତି। ବିଶେଷକରି ଘରୋଇ ଉପଭୋକ୍ତାଙ୍କ ମଧ୍ୟରୁ କାହା ଘର ବିଦ୍ୟୁତ୍ କଟିଲେ ଏପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି।

**–ବିଭୂତି ଭୂଷଣ ମିଶ୍ର, ସଭାପତି, ମହାତ୍ମା ଗାନ୍ଧୀ ସ୍ମୃତି କମିଟି**

### ବିଦ୍ୟୁତ୍ ସଂଯୋଗ ନ ଥାଇ ୬ ହଜାର ବିଲ୍

ସୌଭାଗ୍ୟ ଯୋଜନାରେ ଯୋଗ୍ୟ ବିବେଚିତ ହୋଇଥିଲି। ହେଲେ ଏଥିରେ ବିଦ୍ୟୁତ ସଂଯୋଗ କରା ନ ଯାଇ ୬ ହଜାର ଟଙ୍କାର ବିଲ୍ ଘରକୁ ଆସିଲା। ସେହିପରି ଗଜପତିନଗରର ଡି. ଜୟା କୁମାରୀ ଏହି ଯୋଜନାରେ ଯୋଗ୍ୟ ବିବେଚିତ ହୋଇଥିଲେ। ତାଙ୍କ ଘରେ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ନ କରି କେବଳ ମିଟର ଲଗାଇ ପଳାଇଥିଲେ। ମିଟର ଲାଗିବା ୬ ମାସ ପରେ ତାଙ୍କ ଘରକୁ ୧୪ ହଜାର ଟଙ୍କାର ବକେୟା ବିଦ୍ୟୁତ୍ ବିଲ୍ ଆସିଛି। ଏ ନେଇ ସମ୍ପୃକ୍ତ ବିଭାଗକୁ ଅଭିଯୋଗ କରାଯାଇଛି। ଏପରି ଅନେକ ଗରିବ ଲୋକଙ୍କ କ୍ଷେତ୍ରରେ ବିଭାଗ ଏପରି ବିଲ୍ ପଠାଉଛି।



**–ବାସୁଦେବ ସେଠୀ,ସାମାଜିକ କର୍ମୀ, ଗଜପତିନଗର**


### ଦୂର ହେଉନି ଲୋ ଭୋଲଟେଜ୍ ସମସ୍ୟା



ମୋ ନାମରେ ଏକ ବ୍ୟବସାୟିକ ବିଦ୍ୟୁତ୍ ସଂଯୋଗ ରହିଛି। ବାତ୍ୟା ଫନୀ ପୂର୍ବରୁ କୌଣସି କାରଣରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏ ନେଇ ବିଭାଗର ଥିବା କଷ୍ଟମର କେୟାର ନମ୍ବରଠାରୁ ଆରମ୍ଭ କରି ଏହାର କାର୍ଯ୍ୟାଳୟ, କନିଷ୍ଠ ଯନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଲି। ଅନ୍ଧାରରେ ୪ ଦିନ ରହିବା ପରେ କର୍ମଚାରୀ ଠିକ୍ କରିବାକୁ ଆସିଥିଲେ। ଏହାଛଡ଼ା ଦୈନିକ ଲୋ-ଭୋଲ୍‌ଟେଜ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ବିଦ୍ୟୁତ୍ ସେବା ମିଳୁଛି।

**–ହିମାଂଶୁ ପ୍ରସାଦ ଦାସ, ଉପଭୋକ୍ତା, କଲେଜରୋଡ଼, ଜଟଣୀ**

### ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ, ତାର



ବିପଦ ସଙ୍କୁଳ ଅବସ୍ଥାରେ ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଓ ତାର ରହିଛି। ବହୁ ବିଦ୍ୟୁତ ଖୁଣ୍ଟର ମୂଳ ଦୁର୍ବଳ ଅବସ୍ଥାରେ ଥିବାବେଳେ କେବଳ ତାରରେ ଝୁଲି ରହିଛି। ଟ୍ରାନ୍ସଫର୍ମର ଗୁଡ଼ିକର ଠିକ୍ ରକ୍ଷଣାବେକ୍ଷଣ ହେଉନାହିଁ। ବିଭିନ୍ନ ସ୍ଥାନରେ ଏହା ଖୋଲାରେ ପଡ଼ିରହିଛି। ଯାହା ବିପଦ ସୃଷ୍ଟି କରୁଛି। ଦୀର୍ଘବର୍ଷର ତାର ମଧ ପରିବର୍ତ୍ତନ ହେଉନାହିଁ। ସାମାନ୍ୟ ବର୍ଷା କି ପବନ ହେଲେ ଏହା ଛିଡ଼ି ପଡୁଛି।

**–ରବି ନାରାୟଣ ସ୍ୱାଇଁ, ପୂର୍ବତନ ସରପଞ୍ଚ, ଯାଁଳା**

# ନେତାଜୀଙ୍କ ଜୟନ୍ତୀ ପାଇଁ ପ୍ରତିଯୋଗିତା



ପିଲାମାନେ ସୁଭାଷ ବୋଷଙ୍କ ଚିତ୍ର ଆଙ୍କୁଛନ୍ତି ।

**ଖୋର୍ଦ୍ଧା ଅଫିସ, ୧୯।୧:**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଅଲ ଇଣ୍ଡିଆ ଡିଏସଓ ପକ୍ଷରୁ ଆଞ୍ଚଳିକସ୍ତରୀୟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନେତାଜୀଙ୍କ ଜୀବନ ସଂଗ୍ରାମ ସ୍ଥାନ ପାଇଥିଲା। ଉଇଲକିଶନନଗର ଉତ୍ରା ମଇ ବିଦ୍ୟାଳୟ ନୂଆଗାଁରେ ଅନୁଷ୍ଠିତ ଓଡ଼ିଆ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ଦେଶାତ୍ମକବୋଧ ସଙ୍ଗୀତ ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଚାରକ ଭାବେ ଶିକ୍ଷାବିତ୍ ବୈକୁଣ୍ଠ ରାଜଗୁରୁ, ଭାଗୀରଥି ରାଉତରାୟ, ଭବାନୀ ପ୍ରସାଦ କର, ଅନୁପମ ମହାନ୍ତି, ଅବିନାଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡିଏସ୍‌ଓ ରାଜ୍ୟ ଉପସଭାପତି ଜୟନ୍ତ ମହାନ୍ତି, ସାଗର ସାହୁ, ସତ୍ୟବ୍ରତ ଦାସ, ଚନ୍ଦ୍ରକାନ୍ତ ବିଶ୍ୱାଳ ପରିଚାଳନା କରିଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ନେତାଜୀଙ୍କ ଜୟନ୍ତୀରେ ପୁରସ୍କୃତ କରାଯିବ।

# ବସ୍ ମାଲିକ ସଂଘ ସଭାପତି ହେଲେ ବିଧାୟକ

**ଟାଙ୍ଗୀ (ଖୋର୍ଦ୍ଧା), ୧୯।୧ (ଡି.ଏନ.ଏ.)**

ମା’ ଭଗବତୀ ବସ୍ ମାଲିକ ସଂଘର ସର୍ବସମ୍ମତ ନିଷ୍ପତ୍ତିକ୍ରମେ ଚିଲିକା ବିଧାୟକ ତଥା ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡ ଅଧକ୍ଷ ପ୍ରଶାନ୍ତ କୁମାର ଜଗଦେବ ସଂଘର ସଭାପତି ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୁନାଖଳା ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ସଭାରେ ସଭାପତି ରୂପେ ବିଧାୟକ ଜଗଦେବଙ୍କୁ ସ୍ୱାଗତ କରିଥିଲେ ସଂଘର କାର୍ଯ୍ୟକାରୀ ସଭାପତି ସୌମେନ୍ଦ୍ର ପଟ୍ଟନାୟକ ଓ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ। ଏଥିରେ ସଂଘର ବିଭିନ୍ନ ସମସ୍ୟା ଆଲୋଚନା କରାଯିବା ସହ ବାଲୁଗାଁରୁ ଭୁବନେଶ୍ୱର ମଧ୍ୟରେ ବିଭିନ୍ନ ଜାଗାରେ ଦାଦାବଟିକୁ ପୋଲିସ ପ୍ରଶାସନ ଦ୍ୱାରା ବନ୍ଦ କରାଇବା, ବାଲୁଗାଁ, ନାଚୁଣି, ଟାଙ୍ଗୀ ଚାନ୍ଦପୁର ବାଇପାସ ଦେଇ ଯାତାୟାତ କରୁଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକ ସମ୍ପୃକ୍ତ ଅଞ୍ଚଳରେ ବସଷ୍ଟାଣ୍ଡ ଦେଇ ଯାତାୟାତ କରିବା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଜୟନ୍ତ କୁମାର ସାହୁ, ବିମଳ ଶଙ୍କର ସିଂହଦେଓ, ଅକ୍ଷୟ ପଟ୍ଟନାୟକ, ଭବାନୀ ଶଙ୍କର ପଟ୍ଟନାୟକ, ଦିଲୀପ କୁମାର ହରିଚନ୍ଦନ, ଦୁଷ୍ମନ୍ତ ପଟ୍ଟନାୟକ, ଯଶୋବନ୍ତ ଛୋଟରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ସଭାପତି ଭାବେ ବିଧାୟକ ଜଗଦେବ ଦାୟିତ୍ୱ ଗ୍ରହଣ କରିବା ପରେ ବସମାଲିକ ସଂଘ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ




ସମାରୋହରେ ଯୋଗ ଦେଇଥିବା ଅତିଥିମାନେ ।

**ଖୋର୍ଦ୍ଧା ଅଫିସ, ୧୯।୧:**

ଗଡ଼ମାଣତୀର ଲୋକିପୁରସ୍ଥ ସ୍ୱାଗତିକା ସାହିତ୍ୟ ସଂସଦ ଓ ନିର୍ମାଲ୍ୟ ସଂସ୍କୃତି ପରିଷଦର ସପ୍ତଦଶ ବାର୍ଷିକ ସାରସ୍ୱତ ସମାରୋହ ଖୋର୍ଦ୍ଧା ପି.ଏନ୍. କଲେଜ ମୈତ୍ରୀ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। କବି ଯମେଶ୍ୱର କହଳସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଉପଶାସନ ସଚିବ ତଥା କବି କମଳ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଉପଶାସନ ସଚିବ ମହାନ୍ତି କହିଥିଲେ, ରାଜ୍ୟ ଜାତି, ଭାଷା, ସଂସ୍କୃତି ଉଜ୍ଜୀବିତ ରଖିବା ପାଇଁ ଲେଖକର ଦାୟିତ୍ୱବଦ୍ଧତା ରହିଛି। ମୁଖ୍ୟଅତିଥି ରୂପେ ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ପ୍ରଫେସର ରମେଶ ଦାସ କହିଲେ, ଲେଖକ ମନରେ ସହୃଦୟତା ଭାବ, ସମ୍ବେଦନଶୀଳତା, ମାନବିକ ମୂଲ୍ୟବୋଧ ରହିଲେ ସାହିତ୍ୟ ଚିରନ୍ତନ ହେବ। ମୁଖ୍ୟବକ୍ତା ଅବଦୁଲ ଓସିଦ୍ ଖାଁ କହିଥିଲେ ଯେ, ଜ୍ଞାନ, ବୁଦ୍ଧି, ଚେତନାକୁ ଯିଏ ବୁଦ୍ଧିମନ୍ତ କରିପାରୁଛି ସିଏ ହେଲା କବି। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପ୍ରାଧାପକ ଲକ୍ଷ୍ମଣ କୁମାର ସାହୁ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଶିକ୍ଷାବିତ୍ କାଳୀ ଚରଣ ଜୟସିଂହ, ପ୍ରାଧାପକ ରଙ୍କନିଧି ବଳିଆରସିଂହ ଯୋଗ ଦେଇଥିଲେ। କବି ବଳରାମ ରଣସିଂହ ଅତିଥି ପରିଚୟ, କବି ଜ୍ଞାନରଞ୍ଜନ ଦାଶ ସ୍ୱାଗତ ଭାଷଣ, ସମ୍ପାଦକ ନିଶିକାନ୍ତ କହଳସିଂହ ସମ୍ପାଦକୀୟ ପାଠ କରିଥିବାବେଳେ ତ୍ରିଲୋଚନ ଦାସ ଧନ୍ୟବାଦ ଦେଇଥିଲେ। ଗୋପୀନାଥ ଦାଶ ଓ ସୂର୍ଯ୍ୟ ମହାନ୍ତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଗାଳ୍ପିକ, କବି, ନାଟ୍ୟକାର, ଗୀତିକାର, ଗୀତିକବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ନିଶିକାନ୍ତ କହଳସିଂହଙ୍କ ‘ନିର୍ମାଲ୍ୟ ସ୍ୱାଗତିକା’, ଯମେଶ୍ୱର କହଳସିଂହ ‘ବର୍ଷା-ବସନ୍ତ-ବୈଶାଖ’, କବି ଯୋଗେନ୍ଦ୍ର ବାରିକଙ୍କ ‘ଭକ୍ତି ପ୍ରଜ୍ଞା’, ପ୍ରମିଳା ମହଲାଙ୍କ ‘ବୀକ୍ଷିକାର ଶେଷ ଦୃଶ୍ୟ ଓ ଅନ୍ୟାନ୍ୟ ଗଳ୍ପ’ ଏବଂ କବି ବଂଶୀଧର ପଣ୍ଡାଙ୍କ ‘ବଂଶୀ ନିଃସ୍ୱନ’ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

### ଶ୍ରୀଲିଙ୍ଗରାଜ ମନ୍ଦିର: କାମରେ ଲାଗୁନି ପାଦ ଚଲା ପଥ

**ପୁରୁଣା ଭୁବନେଶ୍ୱର, ୧୯।୧ (ଡି.ଏନ.ଏ.)**

ରାଜ୍ୟ ପର୍ଯ୍ୟଟନ ବିଭାଗର ତରବରିଆ ଏବଂ ଖାମଖିଆଲ କାର୍ଯ୍ୟ ନେଇ ବହୁ ଯୋଜନା ସଫଳ ରୂପାୟନ ହେଉ ନ ଥିବା ଅଭିଯୋଗ ହେଉଛି। ଆମସାର ଆକ୍ଟ ଉଲ୍ଲଂଘନ କରି ବ୍ୟାଖ୍ୟାନ କେନ୍ଦ୍ର, ଟୁରିଷ୍ଟ ଶେଡରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେବା ପରେ ଏବେ ଏହା ଭଙ୍ଗାଯାଇ ମାଟିରେ ମିଶିଛି। ଅନୁରୂପ ଭାବେ ୨୦୧୪ରେ ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ପଥରର ପାଦଚଲା ରାସ୍ତା ପ୍ରାୟ ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ଏହି ପାଦଚଲା ରାସ୍ତା ଏବେ ପର୍ଯ୍ୟଟକଙ୍କର କାମରେ ଲାଗୁନି। ପାଦ ଚଲା ପଥଟି ଚିତ୍ରକାରିଣୀ ମନ୍ଦିର, ପଶ୍ଚିମ-ଦକ୍ଷିଣ କୋଣଠାରେ ପାଚେରି ପଡିଯିବା ନେଇ ବନ୍ଦ ରହିଛି। ପରିତ୍ୟକ୍ତ ଭାବେ ପଡି ରହିଥିବା ପାଦଚଲା ରାସ୍ତାର ମନ୍ଦିର ଉତ୍ତରଦ୍ୱାରଠାରେ ମଦ ବୋତଲ, ଆବର୍ଜନା ପଡି ପରିବେଶ ଦୂଷିତ ହେଉଛି।

# କ୍ରିକେଟ୍: ପାଇକତିଗିରିଆ ଚାମ୍ପିୟନ



କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ପାଇକତିଗିରିଆ ଦଳ ସହ ଅତିଥିମାନେ ।

**ଖୋର୍ଦ୍ଧା ଅଫିସ, ୧୯।୧**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମ୍ମଦିୟା ମୁସଲିମ ସଙ୍ଗଠନ ପକ୍ଷରୁ ଶନିବାର ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପାଇକତିଗିରିଆ ଚାମ୍ପିୟନ ହୋଇଛି। ରବିବାର ପ୍ରଥମ ସେମି ଫାଇନାଲରେ ପାଇକତିଗିରିଆ ଦଳ କେରଙ୍ଗ ଅହମ୍ମଦିୟାକୁ ପରାସ୍ତ କରି ଫାଇନାଲକୁ ଯାଇଥିଲା। ୨ୟ ସେମି ଫାଇନାଲରେ କେରଙ୍ଗ ଖୋର୍ଦ୍ଧାକୁ ପରାସ୍ତ କରି ଅନୁରୂପ ଭାବେ ଫାଇନାଲକୁ ଯାଇଥିଲା। ଟସ୍ ଜିତି ପାଇକତିଗିରିଆ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫୭ ରନ କରି ଅଲ ଆଉଟ୍ ହୋଇଥିଲା। ଜବାବରେ କେରଙ୍ଗ ଦଳ ୮ ଓଭରରେ ଅଲ ଆଉଟ୍ ହୋଇ ପରାସ୍ତ ହୋଇଥିଲା। ଅସଗର ଅଲ୍ଲୀ ଓ ବସରୁଦ୍ଦିନ ଖାଁ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ କେରଙ୍ଗ ଅହମ୍ମଦିଆ ମୁସଲିମ୍ ସଙ୍ଗଠନର ସଭାପତି ମୁନୱର ଅହମ୍ମଦ ଓ ଭୁବନେଶ୍ୱର ଇନଚାର୍ଜ ମୌଲାନା ଫଜଲ ହକ୍ ଖାଁ ଉପସ୍ଥିତ ଥିଲେ।

# ପରମେଶ୍ୱର ମେମୋରିଆଲ କ୍ରିକେଟ, ସିକୋ ଚାମ୍ପିୟନ

**ନିରାକାରପୁର,୧୯।୧(ଡି.ଏନ୍.ଏ.) :**

ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତ ରମାବିଲିଠାରେ ଥିବା ଧ୍ରୁବ ଚରଣ ଖେଳପଡିଆରେ ବାବା ନୀଳକଣ୍ଠେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ୭ମ ପରମେଶ୍ୱର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ହଣ୍ଟର ଏକାଦଶ ସିକୋ ୩୫ ରନ୍‌ରେ ଓଁ ସାଇୟଙ୍ଗ ଷ୍ଟାର ନିରାକାରପୁର ଚାମ୍ପିୟନ ହୋଇଛି। ସିକୋ ଦଳ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୧୭ରନ୍ ସଂଗ୍ରହ କରିଥିଲା। ଜବାବରେ ନିରାକାରପୁର



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି ।

ଦଳ ୧୯ ଓଭର ୫ଟା ବଲରେ ସମସ୍ତ ଉଇକେଟ ହରାଇ ୮୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମ୍ୟାଚକୁ ଦିବାକର ମହାପାତ୍ର ଓ ନିରଞ୍ଜନ ସୁନ୍ଦରାୟ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚରେ ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ସ୍ଥାନୀୟ ସମିତି ସଭ୍ୟ କରୁଣାକର ସେଠୀ, ଜୟ ଦୁର୍ଗା କ୍ଲବର ସଭାପତି ନିତ୍ୟାନନ୍ଦ ମଙ୍ଗରାଜ, ଶିକ୍ଷକ ନେତା ରମାକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୫୦୦୧ ଟଙ୍କା ଅର୍ଥ ଓ ପରାଜୟ ଦଳଙ୍କୁ ୩୦୦୧ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ସିକୋ ଦଳର ପୀର କୁମାର ଏବଂ ମ୍ୟାନ ଅଫ ଦି ସିରିଜ ଭାବେ ସିକୋ ଦଳର ପପୁ କୁମାରଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

# ଦୀପୁନ୍ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ: ସୋମନାଥ ସ୍ପୋର୍ଟିଂ ବିଜୟୀ

**ଜଟଣୀ,୧୯।୧(ଡି.ଏନ.ଏ.):**

ଜଟଣୀ କୁଦିଆରୀରେ ଚାଲିଥିବା ଦୀପୁନ୍ ମେମୋରିଆଲ୍ ବ୍ରାହ୍ମଣୀ କପ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ମ୍ୟାଚରେ କୁଦିଆରୀ କ୍ରିକେଟ କ୍ଲବକୁ ୬୫ ରନରେ ପରାସ୍ତ କରି ହରିରାଜପୁର ସୋମନାଥ ସ୍ପୋର୍ଟିଂ ବିଜୟୀ ହୋଇଛି। ଅମ୍ପାୟାର ଭାବେ ସବ୍ୟସାଚୀ ପଟ୍ଟନାୟକ, ସଞ୍ଜୀବ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ପୂର୍ବତନ କାଉନ୍‌ସିଲର ଅନନ୍ତ ବେହେରା ଅତିଥି ଭାବେ ଯୋଗଦେଇଥିଲେ।




ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ଶ୍ରୀବସ୍ତ ମେମୋରିଆଲ୍ ଫୁଟବଲ ଟୁର୍ନାମେଣ୍ଟ: ମହାବୀର କ୍ଲବ ଚାମ୍ପିୟନ

**ଜଟଣୀ,୧୯।୧(ଡି.ଏନ.ଏ.)**

ରାଜ୍ୟସ୍ତରୀୟ ଶ୍ରୀବସ୍ତ ମେମୋରିଆଲ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚରେ ସମ୍ବଲପୁରର ମହାବୀର କ୍ଲବ ଚାମ୍ପିୟନ ହୋଇଛି। ଏହା ଜଟଣୀ କୁଶମାଟି-ଛଣଘର ଖେଳପଡିଆରେ ଚାଲିଥିଲା। ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ମୂଳକ ମ୍ୟାଚ୍‌ରେ କଟକର ମଙ୍ଗଳା କ୍ଲବକୁ ୩-୨ ଗୋଲରେ ପରାସ୍ତ କରି ମହାବୀର କ୍ଲବ ଶ୍ରୀବସ୍ତ ମେମୋରିଆଲ ଟାଇଟଲ ହାସଲ କରିଛି। ଖେଳର ୧୫ ଓ ୧୯ ମିନିଟ୍‌ରେ ୨ଟି ଗୋଲ୍ କରି ପ୍ରଥମାର୍ଦ୍ଧରେ ମଙ୍ଗଳା କ୍ଲବ ଅଗ୍ରଣୀ ରହିଥିଲା। ଦଳ ପକ୍ଷରୁ ଶାମା ଭୋଇ ଓ ବିଜୟ ଦାସ ଗୋଲ୍ କରିଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ମହାବୀର କ୍ଲବ ପକ୍ଷରୁ ଜୟଦେବ ଓରାମ, ମହେଶ ପ୍ରଧାନ ଓ ନରେଶ ଓରାମ ୩ଟି ଗୋଲ କରି ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ମହାବୀର କ୍ଲବର ମହେଶ ପ୍ରଧାନ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଅଭିମନ୍ୟୁ ମୁଦୁଲି ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ହୋଇଥିଲେ। ମଙ୍ଗଳା କ୍ଲବର ସନାତନ ଲୋହାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ରେଫ୍‌ରି ଭାବେ ଶିବଶଙ୍କର ପଣ୍ଡା ଓ ଆସିଷ୍ଟାଣ୍ଟ ରେଫ୍‌ରି ପ୍ରଫୁଲ୍ଲ ବେହେରା, ବିଦେଶୀ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ନିପେନ୍ ଦାସ, ସୁରଜ ଥାପା, ଜାଗୁଲାର ମହମ୍ମଦ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ଚାମ୍ପିୟନ ମହାବୀର କ୍ଲବକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ମଙ୍ଗଳା କ୍ଲବକୁ ୭ ହଜାର ଟ୍ରଫି ପ୍ରଦାନ କରିଥିଲେ।




ମହାବୀର କ୍ଲବର ଖେଳାଳି ଅତିଥିଙ୍କଠାରୁ ଟ୍ରଫି ସହ ଚେକ୍ ଗ୍ରହଣ କରୁଛନ୍ତି ।




ଭାଇଠାରୁ ବଳି ତୁମର କେହି ଶ୍ରେଷ୍ଠ ବନ୍ଧୁ ନାହାନ୍ତି କର୍କଶ ବ୍ୟବହାର ଦ୍ୱାରା ଭାଇକୁ ଶତ୍ରୁ କର ନାହିଁ।
-କୌଟିଲ୍ୟ ଚାଣକ୍ୟ



# ଧାନର ଏଫ୍‌ଏକ୍ୟୁ ମାନ ପରୀକ୍ଷଣ ହେଉନି

ଖୋର୍ଦ୍ଧା ଅଫିସ,୧୯।୧



ଧାନରେ ଧୂସ, ଗୋଡି ଓ ବାଲି ଦର୍ଶାଇ ମିଲର ବସ୍ତା ପିଛା କାଟି ଚାଲିଛନ୍ତି ଅଢ଼େଇରୁ ୫ କିଗ୍ରା। ଏହି ସମସ୍ୟା ଖୋର୍ଦ୍ଧା ଜିଲାର ପ୍ରାୟ ସବୁ ବ୍ଲକ ଓ ସହରାଞ୍ଚଳରେ ଦେଖାଦେଇଛି। ବେଣାପଞ୍ଜୁରୀ, ଜାମୁକୋଳି, ଯାଁଳା, ଛଣଘର ପରି ଧାନମଣ୍ଡିରେ ୩ କିଲୋ ଏବଂ କନ୍ତିଆ, ପୁବୁସାହିରେ ଅଢ଼େଇ କିଗ୍ରା କଟାଯାଉଥିବା ଅଭିଯୋଗ ରହିଛି। ୭୦୦ ଗ୍ରାମରୁ ଅଧିକ ହେଲେ ମିଲର ଚାଷୀଙ୍କୁ ୧ କିଗ୍ରାର ପ୍ରାପ୍ୟ ଦେଉଛନ୍ତି। ତେବେ ସବୁ ସ୍ଥାନରେ ଚାଷୀ କ୍ଷତି ସହୁଥିବା ଦେଖିବାକୁ ମିଳୁଛି। କାରଣ ଧୂସ, ଗୋଡି ଓ ବାଲି କହି ଧାନ କାଟ ଯିବା ପରେ ୭୦୦ ଗ୍ରାମରୁ ଧାନ କେବେ ବାହାରୁ ନାହିଁ। ମିଲର ଦୁଇ ପ୍ରକାରର ଢାଞ୍ଚାରେ ଚାଷୀଙ୍କୁ ଶୋଷଣ କରି ଚାଲିଛନ୍ତି। ଅନ୍ୟପକ୍ଷେ ଏଫଏକ୍ୟୁ ମାନ ପରୀକ୍ଷଣ କରାଯିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଥିଲେ ମଧ ଏହାକୁ ଅଣଦେଖା କରାଯାଉଛି। କୌଣସି ଧାନମଣ୍ଡିରେ ଏଫଏକ୍ୟୁ ମାନ ପରୀକ୍ଷଣ ଯନ୍ତ୍ର ଦେଖିବାକୁ ମିଳୁନି। ଏଣୁ ସବୁ ଧାନମଣ୍ଡିରେ ଚାଷୀ ଲୁଟର ଶିକାର ହୋଇ ଚାଲିଛନ୍ତି ବୋଲି ଅଭିଯୋଗ ହେଉଛି। ଫଳରେ ଚାଷୀଙ୍କୁ ଠକେଇର ଶିକାର ହେବାକୁ ପଡୁଛି।

## ଧୂସ, ଗୋଡ଼ି, ବାଲି ଦର୍ଶାଇ କାଟ ହେଉଛି ଅଢ଼େଇରୁ ୫ କିଗ୍ରା

### ଅଖା ଦୁର୍ନୀତି

ମିଲର ଅଖାଦେବାର ସରକାରୀ ନିୟମ ରହିଛି। ହେଲେ ଖୋର୍ଦ୍ଧାରେ ମିଲର ନିଜ ଇଚ୍ଛାରେ ଧାନ କିଣୁଛନ୍ତି। ଏଠି ଚାଷୀର ଅଖା ନେଇ ମିଲର ଧାନ କିଣୁଛନ୍ତି। ତେବେ ଚାଷୀ ନିଜ ହାତରୁ ଅଖା କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ମିଲର ଅଖା ନ କିଣି ଅଖା ପଇସା ହାତଉଛନ୍ତି। ଯଦି ଚାଷୀ ବିରୋଧ କରୁଛନ୍ତି ତେବେ ମନପାଇଲେ ଧାନ ବିକ, ନଚେତ ନାହିଁ କହି ମିଲର ମୁହଁ ମୋଡି ଦେଉଛନ୍ତି। ଏ ନେଇ ପୋଡାଡିହର ସାମାଜିକ କର୍ମୀ ବିଭୂତି ଭୂଷଣ ଦାଶ କୁହନ୍ତି, ଖୋର୍ଦ୍ଧା ଜିଲାରେ ଧାନ କିଣାରେ ଅଖା ଦୁର୍ନୀତି ଚାଲିଛି। ପଡୋଶୀ ଜିଲା ନୟାଗଡରେ ମିଲର ବସ୍ତା ଦେଉଛନ୍ତି। କିନ୍ତୁ ଏଠାରେ ସରକାରୀ ନିୟମର ବିପରୀତ ଚାଲିଛି। ମିଲର ଅଖା ଦେଉ ନ ଥିବା ନେଇ ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲେ ହେଁ ସୁଫଳ ମିଳୁନି।

## ପ୍ଲାଷ୍ଟିକ ଅଖାରେ ଧାନ କିଣା

ସରକାର ପ୍ଲାଷ୍ଟିକ ଉପରେ ଲଗାମ ଲଗାଇ ବ୍ୟାନ କରିଛନ୍ତି। ହେଲେ ପ୍ଲାଷ୍ଟିକ ଅଖାରେ ଖୋର୍ଦ୍ଧା ଜିଲାରେ ଧାନକିଣା ଚାଲିଛି। ଲାଭକୁ ଆଖି ଆଗରେ ରଖି ମିଲର ପ୍ରତିବାଦ କରୁନାହାନ୍ତି। ଜିଲା ପ୍ରଶାସନ ମଧ ମୁହଁ ଖୋଲୁନି। ସତେ ଯେପରି ମିଲରଙ୍କ ଭୁଲ୍ କେହି ଦେଖିପାରୁ ନାହାନ୍ତି। ଏ ନେଇ ଜଣେ ଚାଷୀ କହିଛନ୍ତି, ଦୁର୍ନୀତି କାୟା ବିସ୍ତାର କରି ଚାଲିଥିବା ବେଳେ ପଦକ୍ଷେପ ନାହିଁ। ଧାନକିଣା ସମୟରେ ମିଲର ଖର୍ଚ୍ଚ ପାଣିର ବ୍ୟବସ୍ଥା କରିଥିବା ଜଣାପଡିଛି। ଏଣୁ ସବୁ ଜାଣି ପ୍ରଶାସନ ନୀରବ ରହୁଛି। ଏ ନେଇ ଜିଲାପାଳ ସିତାଂଶୁ କୁମାର ରାଉତ କୁହନ୍ତି, ଚାଷୀଙ୍କ ଧାନ ନ କାଟିବାକୁ ପରାମର୍ଶ ଦିଆଯାଇଛି। ଯେଉଁମାନେ ଦୁର୍ନୀତିରେ ଲିପ୍ତ ରହୁଛନ୍ତି ସେମାନଙ୍କୁ ତଦନ୍ତ କରି ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀଙ୍କ ଅଭିଯୋଗ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଓଁକାର ସିଂ ଧିଲୋନଙ୍କ ଶ୍ରୀଲିଙ୍ଗରାଜ ଦର୍ଶନ



ପୁରୁଣା ଭୁବନେଶ୍ୱର, ୧୯।୧ (ଡି.ଏନ.ଏ.)

'ଇଭିଏମ୍ ହଟାଅ ଗଣତନ୍ତ୍ର ବଞ୍ଚାଅ' ନାରା ଦେଇ ଦୀର୍ଘ ୬୫୦୦ କିମି ଉତ୍ତରାଖଣ୍ଡରୁ ପଦଯାତ୍ରାରେ ଆସି ଓଡ଼ିଶାରେ ପହଞ୍ଚିଛନ୍ତି ଓଁକାର ସିଂ ଧିଲୋନ ରିବାର ଶ୍ରୀଲିଙ୍ଗରାଜ ମନ୍ଦିର ଦର୍ଶନ କରିଛନ୍ତି। ମନ୍ଦିରର କାରୁକାର୍ଯ୍ୟ, ଐତିହ୍ୟ, ପରମ୍ପରାକୁ ସେ ଖୁବ୍ ପ୍ରଶଂସା କରିଥିଲେ। ମନ୍ଦିର ବେଢାରେ ଥିବା ପାର୍ଶ୍ୱ ଦେବଦେବୀ ମନ୍ଦିର ମଧ୍ୟ ସେ ବୁଲି ଦେଖିଥିଲେ। ପରେ ଉତ୍ତର ଦ୍ୱାର ୱାଚ ଟାୱାର ଉପରେ ମନ୍ଦିରର ଦୃଶ୍ୟ ଉପଭୋଗ କରିଥିଲେ। ଧିଲୋନ ରବିବାର ଶାନ୍ତିସ୍ତୂପ ଧଉଳି, ଖଣ୍ଡଗିରି, ଉଦୟଗିରି ମଧ ବୁଲି ଦେଖିଥିଲେ। ସେ ୨୦୧୯ ଅଗଷ୍ଟରେ ଉତ୍ତରାଖଣ୍ଡରୁ ତାଙ୍କ ପଦଯାତ୍ରା ଆରମ୍ଭ କରିଥିଲେ।

## ସଂକ୍ଷେପରେ

### ଫୁଟବଲ : ଭୁବନେଶ୍ୱର ବିଜୟୀ




ନିରାକାରପୁର,୧୯।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଖେଳପଡିଆରେ ରାମେଶ୍ୱର କ୍ରୀଡା ସଂସଦ ଆନୁକୂଲ୍ୟରେ ଏକଦିବସୀୟ କୃଷ୍ଣଚନ୍ଦ୍ର ସ୍ମାରକୀ ଫୁଟବଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ ସେଭେଣ୍ଟି-ଥ୍ରୀ ଆଜାଦ ହିନ୍ଦ ଫୁଟବଲ କ୍ଲବ ଭୁବନେଶ୍ୱର ସହ ଧର୍ମଶାଳା ଏକାଡେମୀ ଜାରକା ଯାଜପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିବାବେଳେ ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ଦୁଇଟି ଗୋଲ କରିଥିବା ବେଳେ ଖେଳ ଶେଷ ବେଳକୁ ଯାଜପୁର ଦଳ ଗୋଟିଏ ଗୋଲ ସ୍କୋର କରି ପରାଜୟ ହୋଇଥିଲା। ବିଜୟୀ ଓ ରନର୍ସ ଅପ୍ ଦଳକୁ ଅନୁଷ୍ଠାନ ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅଞ୍ଚଳର ବର୍ଷିୟାନ ଅବସରପ୍ରାପ୍ତ ଖେଳ ଶିକ୍ଷକ ରାଜକିଶୋର ଦାସଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଖେଳକୁ ଅବିନାଶ ପଟ୍ଟନାୟକ, ଅଶୋକ କୁଅଁର, ରାଜେନ୍ଦ୍ର କୁମାର ବାରିକ, ସୁଶାନ୍ତ କୁମାର ପଟ୍ଟନାୟକ, ରାଜକିଶୋର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଖେଳକୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଓ ନିରାକାରପୁର ଥାନା ଅଧିକାରୀ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ପ୍ରାକ୍ତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ବୀର ପାଇକ ମାଟିର ସଭାପତି ପ୍ରକାଶ ଶ୍ରୀଚନ୍ଦନ, ରାମେଶ୍ୱର ଗ୍ରାମ୍ୟ କମିଟିର ସଭାପତି ନୀଳକଣ୍ଠ ରଥ, ଶିକ୍ଷାବିତ ନାରାୟଣ ମଙ୍ଗରାଜ ଓ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଅନୁଷ୍ଠାନର ସଭ୍ୟ ମଞ୍ଚ ପରିଚାଳନା କରିଥିଲେ। ବୀରେନ୍ଦ୍ର ପଟ୍ଟନାୟକ ଓ ଚନ୍ଦ୍ର ମୋହନ ପଟ୍ଟନାୟକ ସହଯୋଗ କରିଥିଲେ।

### ରେନ୍‌ବୋ କପ୍ କ୍ରିକେଟ: କୁମାରବସ୍ତ ବିଜୟୀ

ଖୋର୍ଦ୍ଧା ଅଫିସ, ୧୯।୧: ସାରୁଆ ପଞ୍ଚାୟତର ପତନୀବର ଖେଳପଡିଆରେ ରେନ୍‌ବୋ କପ କ୍ରିକେଟ ଚାଲିଛି। ଏହାର ୩ୟ ଦିବସ ମ୍ୟାଚରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ କୁମାରବସ୍ତ ୩ ଉଇକେଟରେ ପତିତପାବନ କ୍ରିକେଟ କ୍ଲବ ଅଟ୍ରିକୁ ପରାସ୍ତ କରି ବିଜୟୀ ହୋଇଛି। କଳିଙ୍ଗ ଅଟ୍ରି ଦଳ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୮୩ ରନ କରିଥିଲା। ଜବାବରେ କୁମାରବସ୍ତ ୧୬ ଓଭରରେ ୭ ଉଇକେଟ ହରାଇ ୧୮୪ ରନ କରିଥିଲା। ବିଜୟୀ କୁମାରବସ୍ତ ଦଳର ବିଶ୍ୱରଞ୍ଜନ ୩୪ ବଲରେ ୪୦ ରନ କରିବା ସହ ଗୋଟିଏ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଖେଳ ପରିଚାଳନା ରାମକୃଷ୍ଣ ବଳିଆରସିଂ, ଭାଗୀରଥି ବେହେରା ଓ ଶୁଭେନ୍ଦୁ ପାଇକେରା କରିଥିଲେ।

# ଓଡ଼ିଶା ଟେଲର ଶ୍ରମିକ ସଂଘର ଜିଲା ସମ୍ମିଳନୀ




ସମ୍ମିଳନୀରେ କନ୍ଧମାଳ ଏମପି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ୍ ସାମନ୍ତ ଓ ଅନ୍ୟମାନେ।

ଟାଙ୍ଗୀ (ଖୋର୍ଦ୍ଧା), ୧୯। ୧ (ଡି.ଏନ.ଏ.)

ଓଡ଼ିଶା ଟେଲର ଶ୍ରମିକ ସଂଘର ଖୋର୍ଦ୍ଧା ଜିଲା ସମ୍ମିଳନୀ ଟାଙ୍ଗୀ ରାଜୀବ ଗାନ୍ଧୀ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ମହିଳାପୁରୁଷ ଟେଲର ଯୋଗଦେଇଥିଲେ। ଟେଲରମାନଙ୍କୁ କୁଶଳୀ କାରିଗର ମାନ୍ୟତା, ପ୍ରତ୍ୟେକ ବ୍ଲକସ୍ତରରେ ଟେଲରମାନଙ୍କୁ ନୂତନ ଅତ୍ୟାଧୁନିକ ପ୍ରଣାଳୀରେ ତାଲିମ ବ୍ୟବସ୍ଥା, ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଅନୁଷ୍ଠାନକୁ ଯୋଗାଣ ହେଉଥିବା ପୋଷାକ ଏହି ସଂଘ ମାଧ୍ୟମରେ ଯୋଗାଇବା, ୪୦ବର୍ଷ ପରେ ସିଲେଇ କରିବାରେ ଆଖିର ଦୁର୍ବଳତା ଦୃଷ୍ଟିରେ ରଖି ସେମାନଙ୍କୁ ମାସିକ ୫ ହଜାର ଟଙ୍କା ଲେଖାଏ ପେନ୍‌ସନ ଓ ଭୁବନେଶ୍ୱରଠାରେ ଅଭିଜ୍ଞ ଟେଲରମାନଙ୍କୁ ନେଇ ଅତ୍ୟାଧୁନିକ ଟେଲର ଶିଳ୍ପ ସ୍ଥାପନ କରିବା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏ ନେଇ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ବିନ୍ଧାଣୀରତ୍ନ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିବା ବେଳେ ସ୍ମୃତି ରଞ୍ଜନ ପ୍ରିୟଦର୍ଶୀ ସଂଯୋଜନା କରିଥିଲେ। କନ୍ଧମାଳ ଏମ୍‌ପି ତଥା କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି, ଖୋର୍ଦ୍ଧା ବିଧାୟକ ଜିତୁ ମିତ୍ର, ଓଷ୍ଟାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳ, ଟେଲର ସଂଘର ଉପସଭାପତି କୁନଚନ୍ଦ୍ର ବେହେରା, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ତନ୍ମୟ ସ୍ୱାଇଁ, ଟାଙ୍ଗୀ, ବାଣପୁର ଓ ଚିଲିକା ବ୍ଲକ୍ ଟେଲର ସଂଘ ସଭାପତି ମଙ୍ଗୁଳି ବେହେରା, ଅସ୍ତରଙ୍ଗ ବ୍ଲକ୍ ସଭାପତି ଜୁମର ଦାସ ଓ କନ୍ଧମାଳ ଜିଲା ସଭାପତି ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ହୋଇଥିଲେ। ମୁଖ୍ୟ ଅତିଥି ଡ. ସାମନ୍ତ ଦରଜୀମାନଙ୍କ ଆର୍ଥିକ ଅବସ୍ଥା ବର୍ଣ୍ଣନା କରିବା ସହ ସଂଘର ୫ ଦଫା ନ୍ୟାଯ୍ୟ ଦାବିକୁ ସମର୍ଥନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହା ଅବଗତ କରାଇ ଦାବି ପୂରଣ ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ। ଅତି ଅସହାୟ ଓ ଦୁଃସ୍ଥ ଅବସ୍ଥାରେ ଥିବା ଶହେ ଜଣ ଦରଜୀଙ୍କୁ ସିଲେଇ ମେଶିନ ଓ ୫୦ ଅଭିଜ୍ଞ କୁଶଳୀ ଦରଜୀଙ୍କୁ କିଟ୍‌ରେ ନିଯୁକ୍ତି ଦେବେ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୩ ଜଣଙ୍କୁ ଆର୍ଥିକ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉପସ୍ଥିତ ସଭ୍ୟାସଭ୍ୟମାନଙ୍କୁ ସଂଘୀୟ ପରିଚୟପତ୍ର ଦିଆଯାଇଥିଲା।

## ଚିଲିକାରେ ଡଲ୍‌ଫିନ ଗଣନା, ଫଳାଫଳ ଅସ୍ପଷ୍ଟ

ବ୍ରହ୍ମଗିରି,୧୯।୧(ଡି.ଏନ.ଏ)

ଚଳିତବର୍ଷ ଚିଲିକାର ବାହ୍ୟନାଳି ଅଞ୍ଚଳରେ ରବିବାର ଡଲ୍‌ଫିନ ଗଣନା କରାଯାଇଛି। ବନ ବିଭାଗ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଡବ୍ଲୁଡବ୍ଲୁଏଫ, ଓୟୁଏଟିର ଫରେଷ୍ଟ ବିଭାଗର ଛାତ୍ର, ଆଞ୍ଚଳିକ ମୋଟରବୋଟ ସଂଘର କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନର ମିଳିତ ଉଦ୍ୟମରେ ଏହି ଗଣନା କାର୍ଯ୍ୟ କରାଯାଇଛି। ଚିଲିକାର ଏହି ଡଲଫିନ ଗଣନା ପାଇଁ ୧୮ଟି ଟିମ ଗଠନ କରାଯାଇ ୧୩୨ଜଣ ଗଣନକାରୀ ସାମିଲ ଥିଲେ। ବାଲୁଗାଁ ଡିଭିଜନରୁ ୧୦ଟି ଗଣନାକାରୀ ଦଳ ଓ ସାତପଡ଼ା ଡିଭିଜନରୁ ୮ଟି ଦଳ ବାହାରି ପାରାଲାଲ ଟ୍ରାନଜିକ୍ଟ ମେଥଡରେ ଗଣନା କରାଯାଇଛି। ଚିଲିକାରେ ପାଗ ପ୍ରତିବନ୍ଧକ ସାଜିଥିଲେ ମଧ ଗତବର୍ଷ ଅପେକ୍ଷା ଡଲଫିନଙ୍କ ସଂଖ୍ୟା ବୃଦ୍ଧି ହୋଇଥିବା ଏହି ଗଣନାକାରୀ ଦଳ ସୂଚନା ଦେଇଛନ୍ତି। ୨୦୧୮ରେ ୧୬୩, ୨୦୧୯ରେ ଚିଲିକାରେ ଡଲଫିନ ସଂଖ୍ୟା ୧୫୦ ଥିବା ପ୍ରକାଶ ପାଇଥିଲା। ଏହି ଗଣନା କାର୍ଯ୍ୟରେ ଉପବନ ସଂରକ୍ଷକ ପ୍ରଦୀପ୍ତ ସାହୁ, ମିହିର ବିଶ୍ୱାଳ, ଏସିଏଫ ଶରତ କୁମାର ମିଶ୍ର, ବାଲୁଗାଁ ଡିଏଫ୍‌ଓ ଆଲୋକ ରଞ୍ଜନ ହୋତା ପ୍ରମୁଖ ସାମିଲ ଥିଲେ। ଏହି ଗଣନା ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ଫଳାଫଳ ଅସ୍ପଷ୍ଟ ରହିଛି।

ସେହିପରି ଚିଲିକାର ସୌନ୍ଦର୍ଯ୍ୟ ବଢ଼ାଉଛି ଇରାୱାଡି ଡଲଫିନ୍। ଏହି ଡଲଫିନଙ୍କ ପାଇଁ ବିପଦ ଦିନକୁ ଦିନ ବଢୁଥିବା କାରଣରୁ ସ୍ୱେଚ୍ଛାସେବୀ ଓ ପରିବେଶବିତଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ଡଲଫିନମାନଙ୍କ ସୁରକ୍ଷା କରା ନ ଗଲେ ଆଗାମୀ ପିଢିମାନଙ୍କ ପାଇଁ ଏହା ଇତିହାସ ହୋଇଯିବ ବୋଲି ସ୍ଥାନୀୟ ଅଧିବାସୀମାନେ ମତ ପ୍ରକାଶ କରିଛନ୍ତି।

# କଟକର ସାଇନ ଷ୍ଟାର ଚାମ୍ପିୟନ



ମୁଖ୍ୟ ଅତିଥି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ବୋଲଗଡ,୧୯।୧(ଡି.ଏନ.ଏ.)

## କାଳିଆ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ

ବୋଲଗଡ ବ୍ଲକ ହାଟବସ୍ତ ଖେଳପଡିଆରେ ମା' ଯୋଗମାୟା ଫୁଟବଲ ଆସୋସିଏଶନ ପକ୍ଷରୁ ଆୟୋଜିତ କାଳିଆ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକର ସାଇନ ଷ୍ଟାର ଟିମ ଚାମ୍ପିୟନ ହୋଇଛି। ମ୍ୟାଚ ଖୋର୍ଦ୍ଧା ଜିଲା ବାଲୁଗାଁ ଚନ୍ଦ୍ରପୁଟର ନାରାୟଣ ଫୁଟବଲ କ୍ଲବ ଏବଂ କଟକର ସାଇନ ଷ୍ଟାର ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଶେଷ ସୁଦ୍ଧା ଉଭୟ ଦଳ ପକ୍ଷରୁ କୌଣସି ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକର ପଦ୍ଧତିରେ ୪-୨ ଗୋଲ ବ୍ୟବଧାନରେ କଟକ ଟିମ ଚାମ୍ପିୟନ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ କଟକ ସାଇନ ଷ୍ଟାର ଟିମକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ପିସିସିର ମୁଖପାତ୍ର ସତ୍ୟପ୍ରକାଶ ନାୟକ ବାଲୁଗାଁ ଟିମକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଅନୁରୂପ ଭାବେ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା କଟକ ଟିମର ୯ ନଂ. ଖେଳାଳି ମାନସ ଏବଂ ମ୍ୟାନ ଅଫ ଦି ସିରିଜ ହୋଇଥିବା ବାଲୁଗାଁ ଟିମର ୭ ନଂ. ଖେଳାଳି ନୃସିଂହଙ୍କୁ ସମ୍ମାନିତ ଅତିଥି ବେଗୁନିଆ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ପ୍ରଦୀପ କୁମାର ସାହୁ ପୁରସ୍କୃତ କରିଥିଲେ। ବରିଷ୍ଠ ଫୁଟବଲ ଖେଳାଳି ଅଜିତ ଖାଁ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ବଂଶୀଧର ସାହୁ, କଂଗ୍ରେସର ଖୋର୍ଦ୍ଧା ଜିଲା ଉପସଭାପତି ପ୍ରଶାନ୍ତ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ରବି ନାରାୟଣ ରଣା ଖେଳ ପରିଚାଳନା କରିଥିଲା ବେଳେ ମାନସ ରଞ୍ଜନ ଖୁଣ୍ଟିଆ ଏବଂ ସୁଶାନ୍ତ କୁମାର ବେହେରା ଲାଇନ୍‌ସରେ ସହାୟତା କରିଥିଲେ।

# ଗାନ୍ଧୀ ଭୂମିକାରେ...



ରବୀନ୍ଦ୍ର ମଣ୍ଡପରେ ପରିବେଷିତ ଗାନ୍ଧୀ ଭୂମିକାରେ ନାଟକର ଏକ ଦୃଶ୍ୟ।

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ମନନ ନାଟ୍ୟସଂସ୍ଥା ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ୪୧ତମ ବାର୍ଷିକ ନାଟକ ମହୋତ୍ସବ-୨୦୨୦ର ରବିବାର ଥିଲା ଚତୁର୍ଥ ସନ୍ଧ୍ୟା। ଏହି ଅବସରରେ ପାରାଦୀପର କ୍ୟାନମାସ୍ ନାଟ୍ୟାନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ନାଟକ 'ଗାନ୍ଧୀ ଭୂମିକାରେ' ମଞ୍ଚସ୍ଥ ହୋଇଥିଲା। ନାଟକର ରଚନା ଶଙ୍କର ତ୍ରିପାଠୀ କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ନାରାୟଣ ମିଶ୍ର। ନାଟକର କାହାଣୀ ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶ ଉପରେ ଆଧାରିତ ଥିଲା। ଗାନ୍ଧୀ ଭାରତୀୟ ଜନମାନସରେ ସତ୍ୟ, ଅହିଂସା ଓ ନ୍ୟାୟର ଏକ ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ଗାନ୍ଧିଜୀଙ୍କ ତ୍ୟାଗ, ନିଷ୍ଠା ଓ ଆଦର୍ଶ କେବଳ ଭାରତ ନୁହେଁ, ସମଗ୍ର ପୃଥିବୀରେ ଏକ ଅଧ୍ୟୟନ ଓ ଅନୁଶୀଳନ ପାଲଟିଥିଲା। କିନ୍ତୁ ସମୟକ୍ରମେ ମୂଲ୍ୟବୋଧର ଅବକ୍ଷୟ ବ୍ୟକ୍ତି ସତ୍ୟତାର ଚାରିତ୍ରିକ ସ୍ଖଳନ ଗାନ୍ଧିବାଦକୁ କୁଠାରାଘାତ କରିବାରେ ଲାଗିଲା। ଆଉ ଠିକ୍ ସେହି ସମୟରେ ଗୁଣ୍ଡା ରାମ ଦାସ ନିଜକୁ ଗାନ୍ଧୀ ଭୂମିକାରେ ସଜେଇ ଗାନ୍ଧୀ ଜୟନ୍ତୀ ପାଇଁ ପ୍ରସ୍ତୁତ ହୁଏ। ହେଲେ ଥରେ ଗାନ୍ଧୀଙ୍କ ଆବରଣରେ ନିଜକୁ ସଜାଇଲା ପରେ ସେ ଆଉ ତାର ଅସଜଡ଼ା, ଅସତ୍ୟ ଜୀବନକୁ ଫେରି ପାରେନି। ମହାତ୍ମାଙ୍କ ଆଦର୍ଶ ଓ ସତ୍ୟକୁ ଅନୁସରଣ କରି ବଞ୍ଚିବାକୁ ଚାହେଁ। କିନ୍ତୁ ଏ ସମାଜର ବଡ଼ପଣ୍ଡାମାନେ ତାର ଏହି ପରିବର୍ତ୍ତନକୁ ବିଦ୍ରୁପ କରନ୍ତି। ସେମାନେ ବ୍ୟକ୍ତିଗତ ଫାଇଦା ପାଇଁ ଗାନ୍ଧୀଙ୍କ ଆବରଣ ତଳେ ଲୁଚିଥିବା ରାମ ଦାସକୁ ଫେରାଇ ଆଣିବାକୁ ଚାହାନ୍ତି। ଆଉ ଗାନ୍ଧୀ ଭୂମିକାରେ ରାମ ଦାସ ଅପମାନିତ ଓ ନିର୍ଯାତିତ ହୁଏ। ଏହି ନାଟକରେ ବିଭିନ୍ନ ଭୂମିକାରେ ବିଶ୍ୱଜିତ ରାଉତ, ରୁନା ଦାସ, କେଦାରନାଥ ବିଶ୍ୱାଳ, ସୁକାନ୍ତ ମିର୍ଦ୍ଧା, ପବିତ୍ର ମଣ୍ଡଳ, ନିମାଇଁ ବେହେରା, ସତ୍ୟଜିତ୍ ମହାନ୍ତି ପ୍ରମୁଖ ଚିତ୍ତାକର୍ଷକ ଅଭିନୟ କରିଥିଲେ।

## ଇଣ୍ଟରନ୍ୟାଶନାଲ ୟୁଥ୍ ଆଚିଭର୍ସ ଫାଉଣ୍ଡେଶନର ସମ୍ବର୍ଦ୍ଧନା ଉତ୍ସବ
## ୩ଜଣ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ

ଭୁବନେଶ୍ୱର, ୧୯।୧ (ବ୍ୟୁରୋ)

ଇଣ୍ଟର ନ୍ୟାଶନାଲ ୟୁଥ୍ ଆଚିଭର୍ସ ଫାଉଣ୍ଡେଶନର ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବ ପ୍ରେସ୍ କ୍ଲବ୍ ଅଫ୍ ଓଡିଶା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆର୍ନ୍ତଜାତିକ ସ୍ତରରେ ସବୁଜ ବିପ୍ଳବ ପାଇଁ କାର୍ଯ୍ୟ କରୁଥିବା ପ୍ରେରଣା ଗ୍ରୀନ୍ ଆର୍ମିର କମାଣ୍ଡାଣ୍ଟ ଇନ୍ ଚିଫ୍ ତଥା ଗ୍ରୀନ୍ ଗ୍ଲୋବ୍ କାଉନ୍‌ସିଲର ଅଧ୍ୟକ୍ଷ ଡ. ଦିଲୀପ ଶ୍ରୀଚନ୍ଦନଙ୍କୁ 'ବିଶ୍ୱ ସବୁଜ ସମ୍ରାଟ ସମ୍ମାନ', ବିଶିଷ୍ଟ ବଂଶୀ ବାଦକ ହରିପ୍ରସାଦ ଚୌରାସିଆଙ୍କୁ 'ଉତ୍କଳର ଭୂମିପୁତ୍ର', ଚିତ୍ର ଶିଳ୍ପୀ ଯତିନ ଦାସଙ୍କୁ 'ବିଶ୍ୱ ଚିତ୍ର ଶିଳ୍ପୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଏଥିସହ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଥିବା ୨୦ ଜଣ ଶ୍ରେଷ୍ଠ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ଉତ୍ସବରେ ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଓଡିଶା ବୀର ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ୟୁଥ୍ ଆଚିଭର୍ସ ଫାଉଣ୍ଡେଶନର ନିର୍ଦ୍ଦେଶିକା ଅରୁନ୍ଧତୀ ସୁନ୍ଦରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ।

# 'ରାଜ୍ୟରେ ଅଧିକ ଡାକ୍ତରଖାନା ଦରକାର'




ସମ୍ମିଳନୀରେ ଏମ୍‌ପି ଅପରାଜିତା ଷଡଙ୍ଗୀ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୯।୧ (ବ୍ୟୁରୋ)

■ ନିଖିଳ ଓଡିଶା ରାଜ୍ୟ ସ୍ୱାସ୍ଥ୍ୟବୀମା କର୍ମଚାରୀ ହିତାଧିକାରୀ ମହାସଂଘର ପ୍ରତିନିଧି ସମ୍ମିଳନୀ

ନିଖିଳ ଓଡିଶା ରାଜ୍ୟ ସ୍ୱାସ୍ଥ୍ୟବୀମା କର୍ମଚାରୀ ହିତାଧିକାରୀ ମହାସଂଘର ପ୍ରତିନିଧି ସମ୍ମିଳନୀ କିଟ୍ ବିଶ୍ୱବିଦ୍ୟାଳୟ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ଉପାଧ୍ୟକ୍ଷ ପବିତ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, କର୍ମଚାରୀଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ସମସ୍ୟା ଉପୁଜୁଛି। ବିଶେଷକରି ଇଏସ୍‌ଆଇ ହସ୍ପିଟାଲଗୁଡ଼ିକରେ କେଉଁଠାରେ ଡାକ୍ତର ନାହାନ୍ତି ତ କେଉଁଠାରେ ଉନ୍ନତ ମାନର ସେବା ମଧ ମିଳୁନାହିଁ। ତାହା ସହିତ ଔଷଧ କ୍ଷେତ୍ରରେ ମଧ ସମସ୍ୟା ଦେଖାଯାଉଛି। ଏସବୁ ଦିଗରେ ଓଡିଶା ବହୁ ପଛରେ ରହିଛି। ସେଥିପାଇଁ ଆହୁରି ଅନେକ ଡାକ୍ତରଖାନାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ମହାସଂଘର ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍‌କୁ ଏମ୍‌ପି ଷଡ଼ଙ୍ଗୀ ଉନ୍ମୋଚିତ କରିଥିଲେ। ଏଥିସହ ସଂଘ ପକ୍ଷରୁ ୧୦ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ତାଙ୍କୁ ପ୍ରଦାନ କରାଯାଇଥିଲା। ଉପୁଜିଥିବା ବିଭିନ୍ନ ସମସ୍ୟାର ସମାଧାନ ସହିତ ସୂଚାରୁ ରୂପେ ସ୍ୱାସ୍ଥ୍ୟଗତ ସମସ୍ୟାର ଉପରେ କେନ୍ଦ୍ର ସରକାରଙ୍କ ପାଖରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ପ୍ରତିଶୃତି ଦେଇଥିଲେ। ମହାସଂଘର ସାଧାରଣ ସମ୍ପାଦକ ନନ୍ଦ କିଶୋର ସାହୁ, ମୁଖ୍ୟ ଉପଦେଷ୍ଟା ଦେବାଶିଷ ପରିଡାଙ୍କ ସହ ବୀମାଭୁକ୍ତ ହୋଇଥିବା ବିଭିନ୍ନ ସଂଗଠନର ପ୍ରାୟ ୬ଶହ ପ୍ରତିନିଧି ଯୋଗଦେଇଥିଲେ। ବିଭିନ୍ନ ସଂଗଠନର ଯୁବ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ବେହେରା ଅତିଥି ପରିଚୟ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଜୀବନ ମିଶ୍ର ଧନ୍ୟବାଦ ଦେଇଥିଲେ।



ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ, ଧନୀ ମଧ ଦରିଦ୍ର ଉପରେ ନିର୍ଭର କରେ।
-ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କୁ ଗୁହାରି ଜଣାଇଲେ ଚାଷୀ

#### ଧାନ ବିକ୍ରି ଟଙ୍କା ମିଳିଲାନି

**ପୁରୀ ଅଫିସ,୧୯।୧:** ମଣ୍ଡିରେ ଧାନ ଦେବାର ବର୍ଷେ ବିତିଗଲାଣି। ହେଲେ ଚାଷୀଙ୍କୁ ଏଯାବତ୍ ଟଙ୍କା ମିଳିନାହିଁ। ଏ ନେଇ ସମ୍ପୃକ୍ତ ଚାଷୀ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜ୍ୟସ୍ତରୀୟ ଅଫିସରଙ୍କୁ ଜଣାଇଥିଲେ। ମାତ୍ର ନିରାଶ ହେବା ପରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କୁ ମଧ ଗୁହାରି କରିଥିଲେ। କିନ୍ତୁ ଟଙ୍କା ନ ପାଇବାରୁ ମାନସିକ ଭାବେ ଭାଙ୍ଗିପଡି ଶେଷରେ ପ୍ରଧାନମନ୍ତ୍ରୀଙ୍କୁ ଭରସା କରିଛନ୍ତି। ଏ ନେଇ ଗତ ୧୬ ତାରିଖରେ ସମ୍ପୃକ୍ତ ଚାଷୀ ପିପିଲି ବ୍ଲକ କମାକନ୍ତିଆର ଧୁମସେନ ବରାଳ ପ୍ରଧାନମନ୍ତ୍ରୀ ନିକଟକୁ ଚିଠି ଲେଖି ତାଙ୍କ ଗୁହାରି ଜଣାଇଛନ୍ତି। ଧୁମସେନ ପଠାଇଥିବା ଚିଠିରେ ଦର୍ଶାଇଛନ୍ତି, ଗତବର୍ଷ ଫେବୃୟାରୀ ୧ରେ ସେ ପିପିଲି ବ୍ଲକ ଅନ୍ତର୍ଗତ ରୂପଦେଈପୁର ସେବା ସମବାୟ ସମିତି ମଣ୍ଡିରେ ୫୩ ବସ୍ତା ଧାନ ବିକ୍ରି କରିଥିଲେ। ତାଙ୍କ ଧାନ ପରିମାଣ ୪୬ କୁଇଣ୍ଟାଲ ୨୯ କେଜି ହୋଇଥିଲା। ମିଲର ତାଙ୍କର ସବୁ ପୁରୁଣା ବସ୍ତା ନେଇଥିଲେ। କିନ୍ତୁ ପ୍ରତି ବଦଳରେ ନୂଆ ବସ୍ତା କିମ୍ବା ତାହାର ମୂଲ୍ୟ ଦେଇ ନ ଥିଲେ। ଏଥିସହ ଧାନର ରସିଦ୍ ମଧ ତାଙ୍କୁ ପ୍ରଦାନ କରାଯାଇ ନ ଥିଲା। ରସିଦ୍ ମାଗିବାରୁ କୁଇଣ୍ଟାଲ ପିଛା ୩ କିଲୋଗ୍ରାମ୍ ଧାନକାଟ ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। କିନ୍ତୁ ତାଙ୍କ ଧାନର ମାନ ମେଶିନରେ ପରୀକ୍ଷା କରାଯାଇ ନ ଥିବାରୁ ସେ ଏଥିରେ ରାଜି ହୋଇ ନ ଥିଲେ। ଇତିମଧରେ ବର୍ଷେ ବିତିଯାଇଥିଲେ ମଧ ତାଙ୍କୁ ଧାନ ବିକ୍ରିର ରସିଦ୍ ମିଳିନାହିଁ କିମ୍ବା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ମଧ ଆସିନାହିଁ। ତେଣୁ ସେ ସମସ୍ତଙ୍କ ପାଖରେ ଗୁହାରି କରିଥିଲେ ମଧ କାହାଠାରୁ ନ୍ୟାୟ ପାଇନାହାନ୍ତି। ସରକାରୀ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ବର୍ଷେ ହେବ ସେ ଟଙ୍କା ନ ପାଇ ମାନସିକ ସ୍ତରରେ ଭାଙ୍ଗିପଡିଥିବା କହିଛନ୍ତି।

### କଲ୍ୟାଣମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ

**ଡେଲାଙ୍ଗ,୧୯।୧(ଡି.ଏନ.ଏ):** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ରେଞ୍ଚକ ପଞ୍ଚାୟତର ପ୍ରହରାଜପୁରସ୍ଥିତ ବାନାମ୍ବରଦେବ ମନ୍ଦିର ନିକଟରେ ରବିବାର ଏକ କଲ୍ୟାଣ ମଣ୍ଡପ ନିମନ୍ତେ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟକ ପ୍ରଦୀପ ମହାରଥୀ ଅତିଥି ଭାବେ ଯୋଗଦେଇ ଭୂମିପୂଜା କରିଥିଲେ। ଏହି କଲ୍ୟାଣ ମଣ୍ଡପ ପାଇଁ ୩୫ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ପୂଜାରେ ଡେଲାଙ୍ଗ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ବ୍ଲକ ସଭାପତି ବୈରାଗୀ ଜେନା, ସ୍ଥାନୀୟ ସରପଞ୍ଚ ପ୍ରତିମା ମଲିକ, ସମିତିସଭ୍ୟା ପ୍ରସାଦିନୀ ଦୟଣା, ପିପିଲି ଆମ୍ବାର ଅଧକ୍ଷ ଧରଣୀଧର ସାହୁ, ଜିଲା ପରିଷଦ ଦେବାଶିଷ ନନ୍ଦ, ସାରଙ୍ଗଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ସରିଲା ଅଙ୍କୁର ଶିଶୁ ମହୋତ୍ସବର ପ୍ରଥମ ସଂସ୍କରଣ

**ଭୁବନେଶ୍ୱର, ୧୯।୧ (ବ୍ୟୁରୋ):** ଅଙ୍କୁର ଶିଶୁ ଉତ୍ସବ-୨୦୨୦ର ପ୍ରଥମ ସଂସ୍କରଣ ୟୁନିଟ-୮ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ୟୁଥ୍ ଫର୍ ସେବା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ପରିଚାଳନାର ଜାତୀୟ କୋର୍ଡ଼ିନେଟର ଭେଙ୍କଟ ଧୁଶାରୀ ଓ ୟୁଥ୍ ଫର୍ ସେବାର ଭୁବନେଶ୍ୱର ଜୋନ୍ ସଭାପତି ସ୍ୱୟମ ପ୍ରକାଶ ବରାଳ ଉଦ୍‌ଘାଟନ କରିଥିଲେ। ୩ଶହରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିବାବେଳେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଛୁଟିଦିନରେ ବି ନେତାଜୀ ସଂଗ୍ରହାଳୟ ଖାଁ ଖାଁ



ରବିବାର ସତ୍ତ୍ୱେ ନେତାଜୀ ସଂଗ୍ରହାଳୟ ଫାଙ୍କା ପଡିଛି।




ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ବିକାଶ ଯୁବ ପରିଷଦର କର୍ମକର୍ତ୍ତାମାନେ।

- ପ୍ରଚାର ପ୍ରସାର ପାଇଁ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବ
- ଉଦ୍‌ବେଗ ପ୍ରକାଶ କଲା ଉତ୍କଳ ବିକାଶ ଯୁବ ପରିଷଦ

**ପୁରୀ ଅଫିସ,୧୯।୧**

ଦୀର୍ଘ ୩ ବର୍ଷ ଧରି ଅଦାଲତି ବିବାଦରେ ଛନ୍ଦି ହେବା ପରେ ଗତବର୍ଷ ଜାନୁୟାରୀ ୧୫ରେ ଲୋକାର୍ପିତ ହୋଇଥିଲା ନେତାଜୀ ସଂଗ୍ରହାଳୟ। ଇତିମଧରେ ସଂଗ୍ରହାଳୟ ଖୋଲାଯିବାକୁ ବର୍ଷେ ବିତିଯାଇଛି। କିନ୍ତୁ ଏବେ ବି ଏଠାକୁ ପର୍ଯ୍ୟଟକଙ୍କ ଆଗମନ ସ୍ୱାଭାବିକ ହୋଇପାରି ନାହିଁ। କେବେ କେମିତି ହାତଗଣତି ପର୍ଯ୍ୟଟକ ସଂଗ୍ରହାଳୟ ବୁଲି ଆସୁଛନ୍ତି। ଭାରତର ସ୍ୱାଧୀନତା ସଂଗ୍ରାମର ଅଦ୍ୱିତୀୟ ବୀର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ମୃତି ବହନ କରୁଥିବା ଏହି ସଂଗ୍ରହାଳୟ ପରିସର ଅନେକ ସମୟରେ ଖାଁ ଖାଁ ରହୁଛି। ରବିବାର ଛୁଟିଦିନ ଥିବା ସତ୍ତ୍ୱେ କୌଣସି ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳି ନ ଥିଲା। ପୁରୀ ସହରକୁ ପ୍ରତ୍ୟହ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ଆସୁଛନ୍ତି। ନିକଟ ବେଳାଭୂମି ବୁଲୁଛନ୍ତି। କିନ୍ତୁ ସଂଗ୍ରହାଳୟକୁ ଆସୁନାହାନ୍ତି। ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଏବଂ ସଂଗ୍ରହାଳୟ ସମ୍ପର୍କରେ ପ୍ରଚାର ପ୍ରସାର ଅଭାବରୁ ଏପରି ସ୍ଥିତି ଉପୁଜୁଥିବା କହିଛନ୍ତି ଉତ୍କଳ ବିକାଶ ଯୁବ ପରିଷଦର ସଭାପତି ଦେବୀ ପ୍ରସାଦ ପୃଷ୍ଟି। ସଂଗ୍ରହାଳୟକୁ ଲୋକାର୍ପଣ କରି ତତ୍କାଳୀନ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଥିଲେ, ଏହା ନିଶ୍ଚିତ ଭାବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ, ବିଶେଷକରି ଅଧିକ ସଂଖ୍ୟାରେ ବଙ୍ଗୀୟ ପର୍ଯ୍ୟଟକ ଏଠାକୁ ଆସିବେ। ଆମ ପର୍ଯ୍ୟଟନ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ। ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ, ନେତାଜୀଙ୍କ ସ୍ମୃତିକୁ ବହନ କରୁଥିବା ଏହି ସଂଗ୍ରହାଳୟ ଖୋଲିବା ନିଶ୍ଚିତ ରାଜ୍ୟବାସୀଙ୍କ ପାଇଁ ଖୁସିର କଥା। ବିଶେଷକରି ପୁରୀ ପର୍ଯ୍ୟଟନ ମାନଚିତ୍ରରେ ଆଉ ଏକ ସଫଳ ଫର୍ଦ୍ଦ ଯୋଡ଼ି ହୋଇଗଲା। ଏଠାକୁ ମଧ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିବେ। କିନ୍ତୁ ସେମିତି ଚିତ୍ର ଦେଖିବାକୁ ମିଳୁନି। ୨୦୧୯ ଜାନୁୟାରୀ ୧୫ ପ୍ରଥମ ଦିନ ୧୭ ଜଣ ଆସିଥିଲେ। ଏହାପରେ କେବେ କେବେ ୩୦/୩୫ଜଣ ଆସିଥିବା ବେଳେ ଦିନେ ଦିନେ ଜଣେ ହେଲେ ବି ପର୍ଯ୍ୟଟକ ଆସି ନ ଥାନ୍ତି। ଏଠାରେ ଜଣ ପିଛା ଟିକେଟର ଦାମ୍ ୧୦ ଟଙ୍କା ରହିଥିବା ବେଳେ ସଂଗ୍ରହାଳୟର ରକ୍ଷଣାବେକ୍ଷଣ ଲାଗି ୪ ଜଣ କର୍ମଚାରୀ ଆଉଟ୍‌ସୋର୍ସିଂ ଭାବେ ରହିଛନ୍ତି। କର୍ମଚାରୀ ସଞ୍ଜୟ ମହାନ୍ତିଙ୍କ ସୂଚନା ମୁତାବକ, ସର୍ବାଧିକ ଗତ ଡିସେମ୍ବରରେ ଗୋଟିଏ ଦିନ ୫୫ ଜଣ ପର୍ଯ୍ୟଟକ ଆସିଥିଲେ। ହାରାହାରି ଦେଖିଲେ ୨୦ରୁ ୨୫ ଜଣ ଆସୁଛନ୍ତି। ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ନେତାଜୀ ସୁଭାଷ ଜନ୍ମମାଟି ଯାତ୍ରା ଏବଂ ତିନିଦିନିଆ ନେତାଜୀ ସୁଭାଷ ଉତ୍ସବ ପାଳନ ପରିପ୍ରେକ୍ଷୀରେ ରବିବାର ଅଭିଯାତ୍ରୀ ଦଳ ପୁରୀ ଆସିଥିଲେ। ସେମାନେ ସୁଭାଷ ବୋଷ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଂଗ୍ରହାଳୟ ଆସିଥିଲେ। ମାତ୍ର ଛୁଟିଦିନ ସତ୍ତ୍ୱେ ଜଣେ ହେଲେ ବି ପର୍ଯ୍ୟଟକଙ୍କୁ ନ ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ ସଭାପତି ପୃଷ୍ଟି। ସେ କହିଥିଲେ, ଉଭୟ କଟକ ଜନ୍ମପୀଠ ହେଉ ଅବା ପୁରୀର ସଂଗ୍ରହାଳୟ ପ୍ରତି ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ରହୁଛି। ଉପଯୁକ୍ତ ପ୍ରଚାର ପ୍ରସାର କରାଯାଉ ନ ଥିବାରୁ ପର୍ଯ୍ୟଟକମାନେ ଜାଣିପାରୁ ନାହାନ୍ତି। ପ୍ରତ୍ୟହ ଶ୍ରୀମନ୍ଦିର ଏବଂ ବେଳାଭୂମିକୁ ହଜାର ହଜାର ପର୍ଯ୍ୟଟକ ଆସୁଥିବା ବେଳେ ଏଠାକୁ ନ ଆସିବା ନିଶ୍ଚିତ ଦୁର୍ଭାଗ୍ୟଜନକ ବିଷୟ। ଏଥିପ୍ରତି ସମସ୍ତଙ୍କୁ ସଚେତନ ହେବାକୁ ପଡିବ। ନେତାଜୀଙ୍କ ସମ୍ପର୍କରେ ଜାଣିବା ପାଇଁ ସଂଗ୍ରହାଳୟରେ ଯଥେଷ୍ଟ ସ୍ମୃତି ରହିଛି ବୋଲି ପୃଷ୍ଟି କହିଛନ୍ତି।

### ସଂଗ୍ରହାଳୟରେ କ'ଣ ରହିଛି

ସଂଗ୍ରହାଳୟ ପରିସରରେ ଏକ ସୋଭେନିୟର ଶପ୍ ରହିଛି। ସେଠାରେ ନେତାଜୀଙ୍କ ସମ୍ପର୍କିତ ଫଟୋ, ମାଗାଜିନ ଆଦି ଉପଲବ୍ଧ ହେଉଛି। ତଳ ମହଲାରେ ରାଜନୈତିକ ଓ ଆଇଏନ୍ଏ ଗ୍ୟାଲେରି, ଆଦ୍ୟ ଜୀବନ ଗ୍ୟାଲେରି, ଶିଶୁ ପ୍ରମୋଦ କକ୍ଷ ରହିଛି। ରାଜନୈତିକ ଓ ଆଇଏନ୍ଏ ଗ୍ୟାଲେରିରେ ଆଜାଦ୍ ହିନ୍ଦ୍ ଫୌଜର ଡାକଟିକଟ, ନ୍ୟାଶନାଲ ସାର୍ଟିଫିକେଟ ଏବଂ ଇଣ୍ଡିଆନ ନ୍ୟାଶନାଲ ଆର୍ମି (ଆଇଏନ୍ଏ)ର ବହୁ ବିରଳ ଫଟୋ ସ୍ଥାନିତ ହୋଇଛି। ନେତାଜୀଙ୍କ ଝିଅ ଅନୀତା ବୋଷ ୧୯୬୧ ଜାନୁୟାରୀ ୧୨ରେ ଶ୍ରୀମନ୍ଦିରକୁ ଆସିଥିଲେ। ସେହି ସମୟରେ ଉତ୍ତୋଳିତ ଫଟୋ ଚିତ୍ରକୁ ଖବରଦାତା ସ୍ୱର୍ଗତ ପ୍ରଫୁଲ୍ଲ ମହାନ୍ତିଙ୍କ ପରିବାର ପକ୍ଷରୁ ନେତାଜୀ ମ୍ୟୁଜିୟମ ଲାଗି ଇନ୍‌ଟାକକୁ ପ୍ରଦାନ କରାଯାଇଥିଲା। ଉକ୍ତ ଫଟୋଚିତ୍ର ମ୍ୟୁଜିୟମ୍‌ର ଆଦ୍ୟ ଜୀବନ ଗ୍ୟାଲେରିରେ ସ୍ଥାନିତ ହୋଇଛି। ଏହାସହିତ ନେତାଜୀଙ୍କ ବହୁ ବିରଳ ଫଟୋଚିତ୍ର ସ୍ଥାନିତ କରାଯାଇଛି। ସେହିପରି ମ୍ୟୁଜିୟମ୍‌ର ଶିଶୁ ପ୍ରମୋଦ କକ୍ଷ ଆକର୍ଷଣୀୟ ହୋଇଛି। ଶିଶୁମାନେ ଯେଭଳି ନେତାଜୀଙ୍କ ସମ୍ପର୍କରେ ଜାଣିପାରିବେ ଏବଂ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବେ ସେନେଇ ବ୍ୟବସ୍ଥା କରାଯାଇଛି। ଉପର ମହଲାରେ ନେତାଜୀଙ୍କ ପଠନଶାଳା, ସମ୍ମିଳନୀ କକ୍ଷ, କୋଠରି, ଶୟନକକ୍ଷ, ପାରିବାରିକ କୋଠରି ଆଦି ରହିଛି। ଏହିସବୁ ଐତିହ୍ୟ କୋଠରିରେ ବ୍ରିଟିଶ ଅମଳର କାଠ ପଲଙ୍କ, ଚୌକି, ଆଲମାରି, ନେତାଜୀଙ୍କ ବ୍ୟବହୃତ ପୋଷକ ରଖାଯାଇଛି। ଏହାବ୍ୟତୀତ ଗାନ୍ଧିଜୀ ଏବଂ ଅନ୍ୟ ନେତାଙ୍କ ସହ ପରାମର୍ଶ, ଆଲୋଚନା ଓ ନେତାଜୀ ଲେଖିଥିବା କେତେକ ଆବେଗପୂର୍ଣ୍ଣ ଚିଠି ମଧ ଅଛି।

## ସିଏଏ ସମ୍ପର୍କରେ ବୁଦ୍ଧିଜୀବୀ ସମ୍ମିଳନୀ

**ପୁରୀ ଅଫିସ,୧୯।୧**

ବିଶ୍ୱ ସମ୍ବାଦ କେନ୍ଦ୍ର ଆନୁକୂଲ୍ୟରେ ନାଗରିକ ସଂଶୋଧନ ଆଇନ(ସିଏଏ) ସମ୍ପର୍କରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ରବିବାର ରାଣୀସତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବୁଦ୍ଧିଜୀବୀ ରାଜକିଶୋର ସାହୁଙ୍କ ସଭାପତିତ୍ୱରେ ହିନ୍ଦୁ ଜାଗରଣ ମଞ୍ଚର ଆବାହକ ଅଧିବକ୍ତା ଅଜିତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଭାରତୀୟ ସଂସଦ ଦ୍ୱାରା ଗତ ଶୀତକାଳୀନ ଅଧିବେଶନରେ ସିଏଏ ପାରିତ ହୋଇଛି। ଏହା ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦନ ଲାଭ କରିଛି। ଏହାସତ୍ତ୍ୱେ କେତେକ ରାଜନୈତିକ ଦଳ ତଥା କେତେକ ଗୋଷ୍ଠୀ ହିଂସାତ୍ମକ ଆଚରଣ କରୁଛନ୍ତି। ଫଳରେ ଦେଶର ବିଭିନ୍ନ ପ୍ରାନ୍ତରେ ଏହାକୁ ଅଶାନ୍ତର ବାତାବରଣ ରହିଛି। ପାକିସ୍ଥାନ, ବାଂଲାଦେଶ ଓ ଆଫଗାନିସ୍ଥାନ ପ୍ରଭୃତି ଇସ୍‌ଲାମିକ ରାଷ୍ଟ୍ର ହୋଇଥିବାରୁ ସେଠାରେ ଥିବା ଅଳ୍ପ ସଂଖ୍ୟକ ଲୋକ ଉତ୍ପୀଡନର ଶିକାର ହୋଇ ଭାରତକୁ ପଳାୟନ କରୁଛନ୍ତି। ସେମାନେ ଭାରତରେ ଶରଣାର୍ଥୀ ଭାବେ ଅବସ୍ଥାନ କରିବା ସହ ଦୟନୀୟ ଭାବେ କାଳାତିପାତ କରୁଛନ୍ତି। ସେମାନଙ୍କ ସୁରକ୍ଷା ଏକ ମାନବିକ ସମସ୍ୟା। ସିଏଏ ଦ୍ୱାରା ସେମାନେ ଭାରତୀୟ ନାଗରିକତା ପ୍ରାପ୍ତ କରିବା ସହ ସାଧାରଣ ନାଗରିକ ଭାବେ ବଞ୍ଚିବେ। ଦେଶର ଜଣେ ସଚେତନ ନାଗରିକ ଭାବେ ଏହି ଅଧିନିୟମର ବାସ୍ତବତାକୁ ଅନୁଭବ କରି କୌଣସି ଭ୍ରମରେ ନ ପଡି, ଏହାର ନିରାକରଣ ଦିଗରେ ସକ୍ରିୟ ଭୂମିକା ଗ୍ରହଣ ଲାଗି ଆହ୍ୱାନ କରିଥିଲେ। ବିଶ୍ୱ ସମ୍ବାଦ କେନ୍ଦ୍ରର ସଂଯୋଜକ ବାମଦେବ ନାୟକ ପରିଚାଳନା କରିଥିବାବେଳେ ସର୍ବେଶ୍ୱର ବିଶୋଇ, ଅଶୋକ ଭୋଇ, ସତ୍ୟ ନାୟକ ଓ ମଦନ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଶତାଧିକ ବୁଦ୍ଧିଜୀବୀ ଏହିସମ୍ମିଳନୀରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପଦଯାତ୍ରାରେ ଭାରତ ବୁଲୁଛନ୍ତି ଓଁକାର

**ପୁରୀ ଅଫିସ,୧୯।୧**

### ବନ୍ଦ ହେଉ ଇଭିଏମ୍, ଫେରୁ ବାଲଟ୍




ପୁରୀକୁ ପଦଯାତ୍ରାରେ ଆସିଥିବା ଉତ୍ତରାଖଣ୍ଡର ଓଁକାର।

ନିର୍ବାଚନରେ ସ୍ୱଚ୍ଛତା ରହିଲେ ଭୋଟରମାନେ ଠିକ୍ ଲୋକଙ୍କୁ ଚୟନ କରିପାରିବେ। ଜଣେ ଭଲ ଜନପ୍ରତିନିଧି କ୍ଷମତାକୁ ଆସିଲେ ଦେଶର ବିକାଶ ହେବ। ଏହାର ସୁଫଳ ପାଇବେ ଜନସାଧାରଣ। ସେମାନେ ଯେଉଁ ଉଦ୍ଦେଶ୍ୟ ନେଇ ମତଦାନ କରିଥିବେ ତାହା ପୂରଣ ହୋଇପାରିବ। ମାତ୍ର ଇଲେକ୍ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ୍) ପ୍ରଚଳନ ହେବା ପରେ ମତଦାନରେ ସ୍ୱଚ୍ଛତା ରହୁନାହିଁ। ଫଳରେ ଅସାଧୁ ବ୍ୟକ୍ତିମାନେ ବି କ୍ଷମତା ହାତେଇବାରେ ସଫଳ ହେଉଛନ୍ତି। ତେଣୁ ଇଭିଏମ୍‌କୁ ହଟାଇ ପୂର୍ବପରି ବାଲଟ୍ ବ୍ୟବହାର ପ୍ରଚଳନ ଦାବିରେ ଭାରତ ବୁଲୁଛନ୍ତି ଉତ୍ତରାଖଣ୍ଡର ରୁଦ୍ରପୁରର ଓଁକାର ଧିଲନ୍। ପାଦରେ ଚାଲି ଚାଲି ସେ ରବିବାର ପୁରୀରେ ପହଞ୍ଚିଛନ୍ତି । ଓଁକାର କହିଛନ୍ତି ଭାରତର ରାଜନୀତି ଏବେ କଳୁଷିତ ହୋଇଗଲାଣି। କୌଣସି ନୀତି ଆଦର୍ଶ ନାହିଁ। କ୍ଷମତା ହାତେଇବାର ମୋହ ରାଜନେତାଙ୍କୁ ଘାରିଛି । ଏଥିପାଇଁ ଯେକୌଣସି ସ୍ତରକୁ ଚାଲିଯିବାକୁ କୁଣ୍ଠାବୋଧ କରୁନାହାନ୍ତି। ଏଥିରେ ଇଭିଏମ୍ ସେମାନଙ୍କୁ ବେଶ୍ ସହାୟକ ହେଉଛି। ତେଣୁ ଇଭିଏମ୍ ହଟାଇବା ଦାବିରେ ସେ ଗତ ଅଗଷ୍ଟ ୧୮ରୁ ଉତ୍ତରାଖଣ୍ଡରୁ ବାହାରିଥିଲେ। ବର୍ତ୍ତମାନସୁଦ୍ଧା ସେ ପ୍ରାୟ ୫ ହଜାର କିମି ଅତିକ୍ରମ କରିସାରିଲେଣି। ତେବେ ନିର୍ବାଚନରେ ସ୍ୱଚ୍ଛତା ଆଣିବା ହେଉଛି ତାଙ୍କର ମୂଳ ଉଦ୍ଦେଶ୍ୟ। ଏହାଦ୍ୱାରା ଠିକ୍ ଲୋକ ଶାସନ କ୍ଷମତାକୁ ଆସିଲେ ଦେଶର ଉନ୍ନତି ହେବ। ମାତ୍ର ଇଭିଏମ୍ ପ୍ରଚଳନ ପରଠାରୁ ନିର୍ବାଚନରେ ସ୍ୱଚ୍ଛତା ଆସୁନାହିଁ। ଅସାଧୁ ବ୍ୟକ୍ତି କ୍ଷମତା ହାତେଇ ନେଉଛନ୍ତି। ତେଣୁ ଇଭିଏମ୍‌କୁ ବନ୍ଦ କରି ପୂର୍ବପରି ବାଲଟ୍ ପେପର ବ୍ୟବସ୍ଥା ଲାଗୁ କରିବା ଦାବିରେ ସେ ଏହି ପଦଯାତ୍ରା କରୁଛନ୍ତି। ପ୍ରତିଦିନ ପ୍ରାୟ ୩୦ରୁ ୪୦ କିମି ଚାଲୁଥିବା ଓଁକାର ଆସନ୍ତା ଏପ୍ରିଲ ସୁଦ୍ଧା ଦିଲ୍ଲୀରେ ପହଞ୍ଚି ତାଙ୍କ ଯାତ୍ରା ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଇଭିଏମ୍ ହଟାଓ, ଦେଶ ବଚାଓର ସ୍ଲୋଗାନ ଦେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଉଦ୍ୟମ ଚଳାଇଥିବା ଓଁକାର ଇତିମଧରେ ଉତ୍ତରାଖଣ୍ଡ, ହରିୟାଣା, ରାଜସ୍ଥାନ, ମହାରାଷ୍ଟ୍ର, କର୍ନାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟ ବୁଲି ଏବେ ଓଡ଼ିଶାରେ ଅଛନ୍ତି। ଏହାପରେ ସେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ହୋଇ ଦିଲ୍ଲୀରେ ତାଙ୍କ ପଦଯାତ୍ରା ଶେଷ କରିବେ ବୋଲି ଓଁକାର କହିଛନ୍ତି।

## ଚିନାବାଦାମ ଫସଲକୁ ଖାଇଲେ ଲେଡାପୋକ

### କ୍ଷତିପୂରଣ ଦାବି କଲା ନୀଳାଞ୍ଚଳ କୃଷକ ମହାସଂଘ

**କଣାସ,୧୯।୧(ଡି.ଏନ.ଏ)**

ଗଡ଼ସାନପୁଟ ପଞ୍ଚାୟତର ହଳାଦିଆପଡା ଓ ଲୋକାପାଳ ଗ୍ରାମର ପ୍ରାୟ ୮୦୦ ଏକର ଚିନାବାଦାମ ଫସଲରେ ଲେଡାପୋକ ଲାଗି ଗଛଗୁଡ଼ିକ ମୂଳରୁ ଖାଇ ଯାଇଛନ୍ତି। ଫଳରେ ଚାଷୀମାନେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଏ ନେଇ କୃଷି ବିଭାଗ ତରଫରୁ ଜମିଗୁଡ଼ିକୁ ବୁଲି ଦେଖିଛନ୍ତି। ଅଦ୍ୟାବଧି ଗଛଗୁଡ଼ିକ ପରିବର୍ତ୍ତନ ଦେଖାଯାଉନାହିଁ। ସରକାରୀ ରିହାତି ଦରରେ ଚିନାବାଦମ ବିହନ ଯୋଗାଇ ପାରି ନ ଥିବାରୁ ଚାଷୀମାନେ ଖୋଲା ବଜାରରୁ ଚଢ଼ା ଦରରେ ମଞ୍ଜି କିଣି ଗଛ ଲଗାଇଥିଲେ। ଅନେକ ଚାଷୀ କରଜରେ ଟଙ୍କା ଆଣି ଅମଳ କରିଥିଲେ ମଧ ଲେଡାପୋକ ଖାଇ ନଷ୍ଟ କରିଦେଇଥିବା ଚାଷୀମାନେ କହିଛନ୍ତି। ରବିବାର ସ୍ଥାନୀୟ ନୀଳାଞ୍ଚଳ କୃଷକ ମହାସଂଘର ସଭାପତି ଗୋପୀନାଥ ମିଶ୍ର, ସମନ୍ୱୟ କମିଟିର ଅଧକ୍ଷ ଗୁଣନିଧି ପାତ୍ର, ଯାମିନୀକାନ୍ତ ବେହେରା, ହୃଷୀକେଶ ପ୍ରଧାନ, ପ୍ରକାଶ ପ୍ରଧାନ, ରାଧାଶ୍ୟାମ ବିଶ୍ୱାଳ, ହଜାରି ବିଶ୍ୱାଳ ପ୍ରମୁଖ କ୍ଷତିଗ୍ରସ୍ତ ଚାଷଜମିକୁ ବୁଲି ଦେଖିଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ଦେବା ପାଇଁ ମହାସଂଘର କର୍ମକର୍ତ୍ତା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ସନ୍ତରସ-କୁଣ୍ଢେଇ ରାସ୍ତା କାର୍ଯ୍ୟ ନିମ୍ନମାନ ଅଭିଯୋଗ

### ଭିଜିଲାନ୍ସ ତଦନ୍ତ ଦାବି କଲେ ଗ୍ରାମବାସୀ

**କୋଣାର୍କ,୧୯।୧ (ଡି.ଏନ.ଏ)**

କୋଣାର୍କ ଥାନା ଅଧୀନ କାଦୁଆ ନୂଆଗାଁ ପଞ୍ଚାୟତର ସନ୍ତରସଠାରୁ କୁଣ୍ଢେଇ ପର୍ଯ୍ୟନ୍ତ ଦୀର୍ଘ ୧୦କି.ମି. ୫୦୦ମିଟର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ପାଇଁ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ମିଳିତ ସହଯୋଗରେ ୪କୋଟି ୪୩ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ଏଭଳି ନିମ୍ନମାନର କାର୍ଯ୍ୟ ପାଇଁ ସନ୍ତରସ ସମେତ କାଦୁଆ ନୂଆଗାଁ ପଞ୍ଚାୟତବାସୀ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଗତ ୨୬.୭.୨୦୧୯ରିଖରୁ ଆରମ୍ଭ ହୋଇ ୨୫.୭.୨୦୨୦ରିଖରେ ଶେଷ କରାଯିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥିରୀକୃତ ହୋଇଛି। କିନ୍ତୁ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ୬ମାସ ହୋଇଥିଲେ ସୁଦ୍ଧା ଅଧାରୁ ଅଧା କାର୍ଯ୍ୟ ମଧ ଶେଷ ହୋଇପାରି ନାହିଁ। ଯାହା କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ଖାମଖିଆଲ ନୀତି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଗ୍ରାମବାସୀ କହିଛନ୍ତି। ସରକାରୀ ନିୟମ ଅନୁଯାୟୀ ଏହି କାର୍ଯ୍ୟରେ ବାଲି, ସିମେଣ୍ଟ, ଲୁହାରଡ ଓ ଚିପ୍ସ ଠିକ ପରିମାଣ ଭାଗଦେଇ କାର୍ଯ୍ୟ କରିବାର ନିୟମ ଥିବାବେଳେ ଲୁଣିବାଲି, ନିମ୍ନମାନର ସିମେଣ୍ଟ, ମେଟାଲ ଓ ନିମ୍ନମାନର ଲୁହାରଡ ବ୍ୟବହାର କରାଯାଉଥିବା ଗ୍ରାମବାସୀ ଦେଖି ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। କିନ୍ତୁ ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ କି ବିଭାଗର କୌଣସି କର୍ମଚାରୀ ଉପସ୍ଥିତ ରହୁ ନ ଥିବାରୁ ଏପରି ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଛି। ଏହି ରାସ୍ତାକଡ଼ରେ ଥିବା କାଦୁଆ ନଈକୂଳରେ କରାଯାଇଥିବା ଗାର୍ଡ଼ୱାଲ କାର୍ଯ୍ୟ ମଧ ନିମ୍ନମାନର ହୋଇଥିବାରୁ ନଦୀରେ ବନ୍ୟା ଆସିଲେ ନିର୍ମାଣାଧୀନ ରାସ୍ତା ଧୋଇ ହୋଇ ନଷ୍ଟ ହୋଇଯିବାର ସମ୍ଭାବନା ଅଛି ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ତେଣୁ ଏହି ରାସ୍ତାର ଗୁଣାତ୍ମକ ମାନ ପରୀକ୍ଷା କରିବା ସହ ଭିଜିଲାନ୍ସ ତଦନ୍ତ ହେଉ ବୋଲି କାଦୁଆ ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଟୁନିଲତା ଜେନା, କୃଷ୍ଣଚନ୍ଦ୍ର ବେହେରା, ଯୁବନେତା ଅକ୍ଷୟ ମଲ୍ଲ, କୃଷ୍ଣଚନ୍ଦ୍ର ଯେନା, ପବିତ୍ର ମିର୍କାପ ଓ ବୈରାଗୀ ମଲ୍ଲ ପ୍ରମୁଖ ଦାବି କରିଛନ୍ତି।

## ଜାତୀୟ ଦଳିତ ଆଦିବାସୀଙ୍କ ଜନସମାବେଶ, ଆଲୋଚନାଚକ୍ର

**ନିମାପଡ଼ା,୧୯।୧(ଡି.ଏନ.ଏ)**

ଜାତୀୟ ଦଳିତ, ଆଦିବାସୀ, ମାଇନୋରିଟି ମହାସଂଘ ପକ୍ଷରୁ ଏକ ବିଶାଳ ଜନସମାବେଶ ଓ 'ସମ୍ବିଧାନ ସୁରକ୍ଷାରେ ଗଣମାଧ୍ୟମ ଓ ଜନସାଧାରଣଙ୍କ ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ରବିବାର ନିମାପଡ଼ା ମୁକ୍ତାକାଶ ରଙ୍ଗମଞ୍ଚ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହିସମାବେଶରେ ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀ ଅଧକ୍ଷତା କରି ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ସମାରୋହରେ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ଆଇନଜୀବୀ କବିରାଜ ପ୍ରଧାନ, ଆଇନଜୀବୀ ସୁବ୍ରତ ମହାପାତ୍ର, ପଶ୍ଚିମବଙ୍ଗର ଦଳିତ ନେତା ପ୍ରବୀର ହାଲଦାର, ମହାସଂଘର ରାଜ୍ୟ ସମ୍ପାଦକ ବିଜୟ ଭୋଇ, ମହାସଂଘ ମହିଳା ମୋର୍ଚ୍ଚାର ରାଜ୍ୟ ସମ୍ପାଦିକା ସୋନିଲତା ସେଠୀ, ସାମାଜିକ କର୍ମୀ ସୁରେନ୍ଦ୍ର ଭୋଇ, ଗନ୍ଧର୍ବ ଜେନା, ପ୍ରଦୀପ ଭୋଇ ପ୍ରମୁଖ ଯୋଗଦେଇ କେନ୍ଦ୍ରର ଚାଷୀ, ଦଳିତ, ଜନମାରଣ ନୀତିକୁ ସମାଲୋଚନା କରିଥିଲେ। ଏହାସହ ଦଳିତ ଶ୍ରେଣୀର ଲୋକମାନଙ୍କୁ ସୁରକ୍ଷା ଦେବାରେ ମୋଦି ସରକାର ବିଫଳ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାସଂଘ ପକ୍ଷରୁ ହଜାର ହଜାର ଜନତାଙ୍କୁ ନେଇ ଏକ ଶୋଭାଯାତ୍ରା ଜୟଶ୍ରୀ ଛକରୁ ବାହାରି ସହର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ମହାସଂଘ ପକ୍ଷରୁ ସ୍ଥାନୀୟ ଅଞ୍ଚଳର କେତେଜଣ ଗଣମାଧମ ପ୍ରତିନିଧି ଓ ମଞ୍ଚାସୀନ ଅତିଥିମାନଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଥମ ଶହୀଦ ଜୟୀ ରାଜଗୁରୁ ଏବେ ଅଲୋଡ଼ା


**ପୁରୀ ଅଫିସ,୧୯।୧**

ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ଶହୀଦ ଜୟୀ ରାଜଗୁରୁ ଆଜି ଅଲୋଡ଼ା। ସଂସ୍କୃତି ଭବନ ପରିସରରେ ତାଙ୍କ ଭଗ୍ନ ପ୍ରତିମୂର୍ତ୍ତି ପଡ଼ିଥିବାର ଦେଖିବାକୁ ମିଳିଛି। ସ୍ୱାଧୀନ ଭାରତରେ ତାଙ୍କୁ ପ୍ରଥମ ଶହୀଦ ଆଖ୍ୟା ଦିଆଯାଇଥିବାବେଳେ କିଭଳି ମର୍ଯ୍ୟାଦା ଦିଆଯାଉଛି ଏଥିରୁ ଅନୁମାନ କରାଯାଇପାରେ। ଦେଶମାତୃକା ଲାଗି ତାଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ଉତ୍କଳର ବୀର ସନ୍ତାନ ଭାବେ ଏ ଜାତି ତାଙ୍କ ଲାଗି ସର୍ବଦା ଗୌରବ ମନେ କରିବ। ଅନ୍ୟପଟେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ମହାନ ପୁରୁଷଙ୍କ ପ୍ରତିମୂର୍ତ୍ତି ସଂସ୍କୃତି ଭବନରେ ଅଳିଆ ମଧ୍ୟରେ ପଡ଼ିଛି। ପ୍ରତିମୂର୍ତ୍ତିର ବହୁ ଅଂଶ ଭାଙ୍ଗିଯାଇ ତଳେ ପଡିଛି। କେବଳ ଯେ ଜୟୀ ରାଜଗୁରୁଙ୍କ ଜୟନ୍ତୀ ଓ ଶ୍ରାଦ୍ଧଦିବସ ଆସିଲେ ହିଁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନ ଦିଆଯାଉଥିବାବେଳେ ଅନ୍ୟ ଦିନରେ ଗୁରୁତ୍ୱ ଦିଆଯାଉନାହିଁ। ସୂଚନାଯୋଗ୍ୟ, ଷ୍ଟେଶନ ବଜାରରେ ଜୟୀ ରାଜଗୁରୁ ସ୍ମୃତି ପରିଷଦ ଆନୁକୂଲ୍ୟରେ ଜିଲା ପ୍ରଶାସନର ସହଯୋଗରେ ଜୟୀ ରାଜଗୁରୁଙ୍କ ଫାଇବର ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା। ଗତ ଫନୀ ବାତ୍ୟାରେ ଏହି ପ୍ରତିମୂର୍ତ୍ତି ଭାଙ୍ଗି ତଳେ ପଡିଥିଲା। ପରେ ଏହାକୁ ସଂସ୍କୃତି ଭବନକୁ ଅଣାଯାଇଥିଲା। ସେବେଠାରୁ ଏହି ଭଗ୍ନ ମୂର୍ତ୍ତି କୋଣରେ ପଡିରହିଛି। ଏ ନେଇ ପରିଷଦର ସମ୍ପାଦକ ଶିବ ପ୍ରସାଦ ମିଶ୍ର କୁହନ୍ତି, ସେଠାରୁ ମୂର୍ତ୍ତି ଭାଙ୍ଗିଯିବା ପରେ ଏକ ନୂତନ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ଜିଲା ପ୍ରଶାସନଠାରୁ ରାଜ୍ୟ ସଂସ୍କୃତି, ଭାଷା ଓ ସାହିତ୍ୟ ବିଭାଗକୁ ଅନୁରୋଧ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକାରୀ କରାଯାଇନାହିଁ। ସାମାଜିକ କର୍ମୀ ଚନ୍ଦ୍ରଶେଖର ମିଶ୍ର କୁହନ୍ତି, ପୂଜ୍ୟପୂଜା ହେଉଛନ୍ତି ଗୋଟିଏ ଜାତିର ଗର୍ବ ଓ ଗୌରବ। ଜୟୀ ରାଜଗୁରୁଙ୍କ ପରି ମହାନ ଆତ୍ମାଙ୍କ ପ୍ରତି ଏଭଳି ଅପମାନ ଗ୍ରହଣୀୟ ନୁହେଁ। ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି ବୋଲି ସେ କହିଛନ୍ତି।

- ସଂସ୍କୃତି ଭବନରେ ପଡ଼ିଛି ଭଗ୍ନ ମୂର୍ତ୍ତି
- ଜୟନ୍ତୀରେ ମନେପଡ଼ନ୍ତି



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୦ ଜାନୁୟାରୀ, ୨୦୨୦



ଭାଇଠାରୁ ବଳି ତୁମର କେହି ଶ୍ରେଷ୍ଠ ବନ୍ଧୁ ନାହାନ୍ତି। କର୍କଶ ବ୍ୟବହାର ଦ୍ୱାରା ଭାଇକୁ ଶତ୍ରୁ କର ନାହିଁ।
-କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ଇଣ୍ଟରନ୍ୟାଶନାଲ ୟୁଥ୍ ଆଚିଭର୍ସ ଫାଉଣ୍ଡେସନର ସମ୍ବର୍ଦ୍ଧନା ଉତ୍ସବ
### ୩ଜଣ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ

ଭୁବନେଶ୍ୱର, ୧୯।୧ (ବ୍ୟୁରୋ): ଇଣ୍ଟର ନ୍ୟାଶନାଲ ୟୁଥ୍ ଆଚିଭର୍ସ ଫାଉଣ୍ଡେସନର ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବ ପ୍ରେସ୍ କ୍ଲବ୍ ଅଫ୍ ଓଡିଶା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆର୍ନ୍ତଜାତିକ ସ୍ତରରେ ସବୁଜ ବିପ୍ଲବ ପାଇଁ କାର୍ଯ୍ୟ କରୁଥିବା ପ୍ରେରଣା ଗ୍ରୀନ୍ ଆର୍ମିର କମାଣ୍ଡାଣ୍ଟ ଇନ୍ ଚିଫ୍ ତଥା ଗ୍ରୀନ୍ ଗ୍ଲୋବ୍ କାଉନ୍ସିଲର ଅଧକ୍ଷ ଡ. ଦିଲୀପ ଶ୍ରୀଚନ୍ଦନଙ୍କୁ 'ବିଶ୍ୱ ସବୁଜ ସମ୍ରାଟ ସମ୍ମାନ', ବିଶିଷ୍ଟ ବଂଶୀ ବାଦକ ହରିପ୍ରସାଦ ଚୌରାସିଆଙ୍କୁ 'ଉତ୍କଳର ଭୂମିପୁତ୍ର', ଚିତ୍ର ଶିଳ୍ପୀ ଯତିନ ଦାସଙ୍କୁ 'ବିଶ୍ୱ ଚିତ୍ର ଶିଳ୍ପୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଏଥିସହ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଥିବା ୨୦ ଜଣ ଶ୍ରେଷ୍ଠ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ଉତ୍ସବରେ ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଓଡିଶା ବୀର ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ୟୁଥ୍ ଆଚିଭର୍ସ ଫାଉଣ୍ଡେସନର ନିର୍ଦ୍ଦେଶିକା ଅରୁନ୍ଧତୀ ସୁନ୍ଦରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ।

### ଯୁବ ସେବାୟତଙ୍କ ପରଲୋକ



ସାକ୍ଷୀଗୋପାଳ, ୧୯।୧(ଡି.ଏନ.ଏ): ସାକ୍ଷୀଗୋପାଳ ମନ୍ଦିରର ଭଣ୍ଡାର ମେକାପ ସେବାୟତ କୀର୍ତ୍ତିଶେଖର ମେକାପ(୩୬)ଙ୍କ ରବିବାର ସନ୍ଧ୍ୟାରେ ଅକାଳ ବିୟୋଗ ହୋଇଛି। ଯୁବ ସେବାୟତ ତଥା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କର କର୍ମଚାରୀ ସ୍ୱର୍ଗତ ମେକାପଙ୍କ ମୃତ୍ୟୁ ଖବର ପାଇବାପରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ରବିବାର ହଠାତ୍ ଶ୍ୱାସକ୍ରିୟାରେ ଯନ୍ତ୍ରଣା ହେବାରୁ ସେ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ପ୍ରଥମେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାବେଳେ ତାଙ୍କର ମୃତ୍ୟୁ ଘଟିଛି। ମନ୍ଦିର ସେବା, ବ୍ୟାଙ୍କ କାମ ସହିତ ଅବସର ସମୟରେ ସେ ସତ୍ୟବାଦୀ ଗୁରୁକୁଳ ଆଥଲେଟିକରେ ତାଲିମ ନେଉଥିବା ପିଲାମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ବିନାମୂଲ୍ୟରେ ଶିକ୍ଷାଦାନ କରୁଥିଲେ। ପରୋପକାରୀ ଯୁବକ ଭାବରେ ସେ ସର୍ବଙ୍କର ଆପଣାର ହୋଇଥିଲେ। ପରିବାରର ଏକମାତ୍ର ପୁଅଙ୍କ ବିୟୋଗରେ ବାପା, ମା', ସ୍ତ୍ରୀ, ଶିଶୁପୁତ୍ର ଓ ଆତ୍ମୀୟସ୍ୱଜନ ଦୁଃଖରେ ଭାଙ୍ଗି ପଡିଛନ୍ତି।

# ମୋ ସହର ମୋ ଭବିଷ୍ୟତ କାର୍ଯ୍ୟକ୍ରମ ଆରମ୍ଭ

## ଦେଖିଲେ ଶୁଣିଲେ ଛାତ୍ରୀଛାତ୍ର, ଗଢ଼ିବେ ଭବିଷ୍ୟତ

ପୁରୀ ଅଫିସ,୧୯।୧:

ଶ୍ରୀକ୍ଷେତ୍ରର ପ୍ରତିଟି କୋଣରେ ଭରିରହିଛି ଅନେକ ଐତିହ୍ୟ, ସଂସ୍କୃତି ଓ ପରମ୍ପରା। ମହାପ୍ରଭୁଙ୍କ ସାନ୍ନିଧ ପାଇବା ପାଇଁ ବିଭିନ୍ନ ଦେଶରୁ ସାଧୁସନ୍ଥ ଏଠାକୁ ଆସିଥିଲେ। ଯେଉଁଥିପାଇଁ ପୁରୀରେ ଗଢ଼ିଉଠିଛି ଅନେକ ସମ୍ପ୍ରଦାୟର ମଠ, ମନ୍ଦିର। ସେହିପରି ବିଶ୍ୱ ଐତିହ୍ୟ ସହର ହେବାକୁଯାଉଛି ପୁରୀ। ଏଥିଲାଗି ବିଭିନ୍ନ ପ୍ରକାର ପ୍ରକଳ୍ପ ଆରମ୍ଭ ହୋଇଛି। ଐତିହ୍ୟ କରିଡର, ବ୍ଲୁ ଫ୍ଲାଗ ଏବଂ ପର୍ଯ୍ୟଟକଙ୍କ ପାଇଁ ମଧ ଏକାଧିକ ପଦକ୍ଷେପ ନିଆଯାଉଛି। କିନ୍ତୁ ଅନେକ ସହରବାସୀ ଏ ସମ୍ପର୍କରେ ଜାଣିନାହାନ୍ତି। ଆଜିର ପିଢ଼ିଙ୍କ ପାଖରେ ଏ ବିଷୟରେ ଜାଣିବା ପାଇଁ ସେମିତି ସୁଯୋଗ ବି ନାହିଁ । ତେଣୁ ପୁରୀ ସହରର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ବିଷୟରେ ଜାଣି ନିଜକୁ ଗଢ଼ିବା ଲାଗି ଆରମ୍ଭ ହୋଇଛି 'ମୋ ସହର ମୋ ଭବିଷ୍ୟତ' କାର୍ଯ୍ୟକ୍ରମ। ବିଶେଷକରି ସ୍କୁଲ ଛାତ୍ରୀଛାତ୍ରଙ୍କୁ ଫୋକସ୍‌ରେ ରଖି ଓଡ଼ିଶା ଇକୋ ଟୁରିଜମ ଫାଉଣ୍ଡେଶନ ଏବଂ ଜିଲା ପ୍ରଶାସନ ପକ୍ଷରୁ ଏଭଳି ପରିକଳ୍ପନା କରାଯାଇଛି। ରବିବାର ଏହି କାର୍ଯ୍ୟକ୍ରମ ମାଧମରେ ବିଶ୍ୱମ୍ଭର ବିଦ୍ୟାପୀଠର ୫୦ ଛାତ୍ରୀଛାତ୍ର ସାଇକେଲରେ ସହରର ବିଭିନ୍ନ ମଠ, ଆଶ୍ରମ ଏବଂ ସରକାରୀ କାର୍ଯ୍ୟାଳୟ ବୁଲିଛନ୍ତି। ଏହି ଅଧାଦିନର ସାଇକେଲ ଯାତ୍ରାରେ ସେମାନେ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ମଠ, ମନ୍ଦିର, ଆଶ୍ରମ, ପରିବେଶ ସୁରକ୍ଷା, ବର୍ଜ୍ୟବସ୍ତୁ ପରିଚାଳନା ଆଦି ବିଭିନ୍ନ ପ୍ରସଙ୍ଗରେ ଶୁଣିଛନ୍ତି। ଏଥିରୁ ଯାହା ଶିକ୍ଷା କରିଛନ୍ତି ତାହା ସେମାନଙ୍କ ଭବିଷ୍ୟତକୁ ଠିକଣା ପଥରେ ଆଗେଇ ନେବା ସହ ପୁରୀକୁ ଏକ ସ୍ୱଚ୍ଛ, ସୁସ୍ଥ ଏବଂ ସୁନ୍ଦର ସହର ଭାବେ ଗଢିତୋଳିବ ବୋଲି ଜିଲାପାଳ ବଲୱନ୍ତ ସିଂ ଆଶାବ୍ୟକ୍ତ କରିଛନ୍ତି।



ଜିଲାପାଳ ବଲୱନ୍ତ ସିଂ ଛାତ୍ରୀଛାତ୍ରମାନଙ୍କୁ ପ୍ରଶ୍ନ ପଚାରୁଛନ୍ତି।

**ସହରକୁ ସ୍ୱଚ୍ଛ ପାଇଁ ପରାମର୍ଶ**

ଟୁରିଜମ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ଯୁଗବ୍ରତ କରଙ୍କ ତତ୍ତ୍ୱାବଧାନରେ ୫୦ ଛାତ୍ରୀଛାତ୍ର ସକାଳେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରୁ ସାଇକେଲ ଯାତ୍ରା ଆରମ୍ଭ କରିଥିଲେ। ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା ପିଲାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଥମେ ସେମାନେ ପୁରୀ ପୌରସଂସ୍ଥା କାର୍ଯ୍ୟାଳୟକୁ ଯାଇଥିବାବେଳେ ପୌର ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ସହରକୁ ସ୍ୱଚ୍ଛ ରଖିବା ଦିଗରେ କ'ଣ କରିବାକୁ ହେବ ସେ ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ। ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ପରିବେଶ ନଷ୍ଟ ହେବା ସହ ନାଳ ନର୍ଦ୍ଦମା ଜାମ୍ ହୋଇ ଜଳ ନିଷ୍କାସନରେ ବାଧା ଉପୁଜୁଥିବା କହିଥିଲେ। ତେଣୁ ପ୍ରତ୍ୟେକ ପ୍ଲାଷ୍ଟିକ, ପଲିଥିନ ବର୍ଜନ କରି ପୁରୀକୁ ଏକ ସ୍ୱଚ୍ଛ ସହର ଭାବେ ଗଢ଼ିତୋଳିବା ଲାଗି ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ।

**ପ୍ରଶ୍ନ ପଚାରିଲେ ଜିଲାପାଳ**

ଏହାପରେ ଛାତ୍ରୀଛାତ୍ରମାନେ କବିର ମଠ, ବିଦୁର ମଠ, କଡ଼ାର ଆଶ୍ରମ, ବାଉଳି ମଠ, ଭାରତ ସେବାଶ୍ରମ, ଗୋବର୍ଦ୍ଧନ ମଠ, ତୋଟାଗୋପୀନାଥ ମଠ, ଜଗନ୍ନାଥ ବଲ୍ଲଭ ମଠ ପ୍ରଭୃତି ବୁଲିଥିଲେ। ବିଭିନ୍ନ ମଠରେ ସଂସ୍କୃତି ଗବେଷକ, ବିଶିଷ୍ଟ ବ୍ୟକ୍ତି ପିଲାମାନଙ୍କୁ ମଠ ପ୍ରତିଷ୍ଠା, ଇତିହାସ, ମାହାତ୍ମ୍ୟ, ପୂଜା ପାଉଥିବା ଠାକୁର ଏବଂ ଶ୍ରୀମନ୍ଦିର ସହିତ ମଠ ସମ୍ପୃକ୍ତି ବିଭିନ୍ନ ବିଷୟରେ ଅବଗତ କରାଇଥିଲେ। ପିଲାମାନେ ଏ ସବୁକୁ ଶୁଣିଥିଲେ। ଅପରାହ୍ନରେ ଏହି ସାଇକେଲ ଶୋଭାଯାତ୍ରା ପାନ୍ଥନିବାସରେ ଶେଷ ହୋଇଥିଲା। ଏଠାରେ ଜିଲାପାଳ ବଲୱନ୍ତ ସିଂ ପିଲାମାନଙ୍କ ଉପରେ ଏହି ଯାତ୍ରା କେତେଦୂର ପ୍ରଭାବ ପକାଇଛି ତାହାର ପରୀକ୍ଷା କରିଥିଲେ। ଛାତ୍ରୀଛାତ୍ର ଯେଉଁସବୁ ମଠ, ଆଶ୍ରମ ଏବଂ ଅନୁଷ୍ଠାନକୁ ଯାଇଥିଲେ ସେ ସବୁ ବିଷୟରେ ପ୍ରଶ୍ନ ପଚାରିଥିଲେ। ପିଲାମାନେ ବେଶ୍ ସୁନ୍ଦର ଭାବେ ସବୁର ଉତ୍ତର ରଖିଥିଲେ।

ନବମ ଶ୍ରେଣୀର ଛାତ୍ରୀ ରୋଜାଲିନ ଲେଙ୍କା, ଛାତ୍ର ଦୀନେଶ ମହାପାତ୍ର ଓ ରୁଦ୍ରନାରାୟଣ ପ୍ରଧାନ କହିଛନ୍ତି, ବିଭିନ୍ନ ମଠ, ଆଶ୍ରମ ବୁଲିବା ପରେ ଆମମାନଙ୍କ ମଧ୍ୟରେ ଆଧାତ୍ମିକ ମନୋଭାବ ସୃଷ୍ଟି ହୋଇଛି। ବିଭିନ୍ନ ମଠର ଇତିହାସ ବିଷୟରେ ଜାଣିବାକୁ ପାଇଲୁ। ସହରକୁ ସ୍ୱଚ୍ଛ ରଖିବା, ଅନ୍ୟମାନଙ୍କ ସେବା କରିବା ଏବଂ ଦୁଃଖରେ ଥିବା ଲୋକଙ୍କୁ ସାହାଯ୍ୟ କରିବାର ଶିକ୍ଷା ବି ପାଇଲୁ।

ଏ ସମ୍ପର୍କରେ ଫାଉଣ୍ଡେଶନର ପ୍ରତିଷ୍ଠାତା କର କହିଛନ୍ତି, ପ୍ରତ୍ୟେକ ରବିବାର ଭିନ୍ନ ଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଏମିତି ସାଇକେଲ ଯାତ୍ରାରେ ବିଭିନ୍ନ ସ୍ଥାନ ବୁଲାଯିବାର କାର୍ଯ୍ୟକ୍ରମ ରହିଛି। ଏହାଦ୍ୱାରା ପିଲାମାନେ ସହର ବିଷୟରେ ଅଧିକ କିଛି ଜାଣିପାରିବା ସହ ସେମାନଙ୍କ ଭବିଷ୍ୟତକୁ ମଧ ସଜାଡ଼ିପାରିବେ।

## ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ଟ୍ରଲର ଜବତ

ପୁରୀ ଅଫିସ,୧୯।୧:

ସମୁଦ୍ରର ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାବେଳେ ରବିବାର ପୁରୀ ବନ ବିଭାଗ ଏକ ଟ୍ରଲରକୁ ଜବତ କରିଛି। ପେଣ୍ଟକଟା ସମୁଦ୍ରରେ ମାଛ ମାରୁଥିବାବେଳେ ସନ୍ଧ୍ୟା ସମୟରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଦେଖିବା ପରେ ଧରିଥିଲେ। ସୁନା ଦେଉଳ ନାମକ ଏହି ଟ୍ରଲରରେ ୫ଜଣ ମତ୍ସ୍ୟଜୀବୀ ରହିଛନ୍ତି। ଏଥିରୁ ମାଛ ବାହାର କରି ବିକ୍ରି କରାଯିବା ସହ ଟ୍ରଲର ବିରୋଧରେ ସାମୁଦ୍ରିକ ମତ୍ସ୍ୟ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି। ନଭେମ୍ବରରୁ ଲକ୍ଷାଧିକ ସଂଖ୍ୟାରେ ଅଲିଭ୍ ରିଡଲେ କଇଁଛ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରନ୍ତି। କୂଳଠାରୁ ୫ରୁ ୧୦ କିମି ମଧ୍ୟରେ ସେମାନଙ୍କର ମିଳନ ହୁଏ। ତେଣୁ ଓଡ଼ିଶାମୁହାଁ ହେଉଥିବା ଅଲିଭ୍ ରିଡେଲଙ୍କ ସୁରକ୍ଷା ଏବଂ ପ୍ରଜନନ ପାଇଁ ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା ଜାରି କରାଯାଇଛି । ଦେବୀ ମୁହାଣଠାରୁ କେଲୁଣି ମୁହାଣ ୨୧ କିମି ଅଞ୍ଚଳରେ ଉପକୂଳଠାରୁ ସମୁଦ୍ର ମଧ୍ୟକୁ ୨୦କିମି ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଉପକୂଳଠାରୁ ୫ କିମି ମଧ୍ୟରେ ଟ୍ରଲର ଚଳାଚଳ ନିଷେଦ୍ଧ ରହିଛି। କିନ୍ତୁ ଏହି ନୋ ଫିସଙ୍ଗ ଜୋନରେ ଅଧିକାଂଶ ସମୟରେ ବେଆଇନ ଭାବେ ଟ୍ରଲର ମାଛ ମାରିଥାନ୍ତି।

## ତବଲା, ପଖଜରେ ଚଳୁଛି ୫ ଜୀବନ

ଗୋପ,୧୯।୧(ଡ଼ି.ଏନ୍.ଏ):



ମୃଦଙ୍ଗ ମରାମତି କରୁଛନ୍ତି କାଳନ୍ଦୀ।

■ଆଧୁନିକତାରେ ହଜିଯାଉଛି ମୃଦଙ୍ଗ ବାଦନ
■ବୃତ୍ତିକୁ ଛାଡ଼ିନାହାନ୍ତି କାଳନ୍ଦୀ

ଆସ୍ତେ ଆସ୍ତେ ଗ୍ରାମାଞ୍ଚଳର ଲୋକମାନେ ଆଧୁନିକତାର ଛାପକୁ ଅଧିକ ପସନ୍ଦ କରୁଥିବାବେଳେ ଏହି ଆଧୁନିକତାରେ ହଜିଯାଉଛି ମୃଦଙ୍ଗ, ତବଲା ଓ ପଖଜର ବାଦନ। କିନ୍ତୁ ନିଜର ବୃତ୍ତିକୁ ଦୀର୍ଘ ୪୦ ବର୍ଷ ଧରି ଛାଡ଼ିପାରିନାହାନ୍ତି ଗୋପ ବ୍ଲକ୍ ଅଧୀନ ବଡ଼ତରା ଗ୍ରାମପଞ୍ଚାୟତର କାଳନ୍ଦି ଗୋଚ୍ଛାୟତ। କାଳନ୍ଦି ବାପାଙ୍କର ଏହି ବୃତ୍ତିକୁ ଆଦରି ନେଇ ତବଲା, ମୃଦଙ୍ଗ, ପଖଜ, ଚାଣ୍ଟି, ନାଲ, ଟିପୁରା ଆଦି ମରାମତି କରି ଜୀବନ ଜିଉଛନ୍ତି। ଏହି ମୃଦଙ୍ଗ ଓ ପଖଜର ମରାମତି ହିଁ ଆମ ୫ ପ୍ରାଣୀର ଆହାର ଯୋଗାଉଛି ବୋଲି କାଳନ୍ଦି କହିଛନ୍ତି। ଦିନ ଥିଲା ସନ୍ଧ୍ୟା ଆସିଲେ ବିଭିନ୍ନ ଗାଁରେ ଥିବା ଭାଗବତ ଟୁଙ୍ଗି, ଗାଁ କୋଠଘର, ମନ୍ଦିରବେଢ଼ା ଆଦି ସ୍ଥାନଗୁଡ଼ିକରେ ହରିନାମ ସହିତ ମୃଦଙ୍ଗ, ତବଲା, ପଖଜର ବାଦନ ଶୁଭୁଥିବାବେଳେ ଏବେ ତାହା କ୍ରମଶଃ ଆଧୁନିକତାର ସ୍ପର୍ଶରେ ଶୁଭୁ ନ ଥିବା ଭଳି ଜଣାପଡ଼ିଛି। ମାତ୍ର କାଳନ୍ଦି ଏହି ବୃତ୍ତିକୁ ନ ଛାଡ଼ି ଏହି ସବୁ ବାଦନର ମରାମତି କରିବା ସହ ନୂଆ ତିଆରି କରୁଥିବା ଜଣାପଡ଼ିଛି। ପ୍ରତ୍ୟେକ ଦିନ ୧୦ ରୁ ୧୨ ଘଣ୍ଟା ଧରି ଏହି କାର୍ଯ୍ୟ କରୁଥିବାବେଳେ ମାତ୍ର ୪୦୦ରୁ ୫୦୦ ଟଙ୍କା ରୋଜଗାର କରୁଛନ୍ତି। ତାଙ୍କ ନିକଟକୁ ପୁରୀ ଜିଲାର ବିଭିନ୍ନ ଅଞ୍ଚଳରୁ ଏହି ବାଦନ ଜିନିଷଗୁଡ଼ିକ ମରାମତି କରିବାକୁ ଓ ନୂଆ ନେବାକୁ ମଧ କିଛି ଲୋକ ଆସୁଛନ୍ତି। ଏହିସବୁ ବାଦନ ଯନ୍ତ୍ର ମରାମତି ଓ ନୂଆକାମରେ ଚମଡ଼ା, ମାଟିହାଣ୍ଡି, ସୁତୁଲି ଆଦି ଲାଗୁଥିବାବେଳେ କେବଳ ବୃତ୍ତି ଲାଗି ଏହି କାମ ମୁଁ ଛାଡ଼ିପାରୁ ନାହିଁ। ମୋ ପରେ ପରିବାର ଏହି ବୃତ୍ତିକୁ ରଖିପାରିବ ନାହିଁ ବୋଲି ସେ ଦୁଃଖର ସହ କହିଛନ୍ତି। ଯଦି ତାଙ୍କୁ ସରକାରୀ ସହାୟତା କିଛି ମିଳନ୍ତା ସେ ହୁଏତ ନିଜର ବୃତ୍ତିକୁ ଆଉ କିଛିଦିନ ନେଇପାରନ୍ତେ ବୋଲି ପ୍ରକାଶ କରିଛନ୍ତି।

## ଭଲିବଲ୍ : ସାହୁପଡ଼ା ଚାମ୍ପିୟନ

ପୁରୀ ଅଫିସ,୧୯।୧:

ସାହରା ଭଲିବଲ କ୍ଲବ ଆନୁକୂଲ୍ୟରେ ଏକାଦଶ ସାହାରା ଭଲିବଲ୍ ଟୁର୍ନାମେଣ୍ଟ ବାସୁଦେବ ମେମୋରିଆଲ ଟ୍ରଫି ରବିବାର ପୁରୀସ୍ଥିତ ମାଟିତୋଟା ଭଲିବଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୯ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ବ୍ରହ୍ମଗିରି ଦଳକୁ ୨-୧ ଗୋଲ ବ୍ୟବଧାନରେ ପରାସ୍ତ କରି ସାହୁପଡା ଟିମ୍ ଚାମ୍ପିୟନ ହୋଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ଚେୟାରମ୍ୟାନ ଦିବାକର ପାତ୍ର, ଜିଲା କ୍ରୀଡା ସଂସଦ ଭଲିବଲ ସମ୍ପାଦକ ନାରାୟଣ ମହାସୁଆର, କ୍ରୀଡ଼ାଶିକ୍ଷକ ଗୋପାଳଚନ୍ଦ୍ର ପରିଡା, ଦାମୋଦର ସେଠୀ, ବୁଦ୍ଧିଆ ମୁଦୁଲି, ସୁଷମା ସାହୁ, ବିଜୟ ମାର୍ଥା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରେଫରି ଭାବେ ତ୍ରିଲୋଚନା ଦାଶ, ଶ୍ରବଣ ପ୍ରଧାନ, ବିଦ୍ୟୁତ ଭୂଷଣ ରଥ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ପାର୍ଥ ସାରଥି ମୁଦୁଲି, ଭୀମସେନ ଭୋଇ, ଦାମୋଦର ବରାଳ, ସଞ୍ଜୟ ମାଝୀ, ସନ୍ତୋଷ ମହାପାତ୍ର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ଭାବ, ଭାଷା ଓ ସଙ୍ଗୀତର ସମନ୍ୱୟ ଗୀତିକବିତା

ପୁରୀ ଅଫିସ,୧୯।୧:

ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରୁ ଗୀତି କବିତାର ଧାରା ଏଯାବତ୍ ଚଳଚଞ୍ଚଳ। ଗୀତିକବିତାର ପ୍ରଥମ ପଦଧ୍ୱନୀ ହେଉଛି ବାତ୍ସଲ୍ୟ ଭାବ। ଓଡ଼ିଆ ଭଜନ ଜଣାଣରୁ ହିଁ ଗୀତିକବିତାର ନିର୍ଝର ସାରା ବିଶ୍ୱରେ ଝରି ଝରି ଆସିଛି । ଗର୍ଭ ଯନ୍ତ୍ରଣାରୁ ଜନ୍ମ ନେଉଥିବା ଶିଶୁଟିର ପଦଶବ୍ଦ ହିଁ ଛନ୍ଦର ମାଧୁର୍ଯ୍ୟ। ରବିବାର ସଂସ୍କୃତି ଭବନ ପରିସରରେ ଓଡ଼ିଆ ଗୀତିକବି ସମାଜର ବିଶେଷ ଅଧିବେଶନରେ ଉଦ୍‌ଘାଟକ ଡ. ବ୍ରଜକିଶୋର ସ୍ୱାଇଁ ଏହା କହିଛନ୍ତି । ମୁଖ୍ୟଅତିଥି ଡ. ତୁଳସୀ ଓଝା ଗୀତିକବି ଓ ଗୀତି କବିତା ସମ୍ପର୍କରେ ଚମତ୍କାର ବିଶ୍ଳେଷଣ କରିଥିଲେ। ସମ୍ମାନିତ ଅତିଥି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବୀରେନ୍ଦ୍ର କୁମାର ମହାନ୍ତି ଭାବ, ଭାଷା ଓ ସଙ୍ଗୀତର ଅପୂର୍ବ ସମନ୍ୱୟ ଗୀତିକବିତା ବୋଲି କହିଥିଲେ। ଅନୁଷ୍ଠାନର ସଭାପତି ମନୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ପ୍ରେମଚାନ୍ଦ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ମୀନାକ୍ଷୀ ଦେବୀ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିଲେ। ଏଥିରେ ବିଶିଷ୍ଟ ଗୀତିକବି ଶଙ୍କର୍ଷଣ ମଙ୍ଗରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ସଙ୍ଗୀତ ନାଟକ ପୁରସ୍କାରପ୍ରାପ୍ତ ଗୀତିକବି ବଦ୍ରି ମିଶ୍ର ଗୀତି କବିତା ସମ୍ପର୍କରେ ସୂଚନା ଦେଇଥିବାବେଳେ ଗୀତିକବି ମନୋଜ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହାପରେ ରାଜ୍ୟସ୍ତରୀୟ ଗୀତିକବିତା ପାଠୋତ୍ସବରେ ଅଧକ୍ଷତା କରିଥିଲେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ. ଲିଙ୍ଗରାଜ ରଥ। ଏଥିରେ ସମ୍ମାନିତ ଅତିଥି ଭାବେ ସାରସ୍ୱତ ସଙ୍ଗଠକ ଚକ୍ରଧର ମହାପାତ୍ର ଯୋଗଦେଇଥିଲେ। ଏହି ଗୀତିକବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ ସୁଶ୍ରୀ ସନ୍ଧ୍ୟାରାଣୀ ମିତ୍ର, ଗୀତାଞ୍ଜଳି ପଣ୍ଡା, ଚମକ ଚାନ୍ଦିନୀ ଦାଶ ଓ ସୁଶ୍ରୀ ସୌଦାମିନୀ ବେହେରା। ଏଥିରେ ବହୁ ସଂଖ୍ୟାରେ ଗୀତିକବି ସେମାନଙ୍କ ସ୍ୱରଚିତ ଗୀତିକବିତା ପାଠ କରିଥିଲେ ।



ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତି।

## ତୈଳ ସଂରକ୍ଷଣ ସଚେତନ ନେଇ ସାଇକେଲ ଶୋଭାଯାତ୍ରା



ଶୋଭାଯାତ୍ରାକୁ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ପୁରୀ ଅଫିସ,୧୯।୧:

ତୈଳ ଓ ଇନ୍ଧନ ଗ୍ୟାସ୍ ଅସରନ୍ତି ନୁହେଁ। ଦିନେନା ଦିନେ ଏହା ସରିଯିବ। ତେଣୁ ଏହାର ସଂରକ୍ଷଣ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନ ଲାଗି ପେଟ୍ରୋଲିୟମ ସଂରକ୍ଷଣ ଗବେଷଣା ସଂସ୍ଥା ଏବଂ ଭାରତ ସରକାରଙ୍କ ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟ ପକ୍ଷରୁ ରବିବାର ପୁରୀରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶରଧାବାଲିଠାରେ ଏହି ଶୋଭାଯାତ୍ରାକୁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରି କହିଛନ୍ତି, ତୈଳ ଓ ଇନ୍ଧନ ଗ୍ୟାସ୍ ସଂରକ୍ଷଣ ନିମନ୍ତେ ଆୟୋଜିତ ଏହି ଶୋଭାଯାତ୍ରା ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା କେବଳ ତେଲ ସଂରକ୍ଷଣ ହେବ ତାହା ନୁହେଁ, ରାଷ୍ଟ୍ରର ହିତ ସାଧନ ହେବା ସହ ପ୍ରତ୍ୟେକ ବ୍ୟକ୍ତି ଲାଭବାନ୍ ମଧ ହେବେ। ସାଇକେଲ ଚଳାଇବା ଦ୍ୱାରା ଜଣେ ଶାରୀରିକ ଭାବେ ସୁସ୍ଥ ରହିବା ସହ ପରିବେଶକୁ ମଧ କିଛିମାତ୍ରାରେ ପ୍ରଦୂଷଣରୁ ରୋକିହେବ। ଏଥିପାଇଁ ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟକୁ ଧନ୍ୟବାଦ ଦିଆଯିବା କଥା। ଅଧିକ ତେଲ କିମ୍ବା ଇନ୍ଧନ ଗ୍ୟାସ୍ ବିକ୍ରି ହେଲେ ସେମାନେ ଅଧିକ ଲାଭବାନ୍ ହୋଇଥାନ୍ତେ। କିନ୍ତୁ ଏହାକୁ ନ ଚାହିଁ ସେମାନେ ଦେଶର ଭଲ ଚାହିଁଛନ୍ତି ବୋଲି ବିଧାୟକ ଷଡ଼ଙ୍ଗୀ କହିଥିଲେ। ସେହିପରି ଇଣ୍ଡିଆନ ଅଏଲ୍‌ର ଜେନେରାଲ ମ୍ୟାନେଜର ଦେବୀପ୍ରସାଦ ଶତପଥୀ କହିଥିଲେ, ଦେଶବ୍ୟାପୀ ଏକମାସ ଧରି ତୈଳ ଏବଂ ଇନ୍ଧନ ଗ୍ୟାସ୍‌ର ସଂରକ୍ଷଣ ପାଇଁ ସଚେତନତା ଅଭିଯାନ ଚାଲିବ। ଓଡ଼ିଶାର ୩୦ଟି ଜିଲାରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ। ଏହାଦ୍ୱାରା ତୈଳ ଆମଦାନିର ମାତ୍ରାକୁ କମ୍ କରାଯିବା ସହ ପରୋକ୍ଷରେ ବିଦେଶୀ ମୁଦ୍ରା କମ୍ ବ୍ୟବହାର ପ୍ରତି ଲକ୍ଷ୍ୟ ରଖାଯାଇଛି ବୋଲି ଶତପଥୀ କହିଛନ୍ତି। ଏଥିରେ ଇଣ୍ଡିଆନ ଅଏଲ୍‌ର ଜେନେରାଲ ମ୍ୟାନେଜର କୁମାରଜ୍ୟୋତି, ଏଚ୍‌ପିସିଏଲ୍‌ର ଡିଜିଏମ୍ ଅଭୟଙ୍କର ଦାଶ ଓ ଧର୍ମେନ୍ଦ୍ର ବେହୁରା, ବିପିସିଏଲ୍‌ର ଷ୍ଟେଟ୍ ହେଡ୍ ସଞ୍ଜୟ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ଗାନ୍ଧୀ ପାର୍କରେ ସାହିତ୍ୟ ସଭା

ପୁରୀ ଅଫିସ,୧୯।୧:

ସମ୍ପର୍କ ସାହିତ୍ୟ ପକ୍ଷରୁ ରବିବାର ଗାନ୍ଧୀ ପାର୍କରେ ସାହିତ୍ୟ ସଭା ଅନୁଷ୍ଠିତ ହୋଇଛି। ଆବାହକ ସୁରେଶ ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁଲେଖା ସାହିତ୍ୟର ସମ୍ପାଦକ ସଦାଶିବ ମିଶ୍ର ସାହିତ୍ୟ ଓ କବିତାର ପ୍ରାଧାନ୍ୟ ଏବଂ ଗଳ୍ପ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ୨୩ଜଣ କବୟିତ୍ରୀ କବି ଉପସ୍ଥିତ ରହି କବିତା ପାଠ କରିଥିଲେ। ବର୍ଷାସାହିତ୍ୟ ସଂସଦର ସଭାପତି ଦାମୋଦର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଚିଲିକାରେ ଡଲଫିନ୍ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଜରୁରୀ

ବ୍ରହ୍ମଗିରି,୧୯।୧(ଡି.ଏନ.ଏ)

ଚିଲିକାର ସୌନ୍ଦର୍ଯ୍ୟ ବଢ଼ାଉଛି ଇରାୱାଡି ଡଲଫିନ୍। ଏହି ଡଲଫିନଙ୍କ ପାଇଁ ବିପଦ ଦିନକୁଦିନ ବଢୁଥିବା କାରଣରୁ ସ୍ୱେଚ୍ଛାସେବୀ ଓ ପରିବେଶବିତଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ଡଲଫିନମାନଙ୍କ ସୁରକ୍ଷା କରା ନ ଗଲେ ଆଗାମୀ ପିଢିମାନଙ୍କ ପାଇଁ ଏହା ଇତିହାସ ହୋଇଯିବ ବୋଲି ସ୍ଥାନୀୟ ଅଧିବାସୀମାନେ ମତ ପ୍ରକାଶ କରିଛନ୍ତି। ଚିଲିକାରେ ଅନବରତ ମୋଟର ବୋଟ ଚାଳନା ଯୋଗୁ ଏହି ଡଲଫିନମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଯାହା ଫଳରେ ଏମାନଙ୍କ ଅକାଳ ମୃତ୍ୟୁ ହେଉଛି। ଏମାନଙ୍କ ସୁରକ୍ଷା ପାଇଁ ପାଇଲଟ ପ୍ରୋଜେକ୍ଟ ମାଧମରେ ଚିଲିକାରେ ଡଲଫିନମାନଙ୍କ ପାଇଁ ଚ୍ୟାନେଲ ଖୋଲାଯାଉ। ସପ୍ତାହକରେ ଗୋଟିଏ ଦିନ ପର୍ଯ୍ୟଟକଙ୍କ ନୌବିହାର, ମୋଟର ଚାଳନା ବନ୍ଦ କରିବା ପାଇଁ ସାଧାରଣରେ ଦାବି କରାଯାଉଛି।

## ପୁରୀ ଡିଭିଜନରେ ଡଲ୍‌ଫିନ ଗଣନା ଶେଷ

■ସ୍ପଷ୍ଟ ହୋଇନି ସଂଖ୍ୟା
■ଗତବର୍ଷ କୁହୁଡ଼ି ଯୋଗୁ ଦେଖାଯାଇ ନ ଥିଲେ

ପୁରୀ ଅଫିସ,୧୯।୧:

ପୁରୀ ବନ୍ୟପ୍ରାଣୀ ଡିଭିଜନରେ ରବିବାର ଡଲ୍‌ଫିନ ଗଣନା ଶେଷ ହୋଇଛି। ସମୁଦ୍ରରେ ବହୁ ଡଲ୍‌ଫିନ ଦେଖାଯାଇଛନ୍ତି, କିନ୍ତୁ ସଂଖ୍ୟା କେତେ ତାହା ସ୍ପଷ୍ଟ ହୋଇପାରିନି। ଡିଭିଜନରେ କେତେ ଡଲ୍‌ଫିନ ଅଛନ୍ତି ସୋମବାର ଏହାର ସଂଖ୍ୟା ଜଣାପଡିବ ବୋଲି ସହକାରୀ ବନ ସଂରକ୍ଷକ ପ୍ରଶାନ୍ତ କୁମାର ସ୍ୱାଇଁ କହିଛନ୍ତି। ଗତବର୍ଷ ଘନ କୁହୁଡ଼ି ଗଣତିରେ ବାଧକ ସାଜିଥିଲା, କୌଣସି ଡଲ୍‌ଫିନ ଦେଖାଯାଇ ନ ଥିଲେ।

ପୁରୀ ବନଖଣ୍ଡ ଅଧୀନରେ ୫ଟି ରେଞ୍ଜ ବ୍ରହ୍ମଗିରି, ବାଲୁଖଣ୍ଡ, କୋଣାର୍କ, ଗୋପ ଓ ଅସ୍ତରଙ୍ଗ ରହିଛି। ଏଥିମଧ୍ୟରୁ ଗୋପ ରେଞ୍ଜରେ ଡଲ୍‌ଫିନ ରହିବା ଲାଗି କୌଣସି ଜଳାଶୟ ନ ଥିବାରୁ ଅନ୍ୟ ୪ଟି ରେଞ୍ଜରେ ଗଣତି କରାଯାଇଥିଲା। ଦେବୀ ମୁହାଣଠାରୁ ଅରଖକୁଦା ମୁହାଣ ପର୍ଯ୍ୟନ୍ତ ବ୍ୟାପିଥିବା ଏହି ୪ଟି ରେଞ୍ଜରେ ରବିବାର ଡଲ୍‌ଫିନ ଗଣନା ଶେଷ ହୋଇଛି। ପୂର୍ବ ନିର୍ଦ୍ଧାରିତ ସକାଳ ୬ଟାରୁ ବ୍ରହ୍ମଗିରି ରେଞ୍ଜରୁ ଗଣତି ଆରମ୍ଭ ହୋଇଥିବାବେଳେ କୁହୁଡ଼ି ଯୋଗୁ ଅସ୍ତରଙ୍ଗରେ ସାଢେ ୭ଟାରେ ଗଣତି ଆରମ୍ଭ ହୋଇଥିଲା। ଏହି ଗଣନା ପ୍ରାୟ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା ବୋଲି ଏସିଏଫ୍ ସ୍ୱାଇଁ କହିଛନ୍ତି।

ଡଲ୍‌ଫିନ ଗଣନା ଲାଗି ଏସିଏଫ୍ ସ୍ୱାଇଁଙ୍କ ନେତୃତ୍ୱରେ ୧୦ଟି ଟିମ୍ ଗଠନ କରାଯାଇଥିଲା। ଏଥିରେ ଏସିଏଫ୍ ଶ୍ରୀକାନ୍ତ ବେହେରା ଓ ଅମରେଶ ପ୍ରଧାନଙ୍କ ସମେତ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୋଭାକର ବେହେରା, ପରିବେଶବିତ୍ ଆକାଶ ରଥ ପ୍ରମୁଖ ସାମିଲ ଥିଲେ। ପ୍ରାୟ ୪୦ଜଣ ବନ କର୍ମଚାରୀ ବିଭିନ୍ନ ଟିମ୍‌ରେ ରହିଥିଲେ। ସମୁଦ୍ରରେ ୨ଟି ଟିମ୍ ରହିଥିଲା। ଟ୍ରଲରରେ ଗୋଟିଏ ଟିମ୍ ବ୍ରହ୍ମଗିରି ଅରଖକୁଦାରୁ ଚନ୍ଦ୍ରଭାଗା ଏବଂ ଅନ୍ୟ ଏକ ଟିମ୍ ଅସ୍ତରଙ୍ଗ ଦେବୀନାସୀରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ଆସିଥିଲେ। ସେହିପରି ଅନ୍ୟ ଟିମ୍‌ଗୁଡ଼ିକ ନଦୀ ଏବଂ ସମୁଦ୍ର ତଟରେ ଚାଲି ଚାଲି ଗଣନା କରିଥିଲେ।

ଏ ସମ୍ପର୍କରେ ଏସିଏଫ୍ ସ୍ୱାଇଁ କହିଛନ୍ତି, ଗଣନା ପ୍ରାୟ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ଟିମ୍ ସହିତ ଠିକ୍ ଭାବେ ଯୋଗାଯୋଗ ସମ୍ଭବ ହୋଇ ନ ଥିବାରୁ ସଂଖ୍ୟା କେତେ ତାହା ସ୍ପଷ୍ଟ ହୋଇ ନାହିଁ । କିନ୍ତୁ ସମୁଦ୍ରରେ ଡଲ୍‌ଫିନ ଦେଖାଯାଇଛନ୍ତି।